DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୯/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 9/2024 | Page 20 | ₹ 7.00

୫୦ଶ ଭାଗ ୧୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 195 | ମୂଲ୍ୟ₹୭/-





**ଅଭିନେତ୍ରୀ ହେବାକୁ ଚାହୁଁ ନ ଥିଲେ ସୋନମ**

ବଲିଉଡ୍ ଅଭିନେତ୍ରୀ ସୋନମ କପୁର ପୂର୍ବରୁ ବହୁତ ମୋଟା ଥିବାରୁ ଅଭିନେତ୍ରୀ ହେବାରୁ ଚାହୁଁ ନ ଥିଲେ ବୋଲି ଶନିବାର ଏକ ସାକ୍ଷାତ୍କାରରେ କହିଛନ୍ତି। ୦୮

୨୦ **ସ୍ୱିଟେକ୍‌ଙ୍କୁ ଫ୍ରେଞ୍ଚ ଓପନ ଟାଇଟଲ**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍




# ଆଜି ଶପଥ, ସ୍ଥାୟିତ୍ୱ ନେଇ ପ୍ରଶ୍ନ

ନୂଆଦିଲ୍ଲୀ,୮।୬

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟା ୭ଟା ୧୫ରେ ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାକୁ ଯାଉଛନ୍ତି। ଏଥିଲାଗି ରାଷ୍ଟ୍ରପତି ଭବନରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ମାଳଦ୍ୱୀପ, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଭୁଟାନ, ମରିସସ୍ ଓ ସିଚେଲ୍ସର ରାଷ୍ଟ୍ରମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଛି। କିନ୍ତୁ ଦେଶ ଭିତରେ ବିରୋଧୀ ଦଳଗୁଡ଼ିକର ନେତାଙ୍କୁ ନିମନ୍ତ୍ରଣ କରାଯିବା ପରମ୍ପରାକୁ ଅଣଦେଖା କରାଯାଇ ସେମାନଙ୍କୁ ଡକାଯାଇନାହିଁ। ବିଦେଶୀ ନେତାଙ୍କୁ ନିମନ୍ତ୍ରଣ କରି ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନେତାଙ୍କୁ ନ ଡାକିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। ମୋଦି ତାଙ୍କ କ୍ଷମତା ରାଜନୀତିର ୨୨ ବର୍ଷର କ୍ୟାରିୟର ଭିତରେ ପ୍ରଥମ ଥର ପାଇଁ ବିନା ସଂଖ୍ୟାଗରିଷ୍ଠତାରେ ସରକାର ଚଳାଇବାକୁ ଯାଉଛନ୍ତି। ମେଣ୍ଟ ସରକାର ଚଳାଇବା ନେଇ ତାଙ୍କର କୌଣସି ପୂର୍ବ ଅଭିଜ୍ଞତା ନାହିଁ। ଏଭଳି ସ୍ଥିତିରେ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଅନ୍ୟ ସହଯୋଗୀ ଦଳଗୁଡ଼ିକ ଉପରେ ମୋଦିଙ୍କୁ ସବୁବେଳେ ନିର୍ଭର କରିବାକୁ ପଡ଼ିବ। ତେଣୁ ମୋଦି ୩.୦ ସରକାରର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଲାଣି।



ନରେନ୍ଦ୍ର ମୋଦି

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୋଦିଙ୍କୁ ଅଭିନନ୍ଦନ ଜଣାଇବାକୁ ମନା କରିଦେଇଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ସଂଖ୍ୟାଗରିଷ୍ଠତା ପାଇ ନ ଥିବା ଏକ ଅସାମ୍ବିଧାନିକ ଓ ବେଆଇନ ଦଳକୁ ସେ ଶୁଭେଚ୍ଛା ଜଣାଇପାରିବେ ନାହିଁ। ଇଣ୍ଡିଆ ବ୍ଲକ୍ ସରକାର ଗଠନ ପାଇଁ ଦାବି ଜଣାଇନାହିଁ। କିନ୍ତୁ ଆଗାମୀ ଦିନରେ ଜଣାଇପାରେ। କିଛି ସମୟ ଅପେକ୍ଷା କରାଯାଉ। କିଛି ଦିନ ଭିତରେ ଇଣ୍ଡିଆ ବ୍ଲକ୍ ସରକାର ଗଢ଼ିବ। ଲୋକ ସଭା ନିର୍ବାଚନରେ ମୋଦି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ସରକାର ଗଢ଼ିବା ପାଇଁ ଆବଶ୍ୟକ ମ୍ୟାଜିକ୍ ନମ୍ବର ୨୭୨ ଛୁଇଁପାରିଲେ ନାହିଁ। ତାଙ୍କ ଦଳକୁ ମାତ୍ର ୨୪୦ ଆସନ ମିଳିଛି, ଯାହାକି କୁହୁକ ସଂଖ୍ୟାଠାରୁ ୩୨ କମ୍। ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ବିନା ଏକ ଦୁର୍ବଳ ଓ ଅସ୍ଥିର ସରକାର କିପରି ସମ୍ବିଧାନ ସଂଶୋଧନ କରି ବିଲ୍‌ଗୁଡ଼ିକୁ ପାସ୍ କରାଇବ ବୋଲି ମମତା ପ୍ରଶ୍ନ କରିଛନ୍ତି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା କହିଛନ୍ତି, ଏହି ସରକାରର କୌଣସି ସ୍ଥାୟିତ୍ୱ ନାହିଁ। ଆଗକୁ କ'ଣ ହେଉଛି ଦେଖାଯାଉ। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି, ଏହି ସରକାର ବର୍ଷେ ତିଷ୍ଠିବ ନାହିଁ। ଦେଶରେ ୬ ମାସରୁ ବର୍ଷକ ଭିତରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବ ବୋଲି ସେ ଭବିଷ୍ୟବାଣୀ କରିଛନ୍ତି। ଏଥିପାଇଁ କଂଗ୍ରେସ ନେତା ଓ କର୍ମୀ ପ୍ରସ୍ତୁତ ହୋଇ ରୁହନ୍ତୁ ବୋଲି ବଘେଲ ପରାମର୍ଶ ଦେଇଛନ୍ତି।

ଇତିମଧ୍ୟରେ ପାକିସ୍ତାନ ମଧ୍ୟ ମୋଦିଙ୍କୁ ଅଭିନନ୍ଦନ ଜଣାଇବାକୁ ମନା କରିଦେଇଛି। ପାକିସ୍ତାନ ବହିର୍ବ୍ୟାପାର ☞ପୃଷ୍ଠା-୪

## ଇଣ୍ଡିଆ ମେଣ୍ଟ ନେତାଙ୍କୁ ଡାକିଲେନାହିଁ

ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ଗ୍ରହଣ ଉତ୍ସବକୁ ଅନେକ ଅନ୍ତର୍ଜାତୀୟ ନେତା ଏବଂ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଛି। କିନ୍ତୁ ବିରୋଧୀ 'ଇଣ୍ଡିଆ' ମେଣ୍ଟର ନେତାମାନଙ୍କୁ ଏଥିରେ ସାମିଲ ହେବାକୁ ଡକାଯାଇନାହିଁ। ଏହାକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଦେଶୀ ଅତିଥିମାନଙ୍କୁ ଶପଥ ଗ୍ରହଣ ଉତ୍ସବକୁ ଡକାଯାଇଛି। ଆମକୁ ନିମନ୍ତ୍ରଣ କରାଗଲେ ସାମିଲ ହେବା ନେଇ ଚିନ୍ତା କରିବୁ ବୋଲି ସେ କହିଛନ୍ତି।

## ଏନ୍‌ଇଇଟି ରେଜଲ୍ଟ ବିଭ୍ରାଟ: କମିଟି ଗଢ଼ିଲା କେନ୍ଦ୍ର

ନୂଆଦିଲ୍ଲୀ,୮।୬(ପି.ଟି.)

ଏନ୍‌ଇଇଟି-ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ କେତେଜଣ ଛାତ୍ରୀଛାତ୍ରଙ୍କୁ ଅଧିକ ମାର୍କ ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଏହାର ସମୀକ୍ଷା ପାଇଁ ଶିକ୍ଷା ମନ୍ତ୍ରଣାଳୟ ୪ ଜଣିଆ କମିଟି ଗଠନ କରିଛି। ଏହି କମିଟି ୧,୫୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କର ସମୀକ୍ଷା କରିବ ବୋଲି ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର କହିଛି। ୟୁପିଏସ୍‌ସିର ପୂର୍ବତନ ଚେୟାରମ୍ୟାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉକ୍ତ ପରୀକ୍ଷାର୍ଥୀଙ୍କ ଗ୍ରେସ୍ ମାର୍କର ସମୀକ୍ଷା କରି ସପ୍ତାହେ ମଧ୍ୟରେ ସୁପାରିସ ଦାଖଲ କରିବ। ସେହି ଅନୁଯାୟୀ ଉକ୍ତ ପରୀକ୍ଷାର୍ଥୀମାନଙ୍କ ଫଳାଫଳରେ ସଂଶୋଧନ କରାଯିବ ବୋଲି ଏନ୍‌ଟିଏ ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗ୍ରେସ୍ ମାର୍କ ପରୀକ୍ଷାର ଯୋଗ୍ୟତା ମାନଦଣ୍ଡକୁ ପ୍ରଭାବିତ କରିନାହିଁ। ପ୍ରଭାବିତ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ସମୀକ୍ଷା ଦ୍ୱାରା ନାମଲେଖା ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ ବୋଲି ସୁବୋଧ କହିଛନ୍ତି। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପରିବର୍ତ୍ତନ ଏବଂ ପରୀକ୍ଷା କେନ୍ଦ୍ରରେ ପିଲାମାନେ ହରାଇଥିବା ସମୟ ପାଇଁ ଗ୍ରେସ୍ ମାର୍କ ଦିଆଯାଇଥିଲା, ଯାହା ସେମାନଙ୍କ ନମ୍ବର ବଢ଼ିବାର ଅନ୍ୟତମ କାରଣ ବୋଲି ଏନ୍‌ଟିଏ କହିଛି।

୬ଟି ପରୀକ୍ଷା କେନ୍ଦ୍ରରେ ପିଲାମାନଙ୍କ ସମୟ ନଷ୍ଟ ହୋଇଥିବାରୁ ସେମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା। ଫଳରେ ଅନ୍ୟ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଲେ ବୋଲି କୁହାଯାଉଛି। ଉକ୍ତ ପରୀକ୍ଷାକେନ୍ଦ୍ରଗୁଡ଼ିକ ମେଘାଳୟ, ହରିୟାଣାର ବାହାଦୁରଗଡ଼, ଛତିଶଗଡ଼ର ଦାନ୍ତେୱାଡ଼ା ଓ ବାଲୋଧ, ଗୁଜରାଟର ସୁରଟ ଏବଂ ଚଣ୍ଡିଗଡ଼ରେ ରହିଛି। ଚଳିତ ବର୍ଷ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଏନ୍‌ଇଇଟି ପରୀକ୍ଷା ଦେଇଥିଲେ। ଗତ ୪ ତାରିଖରେ ଲୋକସଭା ନିର୍ବାଚନ ଫଳାଫଳ ଘୋଷଣା ଦିନ ଏନ୍‌ଇଇଟି ପରୀକ୍ଷା ଫଳ ପ୍ରକାଶ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ଏହି ପରୀକ୍ଷାରେ ୬୭ ଜଣ ପିଲା ୭୨୦ରୁ ୭୨୦ ନମ୍ବର ରଖି ପ୍ରଥମ ର୍ୟାଙ୍କ୍ ହାସଲ କରିଥିଲେ। ସେମାନଙ୍କ ମଧ୍ୟରେ ହରିୟାଣାର ଗୋଟିଏ ସେଣ୍ଟରର ୬ ଜଣ ରହିଛନ୍ତି। ଏତେ ସଂଖ୍ୟାରେ ପିଲା ୧୦୦ ପ୍ରତିଶତ ନମ୍ବର ରଖିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗ ହୋଇଛି।


**ଆଜିର ସମ୍ପାଦକୀୟ**

ମେଣ୍ଟ ସରକାର




କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ରେଙ୍ଗାଲଗୁଡ଼ା ଗ୍ରାମ ନିକଟ ଏକ ଜଳାଶୟରେ ହାତୀପଲ ଜଳକ୍ରୀଡ଼ା କରୁଛନ୍ତି। **(ଫଟୋ- ନରେଶ ଚନ୍ଦ୍ର ପଟ୍ଟନାୟକ)**









## ପାଣ୍ଡିଆନ ଖେଳିଲେ ପୁଟୁରା କାର୍ଡ

ଭୁବନେଶ୍ୱର,୮।୬(ଅନିଲ ଦାସ)

ବିଜେଡିର ପରାଜୟ ପରେ ଦଳ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି। ବରିଷ୍ଠ ନେତାମାନେ ଏ ପର୍ଯ୍ୟନ୍ତ ପାଟି ଫିଟାଇ ନ ଥିବା ବେଳେ ଏହି ନିର୍ବାଚନରେ ମୁଖ୍ୟ ଭୂମିକା ନେଇଥିବା କାର୍ତ୍ତିକ ପାଣ୍ଡିଆନଙ୍କୁ ଦଳର ମଧ୍ୟମ ବର୍ଗ ନେତା ଓ ତଳ ସ୍ତରର କର୍ମୀମାନେ ପ୍ରବଳ ବିରୋଧ କରିବା ଆରମ୍ଭ କରିଛନ୍ତି। ଦଳର ଯୁବ ଓ ଛାତ୍ର କର୍ମୀମାନେ ଏହି ପରାଜୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରି ଶଙ୍ଖ ଭବନରେ ପୂରାଇ ନ ଦେବାକୁ ଚେତାବନୀ ଦେଇଛନ୍ତି। ଏପରି କି ପାଣ୍ଡିଆନଙ୍କ ପାଇଁ ଖବରଦାତା ସମ୍ମିଳନୀ ନ କରିବାକୁ ଦଳର ମୁଖପାତ୍ରମାନଙ୍କୁ ମଧ୍ୟ ସତର୍କ କରାଇଛନ୍ତି। କେବଳ ତଳସ୍ତର କର୍ମୀ ନୁହନ୍ତି ଆଗାମୀ ଦିନରେ ଉପର ସ୍ତରର ନେତାମାନେ ବିରୋଧ କରିବେ ବୋଲି ରାଜନୀତି ବିଶାରଦ ମତ ଦେଲେଣି।



ଅରୁଣ ପଟ୍ଟନାୟକ

ଦଳରୁ ବିରୋଧ ହେବା ଜାଣି ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ☞ପୃଷ୍ଠା-୪

# ରାହୁଲ ହେବେ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ,୮।୬

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ବୈଠକ ଶନିବାର ବସି ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଅଷ୍ଟାଦଶ ଲୋକ ସଭାର ବିରୋଧୀ ଦଳ ନେତା କରିବା ପାଇଁ ଅନୁରୋଧ କରାଯିବା ନିମନ୍ତେ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଯାଇଛି। ରାହୁଲ ଏହି ପ୍ରସ୍ତାବ ଉପରେ ବିଚାର କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି କହିଥିବା ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସିଡବ୍ଲ୍ୟୁସି ପ୍ରସ୍ତାବରେ ଲୋକ ସଭା ନିର୍ବାଚନ ପ୍ରଚାରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଭୂମିକାକୁ ପ୍ରଶଂସା କରାଯାଇଥିଲା। ଭାରତ ଯୋଡ଼ୋ ଯାତ୍ରା ଏବଂ ନ୍ୟାୟ ଯାତ୍ରା ଜରିଆରେ ରାହୁଲ ଦେଶବାସୀଙ୍କ ସହ ଯୋଡ଼ି ହୋଇଥିବାବେଳେ ନିର୍ବାଚନ ପ୍ରଚାର ବେଳେ ସେ ଶତାଧିକ ରାଲି ଓ ରୋଡ୍‌ଶୋ' କରିଥିଲେ, ଯାହା ଲକ୍ଷାଧିକ କଂଗ୍ରେସ କର୍ମୀ ଓ କୋଟି କୋଟି ଭୋଟରଙ୍କ ମଧ୍ୟରେ ଆଶା ଓ ଆସ୍ଥା ଆଣିଥିଲା ବୋଲି ପ୍ରସ୍ତାବରେ କୁହାଯାଇଛି। ପ୍ରସ୍ତାବରେ କଂଗ୍ରେସର ପଞ୍ଚ ନ୍ୟାୟ ବା ୫ ଗ୍ୟାରେଣ୍ଟି କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଶଂସା କରାଯାଇଛି।



ରାହୁଲ ଗାନ୍ଧୀ

ସିଡବ୍ଲ୍ୟୁସି ବୈଠକରେ ଲୋକ ସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରାଯାଇଛି। ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ରାଜନୈତିକ କ୍ଷତି ନୁହେଁ, ବରଂ ବ୍ୟକ୍ତିଗତ ଏବଂ ନୈତିକ ପରାଜୟ ବୋଲି ସିଡବ୍ଲ୍ୟୁସି କହିଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ନାମରେ ହିଁ ଭୋଟ ମାଗିଥିଲେ। ଦେଶବାସୀ ଗତ ୧୦ ବର୍ଷର ଶାସନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳାଫଳ ବିଭାଜନକାରୀ ଏବଂ ଘୃଣା ରାଜନୀତିକୁ ପ୍ରତ୍ୟାଖ୍ୟାନ ପାଇଁ ଜନାଦେଶ ବୋଲି କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ବୈଠକରେ କହିଛନ୍ତି। ଇଣ୍ଡିଆ ବ୍ଲକ୍ ଉଭୟ ପାର୍ଲାମେଣ୍ଟ ଭିତରେ ଏବଂ ବାହାରେ ଏକାଠି କାର୍ଯ୍ୟ ଜାରି ରଖିବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

## ସୋନିଆ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ



ସୋନିଆ ଗାନ୍ଧୀ

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଶନିବାର ସର୍ବସମ୍ମତିକ୍ରମେ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ଭାବେ ପୁନଃ ନିର୍ବାଚିତ କରାଯାଇଛି। ଦଳୀୟ ଏମ୍‌ପିମାନଙ୍କ ଏକ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋନିଆଙ୍କୁ ସଂସଦୀୟ ଦଳ ଅଧ୍ୟକ୍ଷ ପଦ ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ଗୌରବ ଗୋଗୋଇ, କେ. ସୁଧାକରନ ଏବଂ ତାରିକ୍ ଅନ୍‌ୱର ସମର୍ଥନ ଜଣାଇଥିଲେ। ୭୭ ବର୍ଷୀୟ ସୋନିଆ ଗତ ଫେବୃଆରୀରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। କଂଗ୍ରେସ ଏମ୍‌ପିମାନଙ୍କ ବୈଠକ ପୂର୍ବରୁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ଅନୁଷ୍ଠିତ ହୋଇ ରାହୁଲ ଗାନ୍ଧୀଙ୍କୁ ଲୋକ ସଭାରେ ବିରୋଧୀ ଦଳ ନେତା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ରାହୁଲ ଏହା ଉପରେ ତୁରନ୍ତ ନିଷ୍ପତ୍ତି ନେବେ ବୋଲି ଜଣାଇଛନ୍ତି। ଲୋକ ସଭା ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଓ ନୈତିକ ପରାଜୟ। ସେ ନେତୃତ୍ୱ ନେବାର ନୈତିକ ଅଧିକାର ହରାଇଥିବା ସୋନିଆ ସିପିପି ଅଧ୍ୟକ୍ଷ ନିର୍ବାଚିତ ହେବା ପରେ କହିଛନ୍ତି।

## ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୮।୬
(ଅସମାପିକା ସାହୁ)

ଗରମ, ଗୁଳୁଗୁଳିରେ ରାଜ୍ୟବାସୀ ଛଟପଟ ହେଉଥିବାବେଳେ ନିର୍ଦ୍ଧାରିତ ସମୟର ୪ଦିନ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି। ଏହା ଶନିବାର ମାଲକାନଗିରି ଜିଲାରେ ପ୍ରବେଶ କରିଛି। ଜିଲାର ଅଧିକାଂଶ ଅଞ୍ଚଳରେ ମୌସୁମୀ ସକ୍ରିୟ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ମୌସୁମୀ ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି। ଶୁକ୍ରବାର ରାତିଠାରୁ ମାଲକାନଗିରିର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ମୌସୁମୀ ସକ୍ରିୟ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ ବେଳକୁ କେରଳ ଛୁଇଁଥାଏ। ଏହାର ୧୦-୧୨ ଦିନ ପରେ ଅର୍ଥାତ ଜୁନ୍ ଦ୍ୱିତୀୟ ସପ୍ତାହ କିମ୍ବା ୧୨/୧୩ ତାରିଖରେ ମୌସୁମୀ ଓଡ଼ିଶାରେ ପହଞ୍ଚିଥାଏ। କିନ୍ତୁ ଏଥର ଦୁଇଦିନ ଆଗରୁ ଗତ ୩୦ ତାରିଖରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ପରେ ଏହା ସମଗ୍ର ଦକ୍ଷିଣ ଆରବ ସାଗର, କେନ୍ଦ୍ରୀୟ ଆରବ ସାଗରର କିଛି ଅଂଶ, ଲାକ୍ଷାଦ୍ୱୀପ, କେରଳ ଉପକୂଳ ତଥା ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣାଟକ, ତାମିଲନାଡୁ ଏବଂ ବଙ୍ଗୋପସାଗରର କିଛି ଅଂଶ ଉପରେ ଅଗ୍ରଗତି କରିଥିଲା। କେରଳ ଛୁଇଁବାର ୮ ଦିନ ପରେ ମୌସୁମୀ ଓଡ଼ିଶା ପ୍ରବେଶ କରିଛି। ଏହା ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ପ୍ରବେଶ କରିବ। ଫଳରେ ରାଜ୍ୟବାସୀ ତାତିରୁ ମୁକ୍ତି ପାଇବେ। ଗତ କିଛିଦିନ ହେବ ପ୍ରବଳ ଗରମରେ ଲୋକେ କଲବଲ ହେଉଛନ୍ତି। ଏପରିସ୍ଥିତିରେ ମୌସୁମୀ ଓଡ଼ିଶା ପ୍ରବେଶ କରିବା ଖବର ସମସ୍ତଙ୍କୁ ଆଶ୍ୱସ୍ତି ଦେଇଛି। ବିଶେଷକରି ଏଥର ରଜରେ ବର୍ଷା ସମ୍ଭାବନା ଥିବାରୁ ସମସ୍ତେ ଆନନ୍ଦର ସହ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଯୋଜନା ଆରମ୍ଭ କରିଦେଇଥିବା ଜଣାପଡ଼ିଛି। ସେପଟେ ଓଡ଼ିଶା ☞ପୃଷ୍ଠା-୪

ଭୁବନେଶ୍ୱର, ରବିବାର, ୯ ଜୁନ୍, ୨୦୨୪

# ଅନନ୍ୟା  ନନ୍ଦିନୀ





ବିଶିଷ୍ଟ ବଲିଉଡ୍ ଅଭିନେତା ସଞ୍ଜୀବ କୁମାରଙ୍କ ସହ ନନ୍ଦିନୀ।

**ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା। ଯାହାଙ୍କ ଅବଦାନରେ ଉଭୟ ରାଜନୀତି ଏବଂ ସାହିତ୍ୟ ବିଭିନ୍ନ ଭାବେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କର ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ସେ ଚଳାଇଥିଲେ ଆପ୍ରାଣ ଉଦ୍ୟମ, ଯାହାର ସୁଫଳ ଆଜି ପାଉଛନ୍ତି ରାଜ୍ୟବାସୀ। ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସେ କରିଯାଇଛନ୍ତି ସମୃଦ୍ଧ। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ' ସମ୍ମାନରେ ସେ ସମ୍ମାନିତା।**



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ସହ



ଲଦାଖର ସ୍ଥାନୀୟ ମହିଳାଙ୍କ ସହ





ରାଜ୍ୟ ଭବିଷ୍ୟନିଧି ଭବନ ଉଦ୍‌ଘାଟନ ଅବସରରେ

## ରାଜ୍ୟ ଖବର

# ଆଶିଷ ସିଂ ସୁସ୍ଥ, କାର୍ଯ୍ୟାନୁଷ୍ଠାନ ସୁପାରିସ

ଭୁବନେଶ୍ୱର,୮।୬(ଅନିଲ ଦାସ)

୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗଠିତ ଭୁବନେଶ୍ୱର ଏମ୍ସର ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଭାରତର ନିର୍ବାଚନ କମିଶନଙ୍କୁ ଏଭଳି ରିପୋର୍ଟ ଦେଇଛନ୍ତି। ନିଜ ସ୍ୱାସ୍ଥ୍ୟକୁ ନେଇ ଭୁଲ ତଥ୍ୟ ଦେଇଥିବାରୁ ଆଶିଷ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ବାଚନ କମିଶନ ସୁପାରିସ କରିଛନ୍ତି।

ନିର୍ବାଚନ କମିଶନଙ୍କ ସଚିବ ରାକେଶ କୁମାର ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆଇପିଏସ୍ ଅଫିସର ଆଶିଷ ସିଂ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ଅଛନ୍ତି। ଭୁବନେଶ୍ୱର ଏମ୍ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଏନେଇ ରିପୋର୍ଟ ଦେଇଛନ୍ତି। ଆଶିଷଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ମେଡିକାଲ ବୋର୍ଡର ରିପୋର୍ଟକୁ ପଠାଇବା ପାଇଁ କୁହାଯାଇଛି।

ଅନ୍ୟପକ୍ଷରେ ୧୯୯୭ ବ୍ୟାଚ୍

### ଡି.ଏସ୍. କୁଟେଙ୍କ ଉପରୁ ନିଲମ୍ବନ ହଟିଲା



ଡି.ଏସ୍. କୁଟେ



ଆଶିଷ କୁମାର ସିଂ

ଆଇପିଏସ୍ ଅଫିସର ଡି.ଏସ୍. କୁଟେଙ୍କ ନିଲମ୍ବନକୁ ନିର୍ବାଚନ କମିଶନ ସର୍ତ୍ତମୂଳକ ଭାବେ ହଟାଇ ଦେଇଛନ୍ତି। ତେବେ ତାଙ୍କ ବିରୋଧରେ ନିର୍ବାଚନ କମିଶନ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ସର୍ତ୍ତ ରଖିଛନ୍ତି।

କୁଟେଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଯଦି ଆରମ୍ଭ ହୋଇଥାଏ, ତାହା କେବଳ ନିର୍ବାଚନ କମିଶନଙ୍କ ଅନୁମୋଦନରେ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ରିପୋର୍ଟ କରିବାକୁ କୁଟେଙ୍କୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ତାଙ୍କୁ ଯେଉଁଠି ଉଚିତ ମଣିବେ ସେଠି ନିଯୁକ୍ତି ଦେଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ମେ' ୨୮ ତାରିଖରେ କୁଟେଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। କୁଟେଙ୍କୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ କୁଟେଙ୍କ ବିରୋଧରେ ଥିବା ଚିଠା ଚାର୍ଜଶିଟ୍‌କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡି.ଏସ୍. କୁଟେଙ୍କ ବିରୋଧରେ ଚାକିରି ସର୍ତ୍ତାବଳୀ ଅନୁସାରେ ଆବଶ୍ୟକ ଚାର୍ଜଶିଟ୍ ମେ' ୩୦ତାରିଖ ସୁଦ୍ଧା ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଜାରି ହୋଇଥିଲା।

ଏଥିସହିତ ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଏମ୍ସ୍‌ର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ଯାଞ୍ଚ କରିବାକୁ ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ଆଶିଷ ମେ' ୪ ତାରିଖରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଥିଲେ। ସେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ କ୍ଷେତ୍ରସ୍ତରରୁ ବାରମ୍ବାର ଖବର ଆସୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ କମିଶନ ନିର୍ଦ୍ଦେଶ ଦେଇଥିଲେ।

# ୧୦ରେ ନୂଆ ସରକାର ଶପଥ ଗ୍ରହଣ

ଭୁବନେଶ୍ୱର,୮।୬(ଅନିଲ ଦାସ)

ଆସନ୍ତା ୧୦ ତାରିଖ ଅପରାହ୍ନରେ ଭାଜପା ସରକାର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ ବୋଲି ଦିଲ୍ଲୀରୁ ଫେରିବା ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବେ ଏବଂ କେଉଁମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ, ସେନେଇ ରାଜ୍ୟରେ ଚର୍ଚ୍ଚା ଚାଲିଛି। ଦଳ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଉନାହିଁ। ମନମୋହନ କହିଛନ୍ତି ଯେ ଆଉ ୨ ଦିନ ଧୈର୍ଯ୍ୟ ଧରନ୍ତୁ। ଦଳର ସଂସଦୀୟ କମିଟି ନିଷ୍ପତ୍ତି ନେବ।

ଅନ୍ୟପକ୍ଷରେ ଶପଥ ଗ୍ରହଣ ସମାରୋହ ପାଇଁ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱର ଜନତା

### ତଦାରଖ ପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ଭାଜପାର ୨ ବରିଷ୍ଠ ନେତା

### ଅପେକ୍ଷା କରିବାକୁ କହିଲେ ମନମୋହନ

ମୈଦାନରେ ଏସ୍‌ପିଜି ଟିମ ସମେତ ଜଣେ ଡିଆଇଜି ର୍ୟାଙ୍କର ଅଧିକାରୀ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଖୋର୍ଦ୍ଧା ଜିଲାପାଳ, ଗୁଇନ୍ଦା ନିର୍ଦ୍ଦେଶକ, ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପି ଉପସ୍ଥିତି ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି। ବିମାନବନ୍ଦର, ଭାଜପା କାର୍ଯ୍ୟାଳୟ, ଭିଭିଆଇପି ରହଣିସ୍ଥଳ ଓ ଶପଥ ଗ୍ରହଣସ୍ଥଳ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହାସହ ଟ୍ରାଫିକ୍ ଓ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ତଦାରଖ ପାଇଁ ଶନିବାର ଭୁବନେଶ୍ୱରରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟପ୍ରଦେଶର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାଶ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ଭାଜପାର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିୱାରୀ ପହଞ୍ଚିଛନ୍ତି। ଏହି ଦୁଇ ନେତା ଭୁବନେଶ୍ୱରରେ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ।

# ୨ବର୍ଷରେ ସରିବ ଜାତୀୟ ଅଭିଲେଖାଗାର ଡିଜିଟାଇଜେଶନ





ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

### ଆଜି ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ

ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ଅଭିଲେଖାଗାର ସହିତ ଜାତୀୟ ଅଭିଲେଖାଗାରର ଏକ ଆଞ୍ଚଳିକ ଶାଖା ରହିଛି। ମାତ୍ର ଏହି ଜାତୀୟ ଅଭିଲେଖାଗାର ସମ୍ପର୍କରେ ବହୁ ଲୋକ ଜାଣିନାହାନ୍ତି। ଏପରିକି ଦେଶରେ ମଧ୍ୟ ଅଭିଲେଖାଗାରଗୁଡ଼ିକର ବିଭିନ୍ନ ବିକାଶମୂଳକ କାମ ଅନ୍ୟ କ୍ଷେତ୍ର ତୁଳନାରେ ଟିକେ ପଛୁଆ ରହିଥିବା ଲକ୍ଷ୍ୟ କରାଯାଉଛି। ସଂରକ୍ଷଣ, ଅନୁସନ୍ଧାନ, ଗବେଷଣା, ଡିଜିଟାଲାଇଜେଶନ କ୍ଷେତ୍ରରେ କାମ ସବୁ ଏବେ ଆରମ୍ଭ ହେଉଛି। ସାରା ଦେଶରେ ଜାତୀୟ ଅଭିଲେଖାଗାରର ୪ଟି ଶାଖା ରହିଛି। ପୂର୍ବାଞ୍ଚଳ କ୍ଷେତ୍ରରେ ୧୨ଟି ରାଜ୍ୟକୁ ନେଇ ଭୁବନେଶ୍ୱର ଶାଖା କାର୍ଯ୍ୟ କରୁଛି, ଯେଉଁଠି ୧୧ତମ ଶତାବ୍ଦୀଠାରୁ ଆରମ୍ଭ କରି ବିଭିନ୍ନ ତଥ୍ୟ ରହିଛି। ଅନେକ ତାଳପତ୍ର ପୋଥିକୁ ସଂରକ୍ଷିତ କରି ସେଠାରେ ରଖାଯାଇଛି। କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟ ସମ୍ପର୍କିତ ତଥ୍ୟ ମଧ୍ୟ ଏହି ଅଭିଲେଖାଗାର ପ୍ରଦାନ କରେ। ଗତ ଏପ୍ରିଲରୁ ଏହି ଅଭିଲେଖାଗାରରେ ଡିଜିଟାଇଜେନ। ୨ବର୍ଷ ମଧ୍ୟରେ ଏହା ସରିବ। ୧ଲକ୍ଷ ପବ୍ଲିକ ରେକର୍ଡ, ୨୩୦୦ ବେସରକାରୀ କାଗଜପତ୍ର, ୨୦୦ କାଗଜ ପାଣ୍ଡୁଲିପି, ୪୫୦ ତାଳପତ୍ର ପୋଥିର ଡିଜିଟାଇଜେଶନ କାମ ଆଗେଇ ଚାଲିଛି। ପେଟେଣ୍ଟ ଡିଜାଇନ୍ସ, ପ୍ରତ୍ନତତ୍ତ୍ୱ ବିଭାଗ, ଡାକ ବିଭାଗ, ଖଣି ବିଭାଗ, ପାଣିପାଗ ବିଭାଗର ଦସ୍ତାବିଜ ସହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଯଥା ରମା ଦେବୀ, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ, ଅନ୍ନପୂର୍ଣ୍ଣା ମହାରଣା, ସୁରତ ଅଲି, ମାୟାଧର ମାନସିଂହ ପ୍ରମୁଖଙ୍କ ଦସ୍ତାବିଜ ସଂରକ୍ଷିତ ହୋଇରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏସବୁ ଦସ୍ତାବିଜ୍‌ର ଡିଜିଟାଇଜେଶନ ପ୍ରକ୍ରିୟା ଚାଲିଥିବା ସୂଚନା ଦିଆଯାଇଛି।

ଏ ନେଇ ଅଭିଲେଖାଗାରର ସହକାରୀ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର କହିଛନ୍ତି, ଅଭିଲେଖାଗାର ମୁଖ୍ୟ କାର୍ଯ୍ୟ ନେଇ ଅନେକେ ଏତେଟା ସଚେତନ ନୁହନ୍ତି। ଅଭିଲେଖାଗାରକୁ ନେଇ କିଭଳି ସଚେତନତା ସୃଷ୍ଟି ସହ ଅଧିକରୁ ଅଧିକ ଆକ୍ଟିଭିଟି ହେବ ସେଥିପାଇଁ ଆମେ ଏବେ ଧ୍ୟାନ ଦେଉଛୁ। ସେଥିପାଇଁ ୨ମାସ ହେବ ଏକ ମାସିକ ଆଲୋଚନାଚକ୍ରର ଆୟୋଜନ କରାଯାଉଛି। ଓଡ଼ିଶା ତଥା ବାହାରର ସ୍କଲାରମାନେ ଆସି ଏଠାରେ ଗବେଷଣା କରୁଛନ୍ତି। ଐତିହାସିକ ତଥ୍ୟ, ଦସ୍ତାବିଜ ସଂରକ୍ଷଣ ସହ ଡିଜିଟାଇଜେଶନ ଦିଗରେ ଏବେ ଅଧିକ ଫୋକସ୍ ଦେଉଛୁ। ଖୁବ୍‌ଶୀଘ୍ର ଘରେ କିମ୍ବା ବାହାରେ ରହୁଥିବା ସ୍କଲାରମାନେ ସହଜରେ ତଥ୍ୟ ପାଇପାରିବେ ବୋଲି ସେ କହିଛନ୍ତି।

# କଲରାପତରିଆ ବାଘ ଆକ୍ରମଣରେ ଫରେଷ୍ଟରଙ୍କ ସମେତ ୬ ଆହତ

### ବାଘ ଧରିବାକୁ ବନ ବିଭାଗ ନାକେଦମ

ଖଇରା, ୮।୬(ଉତ୍କଳବନ୍ଧୁ ପଣ୍ଡା)



ଗଡ ଗ୍ରାମକୁ ପଶି ଆସିଥିବା କଲରାପତରିଆ ବାଘ।

ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ପଞ୍ଚାୟତ ଅଧୀନ ଗଡଗ୍ରାମକୁ ଶନିବାର ସକାଳେ ପଶିଆସିଥିବା ଏକ କଲରାପତରିଆ ବାଘ ଆକ୍ରମଣରେ ଜଣେ ଫରେଷ୍ଟରଙ୍କ ସମେତ ୬ଜଣ ଆହତ ହୋଇଛନ୍ତି। କୁପାରୀରେ କାର୍ଯ୍ୟରତ ଫରେଷ୍ଟର କିଶୋର ଭୂୟାଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନଙ୍କୁ ଖଇରାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଗଡ ଗ୍ରାମର ସତ୍ୟଭାମା ନାୟକ(୫୦), ରାଧାନାଥ ନାୟକ(୨୦), ଟଙ୍କଧର କେଶୀ(୫୦), ନିରଞ୍ଜନ ମୁଖୀ(୪୫) ଓ ଅର୍ଜୁନପୁର ଗ୍ରାମର ପ୍ରଫୁଲ୍ଲ ଦାସ।

ଅପରାହ୍ନରେ ସତ୍ୟଭାମା ନିଜ ସ୍ୱାମୀ ଗଣନାଥ ଓ ପୁଅ ରାଧାନାଥଙ୍କ ସହ ବାଡିରେ କାମ କରୁଥିବା ବେଳେ ବାଘଟି ହଠାତ୍ ଏକା ବୁଦାମୂଳରୁ ବାହାରି ସତ୍ୟଭାମାଙ୍କୁ ଆକ୍ରମଣ କରି ଖଣ୍ଡିଆଖାବରା କରିଥିଲା। ତାଙ୍କ ଚିତ୍କାର ଶୁଣି ଗଣନାଥ ଓ ରାଧାନାଥ ଜୋରରେ ଚିତ୍କାର କରିବାରୁ ବାଘଟି ପୁଣି ଲୁଚିଯାଇଥିଲା। ବନବିଭାଗକୁ ଖବର ଦିଆଯିବା ପରେ ଏସିଏଫ ଦିଗନ୍ତ ସବନଚାନ୍ଦ ଓ ସୋର ରେଞ୍ଜର ମନୋରଞ୍ଜନ ନାଇକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ପହଞ୍ଚି ବାଘକୁ ଖୋଜାଖୋଜି କରିଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ପାଟିଶୁଣି ପୁନର୍ବାର ବାଘ ଇତସ୍ତତ ହୋଇ ଦୌଡିବାକୁ ଲାଗିଥିଲା। ପ୍ରଥମେ ରାଧାକାନ୍ତ, ପରେ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଟଙ୍କରଧର, ନିରଞ୍ଜନ ଓ ପ୍ରଫୁଲ୍ଲଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ସେହିଭଳି ବାଘକୁ ଘଉଡାଇବାକୁ ଉଦ୍ୟମ କରୁଥିବା ବେଳେ ଫରେଷ୍ଟର କିଶୋର ଭୂୟାଁ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ହୋହାଲ୍ଲା ଶୁଣି ବାଘଟି ମୁକୁନ୍ଦ ସେଣ୍ଡଙ୍କ ଗୁହାଳ ଘରେ ପଶିଯାଇଥିଲା। ସନ୍ଧ୍ୟାରେ ବାରିପଦା ବନଖଣ୍ଡ ବିଭାଗରୁ ସ୍ୱତନ୍ତ୍ର ଟିମ୍ ଗ୍ରାମରେ ପହଞ୍ଚି ବାଘ ଧରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଶାରୀଶୁଆ ପାହାଡରେ ବାରମ୍ବାର ୱାଗନ ବ୍ଲାଷ୍ଟିଂ ଯୋଗୁ ବନ୍ୟପ୍ରାଣୀ ବହୁ ସମୟରେ ପାହାଡ ଆଖପାଖ ଗ୍ରାମକୁ ପଶି ଆସି ଧନଜୀବନ ହାନି କରୁଛନ୍ତି। କିଛିଦିନ ତଳେ ଶରଖିଆ ଓ ଅଘାପଦା ଗ୍ରାମକୁ ପଶିଆସିଥିବା ହରିଣ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡାଯାଇଥିବା ବେଳେ ସଇଁ ଗ୍ରାମରୁ ଏକ ହରିଣ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।


Retirement
Better to plan, than to forget.
Plan for your retirement with SIP in Mutual Funds
To know more about Mutual Funds, contact your
Mutual Fund Distributor or Investment Advisor today!
Visit mutualfundssahihai.com | Follow us on:
MUTUAL FUNDS
Sahi Hai
Mutual Fund investments are subject to market risks, read all scheme related documents carefully.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଧରିତ୍ରୀ ପରିବାର ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ନିକଟ ଏଲ୍‌ଆଇସି ଅଫିସ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ, ସ୍ଥାନ: ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦିନୀ ଶତପଥୀ ଛକ, ରାଜ ଭବନ ପଛ ଏଲ୍‌ଆଇସି ଅଫିସ ପାଖ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ୍ ବୀର୍ସା ମୁଣ୍ଡାଙ୍କ ୧୨୪ତମ ପୂଣ୍ୟତିଥି, ସ୍ଥାନ: ମୈତ୍ରୀବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୪୫।
- ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଜାତୀୟ ଅଭିଲେଖାଗାର, ରେକର୍ଡ ସେଣ୍ଟର, ସମ୍ମିଳନୀ କକ୍ଷ, ମଧୁସୂଦନ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ୱଣ୍ଡର ଫେଷ୍ଟ ରଜ ପସରା, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତର୍ଜାତିକ ଅଭିଲେଖାଗାର ଦିବସ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଡ. ଦେବବ୍ରତ ଦାଶଙ୍କ ଗଳ୍ପ ସଂକଳନ 'ରାଧାନାନୀ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ସୋମନାଥ ଯାତ୍ରା କମିଟି ପକ୍ଷରୁ ଯାତ୍ରା ମହୋତ୍ସବ, ସ୍ଥାନ-ଢାଉଆ, ସମୟ: ରାତ୍ର ୯ଟା।

## କଟକ

- ଶ୍ରୀ କୁମାର ଭାଇଙ୍କ ୩୧ତମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉତ୍ସବ ଓ ସର୍ବଧର୍ମ ସମନ୍ୱୟ ଦିବସ ସଭା, ସ୍ଥାନ: ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ସନ୍ଧ୍ୟା ୬ଟା।
- ଦି ୟୁନିଭର୍ସ ପକ୍ଷରୁ ଆମେ ଓ ଆମ ପରିବେଶ ଶୀର୍ଷକ ଆଲୋଚନାସଭା, ସ୍ଥାନ: ଦି ୟୁନିଭର୍ସ ସମ୍ମିଳନୀ କକ୍ଷ, ମୈତ୍ରୀସରଣୀ, ସମୟ: ସନ୍ଧ୍ୟା ୬ଟା ୩୦।
- କବି ଗୋପାଳ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ହାପିନେସ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷ, ପୁରୀ, ସମୟ: ସକାଳ ୮ଟା
- ଜାତୀୟସ୍ତରୀୟ କଳା ପ୍ରଦର୍ଶନୀ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ରଜ ମହୋତ୍ସବ କମିଟି ପକ୍ଷରୁ ବୈଠକ, ସ୍ଥାନ: ବୁଢୀମା କଲ୍ୟାଣ ମଣ୍ଡପ, ପୁରୀ, ସମୟ: ଅପରାହ୍ନ ୧ଟା।
- ସିନିୟର୍ ଜାତୀୟ ହାମରବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ପୁରୀ, ସମୟ: ଅପରାହ୍ନ ୪ଟା।
- ଲିଙ୍ଗରାଜ କଳା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ପୁରୀ ପୌରସଦନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଅନ୍ତର୍ଜାତୀୟ ଆଦିବାସୀ ଯୁବ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ପଲଟଣ ପଡ଼ିଆ, ବାଣପୁର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ନୃତ୍ୟ ସଙ୍ଗୀତ କଳାମନ୍ଦିର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଟାଉନ ହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ୯୩ତମ ନନ୍ଦିନୀ ଜୟନ୍ତୀ ପାଳନ, ସ୍ଥାନ: ଧରିତ୍ରୀ ଅଫିସ, ଭଦ୍ରକ, ସମୟ: ସକାଳ ୯ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ଦେବେନ୍ଦ୍ର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଅର୍ଜ୍ଜୁନବିନ୍ଧା, ତିହିଡ଼ି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଅଷ୍ଟମପ୍ରହର ନାମ ସଙ୍କୀର୍ତ୍ତନ, ସ୍ଥାନ: ଜଳକଳଙ୍ଗ, ହାଟଡିହୀ, ସମୟ: ସକାଳ ୫ ଟା।
- ଅଷ୍ଟମପ୍ରହର ନାମ ସଙ୍କୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: କପୁଣ୍ଡି, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ୩୭ତମ ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୯୯୭ ବ୍ୟାଚ୍ ବାଣିଜ୍ୟ ବିଭାଗ ଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ବଡବିଲ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ରକ୍ତଦାନ ଶିବିର, ସ୍ଥାନ: ସିଦ୍ଧାର୍ଥ ନଗର, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ସ୍ୱାମୀ ବିବେକାନନ୍ଦ ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆଙ୍କୁଶପୁର ଆୟୁର୍ବେଦିକ କଲେଜ ପରିସର, ସମୟ: ସକାଳ ୭ଟା ୫୦।
- ନନ୍ଦିନୀ ଶତପଥୀ ଜୟନ୍ତୀ ସଭା, ସ୍ଥାନ: ଭଞ୍ଜନଗର ସୋମନାଥ ସରକାରୀ ଅଭ୍ୟାସ ମୌଳିକ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ହନୁମାନ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା, ସ୍ଥାନ: ଖଲ୍ଲିକୋଟ ସିଙ୍ଗଡ଼ାପଲ୍ଲୀ, ସମୟ: ସକାଳ ୮ଟା।
- ଭେଜିପୁଟ ଯାତ୍ରା ଉଦ୍‌ଯାପନ, ସ୍ଥାନ: ଭଞ୍ଜନଗର, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ରାମଚରିତ ମାନସ ପାରାୟଣ, ପ୍ରବଚନ ଦ୍ୱିତୀୟ ଦିନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।
- ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ କରୋନେସନ ପଡିଆ, ସମୟ ସନ୍ଧ୍ୟା ୭ଟା।
- ମା' ନାରାୟଣୀଙ୍କ ସାହି ପରିକ୍ରମା, ସ୍ଥାନ: ଫୁଲବାଣୀ ଡେଲି ମାର୍କେଟରୁ ଗୁଣ୍ଡିଚା ମାର୍କେଟ, ସମୟ-ସନ୍ଧ୍ୟା ୭ଟା।
- ଅପେରା ପରିବେଷଣ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ରାତି ୧୧ଟା।

## ଢେଙ୍କାନାଳ

- ନନ୍ଦନୀ ଶତପଥୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଆମ ପ୍ରତିଭା ଆମ ସମ୍ମାନ କାର୍ଯ୍ୟାଳୟ, ସମୟ: ସକାଳ ୬ଟା ୪୫।
- ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ, ସ୍ଥାନ: ନନ୍ଦିନୀଦେବୀ ମୂକ ବଧିର ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ, ସ୍ଥାନ: ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୁକ୍ତମଞ୍ଚ କଳା ସମ୍ପନ୍ନ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା

- ଶୀତଳଷଷ୍ଠୀ ଉପଲକ୍ଷେ ଗୀତାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ମହାଦେବ ପୀଠ, ରାଜନଗର, ସମୟ: ସକାଳ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ନିର୍ବାଚିତ କେନ୍ଦ୍ରାପଡ଼ା ବିଧାୟକଙ୍କ ଧନ୍ୟବାଦ ପଦଯାତ୍ରା, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ଶୀତଳଷଷ୍ଠୀ ଉପଲକ୍ଷେ ଗୀତାଯଜ୍ଞ, ସ୍ଥାନ: ଅମରେଶ୍ୱର ମହାଦେବ ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର, ସମୟ: ପୂର୍ବାହ୍ନ ୯ଟା।
- ଅଖିଳ ଚକ୍ର ପକ୍ଷରୁ ପୂଜ୍ୟ କୁମାରଙ୍କ ପୂଣ୍ୟତିଥି ଅବସରରେ ସ୍ମୃତି ସଭା, ସ୍ଥାନ: ବିଞ୍ଝାରପୁର ଅରେଇ ନିକଟ ଗୁହାଳି ପୂର୍ଣ୍ୟାଶ୍ରମ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ସୁଭଦ୍ରାଙ୍କ ଦାରୁ ସ୍ଥଳ, ସମୟ: ସକାଳ ସାଢ଼େ ୭ଟା।।
- ସଙ୍କୁଳସ୍ତରୀୟ ଆଚାର୍ଯ୍ୟା କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ସାଢେ ୮ଟା।
- ଶିବ ବିବାହର ପର୍ବ ଅବସରରେ ଶିତଳ ଷଷ୍ଠୀ ଯାତ୍ରା ପାଇଁ ମଙ୍ଗନ ପର୍ବ, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ସିଦ୍ଧି ବିନାୟକ ମନ୍ଦିର, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ପୁନଃ ସ୍ୱରଚନା ଓ ନବନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ମୋହତ୍ସବ ତୃତୀୟ ଦିବସ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ସକାଳ ୬ଟା ୩୦।

## ସମ୍ବଲପୁର

- ସାଓଲିନ କୁଙ୍ଗ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସାକ୍ଷୀଗୋପିନାଥ ଆଗମନ କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା, ସମୟ: ରାତି ୭ଟା।
- କିନ୍ନର ଫେସନ ଶୋ, ସ୍ଥାନ : ବଡବଜାର, ସମୟ ରାତି ୮ଟା।
- ଲୋକନାଥ ବାବାଙ୍କ ହନୁମାନ ନିଉତା, ସ୍ଥାନ : ଖାଡୁଆପଡା , ସମୟ : ରାତି ୭ଟା।
- ଜାଗେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ମୁଦିପଡା, ସମୟ : ରାତି ୭ଟା।
- ସୋମନାଥ ବାବାଙ୍କ ହନୁମାନ ନିଉତା, ସ୍ଥାନ : ବାଲିବନ୍ଧା, ସମୟ: ରାତି ୭ଟା।
- ଶିତଲେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ବଡବଜାର, ସମୟ : ରାତି ୮ଟା।
- ଗୁପ୍ତେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ଠାକୁରପଡା, ସମୟ : ରାତି ୮ଟା।
- ବୁଢ଼ାରଜା ମହାଦେବଙ୍କ ହନୁମାନ ନିଉତା, ସ୍ଥାନ : ବୁଢ଼ାରଜା, ସମୟ : ରାତି ୮ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳିକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଶୀତଳଷଷ୍ଠୀ ଯାତ୍ରାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ବିବାହ ଉତ୍ସବ ପାଇଁ ମାଟିପକା, ଦେବ ଗଣସନ, ସ୍ଥାନ: ଲାଲଟିକ୍ରା, ବଲାଙ୍ଗୀର, ସମୟ: ସକାଳ ୬ଟା ୪୭ ମିନିଟରୁ ୯ଟା ୧୧ ମିନଟ।

## ସୁବର୍ଣ୍ଣପୁର

- ନୀଳକଣ୍ଠେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଉତ୍ସବ ପାଇଁ ଦେବ ନିମନ୍ତ୍ରଣ, ସ୍ଥାନ: ତରଭା ସହରର ସମସ୍ତ ମନ୍ଦିର, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରାରେ ଅଳଙ୍କାର ଧାରଣ ଓ ବର ନିମନ୍ତ୍ରଣ, ସ୍ଥାନ: ସୋନପୁର ରାମକୃଷ୍ଣ ନଗର ସ୍ଥିତ କନ୍ୟା ମାତାପିତାଙ୍କ ବାସଭବନ, ସମୟ: ସକାଳ ୯ଟା।

## ରାଉରକେଲା

- ପରିବେଶ ସୁରକ୍ଷା ସଚେତନତା ଶିବିର, ସ୍ଥାନ: କଳ୍ପତରୁ ଆଶ୍ରମ, ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା ୩୦।
- ଶିବବିବାହକୁ ନେଇ ଆଖଣ୍ଡଳମଣି ପୀଠରେ ପ୍ରସ୍ତୁତି ବୈଠକ, ସ୍ଥାନ: ଓରାମପଡା ଶିବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ସାଥୀ ବନମାଳୀ ଧୂପାଳ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ସଙ୍ଗଠିତ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପଦମପୁର ଯୁଜି ହାଇସ୍କୁଲ, ପଦମପୁର, କୁଆଁରମୁଣ୍ଡା, ସମୟ: ସକାଳ ୮ଟା।

## ବରଗଡ଼

- ଶୀତଳଷଷ୍ଠୀ ଯାତ୍ରା (ଶିବପାର୍ବତୀ, ନଟରାଜ ଶିବଙ୍କ ସ୍ନାନ), ସ୍ଥାନ: ବରପାଲି, ସମୟ: ସକାଳ ୬ଟା।
- ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଉତ୍ସବ (ଗଣ୍ଡୁଲିଫିଟା, ପିନ୍ଧାଣୀ), ସ୍ଥାନ: ସ୍ୱପ୍ନେଶ୍ୱର ଶିବ ମନ୍ଦିର, କଣ୍ଟାପଡ଼ା, ପଦ୍ମପୁର, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ (ଶ୍ରୀ ହନୁମାନ ଜୀଉଙ୍କ ଦ୍ୱାରା ବିଷ୍ଣୁ ମନ୍ଦିରମାନଙ୍କୁ ଡାଟ ନିମନ୍ତ୍ରଣ), ସ୍ଥାନ: ବରଗଡ଼, ସମୟ: ଅପରାହ୍ନ ୪ଟା ୩୦ ମିନିଟ୍।
- ଚାଷୀ ସଙ୍ଗଠନ ପକ୍ଷରୁ ଧାନ କିଣାବିକା ସମୀକ୍ଷା ବୈଠକ, ସ୍ଥାନ: ଶିବ ମନ୍ଦିର, ଭେଡ଼େନ, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ମହୋତ୍ସବ ତାରକାସୁର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବନ୍ଧ ପଡ଼ା, ପଦ୍ମପୁର, ସମୟ: ରାତି ୮ଟା।

## କଳାହାଣ୍ଡି

- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱରଙ୍କ ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା, ପୁରୁଣାପଡା, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ପତୋରା ଯୋଗେଶ୍ୱର ବାବାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର, ସ୍ଥାନ: ନୂଆପଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଯୋଗେଶ୍ୱର ବାବାଙ୍କ ହଳଦୀ ଲାଗି, ସ୍ଥାନ: ନୂଆପଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଯୋଗବେଦାନ୍ତ ସେବା ସମିତି ପକ୍ଷରୁ ଛାତ୍ରୀମାନଙ୍କୁ ନେଇ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟ ନିର୍ମାଣ ଶିବିର, ସ୍ଥାନ: କୋମନା ବ୍ଲକ ବିଲେଇଅଞ୍ଚର ଗାଁ ସହଭାଗୀ ବିକାଶ ଭବନ, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।

## ବୌଦ୍ଧ

- ରାମଗଡ଼ରେ ପାର୍ବତୀ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରାମଗଡ, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା।

## ଦେବଗଡ଼

- ସାଇ ମନ୍ଦିର କମିଟି ପକ୍ଷରୁ ନଗରକିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ଭୋର ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ସକାଳ ୭ଟା ୩୦ ମିନିଟ୍।
- ଶ୍ରୀମଦ୍‌ଭାଗବତ କଥାମୃତ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସହରସ୍ଥିତ ତ୍ରିୱାଲ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଜନିତ ଆନୁଷ୍ଠାନିକ କାମ, ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ। ମୁଖ୍ୟ ଭାବରେ ଏକାଧିକ ଗ୍ରହ ଯୋଗୁ ସାଧାରଣ କଥାରେ ମତାନ୍ତରର ଆଶଙ୍କା ରହିଛି। ଦିନ ଭିତରେ ବନ୍ଧୁମିଳନରୁ, ନୂତନ ପୋଷାକ ପରିଧାନ କିମ୍ବା କୌଣସି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖୁସି ରହିପାରନ୍ତି।

**ବୃଷ** ରାଶିରେ ଚତୁର୍ଥାଧିପତି ଯୋଗୁ ବନ୍ଧୁମିଳନ ସାଙ୍ଗକୁ ସାହାଯ୍ୟ, ସହଯୋଗ ପ୍ରାପ୍ତ ହୋଇ କାର୍ଯ୍ୟ ହାସଲ କରିବେ। ମଙ୍ଗଳଙ୍କ ପ୍ରଭାବରୁ କ୍ରୋଧ ତଥା କଠୋର ବାକ୍ୟ ବିନିମୟ ପରିସ୍ଥିତିକୁ ବିଗାଡ଼ିଦେବ। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆବଶ୍ୟକ ସମୟରେ ନପାଇ ବିଚଳିତ ହେବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ମିଥୁନ** ଧନାଧିପ ଚନ୍ଦ୍ର ସ୍ୱରାଶିସ୍ଥ ଯୋଗୁ ଅର୍ଥ କାରବାର, ଜମି ବିକ୍ରି, ବକେୟା ପ୍ରାପ୍ତି ଯୋଗ ରହିଛି। ଦ୍ୱାଦଶସ୍ଥ ବୁଧ ହେତୁ ଘର ଲୋକ କିମ୍ବା ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। କର୍ମାରମ୍ଭ ସହ ବ୍ୟବସାୟ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହେବ। ଅସୁସ୍ଥ ଥିବା ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଖୁସି ରହିବେ।

**କର୍କଟ** ଭାଗ୍ୟାଧିପ ବୃହସ୍ପତି ପାପଗ୍ରହ କବଳିତ କାରଣରୁ ନୈରାଶ୍ୟଜନକ ସ୍ଥିତି ପରିଲକ୍ଷିତ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ପରିବାରରେ କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ସିଂହ** କର୍ମକ୍ଷେତ୍ରରେ ବୁଧାଦିତ୍ୟ ଯୋଗ ହେତୁ ସାମାଜିକ ସମ୍ମାନ, ଲୋକ ସମ୍ପର୍କ ବୃଦ୍ଧି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସହ ସମ୍ବର୍ଦ୍ଧିତ ହୋଇପାରନ୍ତି। ପାରିବାରିକ ସୁଖ, ବନ୍ଧୁଙ୍କ ଆଦର କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି କରିବ। କେତେକ କ୍ଷେତ୍ରରେ ଈର୍ଷାପରାୟଣ ଆତ୍ମୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇ ମନଦୁଃଖ କରିପାରନ୍ତି।

**କନ୍ୟା** ପାରିବାରିକ ସୌଖ୍ୟ, ଶିକ୍ଷାରେ ସଫଳତା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟରୁ ସମ୍ମାନଲାଭର ସୂଚନା ରହିଛି। ସାହିତ୍ୟ, ପ୍ରବଚନ, ସଙ୍ଗୀତ ସମାରୋହ ପ୍ରତି ଆକର୍ଷିତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ କିମ୍ବା ସଭାସମିତିରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ହଠାତ୍ ମତ ବଦଳାଇବା ଠିକ୍ ହେବନାହିଁ।

**ତୁଳା** ଅନେକ ଆଶା, ଅସୁମାରି କଳ୍ପନା, ବନ୍ଧୁଙ୍କ ବାକ୍‌ବିଳାସ, ଦେହ ଓ ମନରେ ନୂତନ ଶିହରଣ ସୃଷ୍ଟି କରିବ। ଆର୍ଥିକ ଉନ୍ନତି ସହ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ ରହିବ।

**ବିଛା** ଅନୁରାଧା ନକ୍ଷତ୍ରର ନୂଆ କଳ୍ପନା ମନରେ ବସା ବାନ୍ଧିବ। ପାରିବାରିକ ଦିଗଟି ଅଶାନ୍ତ ରହିପାରେ। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ସୂଚନା ରହିଛି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଇନ ଅଦାଲତରୁ ସୁଫଳ ପାଇବେ ଓ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ଧନୁ** ପ୍ରତ୍ୟେକ କାମରେ ପ୍ରତିବନ୍ଧକ ସହ କାର୍ଯ୍ୟରେ ବିଳମ୍ବ ମନକୁ ନିରୁତ୍ସାହିତ କରିପାରେ। କୌଣସି କାମ ସହଜ ଓ ସୁବିଧାରେ ନହେବା କାରଣରୁ ମନ ବିଚଳିତ ରହିବ। ଖର୍ଚ୍ଚ ବୃଦ୍ଧି ଓ ପିଲାଙ୍କ କୌଣସି ବ୍ୟତିକ୍ରମ ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ ଶୁଭ ଖବର ପାଇବେ ଓ ଦୂରସ୍ଥାନକୁ ଯାତ୍ରା କରିବାକୁ ବାଧ୍ୟ ହେବେ।

**ମକର** ଯେମିତି ଭାବୁଛନ୍ତି ଆଜି ଦିନଟିରେ ସେମିତି ହେବାରେ ଅସୁବିଧା ରହିବ ନାହିଁ। ବନ୍ଧୁମିଳନ, ମିତ୍ରଙ୍କ ସାନ୍ନିଧ୍ୟ, କାମରେ ଉତ୍ସାହ ଏବଂ ଅର୍ଥ ସମ୍ମାନର ସହ ଦିନଟି ଅତିବାହିତ ହେବ। ବ୍ୟସ୍ତ ବିବ୍ରତ ନ ହୋଇ କୌଶଳ ପ୍ରୟୋଗ କଲେ କାମ ହାସଲ ହେବ। ଶିଳ୍ପ, ବ୍ୟବସାୟ ଓ ରାଜନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ କଟିବ।

**କୁମ୍ଭ** କର୍ମକ୍ଷେତ୍ରରେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଲାଭ କରି ଦୁଃଖ, ସମସ୍ୟାକୁ ଭୁଲିଯିବେ। ଦ୍ୱନ୍ଦ୍ୱରେ ପଡ଼ି କେତେକ କ୍ଷେତ୍ରରେ ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାରେ ପଛେଇ ରହିପାରନ୍ତି। ପରିବାରରେ ସମାଲୋଚନାର ପାତ୍ର ହୋଇପାରନ୍ତି। ପୂର୍ବର ପରିସ୍ଥିତି ସାମୟିକ ବଦଳିଯିବା କାରଣରୁ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ମୀନ** ପାରିବାରିକ କ୍ଷେତ୍ରରେ ସ୍ୱାର୍ଥ ତ୍ୟାଗ ପ୍ରିୟଜନଙ୍କ ପ୍ରଶଂସାର କାରଣ ହେବ। ଶନିଙ୍କ ସ୍ଥିତି ବ୍ୟବସାୟ, ପରିବହନକୁ ଧିମେଇ ରଖିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗପୂର୍ଣ୍ଣ କାର୍ଯ୍ୟକଳାପ ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପାଇଁ ପରିସ୍ଥିତିର ବିଡ଼ମ୍ବନା କାରଣରୁ ଆକସ୍ମିକ ଭାବରେ ହାତମୁଠାରୁ ସୁଯୋଗ ଖସିଯାଇପାରେ।

ଆଜି ଜୁନ୍ ୯ ତାରିଖ, ବିର୍ସା ମୁଣ୍ଡା ଶହୀଦ ଦିବସ, ଜ୍ୟେଷ୍ଠ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ଶିବ ବିବାହ ଡାଟ ନିମନ୍ତ୍ରଣ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୨।୦୮ ଗତେ, କର୍କଟ ଚନ୍ଦ୍ର ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୫୬ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୨୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୨ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।

# ଗଞ୍ଜାମ ପାଇଁ ଅଭିଶପ୍ତ ବାଚସ୍ପତି ପଦ

**ବ୍ରହ୍ମପୁର,୮।୬(ନରସିଂହ ସାହୁ)** ଗଞ୍ଜାମ ଜିଲାର ରାଜନେତାଙ୍କ ପାଇଁ ବିଧାନସଭା ବାଚସ୍ପତି ଓ ରାଜ୍ୟ ଅର୍ଥମନ୍ତ୍ରୀ ପଦ ଅଭିଶପ୍ତ ହୋଇଥିବା କେତେକ ନଜିର ଅଛି। ଅତୀତରେ ଯେଉଁମାନେ ଉପରୋକ୍ତ ପଦ ପାଇଥିଲେ ସେମାନଙ୍କ ପରବର୍ତ୍ତୀ ରାଜନୀତି ଓଲଟପାଲଟ ହୋଇଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଗଞ୍ଜାମର ନେତା ଲାଲ ମୋହନ ପଟ୍ଟନାୟକ ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ବିଧାନସଭା ବାଚସ୍ପତି ହୋଇଥିଲେ। ପରେ ସେ ରାଜନୀତିରୁ ଅଦୃଶ୍ୟ ହୋଇଯାଇଥିଲେ। ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଲିଙ୍ଗରାଜ ପାଣିଗ୍ରାହୀ ଅବସର ନେବା ପରେ ରାଜନୀତିରେ ପ୍ରବେଶ କରି ପ୍ରଥମେ ୧୯୫୭ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନରୁ କଂଗ୍ରେସକୁ ନିର୍ବାଚିତ ହୋଇ କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ। ୧୯୬୧ ନିର୍ବାଚନରେ ସେ କୋଦଳାରୁ ନିର୍ବାଚିତ ହୋଇ ବାଚସ୍ପତି ପଦ ପାଇଥିଲେ। ପରେ ରାଜନୀତିରୁ ବିଦାୟ ନେଲେ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହୋଇଥିଲେ।

୧୯୮୦ ନିର୍ବାଚନରେ ଭଞ୍ଜନଗରରୁ ନିର୍ବାଚିତ କଂଗ୍ରେସ ବିଧାୟକ ସୋମନାଥ ରଥ ବିଧାନସଭା ବାଚସ୍ପତି ହୋଇଥିଲେ। ମାତ୍ର ଅଢ଼େଇ ବର୍ଷ ପରେ ସେ ପଦ ଛାଡ଼ିଥିଲେ। ୧୯୮୫ ନିର୍ବାଚନରେ ଚିକିଟିରୁ ନିର୍ବାଚିତ ଚିନ୍ତାମଣି ଦ୍ୟାନ ସାମନ୍ତରା ପ୍ରଥମେ ଉପବାଚସ୍ପତି ଓ ପରେ ୧୯୯୫ରେ ସେହି ଆସନରୁ ଜିତି ପ୍ରଥମେ ଉପବାଚସ୍ପତି ଓ ପରେ ବାଚସ୍ପତି ହେଲେ। ଏହା ପରେ ୨୦୦୦, ୨୦୦୪ ଓ ୨୦୦୯ ନିର୍ବାଚନ ଲଢ଼ି ଲଗାତର ପରାସ୍ତ ହୋଇଥିଲେ। ପରିଶେଷରେ ସେ ରାଜନୀତିରୁ ଦୂରେଇଛନ୍ତି। ୨୦୧୯ ନିର୍ବାଚନରେ ଦିଗପହଣ୍ଡିରୁ ବିଜେଡି ବିଧାୟକ ହୋଇ ସୂର୍ଯ୍ୟ ନାରାୟଣ ପାତ୍ର ଗଞ୍ଜାମ ଜିଲାରୁ ୫ମ ନେତା ଭାବେ ବିଧାନସଭାର ବାଚସ୍ପତି ପଦ ପାଇଥିଲେ। ଅସୁସ୍ଥତା ଯୋଗୁ ସେ ପଦରୁ ଇସ୍ତଫା ଦେବାରୁ ଭଞ୍ଜନଗରରୁ ୬ ଥର ବିଧାୟକ ହୋଇଥିବା ବିକ୍ରମ କେଶରୀ ଆରୁଖ ମନ୍ତ୍ରୀ ପଦ ଛାଡ଼ି ଜିଲାରୁ ଷଷ୍ଠ ବାଚସ୍ପତି ହୋଇଥିଲେ। ପରେ ସେ ଇସ୍ତଫା ଦେଇ ପୁଣି ମନ୍ତ୍ରୀ ହୋଇଥିଲେ। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ଦିଆଯାଇଥିଲା। ୨୦୨୪ ନିର୍ବାଚନରେ ଆରୁଖ ସପ୍ତମ ଥର ପାଇଁ ତାଙ୍କ ପାରମ୍ପରିକ ଆସନ ଭଞ୍ଜନଗରରୁ ଲଢ଼ିଥିଲେ। ଭାଜପା ହାୱାରେ ସେ ୧୬ ହଜାରରୁ ଅଧିକ ଭୋଟରେ ପରାସ୍ତ ହୋଇଛନ୍ତି। ତାଙ୍କ ଆଗାମୀ ରାଜନୀତି କ'ଣ ହେବ ସେ ନେଇ ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି।

ସେହିପରି ଗଞ୍ଜାମର ନେତା ବିନାୟକ ଆଚାର୍ଯ୍ୟ ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ସରକାରରେ ଅର୍ଥମନ୍ତ୍ରୀ ହୋଇଥିଲେ। ପରେ ସେ ସ୍ୱଳ୍ପକାଳ ମୁଖ୍ୟମନ୍ତ୍ରୀ ହେଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସେ ମଧ୍ୟ ରାଜନୀତିରୁ ଶେଷ ହୋଇ ଯାଇଥିଲେ। ୧୯୯୦ ନିର୍ବାଚନରେ କୋଦଳାରୁ ନିର୍ବାଚିତ ଜନତା ଦଳ ବିଧାୟକ ରାମକୃଷ୍ଣ ପଟ୍ଟନାୟକ ବିଜୁ ପଟ୍ଟନାୟକଙ୍କ ସରକାରରେ ଅର୍ଥମନ୍ତ୍ରୀ ହେବା ପରେ ମାତ୍ର ଦୁଇ ବର୍ଷ ପରେ ସେହି ବିଭାଗରୁ ତଡ଼ା ଖାଇଥିଲେ। ୨୦୦୦ ନିର୍ବାଚନରେ କୋଦଳାରୁ ନିର୍ବାଚିତ ବିଜେଡି ବିଧାୟକ ରାମକୃଷ୍ଣ ନବୀନ ପଟ୍ଟନାୟକଙ୍କ ପ୍ରଥମ ପାଳି ସରକାରରେ ପୁଣି ଅର୍ଥମନ୍ତ୍ରୀ ହୋଇଥିଲେ। ଦୁଇ ବର୍ଷରେ ପଦ ବଦଳିଲା ଓ ସେ ଦଳରୁ ବିତାଡ଼ିତ ହୋଇଥିଲେ। ସେବେଠାରୁ ତାଙ୍କ ରାଜନୀତି ମଧ୍ୟ ଓଲଟ ପାଲଟ ହୋଇଯାଇଥିଲା। ତେଣୁ ଗଞ୍ଜାମ ଜିଲା ପାଇଁ ବାଚସ୍ପତି ଓ ଅର୍ଥମନ୍ତ୍ରୀ ପଦ ଅଭିଶପ୍ତ ପାଲଟିଥିବା ଚର୍ଚ୍ଚା ହେଉଛି।

ପ୍ରଥମ ପୃଷ୍ଠାରୁ...

## ଆଜି ଶପଥ, ...

ମନ୍ତ୍ରଣାଳୟ ମୁଖପାତ୍ର ମମତାଜ୍ ଜହରା କହିଛନ୍ତି, ମୋଦି ସରକାର ଗଠନ କରିନାହାନ୍ତି। ଭାରତରେ ସରକାର ଗଠନ ପ୍ରକ୍ରିୟା ଚାଲିଛି। କିଛି ନ ହେଉଣୁ କିପରି ଅଭିନନ୍ଦନ ଜଣାଇବୁ। ଉଲ୍ଲେଖଯୋଗ୍ୟ, ସଦ୍ୟ ସମାପ୍ତ ଲୋକ ସଭା ନିର୍ବାଚନରେ ଭାଜପା ଏକାକୀ ୨୪୦ ଆସନ ଜିତିଥିବାବେଳେ ଏନ୍‌ଡିଏକୁ ୨୯୩ ଆସନ ମିଳିଛି। ନୂଆ ଏନ୍‌ଡିଏ ସରକାରରେ ଭାଜପା ସହ ସହଯୋଗୀ ଦଳଗୁଡ଼ିକୁ ଅଧିକ ମନ୍ତ୍ରୀପଦ ମିଳିବ ବୋଲି କୁହାଯାଉଛି। ଶୁକ୍ରବାର ଏନ୍‌ଡିଏ ସଂସଦୀୟ ଦଳ ବୈଠକ ବସି ମୋଦିଙ୍କୁ ଆନୁଷ୍ଠାନିକ ଭାବେ ନେତା ନିର୍ବାଚିତ କରାଯାଇଥିଲା। ଏହାପରେ ସେ ରାଷ୍ଟ୍ରପତି ଭବନ ଯାଇ ସରକାର ଗଠନ ନିମନ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଦାବି ଜଣାଇଥିଲେ। ରାଷ୍ଟ୍ରପତି ତାଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବା ସହ ରବିବାର ଶପଥ ଗ୍ରହଣ ପାଇଁ ଆମନ୍ତ୍ରଣ କରିଥିଲେ। ରବିବାର ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହେବାକୁ ଯାଉଛି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସମେତ ୭ ପଡ଼ୋଶୀ ଦେଶ ତଥା ଭାରତ ମହାସାଗର ଅଞ୍ଚଳର ନେତାମାନେ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ତେବେ ଚାଇନା ଏବଂ ପାକିସ୍ତାନ ନେତାଙ୍କୁ ଉତ୍ସବକୁ ନିମନ୍ତ୍ରଣ କରାଯାଇ ନାହିଁ। ଇତିମଧ୍ୟରେ ହାସିନା ଏବଂ ସିଚେଲ୍ସ ଉପରାଷ୍ଟ୍ରପତି ଅହମଦ ଆଫିଫ୍ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ବାହାର ନେତାଙ୍କ ସମେତ ଦେଶର ଶାସକ ଦଳର ବହୁ ନେତା ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉତ୍ସବରେ ଉପସ୍ଥିତ ରହିବେ। ତେବେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ଏପର୍ଯ୍ୟନ୍ତ ନିମନ୍ତ୍ରଣ ମିଳିନାହିଁ। କଂଗ୍ରେସ ନେତାମାନେ ନିମନ୍ତ୍ରଣ ପାଇଲେ ଉତ୍ସବରେ ଯୋଗଦେବା ନେଇ ବିଚାର କରିବେ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ମୋଦିଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଦିଲ୍ଲୀରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷାରେ ଅର୍ଦ୍ଧସାମରିକ ବାହିନୀ, ଏନ୍‌ଏସ୍‌ଜି, ଡ୍ରୋନ୍ ଏବଂ ସ୍ନିପରଙ୍କୁ ନିୟୋଜିତ କରାଯିବା ସହ ଅତିଥିମାନଙ୍କୁ ଉତ୍ସବସ୍ଥଳକୁ ଆଣିବା ଲାଗି ସ୍ୱତନ୍ତ୍ର ରୁଟ୍ ଓ ସୁରକ୍ଷା ବ୍ୟବସ୍ଥା ହୋଇଛି।

## ପାଣ୍ଡିଆନ ଖେଳିଲେ ...

ପ୍ରଥମ ଥର ପାଇଁ ଖୋଲାଖୋଲି ଭାବେ ପାଣ୍ଡିଆନଙ୍କ ସପକ୍ଷରେ ଏକ ଜାତୀୟ ଗଣମାଧ୍ୟମରେ ମତ ରଖି ଏହି ଅସନ୍ତୋଷକୁ ଚପାଇବାକୁ ଉଦ୍ୟମ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ ପରାଜୟ ପରେ ପାଣ୍ଡିଆନଙ୍କୁ ସମାଲୋଚନା କରିବା ଦୁର୍ଭାଗ୍ୟଜନକ। ପାଣ୍ଡିଆନ ଜଣେ ଅଫିସର ଭାବେ ବହୁତ ଭଲ କାମ କରିଛନ୍ତି। ଅବସର ପରେ ସେ ବିଜେଡିରେ ଯୋଗ ଦେଇଛନ୍ତି । ସେ କୌଣସି ପଦ ପଦବୀରେ ନାହାନ୍ତି। ନିର୍ବାଚନ ଲଢ଼ିନାହାନ୍ତି। ସେ ଜଣେ ନିଷ୍ଠାବାନ୍ ଓ ସଚ୍ଚୋଟ ବ୍ୟକ୍ତି। ପାଣ୍ଡିଆନ ସ୍ୱାସ୍ଥ୍ୟ, ଶିକ୍ଷା,କ୍ରୀଡ଼ା ଓ ମନ୍ଦିର ରୂପାନ୍ତରଣରେ ବହୁତ ଭଲ କାର୍ଯ୍ୟ କରିଛନ୍ତି । ବାତ୍ୟା ଓ କୋଭିଡ୍ କାଳରେ ମଧ୍ୟ ସେ ବହୁତ ଭଲ କାମ କରିଛନ୍ତି । ଏଥିପାଇଁ ସେ ମନେରହିବେ ବୋଲି ନବୀନ କହିଛନ୍ତି। ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହନ୍ତି ବୋଲି ନବୀନ ପୁନର୍ବାର ଦୋହରାଇଛନ୍ତି। ତାଙ୍କର ଉତ୍ତରାଧିକାରୀ କିଏ ହେବେ ତାହା ଓଡ଼ିଶାବାସୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦଳ ଭିତରେ ହେଉଥିବା ଅସନ୍ତୋଷକୁ ଚପାଇବା ପାଇଁ ପାଣ୍ଡିଆନ ନୂଆଦିଲ୍ଲୀରୁ ନବୀନଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ଭୁବନେଶ୍ୱର ଆଣି ନବୀନ ନିବାସରେ ପହଞ୍ଚାଇଛନ୍ତି। ଦଳରେ ଦେଖାଦେଇଥିବା ଅସନ୍ତୋଷକୁ ଦବାଇବା ପାଇଁ ଅରୁଣଙ୍କୁ ଉତ୍ତରାଧିକାରୀ ଭାବେ ଦର୍ଶାଇବାକୁ ନବୀନ ଉଦ୍ୟମ କରୁଥିବା କୁହାଯାଉଛି। ପାଣ୍ଡିଆନଙ୍କ ଏହି ପଦକ୍ଷେପକୁ ଦଳର ଗୋଟିଏ ଗୋଷ୍ଠୀ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି। ନବାଗତ ପୁତୁରାଙ୍କୁ ନବୀନ ଦଳର ମଙ୍ଗ ଧରାଇ ଉତ୍ତରାଧିକାରୀ କରିବା ନିଷ୍ପତ୍ତିକୁ ଆଗାମୀ ଦିନରେ ବରିଷ୍ଠ ନେତାମାନେ ମଧ୍ୟ ବିରୋଧ କରିବେ ବୋଲି ରାଜନୈତିକ ବିଶାରଦ ମତ ଦେଇଛନ୍ତି।

## ଓଡ଼ିଶା ଛୁଇଁଲା ...

କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ମୌସୁମୀ ଖବର ଚାଷୀମାନଙ୍କୁ ବି ଆଶ୍ୱସ୍ତ କରିଛି। ଅପରପକ୍ଷେ ମୌସୁମୀ ସକ୍ରିୟ ଥିବା ଅଞ୍ଚଳରେ ବର୍ଷା ସମ୍ଭାବନା ରହିଥିବାବେଳେ ଅନ୍ୟ ଅଞ୍ଚଳରେ କିନ୍ତୁ ପ୍ରବଳ ଗରମ ଜାରି ରହିବ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କିଛି ଜିଲାକୁ ହିଟ୍‌ୱେଭ୍ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା ଆଦି ଜିଲାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଏହି ୪ଦିନ ବିଭିନ୍ନ ଜିଲାକୁ ଗୁଳୁଗୁଳି ପାଇଁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ବରଗଡ଼, ନୂଆପଡ଼ା ଓ ବଲାଙ୍ଗୀର ଜିଲାକୁ ହିଟ୍‌ୱେଭ୍ ନେଇ ସତର୍କ କରାଯାଇଥିବା ବେଳେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର କିଛି ସ୍ଥାନକୁ ଝଡ଼ତୋଫାନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।




# ପ୍ରେମିକାଙ୍କ ଗଳା କାଟି ଆତ୍ମହତ୍ୟା କଲେ ପ୍ରେମିକ

**ଦେବଗଡ଼ରେ ଚାଞ୍ଚଲ୍ୟ**

ଦେବଗଡ଼,୮ ।୬(ଶଶାଙ୍କ ଶେଖର ଖାଙ୍ଗର)

ବିଚ ରାସ୍ତାରେ କଟର୍ ସହାୟତାରେ ପ୍ରେମିକାଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିବା ପରେ ପ୍ରେମିକ ନିଜର ଗଳାକାଟି ଆତ୍ମହତ୍ୟା କରିଥିବା ଜଣାପଡିଛି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଦେବଗଡ଼ ପୌରାଞ୍ଚଳ ୨ ନମ୍ବର ୱାର୍ଡର ଗୁରୁସାହିରେ। ମିଳିଥିବା ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁରୁସାହିର ରୀତା କାରିଗର ଓରଫ ଜହ୍ନା (୨୮) ନିଜର ୩ ବର୍ଷର ଝିଆରୀ (ସାନ ଭଉଣୀର ଝିଅ)ସହିତ ଗୁରୁସାହି ଛକ ଦେଇ ଏନ୍ଏଚ୍ ଷ୍ଟୋର ଆଡକୁ ଯାଉଥିଲେ। ଏହି ସମୟରେ ଜଣେ ଯୁବକ ପଛପଟୁ ଧାଇଁ ଆସି ଏକ କଟର ସାହାଯ୍ୟରେ ଜହ୍ନଙ୍କ ଗଳା କାଟିବା ସହ ହତ୍ୟା ଉଦ୍ୟମ କରିଥିଲେ। ଜହ୍ନ ତଳେ ପଡିଯିବା ପରେ ଯୁବକ ଉକ୍ତ କଟର ସହାୟତାରେ ନିଜର ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପୃଥକ ଭାବେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଉକ୍ତ ଯୁବକଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଜହ୍ନଙ୍କ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡିଛି। ମୃତ ଯୁବକ ଜଣକ ଗଞ୍ଜାମ ଜିଲା ଭୁଷୁଣ୍ଡା ଗ୍ରାମର ସୀମାଞ୍ଚଳ ସାସମଲ (୩୪) ବୋଲି ଜଣାପଡିଛି। ଖବର ପାଇ ଦେବଗଡ ଅଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୀମାଞ୍ଚଳଙ୍କ ପକେଟରୁ ତାଙ୍କର ଆଧାର କାର୍ଡ ଏବଂ ନଟରାଜ କମ୍ପାନୀର ୨ଟି କଟର୍ ଜବତ କରିଛି। ଘଟଣାର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ହେଁ ଏକ ତରଫା ଫେସ୍‌ବୁକ ପ୍ରେମ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ପ୍ରେମିକ ଏକତରଫା ପ୍ରେମ କରି ବିଫଳ ହେବାରୁ ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି।

# ବ୍ରାହ୍ମଣୀରେ ବୁଡ଼ି ୨ ଛାତ୍ର ମୃତ

ରାଉରକେଲା,୮।୬(ଦିନେଶ ମିଶ୍ର)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ୬ ଛାତ୍ରୀଛାତ୍ର ଗାଧୋଉଥିବାବେଳେ ବୁଡ଼ିଯାଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ୨ ଛାତ୍ର ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ସମିରନ୍ ସୁକୁମାର ନାୟକ(୨୩) ମ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ଼ ଗ୍ରାମର ଚନ୍ଦନ ସାହୁଙ୍କ ପୁଅ ରଜତ ସାହୁ (୨୧)। ଗୁରୁତର ହୋଇଥିବା ଛାତ୍ରୀ ଅଭିଲିପ୍ସା ପ୍ରଧାନ। ସମସ୍ତ ଛାତ୍ରୀଛାତ୍ର ସମ୍ବଲପୁର ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇନ୍‌ଫରମେଶନ ଟେକ୍ନୋଲୋଜି ଇଞ୍ଜିନିୟରିଂର ଦ୍ୱିତୀୟ ବର୍ଷରେ ପାଠ ପଢ଼ନ୍ତି।

ସମିରନ୍, ରଜତ, ଅଭିଲିପ୍ସାଙ୍କ ସହ ବିଷ୍ଣୁ ଦେବୀ, ତପନ କୁମାର ପାତ୍ର ଓ ସନ୍ଧିଧାନ ସାହୁ ରାଉରକେଲା ଏନ୍ଆଇଟିକୁ ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ କରିବାକୁ ଆସିଥିଲେ। ଏନ୍ଆଇଟି ପରିସର ହଷ୍ଟେଲରେ ରହୁଥିଲେ। ଏହି ୬ ଜଣ ପୂର୍ବାହ୍ନ ୧୦ଟା ୩୦ରେ ବେଦବ୍ୟାସ ପୀଠ ବୁଲିବାକୁ ଯାଇଥିଲେ। ବେଦବ୍ୟାସରେ ଥିବା ବିଭିନ୍ନ ମନ୍ଦିର ଓ ଗୁମ୍ଫା ବୁଲାବୁଲି ସାରି ସମସ୍ତେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ୬ ଜଣ ନଦୀରେ ପଶି ଜଳକ୍ରୀଡ଼ା କରୁଥିବାବେଳେ ହଠାତ ସମିରନ୍ ଓ ରଜତ ଜଳସ୍ରୋତରେ ଭାସିଯାଇଥିଲେ। ଏହା ଦେଖି ଅଭିଲିପ୍ସା ସେମାନଙ୍କୁ ବଞ୍ଚାଇବାକୁ ଉଦ୍ୟମକରି ଭାସିଯାଇଥିଲେ। ସାଙ୍ଗରେ ଥିବା ଅନ୍ୟ ୩ ଜଣ ଉକ୍ତ ପୀଠରେ ଗାଧୋଉଥିବା ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଅଭିଲିପ୍ସାଙ୍କୁ ନଦୀଜଳରୁ ଉଦ୍ଧାରକରି ନେଇଥିଲେ। ମାତ୍ର ରଜତ ଓ ସମିରନ୍ କେଉଁଆଡ଼େ ଭାସିଯାଇଥିଲେ। ପରେ ସ୍ଥାନୀୟ ଲୋକମାନେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ରଜତ ଓ ସମିରନ୍‌ଙ୍କୁ ନଦୀରୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଥିବା ଅଭିଲିପ୍ସାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ମୃତକଙ୍କ ପରିବାର ଲୋକେ ରାଉରକେଲାରେ ପହଞ୍ଚିବା ପରେ ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତକରି ମୃତଦେହ ହସ୍ତାନ୍ତର କରିବ ବୋଲି ଥାନା ସବ୍‌ଇନ୍‌ସପେକ୍ଟର ଉଦୟ ସାହୁ ସୂଚନା ଦେଇଛନ୍ତି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଘଟଣାସ୍ଥଳରେ ପହଞ୍ଚି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଆର୍‌ଜିଏଚ୍ ଯାଇ ଚିକିତ୍ସାଧୀନ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଛନ୍ତି। ବ୍ରାହ୍ମଣୀ ଓ କୋଏଲ ନଦୀରେ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଉକ୍ତ ସ୍ଥାନଗୁଡ଼ିକରେ ସଚେତନତା ଫଳକ ଲଗାଇବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାରଦା କହିଛନ୍ତି।


ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଆର୍‌ଜିଏଚ୍ ଯାଇ ଚିକିତ୍ସାଧୀନ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ଆଲୋକରେ ପୁଣି ଝଲସିଲା ଶ୍ରୀମନ୍ଦିର

ପୁରୀ,୮।୬(ଅଜିତ୍ ମହାନ୍ତି)

ପୁରୀ ଶ୍ରୀମନ୍ଦିର ଶନିବାର ସନ୍ଧ୍ୟାରୁ ଆଲୋକରେ ପୁଣି ଝଲସିଛି। ଶ୍ରୀମନ୍ଦିର ଆଲୋକରେ ଝଲସିବାପରେ ଭକ୍ତ ଏବଂ ସେବାୟତଙ୍କ ମହଲରେ ଖୁସି ଦେଖିବାକୁ ମିଳିଛି। ଗତ ୩ଦିନ ହେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଲାଗିଥିବା ଫୋକସ ଲାଇଟକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ଲଗାଇଥିବା ସଂସ୍ଥା ହଠାତ୍ କାଢ଼ି ନେଇଥିଲା। ଫଳରେ ରାତିରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ଭକ୍ତ ଓ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାକୁ ନେଇ ପ୍ରଶାସନକୁ ମଧ୍ୟ ସମାଲୋଚିତ ହେବାକୁ ପଡ଼ିଥିଲା। ପରେ ଘଟଣାର ତଦନ୍ତ ନିମନ୍ତେ ମୁଖ୍ୟଶାସନ ସଚିବ ପ୍ରଦୀପ ଜେନା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତ୍ୱରାନ୍ୱିତ ପଦକ୍ଷେପ ନେବା ସହ ଲାଇଟ କାଢ଼ିଥିବା ସମ୍ପୃକ୍ତ ସଂସ୍ଥାର ୪ଜଣଙ୍କୁ ପୋଲିସ ଅଟକ ରଖାଯାଇ ପଚରା ଉଚରା କରିଛି। ସେହିପରି ଭୁବନେଶ୍ୱରର ଏକ ଠିକା ସଂସ୍ଥାକୁ ଆଲୋକୀକରଣ ନିମନ୍ତେ ନିର୍ଦ୍ଦେଶ ଦିଆଯିବାପରେ ସମ୍ପୃକ୍ତ ସଂସ୍ଥା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଲାଇଟ ଲଗାଇଛି। ଫଳରେ ଶ୍ରୀମନ୍ଦିର ପୁନଃ ଆଲୋକୀକରଣ ହୋଇଛି।

ଅପରପକ୍ଷରେ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଇଟ୍ ପ୍ରତ୍ୟାହାର ଘଟଣା ଓ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟଶାସନ ସଚିବଙ୍କ ସମେତ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ସେବାୟତ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ସ୍ନାନଯାତ୍ରା କିପରି ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବ ଓ ଶ୍ରୀ ମନ୍ଦିର ଆଲୋକୀକରଣ ଉପରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ବୈଠକ ପରେ ମୁଖ୍ୟଶାସନ ସଚିବ ଜେନା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିର ଆଲୋକୀକରଣ ଲାଇଟ୍‌କୁ କଢ଼ାଯିବାପରେ ଶ୍ରୀମନ୍ଦିର ଠିକ୍ ଭାବରେ ଦୃଶ୍ୟମାନ ହେଉ ନ ଥିଲା। ଏପରି ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିର ଆଲୋକୀକରଣ ଲାଇଟ୍ କଢ଼ାଯିବା ଘଟଣାରେ ପ୍ରାଥମିକ ତଦନ୍ତରୁ ଇଭେଣ୍ଟ ନିମନ୍ତେ ଉକ୍ତ ଲାଇଟକୁ ଠିକା ସଂସ୍ଥା ଲଗାଇଥିଲା ଏବଂ ସେ ତାକୁ କାଢ଼ି ଦେଇଛି। ତେବେ ସମ୍ପୃକ୍ତ ଠିକାସଂସ୍ଥା କାହାକୁ ନ ଜଣାଇ ଲାଇଟ୍ କାଢ଼ି ନେବା ଅନୁଚିତ। ଶୁକ୍ରବାର ରାତିରେ ଲାଇଟ କାଢୁଥିବା ସମୟରେ ଉକ୍ତ ଠିକା ସଂସ୍ଥାର ୪ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଏନେଇ ସମ୍ପୃକ୍ତ ସଂସ୍ଥାକୁ ଡକାଯାଇଛି। କେଉଁ ପରିସ୍ଥିତିରେ ଓ କାହା ଅନୁମତିରେ ଲାଇଟ୍ କାଢ଼ିଛନ୍ତି ସେ ନେଇ ତଦନ୍ତ ଜାରି ରହିଛି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଲାଇଟ ଲଗାଯିବା ନେଇ ବ୍ୟବସ୍ଥା କରାଯାଇଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆସ୍ଥା ସହ ଜଡ଼ିତ ଥିବାରୁ ଆଗାମୀ ଦିନରେ ସ୍ଥାୟୀ ଭାବେ ଆଲୋକୀକରଣ କିପରି କରାଯିବ ସେଦିଗରେ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ଭୁବନେଶ୍ୱରର ଏକ ଠିକା ସଂସ୍ଥା ଆଲୋକୀକରଣ କାର୍ଯ୍ୟ କରିଛି। ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଲାଇଟ୍ ଲଗାଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ରାଧାବଲ୍ଲଭ ମଠ ଏବଂ ମଙ୍ଗୁ ମଠ ନିକଟରେ ଫୋକସ୍ ଲାଇଟଗୁଡିକୁ ଲଗାଯାଇଛି। ପ୍ରାୟ ୪୦ରୁ ୫୦ ଗୋଟି ଲାଇଟ ଲଗାଯାଇଛି। ଆଗକୁ ଯଦି ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ଲାଇଟ ଲଗାଇବାକୁ ନିର୍ଦ୍ଦେଶ ଆସିବ ତେବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଆଲୋକୀକରଣ କରାଯିବ ବୋଲି ଲାଇଟ ଲଗାଉଥିବା ସଂସ୍ଥା ପକ୍ଷରୁ କୁହାଯାଇଛି।


ଆଲୋକୀକରଣ ପରେ ବଡ଼ଦାଣ୍ଡ ଝଲସୁଛି।

# ଡାକ୍ତର ଅମ୍ଳାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତରକଲା ପୋଲିସ

**ନିଖୋଜ ପରେ କର୍ନାଟକରୁ ହୋଇଥିଲେ ଉଦ୍ଧାର**

ମାଲକାନଗିରି,୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅମ୍ଳାନ କୁମାର ଭୋଇ ନିଖୋଜ ମାମଲାର ଶନିବାର ଅନ୍ତ ଘଟିଛି। ନିଖୋଜ ଡାକ୍ତରଙ୍କୁ ସୁରକ୍ଷିତ ଉଦ୍ଧାର ପରେ ପରିବାର ଲୋକଙ୍କୁ ମାଲକାନଗିରି ପୋଲିସ ହସ୍ତାନ୍ତର କରିଛି। ନିଖୋଜ ଡାକ୍ତରଙ୍କୁ କେହି ଅପହରଣ କରି ନ ଥିଲେ ବରଂ ସେ ନିଜର ବ୍ୟକ୍ତିଗତ ସମସ୍ୟା ଯୋଗୁ କାଲିମେଳାରୁ କାହାକୁ କିଛି ନ କହି ଫେରାର ହୋଇଯାଇଥିବା ନେଇ ସ୍ପଷ୍ଟ ହୋଇଥିବା ଏସ୍‌ପି ନୀତେଶ ୱାଧ୍‌ୱାନି ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଗତ ୨ ତାରିଖରେ କାଲିମେଳାର ଡାକ୍ତର ରାକେଶ ସାହୁ କାଲିମେଳା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ଡାକ୍ତର ଅମ୍ଳାନ କୁମାର ଭୋଇ କାଲିମେଳା ସ୍ଥିତ ତାଙ୍କ ସରକାରୀ ବାସଭାବନରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସିପିଆଇ ମାଓବାଦୀଙ୍କ ନାମରେ ଓଡ଼ିଆ ଭାଷାରେ ଏକ ପୋଷ୍ଟର ତାଙ୍କ ଘର ସମ୍ମୁଖରେ ଲଗାଯାଇଛି। ଅଭିଯୋଗ ପରେ ମାଲକାନଗିରି ପୋଲିସ ଘଟଣାର ଅନୁସନ୍ଧାନ ବେଳେ ଏହି ଅପହରଣର ସମସ୍ତ ଅନୁଧ୍ୟାନ କରାଯାଇଥିଲା। ଏନେଇ ବାହାର ରାଜ୍ୟ ତଥା ଓଡ଼ିଶାର ସମସ୍ତ ଜିଲାକୁ ଡାକ୍ତର ଭୋଇଙ୍କ ନିଖୋଜ ନେଇ ସୂଚନା ଦେଇଥିଲା ପୋଲିସ। ତେବେ ଗତ ୫ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ କର୍ନାଟକର ହରୋହଲି ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ ଉଦ୍ଧାରକରି ମାଲକାନଗିରି ପୋଲିସକୁ ସୂଚନା ଦେଇଥିଲା। ଡାକ୍ତର ଭୋଇ ସୁରକ୍ଷିତ ଥିବା ଜାଣିବା ପରେ ମାଲକାନଗିରି ପୋଲିସର ଏକ ଟିମ୍ ତାଙ୍କୁ ସେଠାରୁ ଫେରାଇ ଆଣିଥିଲେ। ୭ ତାରିଖରେ ମାଲକାନଗିରିରେ ପହଞ୍ଚିବା ପରେ ଡାକ୍ତର ଭୋଇଙ୍କୁ ପୋଲିସ ପଚରାଉଚରା କରିଥିଲା। ତାଙ୍କ ନିଖୋଜ ଘଟଣାରେ କାହାର ସମ୍ପୃକ୍ତି ନାହିଁ। ସେ ନିଜର ବ୍ୟକ୍ତିଗତ ସମସ୍ୟା ହେତୁ କାଲିମେଳାରୁ କାହାକୁ କିଛି ନ କହି ନିଜେ ପଳାଇଯାଇଥିଲେ। ସମସ୍ତ ବିଷୟ ଅନୁଧ୍ୟାନକଲା ପରେ ଡାକ୍ତର ଭୋଇଙ୍କୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ମାଲକାନଗିରି ଏସ୍‌ପି ୱାଧ୍‌ୱାନି ସୂଚନା ଦେଇଛନ୍ତି ।


ପରିବାର ଲୋକଙ୍କ ସହ ଅମ୍ଳାନ।

# ବୁଢାବଳଙ୍ଗ ତୁଠରୁ ମିଳିଲା ନାବାଳିକାଙ୍କ ମୃତଦେହ

କୁଳିଅଣା, ୮।୬(ଆଦିକନ୍ଦ ସାହୁ )

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଘୋଡ଼ାପାଳ ଗାଁ ନିକଟସ୍ଥ ବୁଢାବଳଙ୍ଗ ନଦୀତୁଠରୁ ଶନିବାର ସକାଳେ ଏକ ନାବାଳିକାଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତଦେହରେ କ୍ଷତ ଚିହ୍ନ ରହିଥିବାରୁ କେହି ହତ୍ୟା କରି ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ଗ୍ରାମବାସୀ ନଦୀପଠାରେ ମୃତଦେହ ପଡିଥିବା ଦେଖି କୁଳିଅଣା ଥାନାକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ୍ ସହ କୁଳିଅଣା ଥାନା ଏଏସ୍‌ଆଇ କେ. ମାହାନା ପହଞ୍ଚି ମୃତଦେହକୁ ବାରିପଦା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କୁଳିଅଣା ଥାନାରେ ମାମଲା(ନଂ. ୨୦/୨୪) ରୁଜୁ ହୋଇଛି।

# କୋଇଲା ବୋଝେଇ ଟ୍ରେନରେ ଅଗ୍ନିକାଣ୍ଡ

ସୋର, ୮।୬(ଜନ୍ମେଜୟ ମିଶ୍ର)

ତାଲଚେରରୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନର ୫ଟି ବଗିରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ଷ୍ଟେଶନରେ ଗାର୍ଡ ଦେଖି ସୋର ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଟ୍ରେନ ସୋର ଷ୍ଟେଶନରେ ପହଞ୍ଚିବା ପରେ ଅଟକାଯାଇ ସୋର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର ଦୁଇଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହେବା ପରେ ଟ୍ରେନ ଗନ୍ତବ୍ୟସ୍ଥଳକୁ ଯାଇଥିବା ଜଣାପଡିଛି।

# ଯୁକ୍ତ୨ କଲେଜକୁ ମିଳିବ ଉତ୍କର୍ଷ କେନ୍ଦ୍ରର ମାନ୍ୟତା

ଭୁବନେଶ୍ୱର, ୮।୬(ଅସମାପିକା ସାହୁ)

ରାଜ୍ୟରେ ଯୁକ୍ତ୨ ବା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର ବା ସେଣ୍ଟର ଅଫ୍ ଏକ୍ସିଲେନ୍ସର ମାନ୍ୟତା ଦିଆଯିବ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସର୍ବଭାରତୀୟସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ହାସଲ କରିବ। ଯୁକ୍ତ୩ ବା ଡିଗ୍ରୀ କଲେଜଗୁଡ଼ିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ପାଇବାପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଅନୁଦାନର ସହାୟକ ପାଉଛି। ତେବେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଲାଗି ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ମିଳିବ, ସେସବୁ ଶିକ୍ଷାନୁଷ୍ଠାନ ପାଇଁ ସମଗ୍ରଶିକ୍ଷା ଯୋଜନାରେ ମିଳୁଥିବା ଅନୁଦାନକୁ ବ୍ୟୟ କରାଯିବ। ଏହାବ୍ୟତୀତ ଆବଶ୍ୟକସ୍ଥଳେ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ରାଜ୍ୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅନୁଦାନ ସମଗ୍ରଶିକ୍ଷା ମାଧ୍ୟମରେ ଖର୍ଚ୍ଚ ହେଉଥିବାବେଳେ ଏହି ବ୍ୟବସ୍ଥାରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀକୁ ସାମିଲ କରାଯାଇଛି। ଏହାବ୍ୟତୀତ ଅନୁଦାନ ରାଶି ବୃଦ୍ଧି ଲାଗି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବଜେଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ଯୁକ୍ତ୨ ବା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ଭିତ୍ତିଭୂମି ଏବଂ ଗୁଣାତ୍ମକ ଶିକ୍ଷାଦାନ ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଘରୋଇ ଏବଂ ରେସିଡେନ୍ସିଆଲ ଉଚ୍ଚ ମାଧ୍ୟମିକ ସ୍କୁଲକୁ ବାଦ୍ ଦେଲେ ପ୍ରଥମେ କେବଳ ସରକାରୀ ଏବଂ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୬୦୦ ଉଚ୍ଚ ମାଧ୍ୟମିକ ସ୍କୁଲକୁ ସାମିଲ କରାଯିବ। ପରେ ପର୍ଯ୍ୟାୟକ୍ରମେ ୨୦୨୫ ମେ' ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମଧ୍ୟରେ ରଖିବା ଲାଗି ଉଦ୍ୟମ କରାଯିବ। ପ୍ରଥମ ପର୍ଯ୍ୟାୟରେ ଯେଉଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ଏହି ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ପାଇବେ ସେହି ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ।

ଡିଜିଟାଲ କ୍ଲାସ ରୁମ୍, ପ୍ରୋଜେକ୍ଟର ବ୍ୟବସ୍ଥା, କ୍ୟାମ୍ପସରେ ୱାଇଫାଇ ସୁବିଧା, ମନିଟରିଂ ମେସେଜ୍ ବ୍ୟବସ୍ଥା, ଅତ୍ୟାଧୁନିକ ପ୍ରାକ୍ଟିକାଲ କକ୍ଷ ଆଦି ସୁବିଧା ରହିବ। ଯେଉଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ହାସଲ କରିବେ ସେଗୁଡ଼ିକ ଲାଗି ୫୦ଲକ୍ଷ ଟଙ୍କା ବ୍ୟୟ କରାଯିବ। ତେବେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ପାଇବା ଲାଗି ୧୧ଟି ମାନଦଣ୍ଡକୁ ଗୁରୁତ୍ୱ ଦିଆଯିବ। ତେବେ ଯେଉଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ନିର୍ଦ୍ଧାରଣ ହୋଇଥିବା ମାନଦଣ୍ଡ ମଧ୍ୟରୁ ୫୦ପ୍ରତିଶତ ପୂରଣ କରୁଥିବ ସେହି କଲେଜକୁ ମଧ୍ୟ ତାଲିକାଭୁକ୍ତ କରାଯିବ। ଚଳିତବର୍ଷ ଯୁକ୍ତ୨ ନାମଲେଖା ପୂର୍ବରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ଭିତ୍ତିଭୂମି ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଗୁଣାତ୍ମକ ଶିକ୍ଷା ସହିତ ଉନ୍ନତ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇ ଏଭଳି ପଦକ୍ଷେପ ନିଆଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରୁ ପ୍ରଥମେ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଯାଞ୍ଚ କରାଯିବ। ସେହିପରି ଘରୋଇ ତଥା ରେସିଡେନ୍ସିଆଲ କଲେଜଗୁଡ଼ିକର ଯାଞ୍ଚ ସମୟରେ ସମ୍ପୃକ୍ତ କଲେଜର ଗତ ୫ବର୍ଷର ନାମଲେଖା ପ୍ରକ୍ରିୟା, ମୋଟ ପାସ୍ ହାର ଆଦିକୁ ମଧ୍ୟ ଗୁରୁତ୍ୱ ଦିଆଯିବା ସହ ଭିତ୍ତିଭୂମି ଏବଂ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଅନୁପାତକୁ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା



# ମେଣ୍ଟ ସରକାର



ଆକାର ପଟେଲ

ଶପଥ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏ ସହଯୋଗୀଙ୍କ ସହ କଥା ହୋଇଥିଲେ। ତାଙ୍କର ବାର୍ତ୍ତା ଥିଲା, ସେ ଆଉ ଦଶବର୍ଷ ପ୍ରଧାନମନ୍ତ୍ରୀ ରହିବେ। ସହଯୋଗୀ ଦଳକୁ ଖବର ପ୍ରତି ଧ୍ୟାନ ନ ଦେବାକୁ କହିବା ଥିଲା ତାଙ୍କ ବାର୍ତ୍ତାର ମୁଖ୍ୟାଂଶ। ସେ କହିଥିଲେ, ଏବେଠାରୁ ସେମାନଙ୍କ ସରକାର ବିଷୟରେ କିଛି ରିପୋର୍ଟ କରାଯିବ। କିନ୍ତୁ ସହଯୋଗୀମାନେ ଏହି ରିପୋର୍ଟକୁ ଏଡ଼ାଇଯିବା ଦରକାର ଏବଂ ଯାଞ୍ଚ ନ କରି କିଛି ବି ବିଶ୍ୱାସ କରିବା ଅନୁଚିତ। ଏଭଳି କହିବାର କାରଣ ହେଲା, ବିଷୟଗୁଡ଼ିକ ଉପରେ ଏପରି ଭାବେ ରିପୋର୍ଟିଂ ଆରମ୍ଭ ହେବ, ଯାହା ଗତ ଦଶନ୍ଧିରେ କେବେ ହୋଇ ନ ଥିଲା। କହିବାକୁ ଗଲେ ଆମେ ଏକ ସମ୍ପୂର୍ଣ୍ଣ ଗୁପ୍ତଯୁଗରୁ ବାହାରି ଆସିଛୁ। ବିମୁଦ୍ରୀକରଣ ହେଉଛି ବୋଲି ମୋଦିଙ୍କ ନିଜ କ୍ୟାବିନେଟ୍ ମନ୍ତ୍ରୀମାନେ ଜାଣି ନ ଥିଲେ। ଆମେ ଏହା ଜାଣୁ, କାରଣ ବିମୁଦ୍ରୀକରଣକୁ ଅନୁମତି ଦେବା ପାଇଁ ମୋଦିଙ୍କ ଭାଷଣର କିଛି ଘଣ୍ଟା ପୂର୍ବରୁ କ୍ୟାବିନେଟ୍ ବୈଠକ ଡକାଯାଇଥିଲା। ହେଲେ ସେହି ବୈଠକକୁ ମନ୍ତ୍ରୀମାନଙ୍କୁ ଫୋନ୍ ନ ନେବା ଲାଗି କୁହାଯାଇଥିଲା। ଏହି ଖବର ବାହାରକୁ ପ୍ରସାରଣ ନ ହେବା ପାଇଁ ଏଭଳି କଟକଣା କରାଯାଇଥିଲା। ୨୦୨୦ରେ ଦେଶବ୍ୟାପୀ ଲକ୍‌ଡାଉନ ସମୟରେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିଲା, ଯାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ଏବେ ଏହି ପ୍ରକାର ଘଟଣା ଆଉ ଘଟିବ ନାହିଁ। କାରଣ ମିଳିତ ସହଯୋଗୀଙ୍କୁ ନେଇ ଏକ କ୍ୟାବିନେଟ୍ ପୁନର୍ବାର ଫେରିଛି। ଜଣଙ୍କ ନେତୃତ୍ୱରେ ରହିଥିବା ସାମୂହିକ କ୍ୟାବିନେଟ୍ ଯୁଗ ଶେଷହୋଇଛି। ଏହା ଭଲ କଥା। ଗଣତନ୍ତ୍ରରେ ଗଣମାଧ୍ୟମର ବିଚାର ବା ଅନୁଧ୍ୟାନର ଏକ କାରଣ ଅଛି। ଗୋଟିଏ ଦିଗ ହେଉଛି, ଏକ ସ୍ୱାଧୀନ ଗଣମାଧ୍ୟମ ବିନା ଭୟରେ କ୍ଷମତାରେ ଥିବା ଲୋକଙ୍କ ବିଷୟରେ ମତ ଦେଇପାରିବ। ଅନ୍ୟଟି ହେଉଛି, ଯାହା ଗୁପ୍ତରେ କୁହାଯାଏ କିମ୍ବା ଆଦୌ କୁହାଯାଇପାରେନାହିଁ, ଲାଭ ପାଇବା ପାଇଁ ସରକାର ଭିତରର ଲୋକମାନେ ଏହାକୁ ସମର୍ଥନ କରିଥାନ୍ତି। ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସାଧାରଣ କଥା। ଏକଛତ୍ରବାଦ ଶାସନରେ ଅସାମାନ୍ୟ ଘଟଣାଗୁଡ଼ିକ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଏ ନାହିଁ। ସେଠାରେ ସର୍ବେକ୍ଷଣ ବା ଯାଞ୍ଚ ହେବାର ଭୟ ଅଛି ଏବଂ କଥା କହି ଦଣ୍ଡିତ ହେବାର ଆଶଙ୍କା ରହିଛି। ତେଣୁ ଅନ୍ତତଃପକ୍ଷେ ଗଣମାଧ୍ୟମର ଏକ ପରିବର୍ତ୍ତନ ଆସୁ ଓ ପ୍ରଧାନମନ୍ତ୍ରୀ ଏହାକୁ ସ୍ୱୀକୃତି ଦିଅନ୍ତୁ ବୋଲି ଆମେ ଆଶା କରିବା ଉଚିତ୍। ତାଙ୍କ ସହଯୋଗୀମାନେ ମିଡିଆକୁ ଶୁଣିବେନି ବୋଲି ଯାହା ସେ ଭାବୁଛନ୍ତି ତାହା ହେବନାହିଁ। କାରଣ ଯେଉଁ ଘଟଣା ସେମାନଙ୍କ ପାଇଁ ଚିନ୍ତାଜନକ ତାହାକୁ ସେମାନେ ନିଶ୍ଚିତ ଶୁଣିବେ।

ନରସିଂହ ରାଓଙ୍କ ସରକାରର ପତନ ପରେ ମେଣ୍ଟ ସରକାରର ଧାରା ଆରମ୍ଭ ହୋଇଥିଲା। ଏବେ ମୋଦିଙ୍କ ପାଇଁ ଏଭଳି ସରକାର ସୁବିଧାଜନକ, ଅର୍ଥାତ୍ ତାଙ୍କ ପାଖରେ ୨୪୦ ସାଂସଦ ଅଛନ୍ତି। ତାଙ୍କ ପୂର୍ବରୁ ଏନ୍‌ଡିଏ ନେତା ଅଟଳ ବିହାରୀ ବାଜପେୟୀଙ୍କ ପାଖରେ ଶେଷ ପାଳିରେ ୧୮୦ ସାଂସଦ ଥିଲେ। ନିର୍ଦ୍ଦିଷ୍ଟ ଭାବେ ମେଣ୍ଟ ଅଧିକ ବିପଦରେ ଥିଲା ଓ ତାହା ଖବର ପାଲଟୁଥିଲା। ଫେବୃଆରୀ ୧୯୯୯ରେ ଏକ ରୋଚକ ଖବର ସାମ୍ନାକୁ ଆସିଥିଲା, ଯେଉଁଥିରେ ଏଡିଏମ୍‌କେ ନେତା ତଥା ଏନ୍‌ଡିଏ ସହଯୋଗୀ ଜୟଲଳିଥାଙ୍କୁ ଶାନ୍ତ କରିବା ପାଇଁ ବାଜପେୟୀ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ନାଣ୍ଡିଜ୍‌ଙ୍କୁ ପଠାଇଥିବା ବିଷୟ ଦର୍ଶାଯାଇଥିଲା। ଫର୍ନାଣ୍ଡିଜ୍ ଭାଜପା ନେତା ପ୍ରମୋଦ ମହାଜନଙ୍କ ସହ ଜୟଲଳିଥାଙ୍କ ଚେନ୍ନାଇସ୍ଥିତ ପୋସ ଗାର୍ଡେନ୍ ବାସଭବନକୁ ଯାଇଥିଲେ। କିନ୍ତୁ ଜୟଲଳିଥା ଦେଖା ନ ଦେଇ ଫର୍ନାଣ୍ଡିଜ୍‌ଙ୍କୁ ଇଣ୍ଟରକମ୍‌ରେ କଟୁବାକ୍ୟ ପ୍ରୟୋଗ କରିଥିଲେ। ନଭେମ୍ବର ୨୦୦୧ରେ ଆଉ ଏକ ଖବର ପ୍ରକାଶ ପାଇଥିଲା। ଏନ୍‌ଡିଏରେ ଯୋଗଦେବା ପରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) କିପରି ଏକ କ୍ୟାବିନେଟ ବୈଠକରେ ଯୋଗଦେଇ ନ ଥିଲା ସେହି ବିଷୟରେ ଏଥିରେ ଉଲ୍ଲେଖ କରାଯାଇଥିଲା। ଭାଜପା ଅଧ୍ୟକ୍ଷ ଜନ କୃଷ୍ଣମୂର୍ତ୍ତି କହିଥିଲେ, କିପରି ଜଣେ ତୁରନ୍ତ ମନ୍ତ୍ରୀ ହେବାକୁ ଆଶା କରିପାରିବ। ମନ୍ତ୍ରୀ ହେବାକୁ ଭାଜପାର ଅନେକ ସାଂସଦ ଅଛନ୍ତି ଏବଂ ସେମାନେ ଅନେକ ଦିନ ହେଲା ଅପେକ୍ଷାରେ ରହିଆସିଛନ୍ତି।

ଭାରତୀୟ ଗଣତନ୍ତ୍ରରେ ଏଭଳି ସବୁ ମେଣ୍ଟ ସରକାର ରହିଆସିଛି। ହେଲେ ଗତ ଦଶନ୍ଧି ଥିଲା ଦେବା ଏବଂ ନେବାର ରାଜନୀତି, ଯାହା ଏକ ବିଚ୍ୟୁତି। ବାଜପେୟୀ ଜଣେ ପ୍ରଗତିଶୀଳ ରାଜନେତା ଥିଲେ। ସେ ଅସନ୍ତୋଷ, କ୍ରୋଧ ଏବଂ ଅପମାନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲେ। ସେଥିପାଇଁ ତାଙ୍କ ପାଖରେ କମ୍ ସଂଖ୍ୟା ଥିଲେ ମଧ୍ୟ ସେ ମୋଦିଙ୍କଠାରୁ ଅଧିକ ସୁବିଧାରେ ଥିଲେ। ଏଣୁ ମୋଦିଙ୍କୁ ଆପୋଷ ବୁଝାମଣା କରିବା କୌଶଳ ଶିଖିବାକୁ ପଡ଼ିବ। ଅନୁମାନ କରାଯାଏ, ବାଜପେୟୀ ଯେଭଳି ସ୍ଥିତିରେ ରହିଥିଲେ, ହାତରେ ଅଧିକ ସିଟ୍ ଥିଲେ ମଧ୍ୟ ମୋଦି ସେପରି ସ୍ଥିତିରେ ରହିବେ ନାହିଁ। କିନ୍ତୁ ଗତ ଦଶନ୍ଧି ଅର୍ଥାତ୍ ୨୦୧୪ ରୁ ୨୦୨୪ ମଧ୍ୟରେ ଯାହା ଘଟିଛି, ତାହା ସମୟକ୍ରମେ ହେବନାହିଁ। ଯେତେବେଳେ ତାଙ୍କ କ୍ୟାବିନେଟ୍‌ର ମୁଖ୍ୟଙ୍କ ଉପରେ କିଛି ଲଦିବେ ସେ ବିଷୟରେ ଅନୁଧ୍ୟାନ କରାଯିବ। ଆମେ ନିଶ୍ଚିତ ହୋଇପାରିବା ଯେ, ଏ ସମ୍ପର୍କରେ ଖବର ପ୍ରକାଶ ପାଇବ ; କାରଣ ସହଯୋଗୀ ଦଳ କିମ୍ବା ଭାଜପା ଭିତରେ ଥିବା ଲୋକମାନେ ଜଣାଇବାକୁ ଚାହୁଁଛନ୍ତି। ଲୋକଙ୍କୁ ଖବରକୁ ଅଣଦେଖା କରିବା କହିଲେ ବି ତାହା କାମ କରିବ ନାହିଁ।

ଏକ ମେଣ୍ଟ ରାଜନୀତିରେ 'ସହଯୋଗୀ' ଶବ୍ଦ ଭ୍ରମାତ୍ମକ ମନେହୁଏ, କାରଣ ସହଯୋଗୀ ପରାମର୍ଶ ଦିଅନ୍ତି ଓ ସର୍ବଦା ଆପଣଙ୍କ ପାଇଁ ଏବଂ ଆପଣଙ୍କ ସହିତ ଥାଆନ୍ତି। ହେଲେ ଏହା ଭୁଲ୍। ସେମାନେ ସର୍ବଦା ନିଜ ପାଇଁ ଏବଂ ବେଳେବେଳେ ଆପଣଙ୍କ ସହ ରହନ୍ତି। ଆମଭଳି ମରଣଶୀଳ ମାନବ ବିଶ୍ୱର ଅପ୍ରୀତିକର ବାସ୍ତବତା ସହ ଜଡ଼ିତ ହେବାକୁ ପଡ଼ିବ। ତାହାକୁ ଅଣଦେଖା କରାଯାଇପାରିବ ନାହିଁ, କାରଣ ସେଗୁଡ଼ିକ ନିଶ୍ଚିତ ଭାବେ ସାମ୍ନାକୁ ଆସିବେ। ଯେଉଁମାନେ ଖବର ଲେଖନ୍ତି, ରିପୋର୍ଟ କରନ୍ତି ଏବଂ ପଢୁଛନ୍ତି, ସେମାନଙ୍କ ପାଇଁ ପାଞ୍ଚବର୍ଷ ଏକ ରୋଚକ, ଆକର୍ଷକ ଏବଂ ଅନେକ ସମୟରେ ମନୋରଞ୍ଜକ ହେବ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 9 | | | 1 | | | |
| | | | | | | | | 5 |
| | 7 | 6 | | | 9 | | 4 | |
| | 1 | 4 | 9 | | | | | |
| 3 | | | | | 7 | | | |
| | | | | 8 | 6 | 1 | | |
| | | | 3 | | | | 8 | |
| | | 1 | | | 4 | | 9 | 6 |
| 6 | | 5 | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 9 | 2 | 5 | 7 | 1 | 6 |
| 9 | 1 | 6 | 7 | 8 | 4 | 2 | 3 | 5 |
| 7 | 2 | 5 | 3 | 1 | 6 | 9 | 8 | 4 |
| 2 | 7 | 1 | 8 | 4 | 9 | 5 | 6 | 3 |
| 6 | 5 | 3 | 2 | 7 | 1 | 4 | 9 | 8 |
| 4 | 9 | 8 | 5 | 6 | 3 | 1 | 7 | 2 |
| 1 | 3 | 9 | 6 | 5 | 2 | 8 | 4 | 7 |
| 8 | 6 | 2 | 4 | 9 | 7 | 3 | 5 | 1 |
| 5 | 4 | 7 | 1 | 3 | 8 | 6 | 2 | 9 |

ଗତକାଲିର ଉତ୍ତର

# ନିର୍ଭୀକା ନନ୍ଦିନୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ମାଟିର ସୁକନ୍ୟା ନନ୍ଦିନୀ ଶତପଥୀ। ନାରୀ ଅସ୍ମିତାର ଏକ ତେଜୋଦୀପ୍ତ ସ୍ୱର। ତାଙ୍କ ନିର୍ଭୀକତା, ସାହସିକତା ଓ ବେପରୁଆପଣକୁ ନେଇ ଗଢ଼ିଉଠିଛି ଅନେକ କଥା, କାହାଣୀ ଓ କିମ୍ବଦନ୍ତୀ। ୧୯୫୧ ମସିହା ଜୁଲାଇ ୧୯ ତାରିଖର ଘଟଣା। ଛାତ୍ରଛାତ୍ରୀଙ୍କ ମାସିକ ଦେୟ ବୃଦ୍ଧିକୁ ନେଇ ସାରା ରାଜ୍ୟରେ ଚାଲିଥାଏ ଆନ୍ଦୋଳନ। ରେଭେନ୍ସା କଲେଜ ଥିଲା ଆନ୍ଦୋଳନର କେନ୍ଦ୍ର, ଯେଉଁଠି ସେତେବେଳେ ଚାଲୁଥିଲା ଓଡ଼ିଶା ବିଧାନସଭା। ଆନ୍ଦୋଳନର ନେତୃତ୍ୱ ନେଉଥିଲେ ଏମ୍.ଏ. ଶ୍ରେଣୀର ଛାତ୍ରୀ ତଥା ଛାତ୍ର ସଂଘର ତତ୍କାଳୀନ ସମ୍ପାଦିକା ନନ୍ଦିନୀ ଶତପଥୀ। ସଂଘର ଦାବି ପ୍ରତି ସରକାର କର୍ଣ୍ଣପାତ ନ କରିବାରୁ କଲେଜ ଫାଟକ ଆଗରେ ଚାଲିଲା ବିକ୍ଷୋଭ ଓ ଧାରଣା। ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନିଜେ ଧାରଣା ସ୍ଥଳରେ ପହଞ୍ଚି ଯେତେ ବୁଝାଇଲେ ବି ନନ୍ଦିନୀଙ୍କର ସେହି ଗୋଟିଏ ଜିଦ୍, ଛାତ୍ର ସଂଘର ଦାବି ସରକାର ନ ମାନିବା ପର୍ଯ୍ୟନ୍ତ ହଟିବନି ଧାରଣା। ଶେଷରେ ଛାତ୍ର ସଂଘର ଦାବି ମାନିବାକୁ ବାଧ୍ୟ ହେଲେ ସରକାର।

ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁ(୧୧।୧।୧୯୬୬) ପରେ ପ୍ରଧାନମନ୍ତ୍ରୀ ପଦକୁ ନେଇ ମୋରାରଜୀ ଦେଶାଇ ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ଚାଲିଲା ଛକାପଞ୍ଝା। ଏହାକୁ କେନ୍ଦ୍ରକରି ଜାତୀୟ କଂଗ୍ରେସରେ ଦୁଇଟି ଗୋଷ୍ଠୀର ଉଦ୍ଭବ ହେଲା, ଯା'ର ପ୍ରଭାବ ପଡ଼ିଥିଲା ଓଡ଼ିଶା ରାଜନୀତିରେ। ବିଜୁ ପଟ୍ଟନାୟକ ଓଡ଼ିଶାର ସାଂସଦମାନଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ଡାକି ମୋରାରଜୀ ଦେଶାଇଙ୍କ ସପକ୍ଷରେ ଭୋଟ ଦେବା ପାଇଁ କହିଥିଲେ, ଯାହାକୁ ଅନ୍ୟମାନେ ମାନିନେଇଥିଲେ ବି ରୋକ୍‌ଠୋକ୍ ଭାବେ ମନାକରିଥିଲେ ନନ୍ଦିନୀ ଶତପଥୀ। ତାଙ୍କର ଉତ୍ତର ଥିଲା– ବିବେକର ଅନୁମୋଦନକ୍ରମେ ମୁଁ ଇନ୍ଦିରା ଗାନ୍ଧୀଙ୍କୁ ଭୋଟ ଦେବା ପାଇଁ ସ୍ଥିର କରିସାରିଛି ମାନେ ଏହା ସହ ଯୋଡ଼ି ହୋଇ ରହିଛି ମୋର ସ୍ୱାଭିମାନ।

ସତୁରି ଦଶକରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲା ଓ ଓଡ଼ିଶାର କୋରାପୁଟ ଜିଲାରେ ବଢ଼ିଚାଲିଥାଏ ନକ୍ସଲଙ୍କ ପ୍ରାଦୁର୍ଭାବ। ଦୃଢ଼ ହସ୍ତରେ ନକ୍ସଲ ଦମନ ପାଇଁ ସବୁଆଡୁ ଉଠୁଥାଏ ଦାବି। ନନ୍ଦିନୀଦେବୀ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଦୁର୍ବଳର ପକ୍ଷ ନେଇ ଲଢ଼ିବା ଥିଲା ତାଙ୍କ ରାଜନୀତିର ମୂଳମନ୍ତ୍ର। ସେ ଜାଣିଥିଲେ ନକ୍ସଲଙ୍କ ମଧ୍ୟରୁ ଅଧିକାଂଶ ନିରୀହ ଆଦିବାସୀ, ଯେଉଁମାନେ ଅକଥନୀୟ ଅତ୍ୟାଚାର ଶୋଷଣ ବିରୋଧରେ ବାଧ୍ୟ ହୋଇ ବାଛିନେଇଛନ୍ତି ଏମିତି ପନ୍ଥା। ତେଣୁ ସେ ଚାହିଁଲେ ସେମାନଙ୍କ ସହ ଆଲୋଚନା ପାଇଁ। ସେ ଜାଣିଥିଲେ ଆଲୋଚନା ପାଇଁ ସେମାନେ କେବେବି ଆସିବେନି ସରକାର ପ୍ରତି ଅନାସ୍ଥାଭାବ ଯୋଗୁ। ଏଭଳି ସ୍ଥିତିରେ ସେ ଏକୁଟିଆ ସେମାନଙ୍କ ପାଖକୁ ଯିବାପାଇଁ ଘୋଷଣା କଲେ। ବହୁ ଅଫିସର ନକ୍ସଲମାନଙ୍କୁ ନରରାକ୍ଷସ ସହିତ ତୁଳନା କରି ଭୟ ସୃଷ୍ଟି କରିବାକୁ ଚାହିଁଲେ ମୁଖ୍ୟମନ୍ତ୍ରୀଙ୍କ ମନରେ। ମାତ୍ର ଅଫିସରମାନଙ୍କୁ ସେ ରୋକ୍‌ଠୋକ୍ ଶୁଣେଇଦେଲେ– ସବୁବେଳେ ଯେଉଁ ମୃତ୍ୟୁ ଆମ ପାଖେ ପାଖେ ଜଗିରହିଛି, ତାକୁ ପୁଣି ଏତେ ଭୟ କାହିଁକି? ଶେଷରେ କାହାରି କଥା ନ ଶୁଣି ସେ ନକ୍ସଲ ଆଡ୍ଡାରେ ଏକା ଏକା ପ୍ରବେଶ କଲେ ନିର୍ଭୀକ ଭାବରେ। ସେମାନଙ୍କୁ ଜଙ୍ଗଲ ଭିତରେ ବସେଇ ଆରମ୍ଭ କଲେ ସଭା। ସମସ୍ତଙ୍କୁ ସମ୍ବୋଧନ କରି କହିଲେ, ତମମାନଙ୍କ ଶୋଷଣ କଷଣର କାରଣ ମୁଁ ଜାଣିଛି। କିନ୍ତୁ ତମେମାନେ ହିଂସାକୁ ସମାଧାନର ପନ୍ଥା ବୋଲି ଭାବି ଯାହା କିଛି କରୁଛ, ତାହା ସମ୍ପୂର୍ଣ୍ଣ ଭୁଲ୍। ହିଂସା କେବଳ ବିକାଶର ବାଧକ। ମଣିଷର ଶତ୍ରୁ। ତେଣୁ ହିଂସା ପରିବର୍ତ୍ତେ ତମେ ଆପଣେଇ ନିଅ ସମ୍ଭାବନାର ସୂତ୍ର। ତମକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ସରକାର ତମର ଦାବି ମାନିନେବାକୁ ପ୍ରସ୍ତୁତ। କୁହ, ତମ ପାଇଁ ପ୍ରଥମେ କ'ଣ କରିବା ଦରକାର। ଏକ ସ୍ୱରରେ ସେମାନେ କହିଲେ, ବେଠି ପ୍ରଥା ଉଚ୍ଛେଦ ଆମର ଦାବି। ତାଙ୍କ କଥାରେ ମୁଖ୍ୟମନ୍ତ୍ରୀ ଏକମତ ହେଲେ ଏବଂ ସେମାନଙ୍କ ବିକାଶ ପାଇଁ ପ୍ରସ୍ତୁତ କଲେ ଯୋଜନା। ସମାଜର ପ୍ରଭାବଶାଳୀ ବର୍ଗର ବିରୋଧ ସତ୍ତ୍ୱେ କାର୍ଯ୍ୟକାରୀ ହେଲା ଭୂସଂସ୍କାର ଓ ମହାଜନୀ ବ୍ୟବସ୍ଥା ଉଚ୍ଛେଦ ଆଇନ।



ଜୟନ୍ତୀ ଉପଲକ୍ଷେ

୧୯୭୩ ମସିହା କଥା। ସେତେବେଳେ ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀଦେବୀଙ୍କର ପ୍ରଥମ ପାଳି। ଦିନେ ସଚିବାଳୟରେ ବସି ଫାଇଲ୍ ଦେଖୁଥିବା ବେଳେ ଭିତରକୁ ଆସିଲେ କେତେଜଣ ଜଙ୍ଗଲ ଅଧିକାରୀ। ସେମାନଙ୍କ ଭିତରୁ ସରୋଜ ଚୌଧୁରୀଙ୍କ ହାତରେ ଥିଲା ବିଲେଇ ପରି ଦିଶୁଥିବା ବାଘ ଛୁଆଟିଏ। ସେଇଟା କ'ଣ ବୋଲି ପଚାରିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ଟେବୁଲ ଉପରେ ବାଘ ଛୁଆଟିକୁ ରଖିଦେଇ କହିଲେ, ମାଡାମ୍ ବାଘଛୁଆ। ଖଇରୀ ନଦୀକୂଳରୁ ମିଳିଛି। କେବଳ ଆପଣଙ୍କୁ ଦେଖେଇବା ପାଇଁ ଆଣିଛୁ।

ନନ୍ଦିନୀଦେବୀ ହାତରେ ଧରି ତାକୁ ବହୁତ ଗେଲ କଲେ ଏବଂ ଆଉଁଶି ଦେଉ ଦେଉ କହିଲେ, ଖଇରୀ ନଦୀକୂଳରୁ ମିଳିଥିବାରୁ ତା'ର ନାମ ରଖାଯାଉ ଖଇରୀ। ତା'ପରେ ଖଇରୀ ରହିଲା ବାରିପଦାରେ, ଚୌଧୁରୀ ବାବୁଙ୍କ ତତ୍ତ୍ୱାବଧାନରେ। କେବେକେବେ ବିଲେଇ ପରି ଦିଶୁଥିବା ତା'ର ଚେହେରାଟା ଭାସିଉଠେ ନନ୍ଦିନୀଦେବୀଙ୍କ ସ୍ମୃତିପଟରେ। ଇତିମଧ୍ୟରେ ବିତିଗଲା ତିନିବର୍ଷ। ତାଙ୍କ ଦ୍ୱିତୀୟ ପାଳିର ଶାସନ। ଖଇରୀ ପାଲଟି ସାରିଛି ମହାବଳ ବାଘୁଣୀ। ତା' ସମ୍ପର୍କରେ ଗଣମାଧ୍ୟମରେ ଚର୍ଚ୍ଚା ବି ଅନେକ। ଖଇରୀକୁ ଭେଟିବା ପାଇଁ ନନ୍ଦିନୀଦେବୀଙ୍କର ଇଚ୍ଛା ଥିଲେ ବି ତାହା ଚାପି ହୋଇ ରହିଯାଏ ବ୍ୟସ୍ତତାର ବୋଝ ତଳେ।

ତାଙ୍କ ମନକଥା ବୋଧହୁଏ ଜାଣିପାରିଲେ ଚୌଧୁରୀ ବାବୁ। ଥରେ ସେ ଖଇରୀକୁ ସାଙ୍ଗରେ ଧରି ଭୁବନେଶ୍ୱରରେ ପହଞ୍ଚିଲେ ଏବଂ ଏହି ଖବର ପାଇବାମାତ୍ରେ ନନ୍ଦିନୀଦେବୀ ଖୁବ୍ ଉତ୍କଣ୍ଠାର ସହିତ ଆସିଲେ ଖଇରୀକୁ ଦେଖିବା ପାଇଁ। ତାକୁ ଗୋଟେ ଅଧା ଆବଦ୍ଧ ଘର ଭିତରେ ରଖାଯାଇଥାଏ ପିଞ୍ଜରାବଦ୍ଧ ଅବସ୍ଥାରେ। ନନ୍ଦିନୀଦେବୀ ଖଇରୀ ପାଖରେ କିଛି ସମୟ ଏକୁଟିଆ ବସିବା ପାଇଁ ଚାହିଁଲେ ଏବଂ ନିର୍ଦ୍ଦେଶ ଦେଲେ ପିଞ୍ଜରା ଫାଟକ ଖୋଲିଦେବା ପାଇଁ। ଏକଥା ଶୁଣି ହତବମ୍ବ ହୋଇଗଲେ ସମସ୍ତେ। ଏହା କେମିତି ସମ୍ଭବ ? ସେଦିନ ବିଲେଇ ଭଳି ଦିଶୁଥିବା ଖଇରୀ ଯେ ଏବେ ମହାବଳ ବାଘୁଣୀ! କିନ୍ତୁ ତାଙ୍କୁ ଏକଥା ବୁଝେଇବ କିଏ ? ଯେତେ ଯାହା କହି ଭୟ ଦେଖେଇଲେ ବି ତାଙ୍କ ଜିଦ୍‌ରେ ସେ ଅଟଳ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଗୋଚରରେ କେତେଜଣ ବନ୍ଧୁକଧାରୀ ସଜାଗ ହୋଇ ରହିବା ପରେ ଖୋଲାଗଲା ପଞ୍ଜୁରି ଫାଟକ। ଖଇରୀ ଫାଟକ ବାହାରକୁ ଆସି ଚାରିଆଡ଼େ ଆଖି ବୁଲେଇଲା। ବାଘୁଣୀ ଧୀରେ ଧୀରେ ଆଗକୁ ବଢ଼ିବା ଦେଖି ଥରିବାକୁ ଲାଗିଲା ଦୂରେଇ ଠିଆ ହୋଇଥିବା ଅଫିସରମାନଙ୍କ ଛାତି। ଟ୍ରିଗର ଉପରେ ଶକ୍ତ ହୋଇଉଠିଲା ବନ୍ଧୁକଧାରୀଙ୍କ ଆଙ୍ଗୁଠି। ଏତିକିବେଳେ ସବୁ ଉତ୍କଣ୍ଠା ଓ ଆଶଙ୍କାର ଅବସାନ ଆଣି ଖଇରୀ ଚୁପ୍‌ଚାପ ଶୋଇଗଲା ନନ୍ଦିନୀଙ୍କ ପାଦ ପାଖରେ। ସତେ ଯେମିତି ତା' ଆଗରେ ବାଟ ଓଗାଳି ଠିଆ ହୋଇଥିଲା ଗୋଟେ ମାତୃ ହୃଦୟର ବିଶାଳତା।

କଲିକତାର ଏକ ସମ୍ବାଦପତ୍ରରେ ଓଡ଼ିଆଙ୍କ ସମ୍ପର୍କରେ ପ୍ରକାଶ ପାଇଥିବା କିଛି ଅରୁଚିକର ମନ୍ତବ୍ୟକୁ ନେଇ ସେଠାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ଭିତରେ ଚାଲିଲା କଥା କଟାକଟି। ତାହା କ୍ରମଶଃ ବଢ଼ିବାକୁ ଲାଗିଲା ଏବଂ ତା'ର ପ୍ରଭାବ ଦେଖିବାକୁ ମିଳିଲା ଓଡ଼ିଶାରେ। ପୁରୀରେ ବଙ୍ଗାଳୀଙ୍କ ଉପରେ ଆକ୍ରମଣ ଆଶଙ୍କା କରି ବିଶେଷତଃ ମହିଳାମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଶ୍ଚିମବଙ୍ଗ ପଠେଇ ଦିଆଗଲା ଏକ ସ୍ୱତନ୍ତ୍ର ରେଳଗାଡ଼ିରେ। ମାତ୍ର ଖୋର୍ଦ୍ଧା ଷ୍ଟେଶନରେ କିଛି ଲୋକ ରେଳ ଭିତରେ ପଶି ମହିଳାମାନଙ୍କୁ ଆକ୍ରମଣ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ବାଧାଦେବାରୁ ଓଲଟା ଆକ୍ରମଣ ହେଲା ପୋଲିସ ଉପରେ। ଘଟଣା ଏତେ ଉଗ୍ର ରୂପ ନେଲା ଯେ କିଛି ଲୋକ ଆହତ ହେବା ସହିତ ପୋଲିସ ଗୁଳିରେ ତିନି ଜଣ ମରି ଶୋଇଲେ ଘଟଣା ସ୍ଥଳରେ। ଏହି ଘଟଣାକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ଚାଲିଲା ବିକ୍ଷୋଭ ଓ ନାରାବାଜି। ବିନା ପୋଲିସ ସହାୟତାରେ ଘରୁ ବାହାରି ବିକ୍ଷୋଭକାରୀଙ୍କ ଭିତରକୁ ପଶିଆସିଲେ ନନ୍ଦିନୀଦେବୀ। ଲୋକେ ତାଙ୍କୁ ଘେରି ଯାଇ ପଚାରିଲେ, ଯେଉଁ ତିନିଜଣ ଲୋକ ମଲେ ସେଥିପାଇଁ ଦାୟୀ କିଏ? ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଥିଲା– ଜଣେ ମହିଳାର ଇଜ୍ଜତ ରକ୍ଷା କରିବା ପାଇଁ ତିନିଜଣ କାହିଁକି, ତିନିଶହ ଲୋକଙ୍କୁ ମାରିଦେବା ପାଇଁ ଆଦେଶ ଦେବାରେ ମୋର ଆପତ୍ତି ନାହିଁ।

ଲୋକେ ପ୍ରଶ୍ନ କଲେ– ପଡ଼ୋଶୀ ରାଜ୍ୟରେ ଓଡ଼ିଆଙ୍କ ଉପରେ ହେଉଥିବା ଆକ୍ରମଣ ଆପଣ ସହୁଛନ୍ତି କେମିତି? ତାଙ୍କର ଉତ୍ତର ଥିଲା– ତା'ର ଅର୍ଥ ନୁହେଁ ଯେ ପଡ଼ୋଶୀ ରାଜ୍ୟର ଶାସନ ବ୍ୟବସ୍ଥା ଯଦି ବିଗିଡ଼ିଯାଏ, ପ୍ରତିବାଦ ସ୍ୱରୂପ ଓଡ଼ିଶାର ଶାସନ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବା। ଏହାପରେ ନୀରବ ହୋଇଗଲେ ବିକ୍ଷୋଭକାରୀ। ତାଙ୍କ ନିର୍ଭୀକତା ଓ ଲଢୁଆପଣକୁ ନେଇ ଏମିତି ଅନେକ ଘଟଣା ରହିଛି, ଯାହା ଫଳରେ କିଏ ତାଙ୍କୁ ବହ୍ନି କନ୍ୟା କହେ ତ କିଏ କହେ ଲୌହମାନବୀ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୦୭୬୪୨୪୬୪

# ନିଟ୍ ଫଳାଫଳ



ଡ. ମୌସୁମୀ ପରିଡ଼ା

ଏଇ କିଛିଦିନ ତଳେ ଆଚମ୍ବିତ କଲା ପରି ବହୁ ପ୍ରତୀକ୍ଷିତ ନିଟ୍‌ର ଫଳାଫଳ ପ୍ରକାଶିତ ହେଲା ପରେ ବିଧିବଦ୍ଧ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ପରିଚାଳନା କରୁଥିବା ଏନ୍‌ଟିଏ ଉପରେ ଲୋକମାନଙ୍କ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। କିଛି ପ୍ରଶ୍ନ ଯାହାର ସନ୍ତୋଷଜନକ ଉତ୍ତର ନ ମିଳିପାରୁଥିବାରୁ ଏହି ପରୀକ୍ଷାଫଳକୁ ନେଇ ବର୍ତ୍ତମାନ ନାନା ପ୍ରକାରର ଆଲୋଚନା ତର୍ଜମା ଚାଲିଛି। ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମ୍‌ବିବିଏସ୍) ଓ ୨୬ ହଜାର ୯୪୯ (ବିଡିଏସ୍) ସହିତ ଅନ୍ୟାନ୍ୟ ସିଟ୍ ପାଇଁ ପରୀକ୍ଷା ଦେଇଥିବାବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକମାନଙ୍କୁ ମଧ୍ୟ ଚକିତ କରିଦେଇଛି।

ପ୍ରକାଶଥାଉ କି, ମୋଟ୍ ୨୦୦ ପ୍ରଶ୍ନ ଭିତରୁ ୧୮୦ଟି ପ୍ରଶ୍ନର ଉତ୍ତର ପାଇଁ ପୂର୍ଣ୍ଣସଂଖ୍ୟା ହେଉଛି ୭୨୦; ତେଣୁ ପ୍ରତି ପ୍ରଶ୍ନ ପିଛା ଚାରି ମାର୍କ। ଆଶ୍ଚର୍ଯ୍ୟର ବିଷୟ ଯେ, ଏଥର ୬୭ ଜଣ ପିଲା ୭୨୦/୭୨୦ ରଖି ରେକର୍ଡ ସୃଷ୍ଟି କରିଛନ୍ତି! କେବଳ ଏତିକି ନୁହେଁ, ଏକାଧିକ ପ୍ରଶ୍ନଘେରରେ ଜନସାଧାରଣ ଓ ଅଭିଭାବକମାନେ। ପିଲାମାନଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ। ଡାକ୍ତରି ବୃତ୍ତିରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ପିଲାମାନେ କ୍ୟାରିୟର୍‌କୁ ନେଇ କେବଳ ସିରିୟସ୍ ନଥା'ନ୍ତି, ନିଜ ଜୀବନକାଳର ବହୁ ସମୟ ପଢ଼ିବାରେ ଅତିବାହିତ କରିଦିଅନ୍ତି। କାରଣ ଏହି ଲାଇନ୍‌ରେ ମେଧା ସହିତ ତ୍ୟାଗ, ସେବା ଓ ଉତ୍ସର୍ଗୀକୃତ ମନୋଭାବ ରହିଥାଏ। ତେଣୁ ଏହି ପରୀକ୍ଷା ପାଇଁ ପିଲାମାନଙ୍କ ଆବେଗପ୍ରବଣତା ଓ ବ୍ୟସ୍ତତା ଅଧିକ। ଅଳ୍ପବହୁତେ ଆମେ ଜାଣିଛେ ନିଟ୍ ଆଶାୟୀମାନେ ତିନି ଚାରି ଥର ଲେଖାଏ ପରୀକ୍ଷା ଦେବାର ଧୈର୍ଯ୍ୟ ବହନ କରନ୍ତି। ୬୦୦ରୁ ଊର୍ଦ୍ଧ୍ୱ ମାର୍କ ରଖି ବି ସରକାରୀ କଲେଜରେ ସିଟ୍ ପାଇବା ସହଜ ହେଉନାହିଁ।

ସୂଚନାନୁସାରେ, ଏଥର ବହୁସଂଖ୍ୟକ ପିଲା ସମାନ ମାର୍କ ରଖିଥିବାରୁ ସରକାରୀ କଲେଜରେ କଟ୍‌ଅଫ୍ ମାର୍କ ସାଧାରଣ ବର୍ଗର ପରୀକ୍ଷାର୍ଥୀ ପାଇଁ ପାଖାପାଖି ୬୫୦ ହେବ ବୋଲି ଆକଳନ କରାଯାଉଛି। ଅର୍ଥାତ୍ ୬୪୦-୬୪୯ ରଖିଥିବା ସାଧାରଣ ବର୍ଗର ପିଲାମାନେ ଡାକ୍ତରିପାଠ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ପୁଣି ଏକ ସନ୍ଦେହ ସୃଷ୍ଟି କରୁଛି ୭୧୯, ୭୧୮ ମାର୍କ, ଯାହା ନିୟମତଃ ଅସମ୍ଭବ। କାରଣ ଗୋଟେ ଉତ୍ତର ଭୁଲ୍ ହେଲେ ୫ ମାର୍କ କଟିଯାଇଥାଏ। କିନ୍ତୁ କିଛି ପିଲା ଏହି ମାର୍କ ରଖିଛନ୍ତି।




ସାଧାରଣରେ ଅସନ୍ତୋଷ ଦେଖାଦେବାରୁ ଏନ୍‌ଟିଏ ସଫେଇ ଦେଉଛି ଯେ ବିଳମ୍ବତା କାରଣରୁ ଓ ଅନ୍ୟ କିଛି ପ୍ରସଙ୍ଗକୁ ତର୍ଜମା କରି ପିଲାମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି, ଯେଉଁ ଉତ୍ତର ସନ୍ତୋଷଜନକ ନୁହେଁ। ବିଳମ୍ବତା ଯଦି ଗ୍ରେସ୍ ଦେବାର ଏକ କାରଣ ହୁଏ, ତେବେ ୨୦୨୦ ଓ ୨୦୨୧ରେ କୋଭିଡ୍‌ଜନିତ ବିଳମ୍ବତା ପାଇଁ କାହିଁକି ଗ୍ରେସ୍ ଦିଆଗଲା ନାହିଁ? ପୁଣି ଏକ ସନ୍ଦେହ ଗୋଟେ ପ୍ରଶ୍ନକୁ ନେଇ, ଯାହାର ଉତ୍ତର ପୁରୁଣା ଏନ୍‌ସିଇଆର୍‌ଟି ବହି ଅନୁଯାୟୀ, ଯାହା ନୂତନ ପାଠ୍ୟ ପ୍ରଣାଳୀ ଅନୁଯାୟୀ ଭିନ୍ନ ଥିବାରୁ ଦୁଇଟାଯାକ ଉତ୍ତର ଠିକ୍; ତେଣୁ ଦୁଇ ପ୍ରକାରର ଚୟନ ପାଇଁ ସମାନ ୪ ମାର୍କ ଦିଆଯିବା କଥା। କିନ୍ତୁ ମାତ୍ର ୪୦ ଜଣଙ୍କୁ ଗ୍ରେସ୍ ମାର୍କ କେଉଁ ଆଧାରରେ ସ୍ପଷ୍ଟ କରାଯିବା ଉଚିତ୍।

ନିଟ୍ ପରୀକ୍ଷାର ମାର୍କିଂ ବ୍ୟବସ୍ଥା ସ୍ପଷ୍ଟ ହେଉନାହିଁ। ପ୍ରତିବର୍ଷ ନୂଆ ନୂଆ କାରଣ ଦୃଷ୍ଟିକୁ ଆସୁଥିବାରୁ ଏହାକୁ ନେଇ ଭବିଷ୍ୟତ ଗଢ଼ିବା ଭରସାଯୋଗ୍ୟ ମନେହେଉନାହିଁ। ଏଥିପାଇଁ ବିରୋଧର ସ୍ୱର ତୀବ୍ର ହେଉଥିବାରୁ ଗ୍ରେସ୍ ମାର୍କର ବାହାନା ଦେଖାଇ ସଫେଇ ଦିଆଗଲେ ମଧ୍ୟ ସେସବୁ କପୋଳକଳ୍ପିତ ବୋଲି କୁହାଯାଉଛି। ପରୀକ୍ଷା ବ୍ୟବସ୍ଥା ଓ ମାର୍କିଂ ପ୍ରଣାଳୀ ସହିତ ଅବଗତ ଥିବା ତୃତୀୟ/ ଚତୁର୍ଥ ଥର ପାଇଁ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ମାନସିକ ଅବସ୍ଥାକୁ ଲକ୍ଷ୍ୟ କଲେ ଜଣାପଡ଼ିବ ଏସବୁ ସନ୍ଦେହ ଅଯୌକ୍ତିକ ନୁହେଁ। ସେମାନେ ୩-୪ବର୍ଷ ନିଜ କ୍ୟାରିୟର୍‌ରୁ ଦେବା ପରେ ବିଫଳତା ସାମ୍ନା କରୁଥିବା ମେଧାବୀମାନେ କରିବେ କ'ଣ? ପୁଣି ସାମାଜିକ ଗଣମାଧ୍ୟମର ଏକ ସୂଚନା ଅନୁଯାୟୀ, ହରିୟାଣାସ୍ଥିତ ଫରିଦାବାଦର ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ୮ ଜଣ ପରୀକ୍ଷାର୍ଥୀ ୭୨୦ ମାର୍କ ରଖିଛନ୍ତି! ଏଭଳି ସଂଯୋଗ ଭ୍ରୂକୁଞ୍ଚନ ସୃଷ୍ଟି କରୁନାହିଁ କି? ପିଲାଙ୍କ ମେଧା ବୃଦ୍ଧି ପାଉଛି ନା ଆଉ କିଛି କାରଣ ଯାହାପାଇଁ ଏତେ ସନ୍ଦେହ, ଅଭିଯୋଗ। କୋର୍ଟ କଚେରି, ଆରଟିଆଇ ପର୍ଯ୍ୟନ୍ତ କଥା ଗଲାଣି। ହୁଏତ ଆଗାମୀ ଭବିଷ୍ୟତରେ ବାସ୍ତବ ତଥ୍ୟ ପଦାକୁ ଆସିବ।

ପରୀକ୍ଷା ପୁନର୍ବାର କରାଇବାକୁ କେତେ ଜଣ କହିଲେଣି ତ ଆଉ କିଛି ସାମାଜିକ ଗଣମାଧ୍ୟମରେ ସେମାନଙ୍କୁ ସର୍ବସାଧାରଣରେ ମୌଖିକ ପ୍ରଶ୍ନ ଦ୍ୱାରା ପରୀକ୍ଷା ଦେବାକୁ ଚ୍ୟାଲେଞ୍ଜ କଲେଣି। ଏସବୁ କଥାକୁ ବାଦ୍ ଦେଇ ବିଚାର କରିବାକୁ ପଡ଼ିବ ଯେ, ପରିଚାଳନା ବ୍ୟବସ୍ଥାଟି କୋଉଠି ଅବହେଳା କରୁନାହିଁ ତ ଯାହା ପାଇଁ ଏତେ ଅସନ୍ତୋଷ ଦିନକୁ ଦିନ ଦାନା ବାନ୍ଧିବାରେ ଲାଗିଛି! ମାର୍କିଂ ପଦ୍ଧତିକୁ କାହିଁକି ପରୀକ୍ଷା ପରେ କ୍ଲିଅର୍ କରାଯାଉନାହିଁ। ଯେତେବେଳେ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହେଉଛି, ସେତିକିବେଳେ ସ୍ପଷ୍ଟୀକରଣ ଦିଆଯାଇ ପିଲାମାନଙ୍କୁ ଆଶ୍ୱସ୍ତ କରାଯାଇପାରନ୍ତା। ଏହା ବିଳମ୍ବରେ ଘଟୁଥିବାରୁ ସବୁରି ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ବ୍ୟବସ୍ଥାକୁ ସ୍ୱଚ୍ଛ ରଖାଯିବା ସହିତ ପରୀକ୍ଷାର୍ଥୀମାନଙ୍କ ଭାବାବେଗକୁ ସମ୍ମାନ ଦେବା ଉଚିତ୍ ହେବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଦିବ୍ୟାଙ୍ଗ ହେଲେ ବି ଦକ୍ଷତାର ପରିଚୟ ଦେଇଛନ୍ତି ଅକୁଲ ବିଶ୍ୱାସ। ସେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଝାରଖାଲି ସବୁଜ ବାହିନୀ ଗଠନ କରି ସୁନ୍ଦରବନର ହେନ୍ତାଳ ବନ ସଂରକ୍ଷଣ ପାଇଁ କାମ କରୁଛନ୍ତି। ଏହି ସଂଗଠନରେ ୨୩ଟି ଗାଁର ୨୦୦ରୁ ଅଧିକ ଗୃହିଣୀଙ୍କୁ ସାମିଲ କରିଛନ୍ତି। ଅକୁଲ ୨୦୦୫ରେ ପ୍ରଥମେ ବିଦ୍ୟାଧରି ନଦୀ ତଟରେ ମ୍ୟାନଗ୍ରୋଭ ଚାରାରୋପଣ ଆରମ୍ଭ କରିଥିଲେ। ତାହା ସେ ଏକୁଟିଆ କରୁଥିଲେ। ପରେ ସ୍ଥାନୀୟ ଲୋକେ ଅକୁଲଙ୍କ ସହ ସାମିଲ ହେବାରେ ଲାଗିଲେ। ମହିଳାମାନେ ପ୍ରତିଦିନ ମ୍ୟାନଗ୍ରୋଭ ମଞ୍ଜି ସଂଗ୍ରହ କରି ତାହାକୁ ନର୍ସରି ବ୍ୟାଗ୍‌ରେ ଲଗାଉଛନ୍ତି ଓ ଗଛ ହେବା ପରେ ସେମାନେ ଦିନକୁ ୨ ଘଣ୍ଟା ସମୟ ଦେଇ ପ୍ରାୟ ୨୦୦-୨୫୦ ଗଛ ଲଗାଉଛନ୍ତି। ଅକୁଲ ମ୍ୟାନଗ୍ରୋଭ ଜଙ୍ଗଲର ସୁରକ୍ଷାରେ ବିଭିନ୍ନ ପଞ୍ଚାୟତକୁ ସହଯୋଗ କରୁଛନ୍ତି। ସୁନ୍ଦରବନରେ ରହୁଥିବା ପରିବାରଗୁଡ଼ିକୁ ନିର୍ଦ୍ଦିଷ୍ଟ ପରିମାଣର ଜମି ଦେଇ ସେଠାରେ ଜଙ୍ଗଲ ସୃଷ୍ଟି କରିବା ଲାଗି ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୭୫

- ଶ୍ରୀହରିକୋଟା ମହାକାଶ ଗବେଷଣା କେନ୍ଦ୍ର ପାଇଁ ୫ମ ଯୋଜନା କାଳରେ ୩୮କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ।
- ବମ୍ବେ ସମୁଦ୍ର କୂଳରୁ ଅବକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ୭୫ ଲକ୍ଷ ଟଙ୍କା ମୂଲ୍ୟର ଚୋରାମାଲ୍ ଜବତ।
- ଦୁର୍ନୀତି ନିବାରଣ ଲାଗି ଉତ୍ତରପ୍ରଦେଶରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ଅର୍ଡିନାନ୍ସ ଜାରି।

## ଚିରନ୍ତନୀ

ଦେହର ପ୍ରସାଧନ ରହେ ପଡ଼ି ଦେହେ ଖାଲି
ମନର ବାସନା ଗୋ
ସବୁ ଦାଗ ଯାଏ ଜାଳି!
ନିରାଶ କବି ଯଥା ଆକାଶରେ ଗାଏ ଗୀତ
ତେସନ ଜୀବନ ହିଁ
ମଉଳଇ ଆରେ ମିତ!
(ମରଣ ପାଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିୟମ ମାନୁନାହାନ୍ତି ନେତା

ଏଥର ନିର୍ବାଚନ ୨୦୨୪ ପ୍ରାୟ ସବୁଠାରୁ ବେଶି ଲମ୍ବା ସମୟରେ ପୁଣି ଅସହ୍ୟ ଗରମ ଗୁଳୁଗୁଳିରେ ଅନୁଷ୍ଠିତ ହେଲା। ଯେଉଁ ସମୟରେ ଘରୁ ବାହାରିବା କଥା ନୁହେଁ ଓ ସରକାରୀ କଟକଣା ଲାଗିବା କଥା, ସେତିକିବେଳେ ନିର୍ବାଚନ ଲଢୁଥିବା ଜନପ୍ରତିନିଧିମାନେ ଲୋକଙ୍କୁ ଟ୍ରକ୍, ବସ୍, ଅଟୋ, ଟ୍ରେକରରେ ବୋହି ସଭାସ୍ଥଳକୁ ଆଣିଥିଲେ। ତାତି ସହିତ ପୁଣି କାନଫଟା ଛାତିଥରା ଡିଜେରେ ନିର୍ବାଚନ ପ୍ରଚାର ଦୀର୍ଘଦିନ ସାଧାରଣ ଜନତାଙ୍କୁ କଲବଲ କରିଥିଲା। ଡିଜେ ଶବ୍ଦରେ କାନ୍ଥ, କବାଟ, ଝରକା ସବୁ ଥରିଯାଉଥିଲା। ଏମାନେ ପୁଣି ଜନପ୍ରତିନିଧି ହେଉଛନ୍ତି। ଯେଉଁମାନେ ଭୋଟ ପୂର୍ବରୁ ନିୟମ କାନୁନକୁ ମାନୁନାହାନ୍ତି, ସେମାନେ ଶକ୍ତିଶାଳୀ ପଦବୀ ପାଇଗଲା ପରେ ଧରାକୁ ସରା ମନେକରିବା ଥୟ।

– ଡ. ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟ ନିଳୟମ୍, କୁଣ୍ଡି, କୁମୁଡା, ଜୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗୋଚାଲାଣ ସନ୍ଦେହରେ ୨ ଟ୍ରକ୍ ଚାଳକଙ୍କୁ ପିଟି ହତ୍ୟା

**ରାୟପୁର, ୮।୬:** ଛତିଶଗଡ଼ର ରାୟପୁର ଜିଲାରେ ଗୋଚାଲାଣ ସନ୍ଦେହରେ ୨ ଜଣ ଟ୍ରକ ଚାଳକଙ୍କୁ ଶନିବାର ପିଟିପିଟି ହତ୍ୟା କରାଯାଇଛି। ଆକ୍ରମଣରେ ଗୁରୁତର ହୋଇଥିବା ଅନ୍ୟ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୨ ମୃତକ ଚାନ୍ଦ ମିଆଁ ଓ ଗୁଡ୍ଡୁ ଖାନ୍ ହୋଇଥିବାବେଳେ ଆହତଙ୍କ ନାମ ସଦ୍ଦାମ କ୍ୟୁରେଶି। ସମସ୍ତେ ଉତ୍ତରପ୍ରଦେଶ ସାହାରନପୁର ଜିଲାର ବାସିନ୍ଦା । ଏହି ୩ ଯୁବକ ୨ଟି ଟ୍ରକ୍ ଯୋଗେ କେତେଗୁଡ଼ିଏ ମଇଁଷି ନେଇ ଛତିଶଗଡ଼ର ମହାସମୁନ୍ଦ ଜିଲାରୁ ବିକ୍ରି ଉଦ୍ଦେଶ୍ୟରେ ଓଡ଼ିଶା ଆଣୁଥିଲେ। ଚୋରାଚାଲାଣ ସନ୍ଦେହରେ ରାୟପୁରରେ ୧୦ରୁ ୧୫ ଗୋରକ୍ଷକ ସେମାନଙ୍କୁ ଆକ୍ରମଣ କରିଥିଲେ।

### ରାମୋଜୀ ରାଓଙ୍କ ପରଲୋକ



ହାଇଦ୍ରାବାଦ, ୮।୬

ଇନାଡୁ ଗ୍ରୁପ୍ ଓ ରାମୋଜୀ ଫିଲ୍ମ ସିଟିର ପ୍ରତିଷ୍ଠାତା ତଥା ଭାରତୀୟ ଗଣମାଧ୍ୟମ ଜଗତର ବାଦଶାହା ରାମୋଜୀ ରାଓଙ୍କ ୮୭ ବର୍ଷ ବୟସରେ ତେଲଙ୍ଗାନାର ହାଇଦ୍ରାବାଦଠାରେ ପରଲୋକ ଘଟିଛି। ଉଚ୍ଚ ରକ୍ତଚାପ ସମସ୍ୟା ଓ ଶ୍ୱାସ ନେବାରେ ଅସୁବିଧା ଯୋଗୁ ତାଙ୍କୁ ଗତ ୫ ତାରିଖରେ ହାଇଦ୍ରାବାଦର ଷ୍ଟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୯୩୬ ନଭେମ୍ବର ୧୬ରେ ଆନ୍ଧ୍ରପ୍ରଦେଶର କୃଷ୍ଣ ଜିଲାର ପେଡାପାରିପୁଡ଼ି ଗ୍ରାମର ଏକ କୃଷକ ପରିବାରରେ ରାମୋଜୀ ଜନ୍ମ ଗ୍ରହଣ କରିଥିଲେ। ୨୦୧୬ରେ ତାଙ୍କୁ ଭାରତ ସରକାର ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ର ଏବଂ ଗଣମାଧ୍ୟମ ଜଗତ ପାଇଁ ରାମୋଜୀଙ୍କ ଅବଦାନକୁ ଦେଶ ସର୍ବଦା ମନେରଖିବ ବୋଲି ରାଷ୍ଟ୍ରପତି କହିଛନ୍ତି। ରାମୋଜୀଙ୍କର ଅନ୍ତିମ ସଂସ୍କାର ରବିବାର ସମ୍ପନ୍ନ ହେବାନେଇ ତେଲଙ୍ଗାନା ସରକାର ସୂଚନା ଦେଇଛନ୍ତି।




ରେଜଲ୍ଟ ବିଭ୍ରାଟ ପରେ ଏନ୍‌ଇଇଟି-ୟୁଜି ପରୀକ୍ଷା ପୁନର୍ବାର କରାଇବା ଦାବିରେ ବାରାଣସୀସ୍ଥିତ କାଶୀ ହିନ୍ଦୁ ୟୁନିଭର୍ସିଟି ବାହାରେ ଛାତ୍ରୀଛାତ୍ର ଶନିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଏନ୍‌ଇଇଟି ବାତିଲ ଦାବି କଲା ମହାରାଷ୍ଟ୍ର

## ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ଏସ୍‌ପି, ଆପ୍‌ର ଦାବି

ମୁମ୍ବାଇ/ଲକ୍ଷ୍ନୌ/ନୂଆଦିଲ୍ଲୀ,୮।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଗତ ମାସରେ ହୋଇଥିବା ଏନ୍‌ଇଇଟି-ୟୁଜି ପରୀକ୍ଷା ଫଳାଫଳରେ ଛାତ୍ରୀଛାତ୍ରମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗ କରି ମହାରାଷ୍ଟ୍ର ସରକାର ତୁରନ୍ତ ପରୀକ୍ଷା ବାତିଲ ଦାବି କରିଛନ୍ତି। ସେହିପରି ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସମାଜବାଦୀ ପାର୍ଟି(ଏସ୍‌ପି) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ଦାବି କରିଛନ୍ତି।

ଗତ ମଙ୍ଗଳବାର ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ପାଉଥିବାବେଳେ ସେହିଦିନ ଆଗୁଆ ଭାବେ ଏନ୍‌ଇଇଟି ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। ୬୭ ଜଣ ପରୀକ୍ଷାର୍ଥୀ ସର୍ବଭାରତୀୟ ସ୍ତରରେ ପ୍ରଥମ ର୍‍ୟାଙ୍କ୍ ହାସଲ କରିଥିବାବେଳେ ସେଥିରୁ ୬ ଜଣ ହରିୟାଣାର ଝାଜ୍ଜର ପରୀକ୍ଷା କେନ୍ଦ୍ରର ଥିଲେ। ଏହା ଦ୍ୱାରା ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଥିବାରୁ ଅଦାଲତ ନିଜଆଡ଼ୁ ଏହାକୁ ବିଚାର ପାଇଁ ଗ୍ରହଣ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାବି କରିଛନ୍ତି। ଭାଜପା ଶାସିତ ରାଜ୍ୟରେ ପରୀକ୍ଷାକୁ ବେଆଇନ ପ୍ରଶ୍ନପତ୍ର ଲିକ୍, ନକଲି ପ୍ରାର୍ଥୀଙ୍କ ଦ୍ୱାରା ପରୀକ୍ଷା କରାଇବା, ସେଣ୍ଟର ସ୍ଥାପନ କରିବା ଓ ଫଳାଫଳ ପରିଚାଳନା କରିବା ଏକ ବ୍ୟବସାୟରେ ପରିଣତ ହୋଇଥିବା ଅଖିଳେଶ କହିଛନ୍ତି। ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦ୍ୱାରା କରାଯିବାକୁ ଆପ୍ ଶନିବାର ଦାବି କରିଛି। ଦେଶର ଯୁବବର୍ଗଙ୍କ ଭବିଷ୍ୟତକୁ ନେଇ ଏହା ଅତି ଗମ୍ଭୀର ପ୍ରସଙ୍ଗ ବୋଲି ଆପ୍ ନେତା ଜସ୍ମିନ୍ ଶାହ କହିଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ପରୀକ୍ଷା ପରିଚାଳନାରେ ବଡ଼ ଦୁର୍ନୀତି ଅଭିଯୋଗ ଆସୁଥିବା ସେ ଅଭିଯୋଗ କରିଛନ୍ତି।

୫୭୧ ସହରର ୪,୭୫୦ କେନ୍ଦ୍ରରେ ଏନ୍‌ଇଇଟି ପରୀକ୍ଷା ହୋଇଥିଲା। ଫଳାଫଳ ଏଭଳି ହୋଇଛି ଯେ ମହାରାଷ୍ଟ୍ରର କୌଣସି ଛାତ୍ରୀଛାତ୍ର ରାଜ୍ୟର ସରକାରୀ କିମ୍ବା ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାଁ ଲେଖାଇପାରିବେ ନାହିଁ ବୋଲି ରାଜ୍ୟ ମେଡିକାଲ ଶିକ୍ଷାମନ୍ତ୍ରୀ ହାସନ ମୁଶ୍ରିଫ୍ କହିଛନ୍ତି। ରାଜ୍ୟର ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ ହୋଇଥିବାରୁ ପରୀକ୍ଷାକୁ ତୁରନ୍ତ ବାତିଲ କରାଯାଉ ବୋଲି ସେ ଦାବି କରିଛନ୍ତି।

# ପୋଲିସ ଆଉଟପୋଷ୍ଟ, ୭୦ ଘର ଜାଳିଦେଲେ

## ମଣିପୁରରେ ପୁଣି ହିଂସା

ଇମ୍ଫାଲ, ୮।୬

ମଣିପୁରରେ ପୁଣି ହିଂସାକାଣ୍ଡ ଘଟିଛି। ଜିରିବାମ ଜିଲାରେ କେତେଜଣ ଉଗ୍ରବାଦୀ ଗୋଟିଏ ପୋଲିସ ଆଉଟ୍‌ପୋଷ୍ଟ ସହ ଅନେକ ଘର ଜାଳିଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଉଗ୍ରବାଦୀ ୩/୪ଟି ଡଙ୍ଗା ଯୋଗେ ଜିରିବାମ ଜିଲାର ବରାକ ନଦୀ କୂଳରେ ପହଞ୍ଚି ଚୋଟୋବେକ୍ରା ଅଞ୍ଚଳରେ ଥିବା ପୋଲିସ ଆଉଟ୍‌ପୋଷ୍ଟକୁ ନିଆଁ ଲଗାଇଦେଇଥିଲେ। ପରେ ସେମାନେ ଜିଲାର ଲମତାଇ ଖୁନୋ ଏବଂ ମଧୁପୁର ପୋଲିସ ଆଉଟ୍‌ପୋଷ୍ଟକୁ ଆକ୍ରମଣ କରିଥିଲେ। ଉଗ୍ରବାଦୀମାନେ ଜିଲାର ୭୦ରୁ ଅଧିକ ଘରେ ନିଆଁ ଲଗାଇଦେଇଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ମଣିପୁର ରାଜଧାନୀ ଇମ୍ଫାଲଠାରୁ ୨୨୦ କିଲୋମିଟର ଦୂରରେ ଅବସ୍ଥିତ ଜିରିବାମ ଜିଲା ଆସାମର ସୀମାକୁ ଲାଗିଛି। ଏହି ଜିଲା ଦେଇ ଜାତୀୟ ରାଜପଥ-୩୭ ଯାଉଥିବାବେଳେ ଏହାକୁ ଘେରି ରହିଥିବା ପାହାଡ଼ିଆ ଅଞ୍ଚଳରେ ଅନେକ କୁକି ସମୁଦାୟର ଗ୍ରାମ ରହିଛି।



ହିଂସାକାଣ୍ଡ ପରେ ଜିରିବାମ ଜିଲାରେ ଶନିବାର ସେନା ଯବାନମାନେ ପାଟ୍ରୋଲିଂ କରୁଛନ୍ତି।

# କେନ୍ଦ୍ର, ସେବି ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ

## ଭୋଟ ଫଳାଫଳ ଦିନ ଶେୟାର ବଜାର କ୍ରାସ୍

ନୂଆଦିଲ୍ଲୀ,୮।୬

ଲୋକ ସଭା ନିର୍ବାଚନ ଫଳାଫଳ ଗତ ମଙ୍ଗଳବାର ଆସିବା ଦିନ ଶେୟାର ବଜାର କ୍ରାସ୍ କରିଥିଲା। ଫଳରେ ନିବେଶକମାନେ ୩୧ ଲକ୍ଷ କୋଟି ଟଙ୍କା ହରାଇଥିଲେ। କେନ୍ଦ୍ର ସରକାର ଏବଂ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଏହା ଉପରେ ସବିଶେଷ ରିପୋର୍ଟ ରଖିବା ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଆବେଦନ ହୋଇଛି। ଆଇନଜୀବୀ ବିଶାଲ ତିୱାରୀ ଏହି ଆବେଦନ କରିଛନ୍ତି। ଭାରତୀୟ ନିବେଶକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିୟାମକ ଢାଞ୍ଚାକୁ ମଜଭୂତ କରିବା ନିମନ୍ତେ ବିଶେଷଜ୍ଞ କମିଟିର ସୁପାରିସକୁ ବିଚାରକୁ ନେବା ନିମନ୍ତେ ସୁପ୍ରିମକୋର୍ଟ ଗତ ଜାନୁଆରୀରେ କେନ୍ଦ୍ର ସରକାର ଓ ସେବିକୁ ନିର୍ଦ୍ଦେଶ ଦେଇଥିଲେ। ଆଦାନୀ-ହିଣ୍ଡେନବର୍ଗ ମାମଲାରେ ବିଶାଲଙ୍କ ରିଟ୍ ପିଟିଶନ ଉପରେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ସେହି ପରିପ୍ରେକ୍ଷୀରେ ବିଶାଲ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେବି ଏହାର ତଦନ୍ତ ସମ୍ପୂର୍ଣ୍ଣ କରିଛି କି ନାହିଁ ଏବଂ କୌଣସି ରେକର୍ଡ ଅଦାଲତରେ ଦାଖଲ ହୋଇଥିବା ସ୍ପଷ୍ଟ ହୋଇନାହିଁ। ଆଦାନୀ-ହିଣ୍ଡେନ୍‌ବର୍ଗ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ ଲାଗି ସେବିକୁ ନିର୍ଦ୍ଦେଶ ଦେବାକୁ ବିଶାଲ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଭୋଟଗଣତି ଦିନ ପୁଣିଥରେ ଶେୟାର ବଜାରରେ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଥିବାରୁ ନିୟାମକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନୀତୀଶଙ୍କୁ ପ୍ରଧାନମନ୍ତ୍ରୀ ପଦ ଯାଚିଥିଲା ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ,୮।୬(ପି.ଟି.)



ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କୁ ବିରୋଧୀ ଇଣ୍ଡିଆ ବ୍ଲକ୍ ପ୍ରଧାନମନ୍ତ୍ରୀ ପଦ ଯାଚିଥିଲା। ଜେଡିୟୁ ନେତା କେ.ସି. ତ୍ୟାଗୀ ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେବା ଅବସରରେ ଏହା କହିଛନ୍ତି। କେନ୍ଦ୍ରରେ ଏନ୍‌ଡିଏକୁ ତୃତୀୟ ଥର ସରକାର ଗଢ଼ିବାରୁ ରୋକିବା ପାଇଁ ଇଣ୍ଡିଆ ମେଣ୍ଟ ନୀତୀଶଙ୍କୁ ଫେରାଇଆଣିବା ନିମନ୍ତେ ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଥିଲା। ତେବେ ଜେଡିୟୁ ବିରୋଧୀଙ୍କ ସବୁ ଅଫରକୁ ପ୍ରତ୍ୟାଖ୍ୟାନ କରି ଆଗାମୀ ୫ ବର୍ଷ ପାଇଁ ଏନ୍‌ଡିଏ ସହ କାମ କରିବାକୁ ଯୋଜନା କରିଥିବା ତ୍ୟାଗୀ କହିଛନ୍ତି। ଏଥିସହିତ ଏନ୍‌ଡିଏ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରି ନୀତୀଶଙ୍କ ଭାଷଣ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇଛି। ଜେଡିୟୁ ଏନ୍‌ଡିଏରେ ଯୋଗଦେଇଥିବାରୁ ଏଭଳି ରିପୋର୍ଟ ପ୍ରକାଶନ ବନ୍ଦ ହେବା ଆବଶ୍ୟକ ବୋଲି ତ୍ୟାଗୀ କହିଛନ୍ତି।

# ୱାୟନାଡ୍ ଆସନ ଛାଡ଼ିପାରନ୍ତି ରାହୁଲ

ନୂଆଦିଲ୍ଲୀ,୮।୬

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ରାଏବରେଲି ଏବଂ କେରଳର ୱାୟନାଡ୍ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବାବେଳେ ତାଙ୍କୁ ଗୋଟିଏ ଆସନ ଛାଡ଼ିବାକୁ ପଡ଼ିବ। ତେବେ ସେ କେଉଁ ଆସନ ରଖିବେ, ତାକୁ ନେଇ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ନେତାମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ରାଏବରେଲି ଆସନ ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉତ୍ତରପ୍ରଦେଶର ନେତାମାନେ କହିଛନ୍ତି। ତେଣୁ ରାହୁଲ ରାଏବରେଲିକୁ ରଖି ୱାୟନାଡ୍ ଆସନରୁ ଇସ୍ତଫା ଦେବା ଆଶା କରାଯାଉଛି ବୋଲି ଏକ ସୂତ୍ରରୁ ଜଣାଯାଇଛି। ଏନେଇ ଜୁନ୍ ୧୭ରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ହମାସ କବଳରୁ ୪ ବନ୍ଧକଙ୍କୁ ଉଦ୍ଧାର କଲା ଇସ୍ରାଏଲୀ ସେନା

ଜେରୁଜେଲମ୍, ୮।୬



ନୋଆ ଅରଗ୍‌ମାନ ମୀର୍ ଜାନ୍



ଏଣ୍ଡ୍ରି କୋଜ୍‌ଲବ୍ ଶ୍ଲୋମି ଜିବ୍

ଗାଜାରେ ଇସ୍ରାଏଲୀ ସେନା ହମାସ କବଜାରେ ଥିବା ୪ ଜଣ ବନ୍ଧକଙ୍କୁ ଉଦ୍ଧାର କରିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ(ଆଇଡିଏଫ୍), ଇସ୍ରାଏଲ ସିକ୍ୟୁରିଟି ଅଥୋରିଟି(ଆଇଏସ୍‌ଏ) ଏବଂ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଇ ମଧ୍ୟଗାଜାସ୍ଥିତ ନୁସିରାତ ଅଞ୍ଚଳର ୨ଟି ପୃଥକ୍ ସ୍ଥାନରୁ ଏହି ୪ ବନ୍ଧକଙ୍କୁ ଦୀର୍ଘ ୮ ମାସ ପରେ ଉଦ୍ଧାର କରାଯାଇଥିବା ଶନିବାର ଇସ୍ରାଏଲ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ହୋଇଥିବା ୪ ବନ୍ଧକ ହେଲେ ନୋଆ ଅରଗ୍‌ମାନି(୨୫), ଅଲମୋଗ ମୀର୍ ଜାନ୍ (୨୧), ଏଣ୍ଡ୍ରି କୋଜ୍‌ଲବ୍(୨୭) ଏବଂ ଶ୍ଲୋମି ଜିବ୍ (୪୦)। ଗତବର୍ଷ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲରେ ଅଚାନକ ଆକ୍ରମଣ କରି ନୋଭା ସଂଗୀତ ମହୋତ୍ସବରୁ ଏହି ୪ ଜଣଙ୍କୁ ଅପହରଣ କରି ଗାଜା ନେଇଯାଇଥିଲେ। ସେମାନଙ୍କୁ ଉଦ୍ଧାର ପାଇଁ ଇସ୍ରାଏଲ୍‌ର ଅପରେଶନ ବେଳେ ୨୧୦ ଜଣ ପାଲେଷ୍ଟିନୀୟ ନିହତ ହୋଇଥିବା ହମାସ୍ କହିଛି। ଅନ୍ୟ ବନ୍ଧକଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବା ନେଇ ଆଇଡିଏଫ୍ ସୂଚନା ଦେଇଛି।

# ମୋଦି ୩.୦ରେ ଟିଡିପିକୁ ୪, ଜେଡିୟୁକୁ ୨ ମନ୍ତ୍ରୀପଦ ମିଳିବ

ନୂଆଦିଲ୍ଲୀ,୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କ୍ୟାବିନେଟରେ ଚନ୍ଦ୍ରାବାବୁ ନାଇଡୁଙ୍କ ଟିଡିପିକୁ ୪ ଏବଂ ନୀତୀଶ କୁମାରଙ୍କ ଜେଡିୟୁକୁ ୨ ମନ୍ତ୍ରୀପଦ ମିଳିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଥିବା ଟିଡିପିର ୪ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ ହେଲେ ରାମମୋହନ ନାଇଡୁ, ହରୀଶ ବାଲଯୋଗୀ ଏବଂ ଡଗୁମାଲ୍ଲା ପ୍ରସାଦ। ସେହିପରି ଜେଡିୟୁ ଏହାର ୨ ବରିଷ୍ଠ ନେତା ଲଲନ ସିଂ ଏବଂ ରାମନାଥ ଠାକୁରଙ୍କ ନାଁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ରାମନାଥ ହେଉଛନ୍ତି ଭାରତରତ୍ନ ପାଇଥିବା କର୍ପୂରୀ ଠାକୁରଙ୍କ ପୁଅ। ସେ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। ସରକାର ଶପଥ ନେବା ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଏକ ବୈଠକ ବସି କ୍ୟାବିନେଟ ବର୍ଥ ସମ୍ପର୍କରେ ନିଷ୍ପତ୍ତି ହୋଇଛି।

ଟିଡିପିରୁ ୧୬ ଜଣ ଏମ୍‌ପି ନିର୍ବାଚିତ ହୋଇଥିବାବେଳେ ଏହା ୪ ମନ୍ତ୍ରୀପଦ ଏବଂ ଲୋକ ସଭାର ବାଚସ୍ପତି ପଦ ମାଗିଥିଲା। ସେହିପରି ୧୨ ଆସନ ଜିତିଥିବା ଜେଡିୟୁ ୨ଟି ମନ୍ତ୍ରୀପଦ ମାଗିଥିବା ସୂତ୍ରରୁ ଜଣାପଡ଼ିଛି। ଭାଜପା ନିର୍ବାଚନରେ ୨୪୦ ଆସନ ଜିତିଥିବାବେଳେ ଆବଶ୍ୟକ ମ୍ୟାଜିକ୍ ନମ୍ବର ୨୭୨ରୁ ୩୨ କମ୍ ରହିଛି। ତେଣୁ ସରକାର ଗଠନରେ ଚନ୍ଦ୍ରାବାବୁ ଏବଂ ନୀତୀଶ କିଙ୍ଗ୍‌ମେକର ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ସରକାରରେ ସହଯୋଗୀ ଦଳଗୁଡ଼ିକର ପ୍ରତିନିଧିତ୍ୱ ରହିବ। କେଉଁ ଦଳରୁ କେତେଜଣ ମନ୍ତ୍ରୀ ହେବେ ତାହା ଚୂଡ଼ାନ୍ତ କରିବା ନେଇ ଶନିବାର ବରିଷ୍ଠ ଭାଜପା ନେତା ଅମିତ୍ ଶାହା, ରାଜନାଥ ସିଂ, ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡା ସହଯୋଗୀ ଦଳର ନେତାମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱରାଷ୍ଟ୍ର, ଅର୍ଥ, ପ୍ରତିରକ୍ଷା, ବହିର୍ବ୍ୟାପାର, ଶିକ୍ଷା, ସଂସ୍କୃତି ଭଳି ଓଜନଦାର ପୋର୍ଟଫୋଲିଓ ଭାଜପା ନିଜ ପାଖରେ ରଖିବାକୁ ଥିବାବେଳେ ୫ରୁ ୮ଟି କ୍ୟାବିନେଟ ପାହ୍ୟା ସହଯୋଗୀ ଦଳଙ୍କୁ ମିଳିବ ବୋଲି ଜଣାପଡ଼ିଛି। ଭାଜପାରୁ ଶାହା ଏବଂ ରାଜନାଥ ନୂଆ କ୍ୟାବିନେଟରେ ସ୍ଥାନ ପାଇବା ନିଶ୍ଚିତ କୁହାଯାଉଥିବାବେଳେ ଲୋକ ସଭାକୁ ନିର୍ବାଚିତ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ବାସବରାଜ ବୋମାଇ, ମନୋହରଲାଲ୍ ଖଟ୍ଟାର ଏବଂ ସର୍ବାନନ୍ଦ ସୋନୋୱାଲଙ୍କୁ ଦୃଢ଼ ଦାବିଦାର ବିବେଚନା କରାଯାଉଛି। ସେହିପରି ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ର ନେତା ଚିରାଗ ପାଶ୍ୱାନଙ୍କୁ ନୂଆ ସରକାରରେ ସ୍ଥାନ ମିଳିପାରେ। ସେହିପରି ମହାରାଷ୍ଟ୍ରରେ ଭାଜପାର ସହଯୋଗୀ ଥିବା ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିକୁ ମଧ୍ୟ ନୂଆ ସରକାରରେ ପ୍ରତିନିଧିତ୍ୱ ମିଳିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ଫୁରସତ୍

# ବର୍ଷାପାଣିରେ ପହଁରୁଛନ୍ତି ଯୁବକ



ପୁଣେ

ମହାରାଷ୍ଟ୍ରର ପୁଣେ ସହରରେ ଶନିବାର ଲଗାଣ ବର୍ଷା ଲାଗିରହିଥିଲା। ଫଳରେ ସହରର ଅନେକ ଗଳିକନ୍ଦି ଓ ମୁଖ୍ୟ ରାସ୍ତାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏହି ଅବସରରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉର୍ମି ନାମକ ଜଣେ ଏକ୍ସ' ୟୁଜର୍ସ ଏହି ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ପୁଣେର ଏକ ରାସ୍ତା ଲଗାଣ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇଯାଇଥିବାବେଳେ, ସେଠାରେ ଜଣେ ଯୁବକ ଏକ ଗଦି ସାହାଯ୍ୟରେ ଜଳ ମଧ୍ୟରେ ପହଁରି ଯାତାୟାତ କରୁଛନ୍ତି। ଏହି ୧୫ ସେକେଣ୍ଡର ଭିଡିଓରେ ଉକ୍ତ ଯୁବକ ଜଣକ ପୁଣେ ରାସ୍ତାରେ ମୌସୁସୀର ଆଗମନ ଯୋଗୁ ବଦଳିଥିବା ପାଗର ଭରପୂର ମଜା ଉଠାଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରରେ ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବା ପରେ ରାଜ୍ୟର ଜନସାଧାରଣଙ୍କୁ ତାତିରୁ ତ୍ରାହି ମିଳିଛି। ଖାସ୍‌କରି ଦକ୍ଷିଣ କୋଙ୍କଣ ଅଞ୍ଚଳର ସିନ୍ଧୁଦୁର୍ଗ ଜିଲା ଏବଂ ପଶ୍ଚିମ ମହାରାଷ୍ଟ୍ରର କୋହ୍ଲାପୁର ଜିଲାରେ ମୌସୁମୀ ପହଞ୍ଚିସାରିଥିବା ଭାରତୀୟ ପାଣିପାଗ ବିଭାଗ ବିଜ୍ଞାନୀ ସୁନୀଲ କାମ୍ବଲ ସୂଚନା ଦେଇଛନ୍ତି।

# ପୋକ ପରିପୂର୍ଣ୍ଣ ଥିବା ବର୍ଗର ଖାଉଥିବା ବ୍ୟକ୍ତି



ବେଜିଂ

ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ଅଜବ ଉପାୟ ଅବଲମ୍ବନ କରିବା କିଛି ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇଛି। ଜଣେ ଚାଇନିଜ୍ ବ୍ୟକ୍ତି ଭାଇରାଲ୍ ହେବା ପାଇଁ ପୋକ ଭର୍ତ୍ତି ଥିବା ଏକ ବର୍ଗରକୁ ଉପଭୋଗ କରି ଖାଉଥିବା ଦେଖିବାକୁ ମିଳିଛି। ତେବେ ଏହି ଭିଡିଓକୁ ଅନେକ ୟୁଜର୍ସ ପସନ୍ଦ କରି ନାହାନ୍ତି। ଅନେକ ୟୁଜର୍ସ ଏହିପରି ଖାଦ୍ୟର ସ୍ୱାଦକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ଅଭିନେତ୍ରୀ ହେବାକୁ ଚାହୁଁ ନ ଥିଲେ ସୋନମ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସୋନମ କପୁର ରବିବାର ନିଜର ୩୯ ତମ ଜନ୍ମଦିବସ ପାଳନ କରିବାକୁ ଯାଉଛନ୍ତି। ଏହି ଅବସରରେ ସେ ଶନିବାର ଏକ ସାକ୍ଷାତ୍‌କାର ଦେଇ ପୂର୍ବରୁ ଅଭିନେତ୍ରୀ ହେବାକୁ ଚାହୁଁ ନ ଥିବା ପ୍ରକାଶ କରିଛନ୍ତି।

ସୋନମ ଆରମ୍ଭରୁ ଫିଲ୍ମ ପରିବାର ସହ ଜଡ଼ିତ ରହିଛନ୍ତି। ତାଙ୍କ ବାପା ଅନିଲ କପୁର ବଲିଉଡ୍‌ର ଜଣେ ଭେଟେରାନ ଅଭିନେତା ଭାବେ ଜଣାଶୁଣା। ତାଙ୍କର ପୂରା ପରିବାର ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ରହିଛି। ଏହାସତ୍ତ୍ୱେ ମଧ୍ୟ ସୋନମ ପୂର୍ବରୁ ଅଭିନେତ୍ରୀ ହେବାକୁ ଚାହୁଁ ନ ଥିଲେ। ଏହା ପଛରେ ଏକ ବିଶେଷ କାରଣ ରହିଥିଲା। ବଲିଉଡ୍‌କୁ ଆସିବା ପୂର୍ବରୁ ସୋନମ ବହୁତ ମୋଟା ଥିଲେ। ସେତେବେଳେ ତାଙ୍କର ଓଜନ ୯୦ କିଲୋଗ୍ରାମ ପର୍ଯ୍ୟନ୍ତ ଥିବା ସୋନମ ଏହି ସାକ୍ଷାତ୍‌କାରରେ କହିଛନ୍ତି।

ବଲିଉଡ୍‌ରେ ଅଭିନୟ ଆରମ୍ଭ କରିବା ପୂର୍ବରୁ ସୋନମ ୨୦୦୫ରେ 'ବ୍ଲାକ' ଚଳଚ୍ଚିତ୍ରରେ ସଞ୍ଜୟ ଲୀଲା ଭଁସାଲୀଙ୍କୁ ସାହାଯ୍ୟ କରିଥିଲେ। ସେ ଏହି ଚଳଚ୍ଚିତ୍ରର ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ଭଁସାଲୀ ସୋନମଙ୍କୁ ବଲିଉଡ୍‌ରେ କାମ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଅତ୍ୟଧିକ ଓଜନ ହେତୁ ବଲିଉଡ୍‌ରେ କାମ କରିବାକୁ ଚାହୁଁ ନ ଥିଲେ ସୁଦ୍ଧା ସୋନମ ଭଁସାଲୀଙ୍କ ପରାମର୍ଶ ମାନି ନିଜ ଫିଟ୍‌ନେସ ଉପରେ ଗୁରୁତ୍ୱ ଦେବାରେ ଲାଗିପଡ଼ିଥିଲେ ଏବଂ ନିଜ ମୋଟାପଣକୁ କମ୍ କରିବାରେ ଲାଗି ପଡ଼ିଥିଲେ। ସେ 'ସାୱାରିଆ' ଚଳଚ୍ଚିତ୍ର ମାଧ୍ୟମରେ ଅଭିନେତ୍ରୀ ଭାବେ ବଲିଉଡ୍ ନିଜ ଡେବ୍ୟୁ ଆରମ୍ଭ କରିଥିଲେ।



# ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଣରେ ବହୁ କୋଟିର ଦୁର୍ନୀତି

ଜଗତ୍‌ସିଂହପୁର ଅଫିସ, ୮।୬

- ମାନ, ପରିମାଣ କମେଇ ଦିଆଯାଇଛି
- ୩ କୋଟି ଟଙ୍କାର ହେର୍‌ଫେର ହୋଇଥିବା ଚର୍ଚ୍ଚା
- ପ୍ୟାକେଟ୍ ଛତୁଆ ବାଟମାରଣା ହେଉଛି

ଜଗତ୍‌ସିଂହପୁର ଜିଲାର ପାଖାପାଖି ୩୧,୪୬୭ ଶିଶୁ, ୨୨୮ ଦୁର୍ବଳ ଶିଶୁ, ୧୦,୩୫୧ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଯାଉଥିବା ସରକାରୀ ଭାବେ ଦର୍ଶାଯାଉଛି। ବାସ୍ତବରେ କିନ୍ତୁ ପ୍ରତ୍ୟେକଙ୍କ ପାଖରେ ଏହା ପହଞ୍ଚିପାରୁନାହିଁ। ଏହାବାଦ୍ ପରିମାଣ ଏବଂ ମାନରେ କମ୍ କରାଯାଇ ବାର୍ଷିକ ଏକାଧିକ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଲୁଚିରହିଥିବା ଅନେକ ଗୂଢ଼ ରହସ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

ଅତୀତରେ ଏହି ଯୋଜନାରେ ଯୋଗାଇ ଦିଆଯାଉଥିବା ଡାଲି ଏବଂ ଚାଉଳରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏହାକୁ ଏଡ଼ାଇବାକୁ ଯାଇ ରାଜ୍ୟ ସରକାର ୨୦୧୧ଠାରୁ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଏଥିରେ କୌଣସି ସୁଧାର ଆସୁନାହିଁ। ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଛନ୍ତି। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବଣ୍ଟନର ସୁବିଧା ଦୃଷ୍ଟିରୁ ଭିନ୍ନ ଭିନ୍ନ ରଙ୍ଗର ପ୍ୟାକେଟ୍‌ରେ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଛତୁଆ ଯୋଗାଇ ଦିଆଯାଉଛି। କିନ୍ତୁ ନିର୍ଦ୍ଦିଷ୍ଟ କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ୍‌ଦେଲେ ଅଧିକାଂଶ ଗୋଷ୍ଠୀର ଲାଭଖୋର ମନୋଭାବ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ଛତୁଆ ପ୍ରସ୍ତୁତକାରୀ ସଂସ୍ଥାଗୁଡ଼ିକ ଓଜନରେ ଅର୍ଥାତ୍ ମାସିକ ଲକ୍ଷାଧିକ ପ୍ୟାକେଟ୍ ଛତୁଆରେ ସିଧାସଳଖ ବାଟମାରଣା କରୁଛନ୍ତି। ଏ ବାବଦରେ ବାର୍ଷିକ ବହୁ ଟଙ୍କାର ବାଟମାରଣା ହେଉଛି। କେବଳ ଓଜନରେ ନୁହେଁ, ଗୁଣାତ୍ମକ ମାନରେ ମଧ୍ୟ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଗହମ, ବୁଟ, ଚିନାବାଦାମ ଏବଂ ଚିନିର ଭାଗ ଠିକ୍ ରହୁନି। ସରକାରୀ ଭାବେ ଏସ୍‌ଏଚ୍‌ଜିଗୁଡ଼ିକୁ କିଲୋଗ୍ରାମ ପିଛା ୨ ଟଙ୍କା ଦରରେ ଗହମ ଯୋଗାଇ ଦିଆଯାଉଛି। ବଜାରରେ ଏହା ଉପଲବ୍ଧ ହେଉ ନ ଥିବା ଏବଂ ଯେଉଁଠି ମିଳୁଛି ଅଧିକ ଦରରେ ବିକ୍ରି ହେଉଥିବାରୁ ଚାହିଦା ରହୁଛି।

ଏହାର ସୁଯୋଗରେ ଗୋଷ୍ଠୀଗୁଡ଼ିକ ବର୍ଦ୍ଧିତ ଦରରେ ଗହମ ବିକି ବେଶ୍ ଲାଭ କରୁଛନ୍ତି। ଏଥିସହ ଚିନି, ବୁଟ ଏବଂ ଚିନାବାଦାମ ବାବଦରେ ବାର୍ଷିକ ପାଖାପାଖି ୩ କୋଟି ଟଙ୍କାର ହେର୍‌ଫେର କରାଯାଉଛି। ବିସ୍ମୟକର କଥା ହେଲା, ଛତୁଆ ପ୍ରସ୍ତୁତକାରୀ ସଂସ୍ଥାଗୁଡ଼ିକ ଲୋକଙ୍କ ଆଖିରେ ସିଧାସଳଖ ଆଙ୍ଗୁଠି ଗୁଞ୍ଜି ଲୁଟୁଥିବାବେଳେ ସରକାର ସେମାନଙ୍କୁ ସହଯୋଗ କରୁଛନ୍ତି। ଜଗତ୍‌ସିଂହପୁର ଜିଲାରେ ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘବର୍ଷ ଧରି ଛତୁଆ ଯୋଗାଇ ଆସୁଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ଏସ୍‌ଏଚ୍‌ଜିଗୁଡ଼ିକ ନାମରେ ଅନେକ ପ୍ରଭାବଶାଳୀ ଲୋକ ଏହାକୁ ନିୟନ୍ତ୍ରଣ କରୁଛନ୍ତି। ସେମାନେ ବିଭାଗୀୟ ଅଧିକାରୀଙ୍କ ସହ ବୁଝାମଣା କରି ମନଇଚ୍ଛା କାରବାର ଚଳାଇଛନ୍ତି। ଅତୀତରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟମାନେ ଏହି ପ୍ରସଙ୍ଗ ଉଠାଇ ହୋହଲ୍ଲା କରିଥିଲେ। ସେମାନେ କହିଥିଲେ, ବର୍ଷାଧିକ କାଳ ହେବ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଛତୁଆ ଉତ୍ପାଦନ ଏବଂ ଯୋଗାଣ ଦାୟିତ୍ୱ ଦିଆଯାଇଥିବା ବେଳେ ଏଗୁଡ଼ିକର ମାନ ନିର୍ଦ୍ଧାରଣ କିମ୍ବା ତଦାରଖ ହେଉନାହିଁ। କେବଳ ଛତୁଆ ଯୋଗାଉଥିବା ଏସ୍‌ଏଚ୍‌ଜିଗୁଡ଼ିକର ଅବଧି ପ୍ରତିବର୍ଷ ରିନ୍ୟୁ କରାଯାଉଛି। ଏହାଛଡ଼ା ପ୍ରତି ମାସରେ ଷ୍ଟେଟ୍ ଲାବରେଟୋରିକୁ ସାମ୍ପଲ ପରୀକ୍ଷା ପାଇଁ ପଠାଯାଉଛି କି ନା, ତାହା ଜଣାପଡୁନାହିଁ। ଏହାଦ୍ୱାରା ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କ ସହ ଖେଳ ଖେଳାଯାଉଛି। ତେଣୁ ପ୍ରତି ପଞ୍ଚାୟତରେ ଷ୍ଟାଣ୍ଡିଂ କମିଟି ଗଠନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତଙ୍କୁ ପଚାରିବାରେ, ନୂଆକରି ଯୋଗଦେଇଥିବାରୁ ଅଭିଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ମାନରେ କୌଣସି ବ୍ୟତିକ୍ରମ ହେଲେ ସମ୍ପୃକ୍ତ ଗୋଷ୍ଠୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିୟମ ରହିଛି। ଏନେଇ ବ୍ଲକରୁ ଜିଲାସ୍ତର ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ତଦାରଖ କରିବା ପାଇଁ କମିଟି ଗଠନ କରାଯାଇଛି। ଏହାସତ୍ତ୍ୱେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ଏବଂ ମନ୍ଦ ଲକ୍ଷ୍ୟ ଯୋଗୁ ଯୋଜନା ବାସ୍ତବତାଠାରୁ ଦୂରେଇ ଯାଉଥିବା ଅଭିଯୋଗ ହେଉଛି।

# କଳସ ଶୋଭାଯାତ୍ରା, ସହସ୍ର କୁମ୍ଭାଭିଷେକ



## ଶ୍ରୀ ଶ୍ରୀଗର୍ତ୍ତେଶ୍ୱରଙ୍କ ଶୀତଳଷଷ୍ଠୀ ଉତ୍ସବ

ରାଜନଗର, ୮।୬(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମୁଖଶାଳାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀଗର୍ତ୍ତେଶ୍ୱର ମନ୍ଦିର ପରିସରରେ ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଆରମ୍ଭ ହୋଇଛି। ବୈଦିକ ରୀତିନୀତି ଅନୁଯାୟୀ ଦେବଦମ୍ପତିଙ୍କ ବିବାହ ମହୋତ୍ସବର ଆଦ୍ୟ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା ଏବଂ ସହସ୍ର କୁମ୍ଭାଭିଷେକ ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଗୋସିଗାଁ, ନୁରୁଗାଁ, ଗର୍ଜନପୁର, ଜଗନ୍ନାଥପୁର, ଶଙ୍ଖପୁର, ବାଲିଝାରୀ ପ୍ରଭୃତି ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ କଳସ ଯାତ୍ରା କରି ହଂସୁଆ ନଦୀ କୂଳରେ ପହଞ୍ଚି ଥିଲେ। ହଂସୁଆ ନଦୀ କୂଳରେ ପୂଜାର୍ଚ୍ଚନା କରାଯିବା ପରେ କଳସରେ ପାଣି ଉଠାଇ ଜଗନ୍ନାଥପୁର, ବାଲିଝାରି, କୁନ୍ଦୁପୁର, ଗର୍ଜନପୁର ପ୍ରଭୃତି ଗାଁ ପରିକ୍ରମା କରି ଶ୍ରୀଗର୍ତ୍ତେଶ୍ୱରଙ୍କ ପୀଠରେ ପହଞ୍ଚି କଳସ ସ୍ଥାପନ କରାଯାଇଥିଲା। ବିଶ୍ୱକଲ୍ୟାଣ ପାଇଁ ଏହି ଅବସରରେ ଗୀତାଯଜ୍ଞ ଆରମ୍ଭ ହୋଇଛି। ଶନିବାର ଶ୍ରୀଗର୍ତ୍ତେଶ୍ୱରଙ୍କର ସହସ୍ର କୁମ୍ଭ ଜଳାଭିଷେକ କରାଯାଇଛି। କର୍ତ୍ତା ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଏବଂ ସ୍ତ୍ରୀ ସ୍ମିତା ପରିଡ଼ା ପ୍ରଥମେ ଗର୍ତ୍ତେଶ୍ୱର ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଜଳାଭିଷେକ କରିଥିଲେ। ପରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଜଳାଭିଷେକରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବ ସମୟରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହିଥିଲେ। ନାମ ସଂକୀର୍ତ୍ତନ ଏବଂ ହୁଳହୁଳି ମଧ୍ୟରେ ଶୈବପୀଠ ଉତ୍ସବ ମୁଖର ହୋଇପଡିଥିଲା। ୫ଦିନ ବ୍ୟାପୀ ଏହି ବୈଦିକ ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମନ୍ଦିରର ମୁଖ୍ୟ ପୂଜକ ଅକ୍ଷୟ କୁମାର ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଅଭୟ କୁମାର ମିଶ୍ର, ହର କୁମାର ମିଶ୍ର, ନିତ୍ୟାନନ୍ଦ ମିଶ୍ର, ନିର କିଶୋର ମିଶ୍ର, ପ୍ରମୋଦ ପାଣି ପ୍ରମୁଖ ଦେବନୀତି ସମ୍ପନ୍ନ କରୁଥିବା ବେଳେ ଶୀତଳଷଷ୍ଠୀ ଓ ଗୀତାଯଜ୍ଞ କମିଟିର ସଦସ୍ୟ ଏବଂ ଗୋସିଗାଁ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଚଟିପୋଲରୁ ୨୦ ଫୁଟ ରାସ୍ତା ଧସିଲା

କେନ୍ଦ୍ରାପଡ଼ା, ୮।୬ (ଜଗନ୍ନାଥ ଧଳ)

କଟକ-ଚାନ୍ଦିବାଲି ରାଜ୍ୟ ରାଜପଥ କେନ୍ଦ୍ରାପଡ଼ା ସହର ତିନିମୁହାଣୀ ନିକଟ ଚଟିପୋଲରୁ ପ୍ରାୟ ୨୦ଫୁଟ ଲମ୍ବର ରାସ୍ତା ମାଟି ଧସିଛି। ଏହାର ଚଉଡ଼ା ୩ ମିଟରରୁ ଅଧିକ ହୋଇଥିବାରୁ ଯାତାୟାତ କ୍ଷେତ୍ରରେ ବାଧା ଉପୁଜିଛି। ଜିଲା ପ୍ରଶାସନ ଓ ନବ ନିର୍ବାଚିତ ବିଧାୟକ ଗଣେଶ୍ୱର ବେହେରା ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିଛନ୍ତି। ଶନିବାର ସନ୍ଧ୍ୟାରେ ଏକ ଟ୍ରଲର ଯିବା ପରେ ଏହି ପୋଲ ରାସ୍ତାରୁ ମାଟି ଧସିଥିଲା। ଏହି ମାଟି ୩୦ ଫୁଟ ତଳେ ଥିବା ଗୋବରୀ ନଦୀରେ ପଡିଛି। ଘଟଣା ପରେ ଗାଡି ଯାତାୟାତ ପ୍ରାୟ ଅଧ ଘଣ୍ଟାଏ ବନ୍ଦ ରହିଥିଲା। ତେବେ ପ୍ରଶାସନ ପକ୍ଷରୁ ଏହାର ସତର୍କତାମୂଳକ ପଦକ୍ଷେପ ନେବାରୁ ଯାତାୟାତ ପୁଣି ଆରମ୍ଭ ହୋଇଛି।



ଶନିବାର ସନ୍ଧ୍ୟାରେ କଟକ-ଚାନ୍ଦିବାଲି ରାଜ୍ୟ ରାଜପଥ କେନ୍ଦ୍ରାପଡ଼ା ସହର ତିନିମୁହାଣୀ ନିକଟ ଚଟିପୋଲରୁ ପ୍ରାୟ ୨୦ଫୁଟ ଲମ୍ବର ରାସ୍ତା ମାଟି ଧସିଯାଇଛି।

# ଦୁର୍ଗାପ୍ରସନ୍ନ ମନ୍ତ୍ରୀ ହେବା ଆଶା ବାନ୍ଧିଛନ୍ତି ମହାକାଳପଡ଼ାବାସୀ

ମହାକାଳପଡ଼ା,୮।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବିଧାୟକ ଦୁର୍ଗାପ୍ରସନ୍ନ ନାୟକ।

ଚଳିତ ନିର୍ବାଚନରେ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପାର ନବ ନିର୍ବାଚିତ ନବାଗତ ଯୁବ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ରାଜନୀତିରେ ପାଦ ଦେଇଛନ୍ତି। ରାଜନୀତିର ଭବିଷ୍ୟତ ନୂଆ ସଂକଳ୍ପ ନେଇ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ରେସ୍‌ରେ ଥିବା ମହାକାଳପଡ଼ା ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି। ବିଧାୟକ ନାୟକଙ୍କୁ ମନ୍ତ୍ରୀ ପଦ ମିଳିଲେ ଅଞ୍ଚଳର ବିକାଶ ଯଥେଷ୍ଟ ଆଗରେ ପହଞ୍ଚିବ ବୋଲି ଶୁଭେଚ୍ଛୁ, ଦଳୀୟ ସମର୍ଥକ, ବୁଦ୍ଧିଜୀବୀ, ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ମନରେ ଭାବିଛନ୍ତି। ବିଶେଷକରି ବଙ୍ଗୀୟ ଅଞ୍ଚଳ ଲୋକଙ୍କ ଜମିଜମା ସମସ୍ୟା ହେଉ କି ନଦୀ ନାଳଘେରା ବଟିଘରକୁ ସେତୁ ନିର୍ମାଣ, ଜମ୍ବୁ ସେତୁ ନିର୍ମାଣ, ଆଖଡ଼ାଶାଳୀ କ୍ରିକ୍ କାର୍ଯ୍ୟକାରୀ କରିବା, ଭୁଶୁଡ଼ି ପଡ଼ିଥିବା ଭାଟେଣି ନୂତନ ସ୍ଲୁଇସ୍ ନିର୍ମାଣ ଭଳି ଅନେକ ଯୋଜନା ଅପେକ୍ଷା କରି ରହିଛି। ଅପରପକ୍ଷେ ନବନିର୍ବାଚିତ ବିଧାୟକ ନାୟକ କହିଛନ୍ତି, ମହାକାଳପଡ଼ାର ଜନସାଧାରଣ ଯେଉଁପରି ଭାବେ ଅକୁଣ୍ଠ ସମର୍ଥନ କରିଛନ୍ତି ଠିକ୍ ସେହିପରି ସେମାନଙ୍କ ସେବା କରିବି। ବିକଶିତ ମହାକାଳପଡ଼ା ଗଠନ ଦିଗରେ ସଂକଳ୍ପ ନେଇଥିବା ସେ କହିଛନ୍ତି। ଅପରପକ୍ଷରେ ବିଶେଷକରି ଉପକୂଳ ଅଞ୍ଚଳର ବଟିଘର, ଜମ୍ବୁ, ଖରିନାସୀ, ରାମନଗର, ପେଟଚ୍ଛେଲା, ସୁନିତି, ବଉଳକଣି, ଗଗୁଆ ଓ କେବି ଦାଣ୍ଡୁଆ ପଞ୍ଚାୟତରେ ବହୁଳ ଭାବେ ବସବାସ କରୁଥିବା ବଙ୍ଗୀୟ ଭୋଟର ଓ ଆଦିବାସୀଙ୍କ ଜମିଜମା ତଥା ବିଭିନ୍ନ ସମସ୍ୟା ରହିଛି। ଏ ସବୁ ସମସ୍ୟାର ସମାଧାନ ନବନିର୍ବାଚିତ ବିଧାୟକ ନାୟକ କିପରି କରିବେ ସେଥିପାଇଁ ସମସ୍ତଙ୍କ ନଜର ରହିଛି। ଏହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆର୍ସେଲର ମିତ୍ତଲ କମ୍ପାନୀର ପ୍ରସ୍ତାବ ରହିଛି। ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକମାନଙ୍କୁ କିଭଳି ନିଯୁକ୍ତି ମିଳିବ ସେଥିପାଇଁ ଭାଜପା ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବେ ବୋଲି ଆଶା କରାଯାଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଦୁର୍ଗାପ୍ରସନ୍ନ ମନ୍ତ୍ରୀ ରେସ୍‌ରେ ଥିବାରୁ ବଣ୍ଟି ଦେବନାଥ, ଚନ୍ଦ୍ରକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବୁଦ୍ଧିଜୀବୀ ହରେକୃଷ୍ଣ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଶୁଭେଚ୍ଛୁ ଆଶାବାଦୀ ଅଛନ୍ତି।

# ମନୋରଞ୍ଜନ ମାଧ୍ୟମ ହେଉଛି ନୃତ୍ୟଗୀତ

## କଳାସମ୍ପନ୍ନ କାର୍ଯ୍ୟକ୍ରମ ଆରମ୍ଭ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ପାରାଦୀପ, ୮।୬(ଶରତ ରାଉତ)

ପାରାଦୀପର ଜୟଦେବ ଭବନରେ ପରମଜ୍ୟୋତି କଳାକ୍ଷେତ୍ର ପକ୍ଷରୁ କଳାସମ୍ପନ୍ନ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଏଥିରେ ସ୍ଥାନୀୟ କଳାକାରମାନେ ନୃତ୍ୟ ଓ ଗୀତ ପରିବେଷଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୃତ୍ୟଗୁରୁ ଲିଙ୍ଗରାଜ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ମିଶ୍ର ଓ ଅନୁଷ୍ଠାନର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ମନୋରଞ୍ଜନ ପାଇଁ ଅନେକ ମାଧ୍ୟମ ଅଛି। ସେଥିରେ ନୃତ୍ୟଗୀତ ସବୁଠାରୁ ଅଧିକ ମନୋରଞ୍ଜନ ଦେଇଥାଏ ବୋଲି ସ୍ୱାଇଁ କହିଥିଲେ। ରବିବାର ଏହା ଉଦ୍‌ଯାପନୀ ହେବ।

# ପାରାଦୀପ ବନ୍ଦର ଜମିଜମା ବିବାଦ ଅନ୍ତ ହେବ

ପାରାଦୀପ,୮।୬(ଶରତ ରାଉତ)

- ୪୦ ଯୋଜନା ବନ୍ଦ ହେବା ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା
- ନିର୍ବାଚନ ପରେ ସରକାରୀ କାର୍ଯ୍ୟାଳୟ ଶିଥିଳ

ସାଧାରଣ ନିର୍ବାଚନ ଫଳାଫଳ ଗତ ୪ ତାରିଖରେ ଘୋଷଣା ପରଠାରୁ ସରକାରୀ କାର୍ଯ୍ୟାଳୟରେ ଏକପ୍ରକାର ଶିଥିଳତା ଦେଖାଦେଇଛି। ଏପରିକି ଆଦର୍ଶ ଆଚରଣବିଧି ହଟିବା ପରେ ମଧ୍ୟ ସରକାରୀ ଫାଇଲ ଆଗକୁ ବଢୁ ନ ଥିବା ଦେଖିବାକୁ ମିଳିଛି। ଅଧିକାରୀ ଓ କର୍ମଚାରୀମାନେ ଏବେ ମାପିଚୁପି କାମ କରୁଛନ୍ତି। ଅପରପକ୍ଷେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ହେବାକୁ ଯାଉଛି। ଏଥିସହ ପାରାଦୀପ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଭାବେ ସମ୍ପଦ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ତେଣୁ ପାରାଦୀପର ଦୀର୍ଘଦିନର କେତେକ ବିବାଦ ସମାଧାନ ହେବ ବୋଲି କୁହାଯାଇଛି। ୧୯୬୨ ମସିହାରୁ ପାରାଦୀପ ବନ୍ଦର ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଜମିବିବାଦ ରହିଛି। ରାଜ୍ୟ ସରକାର କେତେ ଜମି ପାରାଦୀପ ବନ୍ଦର ପାଇଁ ଦେଇଛନ୍ତି ତାହା ସ୍ପଷ୍ଟ ନାହିଁ। ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି ୮,୩୦୭ ଏକର ଜମି। କିନ୍ତୁ ଏପର୍ଯ୍ୟନ୍ତ ତାହା ଖର୍ଦ୍ଦି ବିକ୍ରି, ଲିଜ୍ କିମ୍ବା ଟ୍ରାନ୍ସଫର ହୋଇନାହିଁ। ଯାହାଦ୍ୱାରା ଏହି ବିବାଦକୁ ନେଇ ଅନେକ ମାମଲା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ସମାନ ଜାଗା ଉପରେ ରାଜ୍ୟ ଓ ପାରାଦୀପ ବନ୍ଦରର ଦ୍ୱୈତଶାସନ ଚାଲିଛି। ଯଥା କେନ୍ଦ୍ର ସରକାରଙ୍କ ମେଜର ପୋର୍ଟ ଅଥରିଟି ଆଇନ ୨୦୨୧ ଓ ରାଜ୍ୟ ସରକାରଙ୍କ ପୌରପାଳିକା ଆଇନ ୧୯୭୯। ଜାଗା ବିବାଦ ଯୋଗୁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ପୂର୍ବରୁ ଯେତେ ସରକାର ହୋଇଛି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟ ନ ଥିଲା। ଦୀର୍ଘବର୍ଷ ପରେ ସୁଯୋଗ ସୃଷ୍ଟି ହୋଇଛି। ଉକ୍ତ ବିବାଦ ସମାଧାନ ହେଲେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ବୋଲି କୁହାଯାଇଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନା ବନ୍ଦ ହେବ ବୋଲି ସୋସିଆଲ ମିଡିଆରେ ଭାଇରାଲ ହେଉଛି। ବିଶେଷକରି ବିଜେଡି ନେତା ତଥା ସମର୍ଥକଙ୍କ ବିଭିନ୍ନ ଗ୍ରୁପ୍‌ରେ ୪୦ ଯୋଜନା ବନ୍ଦ ହେବ ବୋଲି ଲେଖା ଯାଉଛି। ଜଗତ୍‌ସିଂହପୁର ଜିଲା ପାରାଦୀପର ଏକାଧିକ ସୋସିଆଲ ମିଡିଆ ଗ୍ରୁପ୍‌ରେ ଲେଖାଯାଇଥିବା ଯୋଜନାଗୁଡ଼ିକ ହେଲା ବିଜୁ ସ୍ୱାସ୍ଥ୍ୟ କାର୍ଡ, ବିଏସ୍‌କେୱାଇ ନବୀନ କାର୍ଡ, ମିଶନ ଶକ୍ତି, ମିଲେଟ୍ ମିଶନ, ମିଶନ ଶକ୍ତି ବଜାର, ମିଶନ ଶକ୍ତି କାଫେ, ନୂଆ ଓ ମେଧାବୃତ୍ତି, ଏସ୍‌ସିବି କରିଡର, ମମତା ଯୋଜନା, ଆହାର କେନ୍ଦ୍ର, ରାଜ୍ୟ ସରକାରଙ୍କ ରାଶନ କାର୍ଡ, ମୋ ବସ୍, ଲକ୍ଷ୍ମୀ ବସ୍, କାଳିଆ ଯୋଜନା, କାଳିଆ ଛାତ୍ର ମେଧାବୃତ୍ତି, କାଳିଆ ବିବାହ ଫଣ୍ଡ, କୋଭିଡ୍-୧୯ ପେନ୍‌ସନ ସ୍କିମ୍, ଭାରତୀୟ ହକି ସ୍ପୋନ୍‌ସର, ନୂଆ ବାରବାଟୀ ଷ୍ଟାଡିୟମ, ବିଜୁ ସେତୁ, ବିଜୁ ଶ୍ରମିକ କାର୍ଡ, ଟିପିସିଓଡିଏଲ ପାୱାର, ହରିଶ୍ଚନ୍ଦ୍ର ସହାୟତା, ୫-ଟି ସ୍କୁଲ, ମୋ ସ୍କୁଲ, ମୋ ସରକାର, ଅନ୍ୱେଷା ଯୋଜନା, ମୁକ୍ତା ଯୋଜନା, ବଳରାମ ଯୋଜନା, ନିଦାନ ସ୍ୱାସ୍ଥ୍ୟ ପରୀକ୍ଷା, ମୋ ଘର, ଆମ ବ୍ୟାଙ୍କ, ସ୍ୱୟମ୍ ଯୋଜନା, ଦାମନ ଯୋଜନା, ରକ୍ଷକ ଯୋଜନା, ସମ୍ପୂର୍ଣ୍ଣା ଯୋଜନା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା, ଜଗନ୍ନାଥ ଏକ୍ସପ୍ରେସ, ନିରାମୟ, ଅବଢ଼ା ଯୋଜନା, ବିଜୁ ହାଇୱେ ଆଦି ବନ୍ଦ ହେବ ବୋଲି କୁହାଯାଇଛି।

# ଭିନ୍ନକ୍ଷମ, ଅସହାୟଙ୍କୁ ଆର୍ଥିକ ସହାୟତା

## ପ୍ରିୟଶ୍ଳୋକ ଆର୍ଯ୍ୟ ଟ୍ରଷ୍ଟର ୩ୟ ବାର୍ଷିକୀ ସଭା

କେନ୍ଦ୍ରାପଡ଼ା, ୮।୬(ଜଗନ୍ନାଥ ଧଳ)




ଅତିଥିମାନେ ଜଣେ ମହିଳାଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ପ୍ରିୟଶ୍ଳୋକ ଆର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ତୃତୀୟ ବାର୍ଷିକୀ ସଭା କେଶପୁର ବଜାରଠାରେ ଶନିବାର ପାଳିତ ହୋଇଯାଇଛି। ଆଇନଜୀବୀ ଲଳିତେନ୍ଦୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭିନ୍ନକ୍ଷମ ଓ ଅସହାୟଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଥିଲା। ଏଥିରେ ଏଡିଏମ୍ ପୀତାମ୍ବର ସାମଲ, ମାନସ ଭୂଷଣ ପଣ୍ଡିତ, ହୃଷୀକେଶ ରଥ, ଡ. ଜ୍ୟୋତିରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ୩ ବର୍ଷ ତଳେ ପ୍ରିୟଶ୍ଳୋକ ଆର୍ଯ୍ୟ ଆକସ୍ମିକ ମୃତ୍ୟୁବରଣ କରିଥିଲେ। ସେ ବଳଦେବ ଉଚ୍ଚବିଦ୍ୟାଳୟର ମେଧାବୀ ଛାତ୍ର ଥିଲେ। ସେ ଡିଆର୍‌ଡିଓରେ ଜଣେ ବୈଜ୍ଞାନିକ ଥିଲେ। ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ଏହି ଟ୍ରଷ୍ଟ ଗଠନ କରାଯାଇ ବିଭିନ୍ନ ସାମାଜିକ କାର୍ଯ୍ୟ କରାଯିବା ସହ ଗରିବ ମେଧାବୀ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହି ସଭାକୁ ଟ୍ରଷ୍ଟର ଶୁଭ୍ରାଂଶୁ ଜେନା, ବିବେକାନନ୍ଦ ଆଚାର୍ଯ୍ୟ, ମାନସ ମହାପାତ୍ର, ବଳରାମ ପରିଡ଼ା, ରାଜେଶ ମହାନ୍ତି, ନୃସିଂହ ତ୍ରିପାଠୀ, ପ୍ରଣବ କୁମାର ଜେନା, ଦେବାଶିଷ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବିଜୁଳି କାଟ୍, ଲୋ-ଭୋଲ୍‌ଟେଜ ବଢ଼ାଉଛି ଅସନ୍ତୋଷ

ଜଗତ୍‌ସିଂହପୁର ଅଫିସ, ୮।୬

- ଟିପିସିଓଡିଏଲ୍‌ର ମନମାନି ଉପଭୋକ୍ତାଙ୍କ ଚିନ୍ତାର କାରଣ ପାଲଟିଛି
- ୧୯୧୨ ଟୋଲ୍ ଫ୍ରି ନମ୍ବର ପ୍ରହସନ ପାଲଟିଛି

ରାଜ୍ୟ ସରକାର ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ବିଜୁଳି ବିତରଣ ଦାୟିତ୍ୱ ଦେବା ପରେ ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା। ଟିପିସିଓଡିଏଲ୍ ପକ୍ଷରୁ ମଧ୍ୟ ବିଜୁଳି ଯୋଗାଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯିବ ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଟାଟା ପାୱାର ଲୋକଙ୍କୁ କେବଳ ନିରାଶ କରୁନି, ଶୋଷଣ କରୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ବିଶେଷକରି ଦୈନିକ କ୍ରମାଗତ ବିଜୁଳି କାଟ୍ ଓ ଲୋ-ଭୋଲ୍‌ଟେଜ ଲୋକଙ୍କୁ ଅତିଷ୍ଠ କରିଦେଲାଣି। ବିଜୁଳି ବିତରଣ କମ୍ପାନୀର ଏଭଳି ମନମାନି ବିରୋଧରେ ଜନଅସନ୍ତୋଷ ଦାନା ବାନ୍ଧିଲାଣି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକ ପ୍ରତିକ୍ରିୟାରେ କହିଛନ୍ତି, ଟାଟା କମ୍ପାନୀ ଦୈନିକ ୨୦/୨୫ଥର ଅଘୋଷିତ ବିଦ୍ୟୁତ କାଟ୍ କରୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଲୋକେ ଆଉଟପାଉଟ ହେଉଥିବା ବେଳେ ବିଦ୍ୟୁତ କାଟ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେଉଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ପଚାରିଲେ, ବିଭିନ୍ନ ସ୍ଥାନରେ ମରାମତି କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏପରି କି ଥରେ ଶଟ୍‌ଡାଉନ୍ ନେଲେ ୨୦ ମିନିଟ୍ ଧରି ସମ୍ପୃକ୍ତ ଟ୍ରାନ୍ସଫର୍ମର ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହୁଛି, ଯେଉଁଥିପାଇଁ ଦୀର୍ଘସମୟ ବିଦ୍ୟୁତ୍ ସେବା ଯୋଗାଇବା ସମ୍ଭବ ହେଉନି। ବାସ୍ତବରେ କିନ୍ତୁ ଦୈନିକ ବିଭିନ୍ନ କାରଣରୁ ଜିଲାର ଅନେକ ଅଞ୍ଚଳରେ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଆଉ ଯେତିକି ସମୟ ବିଦ୍ୟୁତ୍ ମିଳୁଛି ଲୋ-ଭୋଲ୍‌ଟେଜ୍ କାରଣରୁ ଅନେକ ବୈଦ୍ୟୁତିକ ସାମଗ୍ରୀ ଖରାପ ହେବାରେ ଲାଗିଛି। ଏସି ଚାଲୁନାହିଁ। ବିଦ୍ୟୁତ୍ ସରବରାହରେ ଅସନ୍ତୁଳନ ଯୋଗୁ ଲୋକଙ୍କ ସମସ୍ୟା ବଢୁଛି।

ଅପରପକ୍ଷେ ଟାଟା ପାୱାର ପକ୍ଷରୁ ଲୋକଙ୍କୁ ସେବା ଯୋଗାଇବା ନାଁରେ ୧୯୧୨ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। କୌଣସି ଉପଭୋକ୍ତା ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଅସୁବିଧାରେ ପଡ଼ିଲେ ଏହି ନମ୍ବରକୁ ଫୋନ୍ କରିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଉକ୍ତ ନମ୍ବରକୁ ଫୋନ୍ କଲେ ଉପଭୋକ୍ତାଙ୍କ କଞ୍ଜ୍ୟୁମର ନମ୍ବର କିମ୍ବା କଷ୍ଟମର ଆଇଡି ସାଙ୍ଗକୁ ଅଭିଯୋଗକାରୀଙ୍କ ମୋବାଇଲ ନମ୍ବର ମଗାଯାଉଛି। ତା'ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଫୋନ୍ କରି ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଆଦିରେ ପହଞ୍ଚି ପ୍ରତିକାର କରିବେ ବୋଲି କୁହାଯାଉଛି। ବାସ୍ତବରେ କିନ୍ତୁ ଏହା ପ୍ରହସନ ପାଲଟିଛି। ବିଜୁଳି ସେବା ନାଁରେ ଟାଟା ପାୱାର ଚଞ୍ଚକତା କରୁଥିବା ଗୁରୁତର ଅଭିଯୋଗ ହେଉଛି। ଦୁର୍ବଳ ତାର ସାଙ୍ଗକୁ ଅନ୍ୟାନ୍ୟ ମରାମତି ଅଭାବରୁ ସାମାନ୍ୟ ପବନରେ ବିଜୁଳି କଟିଯାଉଛି। ଏଭଳି ଅନେକ କାରଣରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏନେଇ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟରେ ସରକାର ବଦଳିଛି। ଆସନ୍ତା ୧୦ ତାରିଖରେ ଭାଜପା ନେତୃତ୍ୱାଧୀନ ସରକାର ହେବାକୁ ଯାଉଛି। ତେଣୁ ବିଦ୍ୟୁତ୍ ସେବାରେ ସଂସ୍କାର ଆସିବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ

ଆସିକା,୮।୬(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ସିଦ୍ଧନୟୀ-ଅତରଙ୍ଗ ରାସ୍ତାର ପଥରକୁଆଁରି ସଂଲଗ୍ନ ଚାଷଜମିରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତା ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏ ନେଇ ନଂ.୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। କେତେଜଣ ଗ୍ରାମବାସୀଙ୍କ କହିବା ପ୍ରକାରେ ମହିଳା ଜଣକ ଗତ କିଛି ଦିନ ହେଲା ସିଦ୍ଧନୟୀ ଓ ଆଖପାଖ ଅଞ୍ଚଳରେ ବୁଲୁଥିଲେ । ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସ୍ପଷ୍ଟ ହୋଇନାହିଁ।

### ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷା ଦେବେ ୬ ପରୀକ୍ଷାର୍ଥୀ

ଆସିକା,୮।୬(ସୁରେନ୍ଦ୍ର ନାଥ ସାହୁ): ଚଳିତବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନର ଇନଷ୍ଟାଣ୍ଟ ପରୀକ୍ଷା ଆସନ୍ତା ୨୮ ତାରିଖରେ ହେବ । ଏହି ପରୀକ୍ଷାରେ ଆସିକା ବିଜ୍ଞାନ ମହାବିଦ୍ୟାଳୟରୁ କଳାରେ ୫ ଜଣ ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରୁ ବିଜ୍ଞାନରେ ଜଣେ ଏପରି ସମୁଦାୟ ୬ଜଣ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । କିନ୍ତୁ ନିମିନାସ୍ଥିତ ଏନବିସି କଲେଜରେ ୭ଜଣ ଏହି ପରୀକ୍ଷା ଦେବାକୁ ଯୋଗ୍ୟ ଥିଲେ ମଧ୍ୟ ଫର୍ମ ପୂରଣ କରି ନ ଥିବା ଜଣାଯାଇଛି । ସୂଚନାଯୋଗ୍ୟ, ଯେଉଁ ଛାତ୍ରଛାତ୍ରୀମାନେ ଯୁକ୍ତ୨ ପରୀକ୍ଷାରେ ନିର୍ଦ୍ଧାରିତ ମାର୍କ ରଖି କେବଳ ଗୋଟିଏ ବିଷୟରେ ଫେଲ ହୋଇଥିବେ ସେମାନେ ଇନଷ୍ଟାଣ୍ଟ ପରୀକ୍ଷା ରେ ସେହି ବିଷୟରେ ପରୀକ୍ଷା ଦେଇପାରିବେ ।

### ମା' ସୁନାଦେଈଙ୍କ ବାର୍ଷିକ ଉତ୍ସବ



ପୋଲସରା,୮।୬(ସୁବ୍ରତ ବେହେରା): ପୋଲସରା ବ୍ଲକ ବନ୍ଥପଲ୍ଲୀ ପଞ୍ଚାୟତସ୍ଥିତ ମହିରକଣା ପର୍ବତ ପାଦଦେଶରେ ମା' ସୁନାଦେଈ ଠାକୁରାଣୀ ପୂଜା ପାଇ ଆସୁଛନ୍ତି। ୩ ବର୍ଷ ହେଲା ମା'ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ଶନିବାର ମା 'ଙ୍କ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କାହ୍ନୁ ଚରଣ ସାମଲଙ୍କ ନେତୃତ୍ୱରେ ପୂଜା ପାଠ, ହୋମ ଯଜ୍ଞ, ଅନ୍ନ ଯଜ୍ଞ ଆୟୋଜିତ ହୋଇଥଲା। ମା'ଙ୍କ ଦର୍ଶନ ଲାଗି ମଥୁରା, ବନ୍ଥପଲ୍ଲୀ, ଉସ୍ଥାପଡ଼ା, ମୁକ୍ତା ମାଳଦେଇପୁର ଶାସନ, ବାଲିଘାଇ, ଶିଧିପୁର ଗ୍ରାମର ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା।

### ବରଗଛ ଡାଳ ଭାଙ୍ଗି ବାଇକ୍ ଆରୋହୀ ଗୁରୁତର

ଖଲ୍ଲିକୋଟ,୮।୬(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଘଟିଛି ଅଘଟଣ। ରାସ୍ତା କଡ଼ରେ ଥିବା ଶୁଖିଲା ପୁରୁଣା ବରଗଛର ଏକ ବିରାଟ ଡ଼ାଳ ଭାଙ୍ଗି ପଡ଼ିବାରୁ ସେହି ରାସ୍ତା ଦେଇ ଯାଉଥିବା ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଓଡ଼ିଆ ଆଲପୁର ଗ୍ରାମର ରାଜମିସ୍ତ୍ରୀ କୃଷ୍ଣ ତରେଇ ଚିକିଲି ଗ୍ରାମରେ କାମ ଶେଷ କରି ଶନିବାର ସନ୍ଧ୍ୟାରେ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ମୁକୁନ୍ଦପୁର ଛକରେ ଥିବା ପୁରୁଣା ବରଗଛର ଏକ ବିରାଟ ଡ଼ାଳ ହଠାତ ଭାଙ୍ଗିଯାଇ ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ କୃଷ୍ଣ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି।

### ୧୩ ଦିନରେ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା

ଛତ୍ରପୁର,୮।୬ (ଦିଲୀପ ସାମଲ): ଛତ୍ରପୁରର ଆରାଧ୍ୟ ଦେବୀ ମା ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ଶନିବାର ୧୩ ଦିନରେ ପହଞ୍ଚିଛି। ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ତାଡେପଲ୍ଲୀ ସାହି ପରିକ୍ରମା କରି ଭୋଗ ଗ୍ରହଣ କରିଛନ୍ତି ।

# ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି

ପାରଳାଖେମୁଣ୍ଡି, ୮।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ୟାପକ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ବେଳେ ଏଠାରେ ଡାକ୍ତର ମରୁଡ଼ି ଦେଖାଦେଇଛି । ସେହିପରି ଶିଶୁ ବିଭାଗରେ କେବଳ ଜଣେ ମାତ୍ର ଡେପୁଟେଶନ ଡାକ୍ତର ରହିଛନ୍ତି, ଯାହାକି ଏହି ବିଭାଗରେ ସାତ ୭ ଡାକ୍ତରଙ୍କ ଆବଶ୍ୟକତା ରହିଥିବା ବେଳେ କେହି ସ୍ଥାୟୀ ଡାକ୍ତର ନାହାନ୍ତି। ଡାକ୍ତର ଜଣକ ଗାରବନ୍ଧରୁ ଗୁଣୁପୁର ବଦଳି ହୋଇଥିଲେ ମଧ୍ୟ ତାଙ୍କୁ ବାଧ କରାଯାଇ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଏପରି ସ୍ଥଳେ ରୋଗୀଙ୍କ ଚିକିତ୍ସା କିପରି ହେଉଥିବ ତାହା ସହଜେ ଅନୁମେୟ।

ସୂଚନା ପ୍ରକାରେ, ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୫ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୨୩ ଜଣ ରହିଛନ୍ତି। ଆବଶ୍ୟକୀୟ ୫୨ ଡାକ୍ତର ପଦବୀ ଖାଲି ପଡ଼ିଛି। ବିଭିନ୍ନ ବିଭାଗରେ ପଦବୀ ଖାଲିପଡ଼ିଛି। ଏଥି ମଧ୍ୟରେ ମୁଖ୍ୟତଃ ଶିଶୁ ବିଭାଗ ସମେତ ଚକ୍ଷୁ, ଦନ୍ତ, ମାନସିକ ବିଶେଷଜ୍ଞ , ଆନେସ୍ଥେସିଆ, ଯକ୍ଷ୍ମା, ଚର୍ମରୋଗ ବିଶେଷଜ୍ଞ ଆଦି ବିଭିନ୍ନ ବିଭାଗ ଖାଲି ପଡ଼ିଛି। ତେବେ ଆନେସ୍ଥେସିଆ ଡାକ୍ତର ପଦବୀ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଜଣେ ଅବସରପ୍ରାପ୍ତ ବିଶେଷଜ୍ଞଙ୍କୁ ସାମୟିକ ଭାବେ ନିଯୁକ୍ତ କରାଯାଇଛି। ଏହିପରି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ଯୋଗୁଁ ଦୈନନ୍ଦିନ ଆସୁଥିବା ରୋଗୀମାନଙ୍କ ଚିକିତ୍ସା ଲାଗି କିଭଳି ବ୍ୟବସ୍ଥା ହେଉଥିବ ତାହା ସହଜରେ ଜଣାପଡୁଛି। ଜିଲା ମୁଖ୍ୟ ଚିକିତ୍ସାଳୟ ହୋଇଥିବା ଯୋଗୁଁ ଜିଲାର କୋଣ ଅନୁକୋଣରୁ ରୋଗୀମାନେ ଆସୁଛନ୍ତି। ହେଲେ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ବାଧ ହୋଇ ବାହାର ଜିଲା ତଥା ପଡ଼ୋଶୀ ଆନ୍ଧ୍ର ରାଜ୍ୟକୁ ଚିକିତ୍ସା ନିମନ୍ତେ ଯାଉଛନ୍ତି। ଫଳରେ ଅଧିକ ଖର୍ଚ୍ଚାନ୍ତ ହେବା ସହ ବାହାର ରାଜ୍ୟରେ ଶୋଷଣର ଶିକାର ମଧ୍ୟ ହେଉଥିବା ନଜିର ରହିଛି। ଏହାସହ ରୋଗୀମାନେ ତୁରନ୍ତ ଉପଶମ ମଧ୍ୟ ହୋଇପାରୁ ନାହାନ୍ତି। ଯନ୍ତ୍ରଣାରେ ଛଟପଟ ହୋଇ ଘରୋଇ କିମ୍ବା ଅନ୍ୟ ସହରକୁ ଚିକିତ୍ସା ନିମନ୍ତେ ଯାଉଛନ୍ତି। ଡାକ୍ତରଙ୍କ ଅଭାବ ଯୋଗୁଁ ଦୈନନ୍ଦିନ କୌଣସି ନା କୌଣସି ସମସ୍ୟାକୁ ନେଇ ଅଭିଯୋଗ ହେଉଛି। ଏପରିକି ହାତଗୁଞ୍ଜା କାରବାର ଚାଲୁଥିବା ରୋଗୀ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ ଓ ସାଧାରଣ ଲୋକେ। ଏପରିକି ଗତ ୩୦ତାରିଖ ଦିନ ପ୍ରସୂତି ବିଭାଗର କିଛି କର୍ମଚାରୀ ହାତଗୁଞ୍ଜା ନେଉଥିବା ବେଳେ ରୋଗୀଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଶଣ ହୋଇଥିଲା। ହେଲେ ଜିଲା ପ୍ରଶାସନ କିମ୍ବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ଲାଗି କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ଅସନ୍ତୋଷର ପ୍ରକାଶ ପାଇଛି। ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ ଜାଣିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପି କେ ପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବପର ହୋଇନାହିଁ। ଯଦି ଜିଲା ମୁଖ୍ୟ ଚିକିତ୍ସାଳୟରେ ଏପରି ଅବସ୍ଥା ତେବେ ଗ୍ରାମୀଣ ଇଲାକାରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର କିପରି ଅବସ୍ଥା ଥିବା ତାହା ସହଜରେ ଅନୁମେୟ।

# ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି।

ଆସିକା,୮।୬(ସୁରେନ୍ଦ୍ର ନାଥ ସାହୁ): ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାରଠାରୁ ତ୍ରିଦିବସୀୟ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ଆରମ୍ଭ ହୋଇଛି। ସମ୍ଭାଗ ସଂଯୋଜକ କିରଣ କୁମାର ପାଢୀ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପର୍ଯ୍ୟାବରଣ ପ୍ରମୁଖ କୃଷ୍ଣଚନ୍ଦ୍ର ଦାସ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଆଚାର୍ଯ୍ୟମାନଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କର୍ମଶାଳାରେ ଶିଶୁଙ୍କୁ ଉନ୍ନତମାନର ଶିକ୍ଷାଦାନ, ଜାତୀୟ ଶିକ୍ଷାନିତି ଆଧାରରେ ପରୀକ୍ଷା ବ୍ୟବସ୍ଥା, କୌଶଳ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା କାର୍ଯ୍ୟକ୍ରମରେ ଶିଶୁମନ୍ଦିର ପରିଚାଳନା ସମିତିର କୋଷାଧକ୍ଷ ଦୁର୍ଗାପ୍ରସାଦ ଆଚାରୀ, ଯୁଗ୍ମସଂପାଦକ ନାଗେଶ୍ୱର ପାତ୍ର, ଜଗନ୍ନାଥ ସେଠୀ ଏବଂ ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆସିକା ସଙ୍କୁଳ ଅନ୍ତର୍ଗତ ଆସିକା, କବି ସୂର୍ଯ୍ୟନଗର, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, କଙ୍କୋରଡା, କୁକୁଡାଖଣ୍ଡି, ଶିକିରି ଓ ମୁଣ୍ଡମରାଇ ଶିଶୁ ମନ୍ଦିରର ୬୬ଜଣ ଗୁରୁଜୀ ଓ ୧୦୨ଜଣ ଗୁରୁମା ଯୋଗ ଦେଇଛନ୍ତି । କୃତିବାସ ମହାପାତ୍ର, ଗିତା ପଟ୍ଟନାୟକ, ସନ୍ତୋଷ କୁମାର ସ୍ୱାଇଁ, କିରଣ କୁମାର ଜେନା, ବାଇଧର ପ୍ରଧାନ, ଗୀତାଞ୍ଜଳି ସାବତ, ରିନା ସାହୁ, ଅନୁରାଧା ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଲିଭରିଡ୍‌ଲେ ଗଣ ଅଣ୍ଡାଦାନ ସ୍ଥଳ କ୍ଷତିଗ୍ରସ୍ତ



## ବେଳାଭୂମି ଅବକ୍ଷୟ ମୁଖ୍ୟ କାରଣ

ଗଞ୍ଜାମ, ୮।୬(ବିଦ୍ୟାଧର ସାହୁ): ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣ ବେଳାଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ସାମୁଦ୍ରିକ ଝଡ଼ 'ରେମାଲ' ସୃଷ୍ଟି ହେବାଠାରୁ ସ୍ଥାନୀୟ ଅଞ୍ଚଳରେ ସମୁଦ୍ର ଅଶାନ୍ତ ରହୁଥିବା ଲକ୍ଷ୍ୟ କରାଯାଇଛି । ତେଣୁ ଉଚ୍ଚ ଲହଡି ମାଡ଼ ହେବା ଫଳରେ ଋଷିକୁଲ୍ୟା ବେଳାଭୂମି ସାମୁଦ୍ରିକ କଇଁଚ ଅଲିଭ୍ ରିଡଲେଙ୍କ ବିସ୍ତିର୍ଣ୍ଣ ଗଣ ଅଣ୍ଡାଦାନ ସ୍ଥଳ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ଭୌଗୋଳିକ ପରିବେଶ ପରିବର୍ତ୍ତନ ହୋଇଛି। ବିଶେଷକରି ଗଞ୍ଜାମ ବ୍ଲକର ଗୋଖରକୁଡ଼ାଠାରୁ ପ୍ରୟାଗି ମଧ୍ୟରେ ରହିଥିବା ଝାଉଁ ଓ କାଜୁ ଗଛଗୁଡିକ ଭୁଶୁଡି ପଡିଛି। ଅନ୍ୟପଟେ ଆୟର୍ଲ୍ୟାଣ୍ଡରେ ବର୍ତ୍ତମାନ ତିନୋଟି ମୁହାଁଣ ରହିଥିବା ଲକ୍ଷ୍ୟ କରାଯାଇଛି । ସେହିପରି ସାମୁଦ୍ରିକ କଇଁଚଙ୍କ ଗଣ ଅଣ୍ଡାଦାନ ବିସ୍ତିର୍ଣ୍ଣ ବେଳାଭୂମି ସମୁଦ୍ର ଆଁ ମଧ୍ୟରେ ଲୀନ ହୋଇଯାଇଥିବା ସ୍ଥାନୀୟ ଅଞ୍ଚଳର ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି । ଦିନକୁ ଦିନ ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ଏଥିପାଇଁ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ପରିବେଶବିତ ମତବ୍ୟକ୍ତ କରିଛନ୍ତି।

### ନବୀନଙ୍କୁ ଶୁଭେଚ୍ଛା ଜଣାଇଲେ ଶେରଗଡ଼ ନେତା

ଶେରଗଡ, ୮।୬(ସୂର୍ଯ୍ୟନାରାୟଣ ଦାଶ): ହିଞ୍ଜିଳି ବିଧାନସଭାରୁ ନିର୍ବାଚିତ ହେବା ପରେ କାମଚଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶେରଗଡ଼ର ନେତା ଓ କର୍ମୀ। ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ଦୁର୍ଗା ପ୍ରସାଦ ବିଷୋୟୀ, ରାଧାକୃଷ୍ଣ ଡାକୁଆ ପ୍ରମୁଖ ଭୁବନେଶ୍ୱରସ୍ଥିତ ନବୀନ ନିବାସ ଯାଇ ସେଠାରେ ନବୀନ ପଟ୍ଟନାୟକଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ନବୀନ ଅଭିବାଦନ ଜଣାଇବା ସହ କହିଛନ୍ତି ଯେ, ଶେରଗଡବାସୀଙ୍କ ଲାଗି ମୁଁ ଜିତି ବିଧାୟକ ହୋଇଛି। ଗତ ୫ ଥର ମୁଁ ହିଞ୍ଜିଳିରୁ ଜିତି ଓଡିଶାର ଲୋକଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲି। ଏଣୁ ଆପଣଙ୍କ ଶେରଗଡବାସୀଙ୍କୁ ଧନ୍ୟବାଦ। ସବୁବେଳେ ମୁଁ ଆପଣଙ୍କ ପାଖେ ପାଖେ ରହି ସେବା ଜାରି ରଖିବି।

### ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ଚୂଡାନ୍ତ, ୧୦ରେ ଶିବ ବିବାହ

ଶେରଗଡ, ୮।୬ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଚନ୍ଦ୍ରଶେଖର ମନ୍ଦିରରେ ରଙ୍ଗ ଦିଆଯିବା ସହ ଯାତ୍ରା ନିମନ୍ତେ ବ୍ୟାପକ ପ୍ରସ୍ତୁତ ସରିଛି। ୧୦ ତାରିଖ ଦିନ ଶିବ ପାର୍ବତୀ ବିବାହ ଉତ୍ସବ ପାର୍ଶ୍ୱ ମଣ୍ଡପରେ ହେବ। ଏହାପରେ ଗ୍ରାମବାସୀ ବରକନ୍ୟା ଘର ସାମୂହିକ ପ୍ରସାଦ ସେବନ ପରେ ଠାକୁରଙ୍କୁ ନଗର ପରିକ୍ରମା କରି ଅସ୍ଥାୟୀ ମଣ୍ଡପରେ ବିରାଜମାନ କରାଯିବ। ଏହି ଚାରି ଦନାତ୍ମକ ଯାତ୍ରା ନିମନ୍ତେ ଗ୍ରାମ ଉତ୍ସବମୁଖର ହୋଇ ଉଠିଛି। ଟ୍ରଷ୍ଟି ବିପ୍ରଚରଣ ମିଶ୍ର, ରଜନୀ କାନ୍ତ ତ୍ରିପାଠୀ, ଦିଲ୍ଲୀପ କୁମାର ତ୍ରିପାଠୀ, ପ୍ରଦ୍ୟୁମ୍ନ କୁମାର ଷଡଙ୍ଗୀଙ୍କ ସମେତ ଗ୍ରାମବାସୀ ଯାତ୍ରା ପ୍ରସ୍ତୁତିରେ ଲାଗି ପଡିଛନ୍ତି। ସେହିପରି ଶେରଗଡ ରମୁଣିସାହିରେ ମା' ରାମଚଣ୍ଡୀଙ୍କ ଠାକୁରାଣୀ ଯାତ୍ରା ନିମନ୍ତେ ଛାମୁଚିଆ ନିର୍ମାଣ ସରିଛି।

# ବିଦାୟକାଳୀନ ସମ୍ବର୍ଦ୍ଧନା



ସବ୍ ଇନ୍ସପେକ୍ଟର ମହେଶ୍ୱର ବେହେରାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ ।

ବେଲଗୁଣ୍ଠା,୮।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ସବ୍ ଇନିସପେକ୍ଟର ମହେଶ୍ୱର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ସମ୍ପର୍କରେ କହିବା ସହ ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ। ବେହେରା ବେଲଗୁଣ୍ଠାରେ କାର୍ଯ୍ୟକାଳ ସମୟରେ ଜଣେ ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତିତ୍ୱ ଭାବେ ନିଜ ସହକର୍ମୀ ଓ ବେଲଗୁଣ୍ଠା ଥାନା ଅଞ୍ଚଳରେ ପରିଚିତ ଥିଲେ। ଏହି ଅବସରରେ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଏସଡିପିଓ ନାୟକଙ୍କ ଦ୍ୱାରା ବେଲଗୁଣ୍ଠାର ପ୍ରସିଦ୍ଧ ପିତ୍ତଳ ମାଛ ଉପହାର ପ୍ରଦାନ କରାଯାଇଥିଲା। ସବ୍ ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଭଞ୍ଜନଗର ଥାନାଧିକାରୀ କୁମର ମୁଦୁଲି, ଗାଙ୍ଗପୁର ଥାନାଧିକାରୀ ରାଜେଶ କୁମାର ନାୟକ, ଜଗନ୍ନାଥପ୍ରସାଦ ଥାନାଧିକାରୀ ଅରୁଣ କୁମାର ସିଂ, ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ସିସି କ୍ୟାଡେଟ ବିଶ୍ୱ ମହାସାଗର ଦିବସ ପାଳିଲେ

ଭଞ୍ଜନଗର,୮।୬(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ଆର୍ମି ୱିଙ୍ଗ ଶାଖା ପକ୍ଷରୁ ଶନିବାର ବିଶ୍ୱ ମହାସାଗର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନସିସି କ୍ୟାଡେଟମାନେ ଭଞ୍ଜନଗର ଜଳଭଣ୍ଡାରକୁ ସଫେଇ କରିଥିଲେ। ଏନସିସି ଆର୍ମୀ ଅଫିସର୍ ଲେଫ୍ଟନାଣ୍ଟ ରଜନୀ କାନ୍ତ ତ୍ରିପାଠୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ସମ୍ପର୍କରେ କହିଥିଲେ। ବିଭିନ୍ନ କାରଣ ଯୋଗୁଁ ସମୁଦ୍ର ଆଜି ପ୍ରଦୂଷିତ ହେଉଛି। ଏହାର ସୁରକ୍ଷା ଆବଶ୍ୟକତା ରହିଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୁଦ୍ରର ମହତ୍ତ୍ୱ ଏବଂ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ବିଷୟରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା। ସମୁଦ୍ର କେବଳ ଜଳର ଉତ୍ସ ନୁହେଁ, ବରଂ ଖାଦ୍ୟ ଏବଂ ପୋଷଣର ଉତ୍ସ ମଧ୍ୟ। ଲକ୍ଷାଧିକ ଲୋକଙ୍କ ଜୀବିକା ସମୁଦ୍ର ସହ ଜଡ଼ିତ ଅଛି। ତେଣୁ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ଆବଶ୍ୟକତା ରହିଛି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। କାର୍ଯ୍ୟକ୍ରମକୁ ଏନସିସି କ୍ୟାଡେଟମାନେ ପରିଚାଳନା କରିଥିଲେ।





ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କ୍ୟାଡେଟ ମାନେ।

### ୬୦ ଘଣ୍ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଲା ମୃତଦେହ

ପାତ୍ରପୁର, ୮।୬ (ଉମାଚରଣ ନେପାକ):

ପାତ୍ରପୁର ବ୍ଲକ ତୁରୁବୁଡି ଗ୍ରାମର ଅର୍ଜୁନ ଗୌଡ଼ଙ୍କ ପୁଅ ଲକ୍ଷ୍ମଣ ଗୌଡ଼ (୨୬) ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ବିଶାଖାପାଟଣାର ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହେଇଥିଲେ। କିନ୍ତୁ ଗୁରୁବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ମୃତଦେହକୁ ବିନା ପୋଲିସ କେଶରେ ହସ୍ତାନ୍ତର କରୁନଥିଲା । ଶନିବାର ସକାଳେ ଓଡିଶା ପୋଲିସ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରାୟ ଷାଠିଏ ଘଣ୍ଟା ପରେ ଗାଁକୁ ଆସିଥିଲା।

# 'କୀର୍ତ୍ତିକିରୀଟ କୃଷ୍ଣଚନ୍ଦ୍ର ଗଜପତି' ପୁସ୍ତକ ଲୋକାର୍ପିତ





ପାରଳାଖେମୁଣ୍ଡି, ୮।୬ (ଗିରିଧାରୀ ପରିଚ୍ଛା): ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସିଦ୍ଧାନ୍ତ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସାରସ୍ୱତ ସମାରୋହକୁ ଉଦଘାଟନ କରି ଗଜପତି ଜିଲା ଓ ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ରଚିତ 'କୀର୍ତ୍ତିକିରୀଟ କୃଷ୍ଣଚନ୍ଦ୍ର ଗଜପତି' ପୁସ୍ତକର ଲୋକାର୍ପଣ କରିଛନ୍ତି। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ କରିଥିବା ଉତ୍ସର୍ଗକୃତ ଅବଦାନର ସ୍ମରଣ କରାଇଦେବା ସହ ଓଡିଶାବାସୀ ତାଙ୍କ ମହନୀୟ ଅବଦାନ ପାଇଁ ଚିରକୃତଜ୍ଞ ରହିବେ ବୋଲି ପ୍ରକାଶ କରିଥିଲେ। ଲବ୍ଧ ପ୍ରତିଷ୍ଠ ସ୍ତମ୍ଭକାର ଦାସ ବେନହୁର ଉକ୍ତ ପୁସ୍ତକର ସନ୍ନିବେଶିତ ପ୍ରାମାଣିକ ତଥ୍ୟଗୁଡିକର ଅବତାରଣ କରି ଶିକ୍ଷା, ସାହିତ୍ୟ, ସ୍ୱାସ୍ଥ୍ୟ ସେବା ଗମନାଗମନ ଓ ରାଜନୀତି ପ୍ରତ୍ୟେକ କ୍ଷେତ୍ରକୁ ମହାରାଜାଙ୍କ ବଳିଷ୍ଠ ସେବା ଓ ଅବଦାନ ସମ୍ପର୍କରେ ଆଲୋଚନା କରି ସେହି ମହାପୁରୁଷଙ୍କ ଜୀବନକୁ ନେଇ ପାଠ୍ୟପୁସ୍ତକ ପ୍ରଣୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ତଥା ସ୍ତମ୍ଭକାର ଅସିତ ମହାନ୍ତି ଓ ବିଜେବି କଲେଜର ଓଡିଆ ବିଭାଗ ମୁଖ୍ୟ ଶୁଭ୍ରାଂଶୁ କୁମାର ବେହେରା ଯୋଗଦେଇ ଉକ୍ତ ପୁସ୍ତକର ସମୀକ୍ଷା କରିବା ସହ ଓଡିଆ ଭାଷା ସାହିତ୍ୟ ଓ ଇତିହାସକୁ ପାରଳାଖେମୁଣ୍ଡିର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

# କଂଗ୍ରେସ ଉଦୟଗିରିରେ ଜିତିଲା, ବାଳିଗୁଡ଼ାରେ ଲଢ଼ିଲା

## ଫୁଲବାଣୀରେ ପଛରେ ପଡ଼ିଲା

ଫୁଲବାଣୀ, ୮।୬(ରାକେଶ କୁମାର ରାଉତ): ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପରେ ଏବେ ସବୁ ଦଳ ଆତ୍ମ ସମୀକ୍ଷା କରୁଛନ୍ତି । ବିଶେଷ କରି ଦୀର୍ଘ ବର୍ଷରୁ ଜନମାନସରେ ଥିବା ବିଜୁ ଜନତା ଦଳ ତର୍ଜମା କରି ଚାଲିଛି । ସେପଟେ ପ୍ରଥମ ଥର ପାଇଁ ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର ଗଢ଼ିବାକୁ ଯାଉଛି । ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କ୍ଷମତାରୁ ଦୂରରେ ଥିବା କଂଗ୍ରେସ ଚଳିତ ନିର୍ବାଚନରେ ମଧ୍ୟ ଭଲ ପ୍ରଦର୍ଶନ କରି ପାରିନାହିଁ । କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ଭଲ କରିଥିବା ବେଳେ ରାଜ୍ୟରେ ଏହାର କିଛି ପ୍ରଭାବ ଦେଖିବାକୁ ମିଳିଲା ନାହିଁ । କନ୍ଧମାଳ ଜିଲାରେ ଏଥର ନିର୍ବାଚନରେ କଂଗ୍ରେସ ଆଶାନୁରୂପ ପ୍ରଦର୍ଶନ କରିଛି । ଜିଲାର ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ବିଜୟ ଲାଭ କରିଥିବା ବେଳେ ବାଳିଗୁଡାରେ ହାରିଥିଲେ ସୁଦ୍ଧା ବିଜୟୀ ବିଜେଡି ପ୍ରାର୍ଥିଙ୍କୁ କଡ଼ା ଟକର ଦେଇଛି । କିନ୍ତୁ ଏହି ନିର୍ବାଚନରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଭଲ କରିବ ବୋଲି ଅଧିକ ଆଶା କରାଯାଉଥିଲା । ମାତ୍ର ଦଳ ପୂର୍ବପରି ଏଥର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ପାରିଲା ନାହିଁ।

କଂଗ୍ରେସ ଚଳିତ ନିର୍ବାଚନରେ ଜି.ଉଦୟଗିରି ବିଧାନସଭାକୁ ଜିତିବ ବୋଲି କେହି ଆଶା କରି ନ ଥିଲେ। କାରଣ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ତଥା ଉପବାଚସ୍ପତି ସାଲୁଗା ପ୍ରଧାନ ଏବଂ ଭାଜପାର ମାନଗୋବିନ୍ଦ ପ୍ରଧାନ ନିର୍ବାଚନ ଲଢୁଥିଲେ। ସମସ୍ତଙ୍କୁ ଚକିତ କରି କଂଗ୍ରେସର ପ୍ରାର୍ଥୀ ପ୍ରଫୁଲ୍ଲ ପ୍ରଧାନ ୫୩ ହଜାର ୫୩୦ ଖଣ୍ଡ ପାଇ ଭାଜପା ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନଙ୍କୁ ୭୮୫୭ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ । ଯେତବେଳେ କି ସାଲୁଗା ମାତ୍ର ୪୦ ହଜାର ୩୭୩ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ସାରା ରାଜ୍ୟରେ କଂଗ୍ରେସ ୧୪ଟି ସିଟ୍ ଜିତିଥିବା ବେଳେ କନ୍ଧମାଳରେ ଗୋଟିଏ ଥିଲା, ଯାହା ଖୋଦ କଂଗ୍ରେସ ଦଳକୁ ମଧ୍ୟ ସନ୍ତୁଷ୍ଟି ଦେଇଥିଲା।

ବାଳିଗୁଡା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରଥମେ ସୁରଦା ପ୍ରଧାନଙ୍କୁ ଟିକେଟ ଦେଇଥିଲା । ତାଙ୍କ ନାମରେ ଜାତିଆଣ ଅଭିଯୋଗ ହେବାରୁ କଂଗ୍ରେସ ତାଙ୍କ ଟିକେଟ କାଟି ଉପେନ୍ଦ୍ର ପ୍ରଧାନଙ୍କୁ ଟିକେଟ ଦେଇଥିଲା। ବିଜେଡି ପ୍ରାର୍ଥୀ ଚକ୍ରମଣୀ କହଁରକୁ କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର କଡ଼ା ଟକ୍କର ଦେଇଥିଲେ । ଚକ୍ରମଣୀ ୪୩ ହଜାର ୫୮୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଉପେନ୍ଦ୍ର ୪୧ ହଜାର ୯୧୫ ଖଣ୍ଡ ଭୋଟ ପାଇ ମାତ୍ର ୧୬୭୧ ଖଣ୍ଡ ଭୋଟ ବ୍ୟବଧାନରେ ହାରି ଯାଇଥିଲେ। କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ କହିବା ଅନୁସାରେ ଆମେ ଆଉ ଟିକେ ଯଦି ଚେଷ୍ଟା କରିଥାନ୍ତୁ ଏଠାରେ ନିଶ୍ଚିତ ଜିତି ଥାନ୍ତୁ। ଜିଲାରେ ଦୁଇଟି ଆସନକୁ ନିଜ ଦଖଲରେ ରଖିଥାନ୍ତୁ।

ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଏହି ନିର୍ବାଚନରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଅନୁମାନ କରାଯାଉଥିଲା । ବିଜେଡିରୁ ଜୟଶ୍ରୀ କହଁର ଏବଂ କଂଗ୍ରେସରୁ ପ୍ରତିଭା କହଁର ମହିଳା ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ ଉମା ଚରଣ ମଲ୍ଲିକ ପ୍ରାର୍ଥୀ ହୋଇଥିଲେ। ପ୍ରଚାରରେ କଂଗ୍ରେସ ଏବଂ ବିଜେଡି ଭଲ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଯେତବେଳେ ଭାଜପା ଏମାନଙ୍କ ଠାରୁ ପଛରେ ଥିଲା। କଂଗ୍ରେସର ପ୍ରତିଭା କହଁର ନିର୍ବାଚନ ମଣ୍ଡଳୀର ଗଳି କନ୍ଦି ଗ୍ରାମକୁ ବୁଲି ପ୍ରଚାର କରିଥିଲେ । ଚଳିତ ନିର୍ବାଚନରେ କଂଗ୍ରେସର ଭୋଟ ହାର ୨୦୧୯ ତୁଳନାରେ ବଢ଼ିବ ଏବଂ ବିପକ୍ଷ ଦଳକୁ କଡ଼ା ଟକ୍କର ଦେବ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର ଧରିଥିଲା । କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡଗେ ଫୁଲବାଣୀ କରୋନେସନ ପଡିଆରେ ଆସି ପ୍ରଚାର କରିଥିଲେ । କିନ୍ତୁ ଫଳାଫଳ ବାହାରିଲା ବେଳକୁ କଂଗ୍ରେସ ପଛରେ ରହିଲା । ବିଜୟୀ ଭାଜପା ପ୍ରାର୍ଥୀ ଉମାଚରଣ ମଲ୍ଲିକ ୫୩ ହଜାର ୯୦୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ଜୟଶ୍ରୀ କହଁର ୫୧ ହଜାର ୪୨ ଖଣ୍ଡ ଭୋଟ ପାଇଥିଲେ । ହେଲେ କଂଗ୍ରେସ ମାତ୍ର ୨୩ ହଜାର ୩୨୮ ଖଣ୍ଡରେ ସୀମିତ ରହିଥିଲା, ଯେତବେଳେ କି ୨୦୧୯ ନିର୍ବାଚନରେ କଂଗ୍ରେସ ଏଠାରେ ୨୩ ହଜାର ୩୧୭ ଖଣ୍ଡ ଭୋଟ ପାଇଥିଲା।

# ଅବହେଳିତ ବୌଦ୍ଧ କୀର୍ତ୍ତିରାଜି

**ବୌଦ୍ଧ ଜିଲା**

ବୌଦ୍ଧ,୮।୬(ଅଜିତ କୁମାର ବାରିକ)

ଭଗବାନ ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଅନେକ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଶୋଭାପାଉଛି। ହଜାର ହଜାର ବର୍ଷ ପୂର୍ବେ ନିର୍ମିତ ଏହି ବିରଳ ସ୍ଥାପତ୍ୟଗୁଡିକ ଅତୀତର ଗୌରବମୟ ଇତିହାସର ମୂକସାକ୍ଷୀ। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପ୍ରଚାର ପ୍ରସାର ଅଭାବରୁ ଏସବୁ କୀର୍ତ୍ତିରାଜି ଅବହେଳିତ ହୋଇରହିଛି। ବିଶେଷକରି ଜିଲାର ମହାନଦୀ କୂଳରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ରହିଛି। ସେଥିମଧ୍ୟରୁ ବୌଦ୍ଧ ସହରର ରାଜବାଟୀଠାରେ ଥିବା ବିଶାଳ ବୁଦ୍ଧ ପ୍ରତିମୂର୍ତ୍ତି, ହରଭଙ୍ଗା ବ୍ଲକର ଶ୍ୟାମସୁନ୍ଦରପୁର ଓ ପରଗଲପୁରଠାରେ ଥିବା ବୌଦ୍ଧ କୀର୍ତ୍ତିରାଜି ଅନ୍ୟତମ। ବୌଦ୍ଧର ସାମାଜିକ ସଂସ୍କୃତି ଓ ଧର୍ମଧାରାର ମୂଳ ହେଉଛନ୍ତି ଭଗବାନ ବୁଦ୍ଧ। ସ୍ଥାନୀୟ ଧର୍ମଧାରା ଓ ସାଧୁସନ୍ଥମାନଙ୍କର ଆଦର୍ଶ ହେଉଛି ବୁଦ୍ଧଙ୍କ ପ୍ରଦର୍ଶିତ ସତ୍ୟ ଓ ଅହିଂସାର ମାର୍ଗ। ବୁଦ୍ଧଙ୍କୁ କେନ୍ଦ୍ରକରି ଏହି ଅଞ୍ଚଳର ସାମାଜିକ ସାଂସ୍କୃତିକ ପରମ୍ପରା ଗଢି ଉଠିଛି। ସହରର ରାଜବାଟୀଠାରେ ୬ ଫୁଟ ୯ ଇଞ୍ଚ ଉଚ୍ଚତାର ବୁଦ୍ଧଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଭୂମି ସ୍ପର୍ଶ ମୁଦ୍ରାରେ ପଦ୍ମଫୁଲ ଉପରେ ଶୋଭାପାଉଛି। ଏହି ପ୍ରତିମୂର୍ତ୍ତି ସମ୍ରାଟ ଅଶୋକଙ୍କ ସମୟରେ ଏଠାରେ ନିର୍ମିତ ଏକ ବିଶାଳ ବୌଦ୍ଧ ମନ୍ଦିରର ଅଂଶ ବୋଲି ଐତିହାସିକମାନେ ମତ ଦିଅନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ଜିଲାରେ ଥିବା ପ୍ରାଚୀନ କୀର୍ତ୍ତିରାଜିର ଦାୟିତ୍ୱ ନେଇ ରକ୍ଷଣାବେକ୍ଷଣ ନାମରେ ମନ୍ଦିରର ବାହାର ପାଚେରି ବେଢ଼ାକୁ ସୁନ୍ଦର ଭାବରେ ସଜ୍ଜିତ କରିଛି। ମାତ୍ର ବୁଦ୍ଧ ବିରାଜମାନ କରିଥିବା ମନ୍ଦିରଗୁଡିକର ଅବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି। ସହରର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ହେଉ କିମ୍ବା ବିବାହ ଉତ୍ସବ ଆଦି ହେଲେ ବୁଦ୍ଧ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥାଏ। ଜନସାଧାରଣଙ୍କ ବିଶ୍ୱାସ ରହିଛି ଏଠାରେ ପୂଜା କରାଯାଇ କାମ ଆରମ୍ଭ କରାଗଲେ କୌଣସି ବିଘ୍ନ ଘଟି ନ ଥାଏ। ଆଗ କାଳରେ ଲୋକେ ଭଗବାନ ବୁଦ୍ଧଙ୍କୁ ବୁଢାରାଜା ଭାବରେ ପୂଜା କରୁଥିଲେ। ଏବେ ବି ଲୋକଙ୍କ ମଧ୍ୟରେ ଅତୁଟ ବିଶ୍ୱାସ ରହିଛି। ବୌଦ୍ଧର ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଜିଲାର ପ୍ରବେଶ ପଥ ହରଭଙ୍ଗା ବ୍ଲକର ମାଧପୁର, କଣ୍ଟାମାଳ ବ୍ଲକର ମନମୁଣ୍ଡା, ବୌଦ୍ଧ ସହରର ବ୍ରିଜ ଛକ , ମହାନଦୀ ପାର୍କ ଓ ସହରର ମୁଖ୍ୟ ଛକ ବାଘଗୁଡାଠାରେ ବୁଦ୍ଧ ପ୍ରତିମୂର୍ତ୍ତି ସ୍ଥାପନ କରି ଜିଲାର ଗୌରବ ବୃଦ୍ଧି କରିଛନ୍ତି। ତେବେ ଜିଲାରେ ଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିଗୁଡିକ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡି ରହିଥିଲେ ମଧ୍ୟ ଏସବୁର ସୁରକ୍ଷା ଓ ବିକାଶ ପାଇଁ ସରକାରୀ କଳର ଦୃଷ୍ଟି ନ ପଡିବା ବିଡମ୍ବନାର ବିଷୟ।



ହରଭଙ୍ଗା ବ୍ଲକ୍‌ର ଶ୍ୟାମସୁନ୍ଦରପୁର ଥିବା ବୌଦ୍ଧ କୀର୍ତ୍ତିରାଜି



ବୌଦ୍ଧ ସହରର ରାଜବାଟୀସ୍ଥିତ ବୁଦ୍ଧ ପ୍ରତିମୂର୍ତ୍ତି




# ପାର୍ବତୀଙ୍କୁ କନ୍ୟାଦାନ ପାଇଁ ଉତ୍ସାହିତ କ୍ରିକେଟର ଦେବାଶିଷ

ସମ୍ବଲପୁର,୮।୬ (ଭବାନୀ ଶଙ୍କର ଭୋଇ)

 କ୍ରିକେଟ ଦୁନିଆରେ ସୁଇଙ୍ଗ ବୋଲିଂ ପାଇଁ ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ରଖିଥିବା ଦେବାଶିଷ ମହାନ୍ତି ଏବେ ପାର୍ବତୀଙ୍କ ପିତାଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଗତ ଅକ୍ଷୟତୃତୀୟାରେ ଝାଡୁଆପଡାର ଲୋକନାଥ ବାବାଙ୍କ ମନ୍ଦିରରେ ପାର୍ବତୀଙ୍କୁ କନ୍ୟାରୂପରେ ଗ୍ରହଣ କରିବାକୁ ସଙ୍କଳ୍ପ ନେବାପରେ ଏବେ କନ୍ୟାଦାନ ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି ଦେବାଶିଷ ମହାନ୍ତି ଏବଂ ତାଙ୍କ ଧର୍ମପତ୍ନୀ ରୀତିମୁକ୍ତା ଦାଶ।

ସମ୍ବଲପୁର କଂସାରୀପଡାରେ ଦେବାଶିଷଙ୍କ ଶ୍ୱଶୁରଘର। ତାଙ୍କ ଶ୍ୱଶୁର ଘର ପରିବାର ଏଥିପୂର୍ବରୁ ପାଞ୍ଚଥର ପାର୍ବତୀଙ୍କୁ କନ୍ୟା ରୂପରେ ବିବାହ ଦେବାର ସୁଯୋଗ ପାଇସାରିଛନ୍ତି। ଦେବାଶିଷଙ୍କ ଧର୍ମପତ୍ନୀ ରୀତିମୁକ୍ତା ଛୋଟ ସମୟରୁ ଶୀତଳଷଷ୍ଠୀ ପରମ୍ପରା ସହ ସାମିଲ ହୋଇଆସିଛନ୍ତି। ତାଙ୍କ ଅଜା ସୁଦାମ ଦାସ ୪ଥର ପାର୍ବତୀଙ୍କ କନ୍ୟାଦାନ କରିଥିବା ବେଳେ ବାପା ମୋତିଲାଲ ଦାସ ୨୦୧୧ ମସିହାରେ କନ୍ୟାଦାନ କରିଥିଲେ। ସେହି ସମୟରେ ରୀତିମୁକ୍ତା ଭବିଷ୍ୟତରେ ସୁଯୋଗ ମିଳିଲେ ନିଜେ ପାର୍ବତୀଙ୍କୁ କନ୍ୟାଦାନ କରିବାକୁ ମନରେ ଇଚ୍ଛା ପ୍ରକାଶ କରିଥିଲେ। ଦୀର୍ଘ ୧୩ବର୍ଷ ପରେ ରୀତିମୁକ୍ତାଙ୍କୁ ପାର୍ବତୀଙ୍କ କନ୍ୟା ଭାବେ ପାଇବାର ସୁଯୋଗ ମିଳିଛି। ଦେବାଶିଷ ମଧ୍ୟ ଧର୍ମପତ୍ନୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ପାର୍ବତୀଙ୍କୁ କନ୍ୟାଦାନ ପାଇଁ ସହମତି ଦେଇଛନ୍ତି। ଦେବାଶିଷ ମହାନ୍ତି କୁହନ୍ତି, ୨୦୧୧ ମସିହାରେ ସମ୍ବଲପୁରରେ ବିବାହ କରିବା ପରେ ଶାଶୁଶ୍ୱଶୁର ପାର୍ବତୀଙ୍କୁ କନ୍ୟାଦାନ କରିଥିଲେ। ତେବେ ସେହି ସମୟରେ ଓପିଏଲ୍ ଚାଲିଥିବା ଯୋଗୁ ପ୍ରତ୍ୟକ୍ଷ ଭାବେ ଶୀତଳଷଷ୍ଠୀ ଯାତ୍ରାର ଏହି ଲୌକିକ ପରମ୍ପରାରେ ସାମିଲ ହୋଇପାରି ନ ଥିଲେ। ଦେବାଶିଷଙ୍କ ମା' ସମ୍ବଲପୁର ଆସି ଶୀତଳଷଷ୍ଠୀରେ କନ୍ୟାଦାନ ପରମ୍ପରାକୁ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇଥିଲେ। ଚଳିତବର୍ଷ ସୁଯୋଗ ମିଳିବା ପରେ କଂସାରୀ ପଡାରେ ଥିବା ଶ୍ୱଶୁରଘର ଲୋକଙ୍କ ସହଯୋଗରେ ରୀତିମୁକ୍ତା ପ୍ରତ୍ୟକ୍ଷ ଭାବେ ବିବାହ କାର୍ଯ୍ୟ ପାଇଁ ପ୍ରସ୍ତୁତିରେ ଲାଗିଛନ୍ତି। ଶୁକ୍ରବାର ଭୁବନେଶ୍ୱରରୁ ଆସି ସମ୍ବଲପୁରରେ ପହଞ୍ଚିବା ପରେ ଦେବାଶିଷ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି।

ଦେବାଶିଷଙ୍କ ଶାଶୁ ଚନ୍ଦ୍ରପ୍ରଭା ଦାଶ କୁହନ୍ତି, ପ୍ରଥମେ ପାର୍ବତୀଙ୍କୁ ସେ ଭଉଣୀ ଓ ପରେ ଝିଅ ରୂପେ କନ୍ୟାଦାନ କରିବାର ସୁଯୋଗ ପାଇଥିଲେ। ଏବେ ଝିଅ ଜ୍ୱାଇଁ ପାର୍ବତୀଙ୍କୁ କନ୍ୟାଦାନ କରିବାକୁ ଯାଉଥିବାରୁ ପାର୍ବତୀ ଏବେ ତାଙ୍କର ନାତୁଣୀଭାବେ ଘରକୁ ଆସୁଛନ୍ତି। ଶୀତଳଷଷ୍ଠୀ ଯାତ୍ରା ମଣିଷ ଭିତରେ ଲୌକିକ ପରମ୍ପରା ଅନୁସାରେ ଭଗବାନଙ୍କୁ ପୁଅ ଝିଅ ଭାବେ ପାଇବାର ନିଆରା ଅନୁଭୂତି ପ୍ରଦାନ କରିଥାଏ। ବିବାହ ସମୟ ପାଖେଇ ଆସୁଥିବା ବେଳେ ଦେବାଶିଷ ଏବଂ ରୀତିମୁକ୍ତା ମଧ୍ୟ ପ୍ରସ୍ତୁତି ଚୂଡାନ୍ତ କରିଛନ୍ତି। ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ନିମନ୍ତ୍ରଣପତ୍ର ବଣ୍ଟା ସରିଛି। ଭୁବନେଶ୍ୱର ଏବଂ କଟକରେ ଦେବାଶିଷଙ୍କ ବହୁ ବନ୍ଧୁ ଶୀତଳଷଷ୍ଠୀ ପରମ୍ପରାକୁ ପାଖରୁ ଦେଖିବାକୁ ଚାହୁଁଥିବାରୁ ସେମାନଙ୍କ ମଧ୍ୟରୁ ଅନେକେ ସାମିଲ ହେବା ଆଶା ରହିଛି। ଦେବାଶିଷଙ୍କ ପରିବାର ଏବଂ ତିନି ଭଉଣୀଙ୍କ ପରିବାର ମଧ୍ୟ ସମ୍ବଲପୁର ଆସି ବିବାହ କାର୍ଯ୍ୟରେ ସାମିଲ ହେବେ ବୋଲି ରୀତିମୁକ୍ତା କହିଛନ୍ତି। ପାର୍ବତୀଙ୍କୁ କନ୍ୟାଦାନ ପାଇଁ ଆବଶ୍ୟକ ପଡୁଥିବା ସୁନା, ରୁପା ଅଳଙ୍କାର, ଶାଢି ଏବଂ ଅନ୍ୟାନ୍ୟ ଯାନି ଯୌତୁକ, ଲୋକନାଥ ବାବାଙ୍କ ପାଇଁ ତ୍ରିଶୂଳ, କଠଉ ଆଦି କିଣା ସରିଛି। ଶନିବାର ପତରପେଁଡି ପରେ ସୋମବାର ବିବାହ ଲଗ୍ନ ଧାର୍ଯ୍ୟ କରାଯାଇଛି। ଦେବାଶିଷ ଶୀତଳଷଷ୍ଠୀ ପରମ୍ପରା ବିଷୟରେ ଆଗରୁ ଅନେକ କଥା ଶୁଣିଥିବା ବେଳେ ଏଥର ନିଜେ ସାମିଲ ହୋଇଥିବାରୁ ବେଶ୍ ଖୁସି ପ୍ରକଟ କରିଛନ୍ତି।

**ଶ୍ୱଶୁରଘର ପରିବାର ଓ ଧର୍ମପତ୍ନୀ ରୀତିମୁକ୍ତାଙ୍କ ସହ ପ୍ରସ୍ତୁତିରେ ସାମିଲ**



ରୀତିମୁକ୍ତାଙ୍କ ସହ ସ୍ୱାମୀ ଦେବାଶିଷ ମହାନ୍ତି।

# ବୈଦିକ ରୀତିରେ ପତରପେଣ୍ଡି ସମାହିତ

**ବରପାଲି ଶୀତଳ ଷଷ୍ଠୀ ଯାତ୍ରା**



ବରପାଲି,୮।୬ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲିର ପ୍ରସିଦ୍ଧ ୧୪୭ତମ ଶୀତଳଷଷ୍ଠୀ ଯାତ୍ରାର ପାତ୍ରୀ ମନୋନୟନ ବା ପତର ପେଣ୍ଡି ଯାତ୍ରା ବୈଦିକ ରୀତିନୀତିରେ ସମାହିତ ହୋଇଛି। ଶନିବାର ସକାଳେ ନଟରାଜଙ୍କ ସ୍ନାନ ପରେ ଭୋଗ ଓ ଶତ ଆରତୀ ଲାଗି ହୋଇଥିଲା। ଏହା ପରେ ରୁଦ୍ରଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଭଣ୍ଡାର ଗୃହରୁ ବାବା କପିଳେଶରଙ୍କ ପାଇଁ ପାତ୍ରୀ ଅନ୍ୱେଷଣ ଶୋଭାଯାତ୍ରା ନଗର ପରିକ୍ରମା କରି ହିମାଦ୍ରୀ ନଗର (ଶିବାଜୀ କ୍ଲବ) ଠାରେ ପହଞ୍ଚିବା ପରେ ବୈଦିକ ରୀତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ ପକ୍ଷରୁ ଦକ୍ଷ ସଂସ୍କୃତ ବିଶାରଦ ଗଣବସି ଯୁକ୍ତିତର୍କ କରାଯାଇଥାଏ। କପିଳେଶର ଦେବଙ୍କ ପକ୍ଷରୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାଶ ଥିବା ବେଳେ କନ୍ୟା ପକ୍ଷରୁ ପଣ୍ଡିତ ସତ୍ୟବ୍ରତ କର ଥିଲେ। ଉଭୟ ପକ୍ଷରୁ ଯୁକ୍ତିତର୍କ ବେଶ ଆକର୍ଷଣୀୟ ଥିଲା। ଶେଷରେ ପାତ୍ରୀ ମନୋନୟନ କାର୍ଯ୍ୟକ୍ରମ ସମାହିତ ହୋଇଥିଲା। ରାତ୍ରରେ ସହରର ଛକ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ମଧ୍ୟ ରାତିରେ ଯୋଗେଶ୍ୱର ଶିବ ମନ୍ଦିରରେ ମହଦୀପ ସଂସ୍ଥାପନ କରାଯାଇଥିଲା।












# ବଦଳିବ କି ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଭାଗ୍ୟ

ଭବାନୀପାଟଣା, ୮।୬
(ଉତ୍ତମ କୁମାର ଦାଶ)


ଭବାନୀପାଟଣାଠାରେ ଥିବା ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର।

ଭିନ୍ନକ୍ଷମମାନଙ୍କ ପାଇଁ ପ୍ରତିବନ୍ଧକ ଶୂନ୍ୟ ପରିବେଶ ସୃଷ୍ଟି କ୍ଷେତ୍ରରେ ସରକାର ବିଭିନ୍ନ ସ୍ତରରେ ପ୍ରୟାସ କରିଆସିଛନ୍ତି। ଯେମିତି କି ସେମାନେ ଏକ ସୁସ୍ଥ, ସ୍ୱାଧୀନ ଓ ସୁରକ୍ଷିତ ଜୀବନ ଜିଇଁପାରିବେ। କଳାହାଣ୍ଡି ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅବସ୍ଥାରେ ଦୀର୍ଘ ୨୨ବର୍ଷ ହେବ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ। ବର୍ତ୍ତମାନ ବିଜେଡି ସରକାର ବଦଳି ନୂତନ ଭାଜପା ସରକାର ଆସୁଥିବାରୁ ଏହି କେନ୍ଦ୍ରର ଭାଗ୍ୟ ବଦଳିପାରେ ବୋଲି ଚର୍ଚ୍ଚା ହେଉଛି। କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଅଲଗା ହୋଇ ୨୦୧୬ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ରୂପେ ନୂତନ କାର୍ଯ୍ୟାଳୟ ସୃଷ୍ଟିହେଲା। ଏହି ବିଭାଗର ପୃଷ୍ଠଭୂମି ରୂପେ ରହିଛି ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର। ଏଯାବତ ଠିକା କର୍ମଚାରୀ ରୂପେ ଦାୟିତ୍ୱ ତୁଲାଇ ଆସୁଛନ୍ତି କେନ୍ଦ୍ରର ସମସ୍ତ କାର୍ଯ୍ୟରତ କର୍ମଚାରୀ। ଏହି କେନ୍ଦ୍ର ୨୦୦୩ ମସିହାରୁ ସେମିତି ପଡିରହିଛି। ଆଶ୍ଚର୍ଯ୍ୟର ବିଷୟ ଯେ, କାର୍ଯ୍ୟରତ ଜିଲା ଭିନ୍ନକ୍ଷମ ପୁନର୍ବାସ ବିଶେଷଜ୍ଞ, ଶ୍ରବଣ ବିଶେଷଜ୍ଞ, ଚଳନ ପ୍ରଶିକ୍ଷକଙ୍କ ସମେତ କିରାଣି, ଆକାଉଣ୍ଟାଣ୍ଟ, କୃତ୍ରିମ ଅଙ୍ଗ ନିର୍ମାଣ ସହାୟକ, ଶ୍ରବଣ ବାଣୀ ସହାୟକ, ମନୋବିଜ୍ଞାନୀ, ଭୌତିକ ଚିକିତ୍ସକ, ବହୁମୁଖୀ ପୁନର୍ବାସ କର୍ମୀ ଏପରି କି ପିଅନ ପଦବୀ ମଧ୍ୟ ଏଯାବତ୍ ଠିକା କର୍ମଚାରୀ ଭାବେ ଦାୟିତ୍ୱ ସମ୍ଭାଳି ଆସୁଛନ୍ତି। ଦରମା ୫ରୁ ୭ ହଜାରରୁ ୧୫/୧୮ ହଜାର ମଧ୍ୟରେ ସୀମିତ ରହିଛି। ଏହି କେନ୍ଦ୍ରରେ କୃତ୍ରିମ ଅଙ୍ଗ ନିର୍ମାଣ ସହାୟକ, ଶ୍ରବଣ ବାଣୀ ସହାୟକ, ମନୋବିଜ୍ଞାନୀ, ଭୌତିକ ଚିକିତ୍ସକ, ବହୁମୁଖୀ ପୁନର୍ବାସ କର୍ମୀ ପଦବୀ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ଦୁଃଖ ଓ ପରିତାପର ବିଷୟ ଯେ, ଗତବର୍ଷ ଅକ୍ଟୋବରରେ ଏହି କେନ୍ଦ୍ରରେ କାର୍ଯ୍ୟରତ କୃତ୍ରିମ ଅଙ୍ଗ ବିଶେଷଜ୍ଞ ଶୁଭାଶିଷ ମହାନ୍ତିଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଏଥିରୁ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କାର୍ଯ୍ୟରତ ଡାକ୍ତର ବିଶେଷଜ୍ଞମାନଙ୍କ ଆର୍ଥିକ ଓ ମାନସିକ ସ୍ଥିତି ସହଜରେ ଅନୁମେୟ। ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋଟି କୋଟି ଟଙ୍କାର ଉପକରଣର ବ୍ୟବହାର ଓ ବଣ୍ଟନ କାର୍ଯ୍ୟ ସୁଚାରୁରୂପେ ତୁଲାଉଥିବା ସମୟରେ ନିଜ ଆର୍ଥିକ ପରିସ୍ଥିତିକୁ ନେଇ ସମସ୍ତେ ଭାରାକ୍ରାନ୍ତ ମନରେ କାର୍ଯ୍ୟ କରିବା ଯନ୍ତ୍ରଣାଦାୟକ ବୋଲି କୁହାଯାଇଛି। ଭିନ୍ନକ୍ଷମମାନଙ୍କ ଯଥାସମ୍ଭବ ଉପଚାର କରିବା ତଥା ସେମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇ ସମାଜରେ ଯଥୋଚିତ ସ୍ଥାନ ଦିଆଯିବାରେ ସରକାରୀ ସ୍ତରରେ ଚେଷ୍ଟା କରାଯାଉଛି ସତ। କିନ୍ତୁ ଦୀର୍ଘ ୨୨ବର୍ଷ ଧରି ଠିକା କର୍ମଚାରୀ ଭାବେ ଜୀବନ ବିତାଇବା ମଧ୍ୟ କଷ୍ଟକର ବ୍ୟାପାର। ଓଡ଼ିଶାରେ ଥିବା ୮ଟି ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ମଧ୍ୟରୁ ଭବାନୀପାଟଣା କେନ୍ଦ୍ର ଅନ୍ୟତମ। ବିଭିନ୍ନ କ୍ଷେତ୍ର ତଥା ପ୍ରତିଭାଶାଳୀ ଭିନ୍ନକ୍ଷମଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ଯୋଜନା ସଞ୍ଚାଳନ କରାଯାଇଛି। ଦୃଷ୍ଟିହୀନତା, ଅଳ୍ପ ଦୃଷ୍ଟିସମ୍ପନ୍ନ, ଶ୍ରବଣ ଦୋଷଯୁକ୍ତ, ଚାଲିବାରେ ଭିନ୍ନକ୍ଷମତା, ମାନସିକ ରୁଗ୍ଣତା ଏବଂ କୁଷ୍ଠରୋଗ ପାଇଁ ଚିକିତ୍ସା, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ଓ ବିତରଣ, ଭୌତିକ ଚିକିତ୍ସା, ବାଣୀ ଚିକିତ୍ସା ଏବଂ ଅନ୍‌ଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ଭିନ୍ନକ୍ଷମମାନଙ୍କୁ ପରାମର୍ଶ ସେବା ପ୍ରଦାନ ଏମିତି ଅନେକ କାର୍ଯ୍ୟ କରାଯାଉଛି। ଏଠାରେ ସୂଚନାଯୋଗ୍ୟ, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ୨୦୦୩ ସ୍ୱାଧୀନତା ଦିବସରେ ସ୍ଥାପିତ ହୋଇଛି। ଉକ୍ତ ଦିନଠାରୁ ୧ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଜିଲାର ଭିନ୍ନକ୍ଷମମାନଙ୍କୁ ପୁନର୍ବାସ ସହ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଛି। କଳାହାଣ୍ଡି ଜିଲାରେ ଆଡ୍‌ଭାନ୍ସ ରିହାବିଲିଟେଶନ ସେଣ୍ଟର ଓ ସାମାଜିକ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି। ଅଧିକାରୀମାନଙ୍କ ଇଚ୍ଛାଶକ୍ତିର ଅଭାବ ଓ ସ୍ଥାନ ଚିହ୍ନଟରେ ବିଳମ୍ବ କାରଣରୁ କୋଟି କୋଟି ଟଙ୍କାର ପ୍ରକଳ୍ପ ହାତଛଡ଼ା ହୋଇପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଉଛନ୍ତି।

# ଆମ୍ବଚାଷ ଦେଇଛି ରୋଜଗାର

ପଦ୍ମପୁର,୮।୬(ପ୍ରଦୀପ୍ତ ଦାଶ)



ବରଗଡ଼ ଜିଲା ପଦ୍ମପୁର ବ୍ଲକ ଜାମଖେର ଗାଁର ସୁଜିତ ବିଶ୍ୱାଳ ଓ ତାଙ୍କ ଭାଇ ଅଜିତ ବିଶ୍ୱାଳ। ଉନ୍ନତ ଜ୍ଞାନକୌଶଳରେ ଚାଷ କରି ଉଭୟେ ସଫଳ ଆମ୍ବ ଚାଷୀ ହୋଇପାରିଛନ୍ତି। ୨୦୦୨ରେ ୧୨ଏକର ପରିମିତ ଜମିରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଓ ୩୦ କିସମର ଆମ୍ବ ଗଛ ସୁଜିତ ଓ ଅଜିତଙ୍କ ବାପା କମ୍ପୁପାଣି ବିଶ୍ୱାଳ ଲଗାଇଥିଲେ। ବାପାଙ୍କ ପରାମର୍ଶରେ କଠିନ ପରିଶ୍ରମ, ନିଷ୍ଠା ଏବଂ କୃଷି ପ୍ରତି ଉତ୍ସାହ ଯୋଗୁ ୨ ପୁଅ ଆଜି ପାଲଟିଛନ୍ତି ଜଣେ ଜଣେ ସଫଳ ଚାଷୀ। ଜୈବିକ ସାର ଏବଂ କୀଟନାଶକ ନିୟନ୍ତ୍ରଣ ପ୍ରଣାଳୀ ବ୍ୟବହାର କରି ଆମ୍ବଗଛର ଯତ୍ନ ନେଉଛନ୍ତି। ବିଭିନ୍ନ ପ୍ରଜାତିର ସୁନ୍ଦର ସୁସ୍ୱାଦୁ ଆମ୍ବ ଫଳାଇ ଛତିଶଗଡ଼, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାରକୁ ବିକ୍ରି ପାଇଁ ପଠାଇ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସଫଳ ଆମ୍ବ ଚାଷ ପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ପୁରସ୍କୃତ ମଧ୍ୟ ହୋଇସାରିଛନ୍ତି। ଏହାସହ ନିଜ ଗାଁ ଓ ଅଞ୍ଚଳବାସୀଙ୍କ ପାଇଁ ମଧ୍ୟ ଉଭୟେ ପ୍ରେରଣା ପାଲଟିଛନ୍ତି। ଯୁବପିଢ଼ି ତାଙ୍କୁ ଦେଖି ଚାଷ କରିବା ପାଇଁ ଉତ୍ସାହ ପ୍ରକାଶ କରୁଛନ୍ତି।

MAHESWARI GROUP OF INSTITUTIONS
MAHESWARI NURSING COLLEGE
Free Summer Coaching For
B.Sc. (N) Entrance Examination 2024-25
ବିଗତ Session-2023-24ରୁ INC ଏବଂ ONC Guidance ଦ୍ୱାରା ପରିଚାଳିତ ହୋଇଆସୁଥିବା Common Entrance Examination ମାଧ୍ୟମରେ +2 Science (PCBE) Candidates B.Sc. Nursing Admission ପାଇଁ Eligible ହୋଇ ଆସୁଅଛି। ଏହି Common Entrance Examinationରେ ପ୍ରାର୍ଥୀଙ୍କୁ 50% କରିବାକୁ ପଡ଼ିଥାଏ। +୨ ରେ ସେମାନେ (SC/ST-40% and General - 45% ମାର୍କ ରଖିଲେ Entrance ଦେଇପାରିବେ ଯଦ୍ୱାରା ପ୍ରାର୍ଥୀ B.Sc. Nursing ପାଇଁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି। ଏହିସବୁ Criteriaକୁ ଆଖିଆଗରେ ରଖି Free B.Sc. Nursing Entrance Coaching ର ସୁବିଧା ଯୋଗାଇବା ପାଇଁ ଏହି ଚଳିତ ବର୍ଷ Summer Course ର ବ୍ୟବସ୍ଥା କରିଛି। ଏହି Summer Course ମାଧ୍ୟମରେ Experienced Teachersମାନଙ୍କ ଦ୍ୱାରା ଶିକ୍ଷାଦାନ ଯୋଗାଇ Entrance Examination ପାଇଁ ପ୍ରସ୍ତୁତ କରାଯିବ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ତା.୦୮.୦୬.୨୦୨୪ରୁ ୧୫.୦୬.୨୦୨୪ ପର୍ଯ୍ୟନ୍ତ ମାହେଶ୍ୱରୀ ନର୍ସିଂ କଲେଜର ମୁଖ୍ୟ ଅଫିସରେ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରିପାରିବେ।
ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।
Bhatali Chowk, Dist - Bargarh, 8917414023, 8249448498
At - Sankara, Dist - Sundargarh, 9437158472, 8342927552




# ବିକାଶ ଅପେକ୍ଷାରେ ରାଣୀପୁର-ଝରିଆଲ


ରାଣୀପୁର-ଝରିଆଲ ଯୋଗିନୀ ପୀଠର କୀର୍ତ୍ତିରାଜି।

ବଲାଙ୍ଗୀର, ୮।୬ (ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟସ୍ତରରେ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଓ ଐତିହାସିକ ପୀଠ ଭାବେ ମାନ୍ୟତା ପାଇଥିବା ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ଯୋଗିନୀ ପୀଠ ରାଣୀପୁର-ଝରିଆଲ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଆସିଛି। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ଏହି ଯୋଗିନୀ ପୀଠ ସମୂହର ଉନ୍ନତି ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର ବିକାଶ ହୋଇପାରିନାହିଁ। ତେବେ ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ପରେ ପୁଣି ଥରେ ଏହି ପୀଠ ଚର୍ଚ୍ଚାକୁ ଆସିଛି। ଡବଲ ଇଞ୍ଜିନ ସରକାର ଆସିଲେ ରାଜ୍ୟ ଓ ଦେଶରେ ବିକାଶର ଗତି ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାକୁ ଯାଉଥିବା ବେଳେ ସମଗ୍ର ଦେଶରେ ବିରଳ ଯୋଗିନୀ ପୀଠଭାବେ ପରିଚିତ ରାଣୀପୁର-ଝରିଆଲ ପୀଠ ପ୍ରତ୍ନତାତ୍ତ୍ୱିକ ପର୍ଯ୍ୟଟନ ସ୍ମାରକୀ ମାନଚିତ୍ରରେ ଉନ୍ନୟନର ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲ ପୀଠ ପ୍ରାଦେଶିକ ଏବଂ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀ ଓ ସ୍ମାରକୀ ଭାବେ ପରିଚିତ। ଏଠାକାର ସମସ୍ତ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଓ ବିକାଶ ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଓ ଉକ୍ତ ଅଞ୍ଚଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ତା'ର କେନ୍ଦ୍ରୀୟ ସଂରକ୍ଷିତ ତାଲିକାରେ ମଧ୍ୟ ସ୍ଥାନ ଦେଇଛି। ଏହି ଅଞ୍ଚଳ ପ୍ରତ୍ନତାତ୍ତ୍ୱିକ ଦିଗରୁ ଗୁରୁତ୍ୱ ବହନ କରୁଥିବାରୁ ଏହି ଅଞ୍ଚଳରେ କୌଣସି ପ୍ରକାର ଖନନ କାର୍ଯ୍ୟ କରାଯିବା ଉଚିତ ନୁହେଁ। ତଥାପି ଏଠାକାର ସୁରକ୍ଷା ସୁନିଶ୍ଚିତ କରାଯାଉନାହିଁ। ୨୦୧୯ ଜାନୁୟାରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିବା ବେଳେ ରାଣୀପୁର-ଝରିଆଲ ସ୍ମାରକୀ ସମୂହର ସଂରକ୍ଷଣ ଓ ଉନ୍ନୟନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଏଏସ୍‌ଆଇ ଅଧିକାରୀମାନେ ମଧ୍ୟ ଖବରଦାତା ସମ୍ମିଳନୀ କରି ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଅଞ୍ଚଳକୁ ଏଏସ୍‌ଆଇ ନିଜ ଅଧୀନରେ ନେଇଥିବା ସୂଚନା ଦେଇଥିଲେ। ୯.୬ କୋଟି ଟଙ୍କା ବିନିଯୋଗକରି ଏହି ଐତହ୍ୟ ସମୂହର ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଥିବା ସୂଚନା ଦେଇଥିଲେ। ନବମ ଶତାବ୍ଦୀର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁକ୍ତାକାଶ ଚଉଷଠି ଯୋଗିନୀ ମନ୍ଦିର, ଷଷ୍ଠ ଶତାବ୍ଦୀର ଲେହରିଗୁଡ଼ି, ସୋମେଶ୍ୱର ମନ୍ଦିର, ରାଣୀଗୁଡ଼ି ବା ରାଣୀ ମନ୍ଦିର ଏବଂ ସପ୍ତମ ଶତାବ୍ଦୀର ଇନ୍ଦ୍ରଲାଠ ଇଟା ମନ୍ଦିର ସହ ଅନ୍ୟାନ୍ୟ ୫୦ରୁ ଊର୍ଦ୍ଧ୍ୱ ସ୍ମାରକୀ ଥିବା ଏହି କୀର୍ତ୍ତିସ୍ଥଳରେ ସୀମା ପ୍ରାଚୀର ନିର୍ମାଣ ସହ ଏଠାରେ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକଙ୍କ ପାଇଁ ସୁବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଏଏସ୍‌ଆଇ ଦାୟିତ୍ୱ ନେବା ସତ୍ତ୍ୱେ ଏହି ଅଞ୍ଚଳର ସୁରକ୍ଷା ବିପନ୍ନ ହୋଇଥିଲା। ରାଣୀପୁର-ଝରିଆଲର ପ୍ରାଚୀନ ଐତିହ୍ୟ ସମୂହ ନିକଟରେ ବେଆଇନ ଗାତ ଖୋଳାଯାଇ ପାଇପ୍ ପକାଯାଇଥିଲା। ରାଣୀପୁର-ଝରିଆଲ ସ୍ମାରକୀ ଅନ୍ତର୍ଭୁକ୍ତ ଛେଳିଆ ମନ୍ଦିର ନିକଟରେ ବେଆଇନଭାବେ ଗାତ ଖୋଳାଯାଇ ପାଇପ୍ ପକାଯାଇଥିବାରୁ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସ୍ଥାନୀୟ ଲୋକେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାକୁ ଯାଉଥିବାରୁ ଉଭୟ ସରକାର ଭିତରେ ସମନ୍ୱୟ ରକ୍ଷାହେବା ସହ ଏହି ପ୍ରାଚୀନ ଓ ବିରଳ ପୀଠର ଉନ୍ନତି ହେବ ବୋଲି ଆଶା କରାଯାଉଛି। ଏହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହେଲେ ଦାଦନ ପ୍ରବଣ ଅଞ୍ଚଳ ଅର୍ଥନୈତିକ ଦିଗରୁ ଲାଭବାନ୍ ହେବା ସହ ଦେଶ ଓ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।









**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ପାଲାବାୟକ ମୃତ

**ରଗଡ଼ି,୮।୬(ଜତିଶ କୁମାର ମଲ୍ଲିକ):**



ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର କୋରାବନ୍ଦୀ ଗ୍ରାମର ବରିଷ୍ଠ ପାଲାବାୟକ ତଥା ସୁନାମଧନ୍ୟ କଳାକାର ମୁରଲୀଧର ପରିଡ଼ାଙ୍କ ସଡ଼କ ଦୁର୍ଘଟଣାରେ ଶନିବାର ମୃତ୍ୟୁ ଘଟିଛି । ଶନିବାର ସକାଳୁ ସେ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଫୁଲ ତୋଳୁଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିଡ଼ା ଜଣେ ଉଚ୍ଚକୋଟୀର ପାଲା କଳାକାର ଥିଲେ । ତାଙ୍କର ଅଭିନ୍ନ ମୃଦଙ୍ଗ ବାଦ୍ୟ ଶୈଳୀ ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିଲେ । ଓଡ଼ିଶାର ବହୁ ସୁନାମଧନ୍ୟ ଗାୟକଙ୍କ ସହିତ ବାଦ୍ୟ ପରିବେଷଣ କରି ସେ ଚର୍ଚ୍ଚାକୁ ଆସିପାରିଥିଲେ । ଶେଷ ଜୀବନରେ ସେ ବୈଷ୍ଣବ ଧର୍ମ ଗ୍ରହଣ କରି ବିଭିନ୍ନ ଅଷ୍ଟପ୍ରହର ଅନୁଷ୍ଠାନରେ ପ୍ରଭୁଙ୍କ ସେବା କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ମଧ୍ୟମ ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ପରିଡ଼ାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଉତ୍ତରଶାସନ ଗାଁ ରାସ୍ତା ଫାଟି ଆଁ

**ଅଭିଯୋଗ ପରେ ବି ମରାମତି ହେଉନି**

**ଧର୍ମଶାଳା,୮।୬(ବଟକୃଷ୍ଣ ପରିଡ଼ା):**



ଗାଁ ରାସ୍ତାରୁ ପିଚୁ ଉଠିଯାଇଛି ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତର ଶାସନ ଗାଁର ୩ ୱାର୍ଡ଼ରେ ହୋଇଥିବା କଂକ୍ରିଟ୍ ଓ ପିଚୁ ରାସ୍ତା ବହୁଦିନ ହେଲା ଭାଙ୍ଗିରୁଜି ଗଲାଣି। ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇ ରହିଛି। ଖରା ହେଲେ ରାସ୍ତାରେ ପ୍ରବଳ ଧୂଳି ଉଡୁଥିବା ବେଳେ ବର୍ଷା ହେଲେ ପାଣିକାଦୁଅ ଜମି ରହୁଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି । ଏମିତି ଦୁର୍ଦ୍ଦଶା ମଧ୍ୟରେ ପ୍ରତ୍ୟହ ଗ୍ରାମବାସୀ, ସ୍କୁଲ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି । ଗାଡ଼ିମୋଟର କଥା ନ କହିବା ଭଲ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ହେଲେ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବ ସୂଚନା ମିଳିଛି ।

ଉତ୍ତର ଶାସନ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗାଁ ଭିତର ରାସ୍ତାକୁ କଂକ୍ରିଟ୍ କରାଯାଇଥିଲା । ହେଲେ ଗାଁ ବାହାର ରାସ୍ତାକୁ ପିଚୁ କରାଯାଇଥିଲା । ମାତ୍ର ନିର୍ମାଣର ମାସ କେଇଟା ପରେ କେଉଁଠି କଂକ୍ରିଟ୍ ଭାଙ୍ଗିରୁଜି ଗଲାଣି ତ' ଆଉ କେଉଁଠି ରାସ୍ତାରୁ ପିଚୁ ଉଠିଯାଇ ବହୁ ଖାଲଖମା ସୃଷ୍ଟି ହୋଇଛି । ଏପରି କି କେତେକ ସ୍ଥାନରେ ରାସ୍ତାରୁ ପିଚୁ ସହିତ ମାଟି ମଧ୍ୟ ଉଠିଗଲାଣି । ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାମ କରିଥିବା ଅଭିଯୋଗ ଉଠିଥିଲା। ଏପଟେ ପାଇପ୍ ପାଣି ଯୋଗାଇ ଦେବା ନାଁରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ଠିକାସଂସ୍ଥା ଉତ୍ତର ଶାସନ ଗାଁ ରାସ୍ତାକୁ ଖୋଳିତାଡ଼ି ଦେଇଥିଲା। ପାଇପ୍ ବିଛାଇ ସାରିବା ପରେ ଖଣ୍ଡିଆଖାବରା ରାସ୍ତାକୁ କଂକ୍ରିଟ୍ ଦେଇ ମରାମତି କରାଯାଇଥିଲା । ହେଲେ ତାହା ପୁରୁଣା କାମ ସହିତ ମେଳ ହେଲା ନାହିଁ । ଫଳରେ ଦିନ କେଇଟା ପରେ ଏସବୁ ପ୍ୟାଚ୍ କାମ ଭାଙ୍ଗିଯାଇ ସେଥିରୁ ଗୋଡ଼ି ଉଠିଗଲାଣି। ସେହିପରି କେତେକ ସ୍ଥାନରେ ପିଚୁ ଉଠି ଯାଇଥିବାରୁ ମାଟିଗୋଡ଼ି ରାସ୍ତାରେ ଯାତାୟାତ କରିବା ବହୁ ସମସ୍ୟା ସୃଷ୍ଟି ହେଉଛି । ସେହିପରି ବର୍ଷାଦିନେ ଲୁହା ଚକଲଗା ଟ୍ରାକ୍ଟର ଯାତାୟାତ କରି ବଡ଼ ବଡ଼ ଖାଲ ଓ ଗୁଳା ସୃଷ୍ଟି କରିଥିବାରୁ ଏହା ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି କରୁଛି । ଅମରେଶ୍ୱରୀ ମନ୍ଦିର ସମ୍ମୁଖ ବେଲେଇ ପୋଲ ସଂଯୋଗସ୍ଥଳ ରାସ୍ତାରୁ ପିଚୁ ଉଠିଗଲାଣି । ମାଙ୍କଡ଼ଖାଇଠାରୁ ନଣ୍ଡା ମହାଦେବ ମନ୍ଦିର ଏବଂ ବେଲେଇ ପୋଲ ନିକଟରୁ ୧୬ନମ୍ବର ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି । ତୁରନ୍ତ ୩ଟି ୱାର୍ଡ଼ର ରାସ୍ତାକୁ କଂକ୍ରିଟ୍ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିୟନ

**ଯାଜପୁର,୮।୬(ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ପକ୍ଷରୁ ଲିଗ୍ ଚାମ୍ପିୟନଶିପର ଚତୁର୍ଥ ସଂସ୍କରଣ ୧୦ ତାରିଖଠାରୁ ସୁନ୍ଦରଗଡ଼ ଜିଲାର ନୂଆଗାଁ ଓ ଯାଜପୁର ଏଚ୍‌ପିସିଠାରେ ଆୟୋଜିତ ହେବ। ଏହି ପ୍ରତିଯୋଗିତା ବିଭିନ୍ନ ହକି ପ୍ରଶିକ୍ଷଣ କେନ୍ଦ୍ର ଏବଂ ଗ୍ରାସ୍ ପିଚ୍ ସେଣ୍ଟରର ଖେଳାଳିମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ହୋଇପାରିବ। ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ପର୍ଯ୍ୟାୟ ଭୁବନେଶ୍ୱରର କଳିଙ୍ଗନଗର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ କଟକ ଓ ଭୁବନେଶ୍ୱର ଭଳି ସହରାଞ୍ଚଳର କେନ୍ଦ୍ର ସମେତ ୩୨ଟି ବାଳକ ଦଳ ଓ ୩୨ଟି ବାଳିକା ଦଳ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ଉଭୟ ବାଳିକା ଓ ବାଳକଙ୍କ ୧୬ଟି ଲେଖାଏ ଦଳ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟରେ ଭାଗ ନେଇପାରିବେ ବୋଲି ସୂଚନା ଦିଆଯାଇଛି।

## ଗାଡ଼ି ଧକ୍କାରେ ଯୁବକ ମୃତ

**ପାଣିକୋଇଲି,୮।୬(ବିକାଶ କୁମାର ମଲିକ)**



ଗୋପାଳ ଚନ୍ଦ୍ର ସାହୁ।

କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡାଇ ପଞ୍ଚାୟତ ଖଜୁରୀନାଲୁଆ ଗ୍ରାମରେ ଶନିବାର ଶୋକାକୁଳ ପରିବେଶରେ ଜଣେ ଯୁବକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଖଜୁରୀନାଲୁଆ ଗ୍ରାମର ଗୋପାଳ ଚନ୍ଦ୍ର ସାହୁ(୨୮)ବାଇକ୍‌ରେ ପୁରୀ ଯାଇଥିଲେ । ଶୁକ୍ରବାର ରାତିରେ ପୁରୀରୁ ଫେରୁଥିଲେ । ହେଲେ ରାତି ପ୍ରାୟ ସାଢ଼େ ୮ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥର କୁଆଖିଆ ଥାନା ଦୁର୍ଗାପୁର ନିକଟରେ କୌଣସି ଏକ ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲି ଯାଇଥିଲା । ଗୋପାଳ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ମଧୁବନ ଡାକ୍ତରଖାନକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀରକୁ ଶନିବାର ଗାଁକୁ ଆଣିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନଭାଇ ଅନ୍ତର୍ଯ୍ୟାମୀ ମୁଖାଗ୍ନି ଦେଇଥିଲେ । ପୂର୍ବତନ କୋରେଇ ବିଧାୟକ ସଞ୍ଚିତା ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରକାଶ ଧଳ, ଉଦୟନାଥ ପରିଡ଼ା, ସମିତି ସଭ୍ୟ ରଶ୍ମିରଞ୍ଜନ ପରିଡା, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବୃନ୍ଦାବନ ସାହୁ, ଜୟନ୍ତୀ ସାହୁ, ଅକ୍ଷୟ କୁମାର ପରିଡ଼ା, ଅଜୟ ଜେନା, ପ୍ରକାଶ ସାହୁ, ବିଜୟ ଦାସ, ବୈଲୋଚନ ପରିଡ଼ା, ଅଭୟ କୁମାର ପରିଡ଼ାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

## ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ଠକେଇ, ଅଭିଯୁକ୍ତ ଗିରଫ

**ସୁନାଅଳଙ୍କାର, ଟଙ୍କା, ବାଇକ୍ ଜବତ**

**କଟକ, ୮।୬(କାର୍ତ୍ତିକ ସାହୁ):**

ବ୍ୟାଙ୍କ ଅଧିକାରୀ ମିଥ୍ୟା ପରିଚୟ ଦେଇ ଋଣ କରାଇଦେବା ବାହାନାରେ ସୁନାଅଳଙ୍କାର ଓ ଟଙ୍କା ଠକି ନେବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଅଞ୍ଚଳର କ୍ରିଷ୍ଣା ପଟ୍ଟନାୟକ(୨୮) ଓରଫ କାଳନ୍ଦି ନାୟକ। ତାଙ୍କଠାରୁ ଏକ ସୁନାହାର, ହଳେ କାନଫୁଲ, ବାଇକ, ୨ଟି ମୋବାଇଲ ଓ ୨,୬୦୦ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁସାରେ, ଚାଉଳିଆଗଞ୍ଜ ପୋଷ୍ଟ ଅଫିସ୍ ନିକଟ ଅପର୍ଣ୍ଣାନଗରରେ ରହୁଥିବା କଳ୍ପନା ମହାପାତ୍ର ଗତ ମେ' ୨୭ ତାରିଖରେ ମୋବାଇଲ୍ କନ୍‌ଫରେନ୍ସ କଲ୍ ଯୋଗେ ତାଙ୍କ ସାଙ୍ଗ ଏଲିନା ପଟ୍ଟନାୟକ ଓ କ୍ରୀଷ୍ଣା ପଟ୍ଟନାୟକଙ୍କ ସହ କଥା ହୋଇଥିଲେ। କ୍ରିଷ୍ଣା ନିଜକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଧିକାରୀ ଭାବେ ପରିଚୟ ଦେଇଥିଲେ। ସେ ଏବେ ପଟିଆ ଓ ରଘୁନାଥପୁର ବ୍ରାଞ୍ଚରେ ଋଣ ସେକ୍ସନ୍ ଦାୟିତ୍ୱରେ ଥିବା କହିଥିଲେ। କଥାବାର୍ତ୍ତା ମାଧ୍ୟମରେ କଳ୍ପନାଙ୍କୁ ସୁନା ବନ୍ଧକ ମାଧ୍ୟମରେ କମ୍ ସୁଧରେ ୮ ଲକ୍ଷ ଟଙ୍କାର ଋଣ କରାଇଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। କଳ୍ପନା ଏଥିରେ ବିଶ୍ୱାସ କରି ମେ' ୨୯ ତାରିଖ ସକାଳେ କ୍ରିଷ୍ଣାଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଘରେ ପହଞ୍ଚି ଋଣ ପ୍ରଦାନ ନିମନ୍ତେ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବେ ବୋଲି କ୍ରିଷ୍ଣା କହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ କ୍ରୀଷ୍ଣା ଅପର୍ଣ୍ଣାନଗରସ୍ଥିତ କଳ୍ପନାଙ୍କ ଭଡ଼ାଘରେ ପହଞ୍ଚିଥିଲେ। ସେଠାରେ ସେ ଆବଶ୍ୟକ କାଗଜପତ୍ର ସମେତ ଗୋଟିଏ ସୁନାହାର ଓ ହଳେ କାନଫୁଲ ସହ ପ୍ରୋସେସିଂ ଫି ବାବଦ ୭,୪୧୫ ଟଙ୍କା ଟ୍ରାନ୍ସଫର ଜରିଆରେ ନେଇଥିଲେ। ସେ ଫେରିଆସିବା ପରେ କଳ୍ପନା ଅନେକ ଥର କଲ୍ କରିଥିଲେ ବି ଅଭିଯୁକ୍ତ ଆଉ ଫୋନ୍ ଉଠାଇ ନ ଥିଲେ। ସେ ତୁରନ୍ତ ରଘୁନାଥପୁର ଓ ପରେ ପଟିଆ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାକୁ ଯାଇ ଅଭିଯୁକ୍ତଙ୍କୁ ଖୋଜିଥିଲେ। ମାତ୍ର ସେ ନାମରେ କେହି କର୍ମଚାରୀ ଉଭୟ ଶାଖାରେ ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୫୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଜଣକ ଅନୁଗୋଳର କୋଳିଆରି ଥାନା ଆନନ୍ଦବଜାର ଥର୍ମାଲ ଅଞ୍ଚଳରେ ରହୁଛନ୍ତି। ସେଠାରେ ଥିବା କର୍ଣ୍ଣାଟକ ବ୍ୟାଙ୍କରେ ସେ ଉକ୍ତ ସୁନାଅଳଙ୍କାରକୁ ବନ୍ଧକ ରଖି ୧,୩୦,୦୦୦ ଟଙ୍କା ଋଣ ଆଣିଥିବା ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତଙ୍କ ନାମରେ ଯାଜପୁର ରୋଡ୍ ଥାନାରେ ୨ଟି ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ଜୁନିୟର କିକ୍ ବକ୍ସିଂ ପ୍ରତିଯୋଗିତାରେ ଯାଜପୁରର ୬ ପ୍ରତିଯୋଗୀ



କୋଚ ଓ ସଂଘର କର୍ମକର୍ତ୍ତାଙ୍କ ସହ କିକ୍ ବକ୍ସିଂ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ୬ ପ୍ରତିଯୋଗୀ ।

**ଯାଜପୁର ଟାଉନ,୮।୬ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ପଶ୍ଚିମବଙ୍ଗର ସିଲିଗୁଡିରେ ସର୍ବଭାରତୀୟ ଜୁନିୟର କିକ୍ ବକ୍ସିଂ ପ୍ରତିଯୋଗିତା ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ୬ ପ୍ରତିଯୋଗୀ ଓ ୨ ଅଧିକାରୀ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ସୋନାଲୀ ଅସୀମା ସୂତାର, ସୁନନ୍ଦା ମହାରଣା, ବର୍ଷାରାଣୀ ସାମଲ, ପ୍ରିୟଦର୍ଶିନୀ ମଲ୍ଲିକ, ମୋନାଲିସା କୁଣ୍ଡୁ ଓ ସରିତା ଗୁଇ ଏହି ପ୍ରତିଯୋଗୀତାରେ ଭାଗ ନେବେ। ଏମାନେ ଅନୁଗୋଳ ଓ ଯାଜପୁରରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ମନୋନୀତ ହୋଇଛନ୍ତି। ରଞ୍ଜନ ସୂତାର ରେଫରୀ ଓ ଜିତେନ୍ଦ୍ର ବିଶ୍ୱାଳ ଓଡ଼ିଶା ଦଳର ପ୍ରବନ୍ଧକ ଭାବେ ସିଲିଗୁଡି ଯାତ୍ରା କରୁଛନ୍ତି। ଉକ୍ତ ପ୍ରତିଯୋଗିତାରେ ଭାଗ ନେବାପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ କ୍ରୀଡା ବିଭାଗ ଦ୍ୱାରା ବହନ କରାଯାଇଛି। ଯାଜପୁର ସ୍ପୋର୍ଟସ କିକ୍ ବକ୍ସିଂ ସଂଘ ଦ୍ୱାରା ଏହି ପ୍ରତିଯୋଗୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଦଳର ସଦସ୍ୟମାନଙ୍କୁ ଯାଜପୁର ସ୍ପୋର୍ଟସ କିକ୍ ବକ୍ସିଂ ସଂଘର ସଭାପତି ଭବପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତପନ ମହାନ୍ତି, ଯାଜପୁର କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡ୍ଡୁ, ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡ଼ାକୁଆ, ସମ୍ପାଦକ ରଞ୍ଜନ ସୂତାର, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ସଞ୍ଜୟ ମହାରଣା, ସସ୍ମିତା ରଣା, ପ୍ରଶିକ୍ଷକ ଭାଗ୍ୟଶ୍ରୀ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

## ବ୍ୟବସାୟୀଙ୍କ ପରଲୋକରେ ବଜାର ବନ୍ଦ

**ପାଣିକୋଇଲି,୮।୬ (ବିକାଶ କୁମାର ମଲିକ)**



ସୁରେନ୍ଦ୍ର ବେହେରା।

ପାଣିକୋଇଲିର ଜଣାଶୁଣା ବ୍ୟବସାୟୀ ତଥା ପଥରପଦା ଗ୍ରାମର ସୁରେନ୍ଦ୍ର ବେହେରା (୭୨)ଙ୍କ ଶନିବାର ସକାଳେ ପରଲୋକ ଘଟିଛି । କିଛିଦିନ ହେବ ସେ ଅସୁସ୍ଥ ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ଏହି ଖବର ଜଣାପଡିବା ପରେ ସରସ୍ୱତୀ ବଜାର କମିଟି ପକ୍ଷରୁ ବଜାର ବନ୍ଦ କରାଯାଇଥିଲା। ତାଙ୍କ ମରଶରୀର ପାଣିକୋଇଲିରେ ପହଞ୍ଚିବା ପରେ ରଘୁନାଥ ମାଝି, ମଦନ ମୋହନ ବେହେରା, ସୁବାସ ଧଳ, ସ୍ୱପ୍ନାନନ୍ଦ ଦାସ, ସନ୍ତୋଷ କୁମାର ବେହେରା, କୁଳମଣି ଦାସ, ଜୟ ପ୍ରକାଶ ବିଶ୍ୱାଳ, ପଦ୍ମଲୋଚନ ମଲିକ, ତାରିଣୀ ପଟ୍ଟନାୟକ, ସୁରେଶ ପଣ୍ଡା, ପତିତପାବନ ବେହେରା, କରୁଣାକର ମାଝି, କୁନା ମହି, ପ୍ୟାରୀ ମୋହନ ବାରିକ, ଆତୁଳ ମହାକୁଡଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବଜାରବାସୀ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ମରଶରୀରକୁ ବାରୁଣୀ ମହାଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ ।

## ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ଉପଭୋକ୍ତା ହନ୍ତସନ୍ତ

**ବରୀ,୮।୬(ମହେନ୍ଦ୍ର ସ୍ୱାଇଁ)**



ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀର ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଉପଭୋକ୍ତାଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧୀନସ୍ଥ ବିପଦପୂର୍ଣ୍ଣ ଖୁଣ୍ଟଗୁଡ଼ିକୁ ମରାମତି କରା ନ ଯିବା ଓ ଦୀଘଦିନ ଧରି ପୁରୁଣା ତାରଗୁଡ଼ିକୁ ବଦଳା ନ ଯିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବିଦ୍ୟୁତ୍ ବିଭଗର କର୍ମଚାରୀମାନେ ଉପଭୋକ୍ତାମାନଙ୍କଠାରୁ ଦେୟ ଆଦାୟ କରିବାକୁ ଗୁରୁତ୍ୱ ଦେଉଥିବା ବେଳେ ସମସ୍ୟାର କୌଣସି ସମାଧାନ କରୁ ନ ଥିବା ଅଭିଯୋଗ ହୋଇଛି । ଉପଭୋକ୍ତାମାନେ ସେମାନଙ୍କ ଅଭିଯୋଗ ଲିଖିତ ଓ ମୌଖିକ ଭାବେ କଲେ ବି ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ଣ୍ଣପାତ କରୁ ନାହାନ୍ତି। ବିଗତ ଦିନରେ ବିଭାଗର ଏଭଳି ନୀତି ଯୋଗୁ ଉପଭୋକ୍ତା ସଂଘ ପକ୍ଷରୁ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ନଜିର ରହିଛି। ଉପଭୋକ୍ତାମାନେ ସେମାନଙ୍କ ମାସିକ ବିଦ୍ୟୁତ୍ ଦେୟ ପୈଠ କରୁଥିବା ବେଳେ ବାରମାର ବିଦ୍ୟୁତ୍‌କାଟ ଯୋଗୁ ଆଗାମୀ ଦିନରେ ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜଣେ ବିଦ୍ୟୁତ୍ ଗ୍ରାହକ ତା'ର ମାସିକ ଦେୟ ପୈଠ ନ କଲେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ସଂପୃକ୍ତ ଅଧିକାରୀ ନିର୍ଦ୍ଦେଶ ଦେଉଥିଲେ ବି ବାରମ୍ବାର ବିଦ୍ୟୁତ୍ କାଟ ଉପରେ ଗୁରୁତ୍ୱ ନ ଦେବା ଏହି ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଶେଷ କରି ବର୍ଷା ପବନ ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜ ଦୋଷ ଲୁଚାଇବାକୁ ଯାଇ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାଘାତ ଘଟୁଛି ବୋଲି ଅତ୍ୟନ୍ତ ହାଲକା ଭାବେ ଉତ୍ତର ଦେଉଛନ୍ତି। ଏ ସଂକ୍ରାନ୍ତରେ ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଭବାନୀ ଶଙ୍କର ରାୟଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ତାଙ୍କ ଫୋନ ସୁଇଚ୍ ଅଫ୍ ଥିବାରୁ ତାଙ୍କ ମତାମତ ନେବା ସମ୍ଭବ ହୋଇପାରି ନାହିଁ।

## ଶୈଳେନ୍ଦ୍ରବାବୁ ଜଣେ ଜନସେବୀ ଥିଲେ

**ବାଲିଚନ୍ଦ୍ରପୁର,୮।୬(ଗିରିଜା ପ୍ରସାଦ ସାହୁ)**



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ ସ୍ମୃତିଲିପି ଉନ୍ମୋଚନ କରୁଛନ୍ତି ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ଶୈଳେନ୍ଦ୍ର ନାରାୟଣ ସାମଲଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ବଡ଼ଚଣାର କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଶୈଳେନ୍ଦ୍ର ବାବୁଙ୍କୁ ଜଣେ ଉତ୍ସର୍ଗୀକୃତ ଜନସେବୀ ଭାବେ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ସେ ସାମଲଙ୍କ ସ୍ମୃତିରେ ପ୍ରସ୍ତୁତ ସ୍ମରଣିକା 'ସ୍ମୃତିଲିପି' ଉନ୍ମୋଚନ କରିଥିଲେ । ବଡ଼ଚଣାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଭାକର ଶତପଥୀ ଯୋଗଦେଇ ଶୈଳେନ୍ଦ୍ର ବାବୁ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ପିତା ଶିକ୍ଷାବିତ୍ ଗୋପୀନାଥ ସାମଲଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଶିକ୍ଷାର ପ୍ରସାର ପ୍ରଚାର ପାଇଁ କାମ କରିଥିଲେ ବୋଲି କହିଥିଲେ। ପ୍ରାରମ୍ଭିକ ସୂଚନା ଓ ଶ୍ରଦ୍ଧାଞ୍ଜଳି ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ ଆକାଶବାଣୀ କଟକର ପ୍ରାକ୍ତନ ସହ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାମଲ। ଅନ୍ୟମାନଙ୍କ ମଧ୍ୟରେ ଇଂ.ସୁଶାନ୍ତ ବଳ, ଶିକ୍ଷକ ରଞ୍ଜନ କୁମାର ପଣ୍ଡା, ଚାରିନଙ୍ଗଳ ସେବା ସମବାୟ ସମିତିର ସଭାପତି ପ୍ରତାପ ନାୟକ, ଶିକ୍ଷାବିତ୍ ବାଇଧର ଜେନା, ପ୍ରାକ୍ତନ ସମିତି ବଟକୃଷ୍ଣ ଦାସ, ଶିକ୍ଷାବିତ୍ ଉମାକାନ୍ତ ବଳ, କିଶୋର ଦାସ, ଡ.ଭାଗ୍ୟଧର ସାହୁ, ଶିକ୍ଷାବିତ୍ ଦିନବନ୍ଧୁ ବେହେରା, ପ୍ରାକ୍ତନ ସରପଞ୍ଚ ସେକ୍ ରିଆସତ ଅଲି, ସୁରମୋହନ ମହାପାତ୍ର, ଅଧ୍ୟାପକ ଯତିନ୍ଦ୍ର କୁମାର ରାଉତ, କବି ନିରଞ୍ଜନ ଜେନା, କବି ରୁଦ୍ରପ୍ରସନ୍ନ ସାମଲ, ଡ.ପଦ୍ମ ଚରଣ ଧଳ, ପ୍ରତାପ ଚନ୍ଦ୍ର ନାୟକ, ଶକ୍ତି ରଞ୍ଜନ ରାଉତ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାମଲ, କବି ଭକ୍ତ ଚରଣ ସାହୁ, ରମେଶ ସାମଲ, ସଞ୍ଜୟ କୁମାର ରାୟ, ସରୋଜ ସାମଲ, ଅଶୋକ ରାଉତ, ବଡ଼ଚଣା ବ୍ଲକ କଂଗ୍ରେସ ସଭାପତି ସୁରେଶ ସାହାଣୀ, ଅଜିତ୍ କୁମାର ମହାନ୍ତି, ରତ୍ନାକର ପଣ୍ଡା, ଉତ୍କଳ କେଶରୀ ସାମଲ, ପ୍ରଦୀପ୍ତ ସାମଲ, ଶିକ୍ଷକ ରଞ୍ଜନ କୁମାର ସାମଲ, କେଶବ ରାୟ, ତପନ ସାମଲ, ଉମେଶ ଚନ୍ଦ୍ର ସାମଲ, ନିରଞ୍ଜନ ଦଳାଇ, ଶିକ୍ଷକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଶୈଳେନ୍ଦ୍ର ବାବୁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ନରେନ୍ଦ୍ର ନାୟକ ଶ୍ଳୋକ ପାଠ କରିଥିଲେ । ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଦୀପ ସାମଲ, ସିଦ୍ଧାର୍ଥ ସାମଲ, ସମର୍ପିତ ସାମଲ, ବିଶ୍ୱ ପ୍ରକାଶ ସାମଲ, କାଳୀକିଙ୍କର ସାମଲ, ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଗଛରେ ଚଢ଼ି ପଣସ ଖାଉଛି ଭାଲୁ

ନବରଙ୍ଗପୁର,୮।୬ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ୍ ଅଧୀନ ଭତରାସିଉନିର ଏକ ଗଛରେ ଚଢ଼ି ଭାଲୁ ପଣସ ଖାଉଛି। ଭୟଭୀତ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଛନ୍ତି। କିଛିଦିନର ବ୍ୟବଧାନ ପରେ ପୁଣି ଭତରାସିଉନି ଗାଁରେ ଆତଙ୍କ ଖେଳାଇଛି ଭାଲୁ। ଶନିବାର ସକାଳେ ବାବୁଲି ମିଶ୍ରଙ୍କ ଫାର୍ମ ହାଉସରେ ଏକ ବିରାଟ ଭାଲୁ ଗଛ ଉପରେ ଚଢ଼ି ପଣସ ଖାଉଥିବା ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ଭାଲୁ ଭତରାସିଉନି ଗାଁରେ ଘର ଘର ବୁଲୁଥିବାର ଅଭିଯୋଗ ହୋଇଛି। ଭୟରେ ଗ୍ରାମବାସୀ ନିଜ ବିଲବାଡ଼ିକୁ ଯାଇପାରୁନାହାନ୍ତି। ଗତ କିଛି ମାସ ତଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ନରହନ୍ତା



ଭାଲୁକୁ ପିଟିପିଟି ମାରିଦେଇଥିଲେ। ଏବେ ପୁଣି କିଛିଦିନ ହେବ ଭାଲୁ ଗାଁରେ ବୁଲୁଥିବା ଖବର ଗାଁର ବାବୁଲି ମିଶ୍ର ବନ ବିଭାଗକୁ ଜଣାଇଛନ୍ତି।

## ଗଞ୍ଜେଇ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଦାମନଯୋଡି, ୮।୬(ମାନସ ରଞ୍ଜନ କର)



କୋରାପୁଟ ଜିଲା ମାଥାଲପୁଟ ମାର୍କେଟରେ ବେଆଇନ ଭାବେ ଏକ ଦୋକାନରେ ଗଞ୍ଜେଇ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଥାଲପୁଟ ମାର୍କେଟରେ ଦୋକାନ କରିଥିବା ଜଗନ୍ନାଥ ପରିଡ଼ା।

ସୂଚନାନୁଯାୟୀ, ଦୋକାନ ଭିତରେ ଅନେକ ଦିନ ଧରି ଗଞ୍ଜେଇ କାରବାର ଚାଲିଥିଲା। ଶନିବାର ଦାମନଯୋଡ଼ି ପୋଲିସ ହଠାତ୍ ସେଠାରେ ଚଢ଼ାଉକରି ଦୋକାନ ଭିତରୁ ୩ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏଥିସହ ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରାଯାଇଛି। ଦାମନଯୋଡ଼ି ପୋଲିସ କେସ୍ ନଂ. ୬୯/୨୪ ଏନ୍‌ଡିପିଏସ୍ ଆକ୍ଟରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରମିଳା ବିଡ଼ିକା କହିଛନ୍ତି। ମାଥାଲପୁଟ ମାର୍କେଟରେ ଥିବା ନିଜ ଘରେ ଏକ ଦୋକାନ ଖୋଲି ଜଗନ୍ନାଥ ଗଞ୍ଜେଇ ପୁଡ଼ିଆ କରି ବେପାର କରୁଥିଲେ ବୋଲି ଜଣାପଡ଼ିଛି।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ



ଗ୍ରାମବାସୀ ହାଣ୍ଡି, ଗରା ରଖି ରାସ୍ତା ଅବରୋଧ କରିଛନ୍ତି।

ନବରଙ୍ଗପୁର,୮।୬(ସଦାଶିବ ପ୍ରହରାଜ)

**ସମସ୍ୟା ଜଣାଇବା ସତ୍ତ୍ୱେ ପ୍ରଶାସନ ଶୁଣୁ ନ ଥିବା ଅଭିଯୋଗ**

ନବରଙ୍ଗପୁର ଜିଲା ସଦର ବ୍ଲକ୍ ଦେଉଳା ଗ୍ରାମବାସୀ ପାଣି ପାଇଁ ରାସ୍ତାରୋକୋ କରିଛନ୍ତି। ଶନିବାର ପୂର୍ବାହ୍ନ ୯ଟାରୁ ଗ୍ରାମର ମହିଳାମାନେ ହାଣ୍ଡି, ଗରା, ଡେକ୍‌ଚି ରଖି ରାସ୍ତା ଅବରୋଧ କରିଛନ୍ତି। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତା ଦେଇ ନବରଙ୍ଗପୁରରୁ କୋଷାଗୁମୁଡ଼ା ବ୍ଲକ୍‌କୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି।

ପ୍ରାୟ ୨ ହଜାର ଲୋକସଂଖ୍ୟା ବିଶିଷ୍ଟ ଦେଉଳା ଗ୍ରାମରେ ୨୨ଟି ନଳକୂପ ରହିଛି। ତେବେ ଦୀର୍ଘଦିନ ଧରି ସେଥିମଧ୍ୟରୁ ୧୦ଟି ନଳକୂପ ଅଚଳ ହୋଇପଡ଼ିଛି। ଅନ୍ୟ ୪ ନଳକୂପରେ ମୋଟର ଲଗାଇ କେତେଜଣ ଗ୍ରାମବାସୀ ନିଜ ଘରକୁ ପାଣି ନେଉଛନ୍ତି । ଅନ୍ୟ କେତେକ ନଳକୂପରୁ ଗୋଳିଆପାଣି ବାହାରୁଛି। ଏହାସହ ଗ୍ରାମରେ ରହିଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ମାସେ ହେବ ଅଚଳ ରହିଛି। ମରାମତି ପରେ ମଧ୍ୟ ୩ ଦିନ ଧରି ତାହା ଖରାପ ହୋଇଯାଇଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି । ଫଳରେ ଗ୍ରାମରେ ଥିବା ଅନ୍ୟ ନଳକୂପଗୁଡ଼ିକ ନିକଟରେ ଭିଡ଼ ଜମିବା ସହ ଘଣ୍ଟା ଘଣ୍ଟା ଧରି ଲାଇନ ଲାଗୁଛି। ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ବ୍ଲକ୍ ପ୍ରଶାସନ ସହ ସ୍ଥାନୀୟ ଜିଲା ପରିଷଦଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ ବୋଲି ଗ୍ରାମର ସାରଥି ପୂଜାରୀ, ଅମ୍ଫଥୀ ନାୟକ, ଗୁରୁବାରୀ ଭତ୍ରା, ଆଇତି ଭତ୍ରା, ଡମାଇ ପୂଜାରୀ, ଚଞ୍ଚଳା ଭତ୍ରା ପ୍ରମୁଖ କହିଛନ୍ତି। ଏହା ବିରୋଧରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ ନବରଙ୍ଗପୁରଠାରୁ କୋଷାଗୁମୁଡ଼ା ବ୍ଲକ୍‌କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସମସ୍ୟା ସମାଧାନ ନ ହେବା ଯାଏ ପ୍ରତିବାଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହାପରେ ଅଚଳ ପାନୀୟ ଜଳ ପ୍ରକଳ୍ପ ମରାମତି ପାଇଁ ମେକାନିକ୍ ଆସିଥିଲେ। ମରାମତି ପରେ ଲୋକଙ୍କୁ ପାଣି ମିଳିବା ପ୍ରତିଶ୍ରୁତି ପରେ ସେମାନେ ରାସ୍ତାରୋକୋରୁ ହଟିଥିଲେ।

# ମା' ବ୍ରାହ୍ମଣୀ ଦେବୀ ମହାତ୍ମ୍ୟ ପୁସ୍ତକ ଲୋକାର୍ପିତ

ଶରଣକୁଳ, ୮।୬ (ଦୀପକ କର)

ଶରଣକୁଳ ନୀକଟବର୍ତ୍ତି ହରିହରପୁର ଗ୍ରାମରେ ବିଜେ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ୩ଦିନ ଧରି ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଶନିବାର ହେବା ସହିତ ନୟାଗଡ଼ ଜିଲାର ଅଗ୍ରଣୀ ସାରସ୍ୱତ ସାଧକ କବି, ଗାଳ୍ପିକ, ଔପନ୍ୟାସିକ ଡ. ସୁରେଶ ଚନ୍ଦ୍ର ବରାଡ଼ଙ୍କ 'ମା' ବ୍ରାହ୍ମଣୀଦେବୀ ମହାତ୍ମ୍ୟ' ପୁସ୍ତକ ମନ୍ଦିର ପରିସରରେ ଲୋକାର୍ପିତ ହୋଇଯାଇଛି। ଡ.ବରାଡ଼ଙ୍କ ଏହି ପୁସ୍ତକ ଲୋକାର୍ପିତ ହେବା ସମୟରେ ବହୁ ଶିକ୍ଷାବିତ୍, ଖବରଦାତା ଏବଂ ସାଧୁସନ୍ଥ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

**ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି**

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ଦାଶ, ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ତଥା ଖବରଦାତା ସତ୍ୟନାରାୟଣ ମିଶ୍ର, ସାହିତ୍ୟିକ ତଥା କବି କଲ୍ଲୋଳ ଗୋଦାବରୀ ବସନ୍ତିଆ, କବି କୁସୁମ ନିରାକାର ସ୍ୱାଇଁ, ରାମଚନ୍ଦ୍ର ବରାଡ଼, ହରିହର ବରାଡ଼, ରମାକାନ୍ତ ଦାଶ, ପ୍ରିୟବ୍ରତ ଦାଶ, କିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମା' ବ୍ରାହ୍ମଣୀ ଦେବୀଙ୍କ ଅପାର କରୁଣାରୁ କାବ୍ୟକାରଙ୍କ ସାରସ୍ୱତ ଜୀବନ ଅତି ଉଜ୍ଜ୍ୱଳମୟ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଅତିଥିମାନେ 'ମା' ବ୍ରାହ୍ମଣୀଦେବୀ ମହାତ୍ମ୍ୟ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବେଣାଗାଡ଼ିଆ: ମା' ସୁଭଦ୍ରାଙ୍କ ଦାରୁସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ



ଖଣ୍ଡପଡ଼ା,୮।୬(ଅଜୟ କୁମାର ମହାରଣା)

ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ମା'ସୁଭଦ୍ରାଙ୍କ ଦାରୁସ୍ଥଳ ବେଣାଗାଡ଼ିଆଠାରେ ୯ମ ବାର୍ଷିକ ଉତ୍ସବ ଶନିବାରଠାରୁ ୨ଦିନ ଧରି ପାଳିତ ହେଉଛି। ବେଣାଗାଡ଼ିଆ ମୌଜାବାସୀଙ୍କ ଆନୁକୂଲ୍ୟ ତଥା ଭାଜପା ଖଣ୍ଡପଡ଼ା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧିବାସ ଅବସରରେ ବେଣାଗାଡ଼ିଆ ନିକଟସ୍ଥ କୁଆଁରିଆ ନଦୀରୁ ମହିଳାପୁରୁଷ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ ପରେ ସୂର୍ଯ୍ୟପୂଜା ସହ ମଣ୍ଡଳ ପୂଜା ଅନୁଷ୍ଠିତ ହୋଇ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ବିଧାୟକ ସ୍ୱାଇଁ ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୁରୋଧା ଭାବେ ପ୍ରଶାନ୍ତ ପଣ୍ଡା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିରରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା ଓ କାଳିଆ ଠାକୁର ଜଗନ୍ନାଥ ଜୀଉଙ୍କ ବିଗ୍ରହ ପରିବର୍ତ୍ତନ ପାଇଁ ବନଯାଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ' ୨୦ରୁ ଆରମ୍ଭ ହୋଇଥିଲା। ଜଗତ୍‌ଜନନୀ ମା' ସୁଭଦ୍ରାଙ୍କ ନୂଆ ବିଗ୍ରହ ଧାରଣ କରିବେ, ଏଥିପାଇଁ ବନଯାଗୀ ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ମେ' ୨୦ରେ ବେଣାଗାଡ଼ିଆ ଗ୍ରାମରେ ପହଞ୍ଚି ଚିହ୍ନଟ ହୋଇଥିବା ଦାରୁସ୍ଥଳରେ ପୂଜାର୍ଚ୍ଚନା ସହିତ ଭୂମି ଶୋଧନ, ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଏଣୁ ଏହି ପବିତ୍ର ଦିନକୁ ସମ୍ପୃକ୍ତ ଗ୍ରାମବାସୀ ପାରମ୍ପରିକ ରୀତିରେ ପାଳନ କରୁଥିବା ଜଣାଯାଇଛି। ତେବେ ଏହି ଦାରୁସ୍ଥଳରେ ପୁରୀ ଶ୍ରୀକ୍ଷେତ୍ରରୁ ଆସିଥିବା ମା' ସୁଭଦ୍ରାଙ୍କ ରଥର ଏକ ଚକକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିବା ଜଣାପଡ଼ିଛି। ରବିବାର ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ: ୨ ଗିରଫ



ଜୟପୁର ୮।୬(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡଙ୍ଗରା ଗ୍ରାମର ଦୁର୍ଯ୍ୟୋଧନ ହରିଜନ (୩୫) ଓ ରତନ ହରିଜନ (୨୫)। ଜୟପୁର ଅବକାରୀ ଥାନା ସୂଚନାନୁଯାୟୀ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ କୁମୁଲିପୁଟ ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ରତନଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି କେବିଡି ରାସ୍ତାରେ ଚଢ଼ାଉକରି ଦୁର୍ଯ୍ୟୋଧନଙ୍କଠାରୁ ୮ ଲିଟର ଦେଶୀ ମଦ ମିଳିଛି। ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ପକ୍ଷରୁ ସୂଚନା ମିଳିଛି।

# ଅଘୋଷିତ ବିଦ୍ୟୁତ୍ କାଟ, ଗୁଳୁଗୁଳିରେ ଉପଭୋକ୍ତା ହନ୍ତସନ୍ତ

**କିରାସିନି ମିଳୁ ନ ଥିବାରୁ ମହମବତୀ ଭରସା**

ଦାରିଙ୍ଗବାଡି, ୮।୬ (ଅରୁଣ ସାହୁ): ଗୋଟିଏ ପଟେ ପ୍ରଚଣ୍ଡ ଖରା ସହ ଗରମ ଗୁଳୁଗୁଳି, ଅନ୍ୟପଟେ ମଧ୍ୟାହ୍ନରେ ଆରମ୍ଭ ହୋଇଯାଉଛି କାଳ ବୈଶାଖୀର ତାଣ୍ଡବ, ଆଉ ଗୋଟିଏ ପଟେ ଦାଉ ସାଧୁଛି ଘନ ଘନ ବିଦ୍ୟୁତ କାଟ। ଫଳରେ ଲୋକେ ହନ୍ତସନ୍ତ ହୋଇପଡୁଛନ୍ତି। ଗତ କିଛିଦିନ ହେଲା ଏଭଳି ଘଟଣା ଘଟୁଛି କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ। ସାଧାରଣ ବଣ୍ଟନରେ କିରାସିନି ମିଳୁନଥିବା ବେଳେ ସବୁଠି ମହମବତୀ ଏବେ ସମସ୍ତଙ୍କ ଭରସା ପାଲଟିଛି। ଦିନରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଗରମ ଗୁଳୁଗୁଳିରେ ଉପଭୋକ୍ତା ଘାଇଲା ହୋଇଯାଉଛନ୍ତି। ସନ୍ଧ୍ୟା ନଇଁ ଆସିଲେ ବିଦ୍ୟୁତ କାଟ ଯୋଗୁଁ ପିଲାଙ୍କ ପାଠ ପଢା ହେଉ କି ବ୍ୟବସାୟୀଙ୍କୁ ଦୋକାନରେ ବ୍ୟବସାୟ କରିବା ହେଉ ବଡ଼ ସମସ୍ୟା ଦେଖାଯାଉଛି। ବୈଦ୍ୟୁତିକ ଉପକରଣ ମଧ୍ୟରେ ସମସ୍ତ ଉପଭୋକ୍ତା ଇନ୍‌ଭର୍ଟର ବ୍ୟବହାର କରିବା ସମ୍ଭବପର ନଥିବା ବେଳେ ଯେଉଁମାନେ ଏହାକୁ ବ୍ୟବହାର କରୁଛନ୍ତି ବିଦ୍ୟୁତ ଘଣ୍ଟା ଘଣ୍ଟା ଅଚଳ ଯୋଗୁଁ ଇନଭର୍ଟରର ଚାର୍ଜ ମଧ୍ୟ ରହୁନାହିଁ। ତେଣୁ ସମସ୍ତେ ଏବେ ଏକମାତ୍ର ଭରସା ମହମବତୀ ଉପରେ ନିର୍ଭରଶୀଳ। ଏହି ପରିସ୍ଥିତିରେ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପଞ୍ଚାୟତରେ କିରାସିନି ଗଚ୍ଛିତ ରଖିବା ଆବଶ୍ୟକତା ରହିଥିବା ବେଳେ ବିଭାଗ ଏହା କରୁନଥିବା ଜଣାପଡିଛି। ଏନେଇ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରାଙ୍କ ସହ ଯୋଗାଯୋଗ କରାଯିବାରୁ ୩ ମାସ ପାଇଁ କିରାସିନି କିଣାଯାଇଛି, ଖୁବଶୀଘ୍ର ବଣ୍ଟନ କରାଯିବ ବୋଲି କହିଛନ୍ତି। ବିଦ୍ୟୁତ ନିୟମିତ ଅଚଳ ଓ ଅଘୋଷିତ ବିଦ୍ୟୁତ କାଟ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକ କହିଛନ୍ତି ଯେ ୩୩ କେଭି ବିଦୁତ ସଂଯୋଗ ଗୋଟିଏ ଜି. ଉଦୟଗିରିରୁ ଦାରିଙ୍ଗବାଡି ଓ ଅନ୍ୟ ଏକ ଫିରିଙ୍ଗିଆରୁ ସଂଯୋଗ ଆସିଛି। ତେବେ ଅନେକ ସମୟରେ କାଳ ବୈଶାଖୀ ପାଇଁ ବିଦ୍ୟୁତ ସମସ୍ୟା ହେଉଥିବା କହିଛନ୍ତି। ନିୟମିତ ବିଦ୍ୟୁତ ବିଭ୍ରାଟକୁ ଦେଖି ସିମନବାଡି ପଞ୍ଚାୟତ ସମେତ କିରିକୁଟି, ଟିଲୋରୀ, ବୁଡ଼ାଗୁଡା ଆଦି ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ସମରାଙ୍କ ଫେରିବା ବାଟକୁ ଚାହିଁଛନ୍ତି ସମାରୀ

**ଦାଦନ ଖଟିବାକୁ ଯାଇ ୬ ବର୍ଷ ହେବ ବୃଦ୍ଧ ନିଖୋଜ**

ବୈପାରୀଗୁଡ଼ା, ୮।୬(କଳ୍ପତରୁ ମହାନ୍ତି)

ଲକ୍‌ଡାଉନ ପୂର୍ବରୁ ଦାଦନ ଖଟିବାକୁ ଆନ୍ଧ୍ର ଯାଇ ସେଠାରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ୍ ଅଧୀନ କାଠପଡ଼ା ପଞ୍ଚାୟତ କେନ୍ଦୁପୁଟ ଗ୍ରାମର ସମରା ମାଣ୍ଡି (୭୦)। ସମରାଙ୍କୁ ଖୋଜି ଖୋଜି ପରିବାର ଲୋକେ ନିରାଶ ହୋଇଛନ୍ତି।

ପରିବାରର ନିଅଣ୍ଟିଆ ଆର୍ଥିକ ପରିସ୍ଥିତିକୁ ସୁଧାରିବା ପାଇଁ ୬ବର୍ଷ ତଳେ ସମରା ତାଙ୍କ ପୁଅ ବିଭୀଷଣଙ୍କ ସହ ଜଣେ ଦଲାଲଙ୍କ ସହାୟତାରେ ଆନ୍ଧ୍ରପ୍ରଦେଶର ଅନକାପାଲିକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଇଟା ଗଢ଼ିବା କାମରେ ନିୟୋଜିତ ହୋଇଥିଲେ। ତେବେ ଦିନେ ସମରା ଅଚାନକ ସେଠାରୁ ନିଖୋଜ ହୋଇଯାଇଥିଲେ। ଘର ଲୋକଙ୍କୁ ବିଭୀଷଣ ଯୋଗାଯୋଗ କରିବାରୁ ସମରା ଗାଁକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ଦୀର୍ଘ ୩ ମାସ ଧରି ସେଠାରେ ବିଭିନ୍ନ ଅଞ୍ଚଳ ବୁଲି ବିଭୀଷଣ ବାପାଙ୍କୁ ଖୋଜାଖୋଜି କରିଥିଲେ। ତାଙ୍କର ସନ୍ଧାନ ନ ମିଳିବାରୁ କୋରାପୁଟ ଆସି ବୈପାରିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ବିଭୀଷଣଙ୍କ ଅଭିଯୋଗ ଆଧାରରେ ପୋଲିସ ବୈପାରିଗୁଡ଼ା ବ୍ଲକ୍ ବାଲିଗାଁ ପଞ୍ଚାୟତର କୁମୁଡାବେଡ଼ା ଗ୍ରାମର ଦଲାଲଙ୍କୁ ଥାନାକୁ ଡାକିଥିଲେ। ଦଲାଲ ସମରାଙ୍କୁ ଫେରାଇ ଆଣିବେ ବୋଲି ପ୍ରତିଶ୍ରୁତି ଦେଇ ଯାଇଛନ୍ତି। ସେବେଠାରୁ ତାଙ୍କର ଦେଖାନାହିଁ। ସ୍ୱାମୀଙ୍କ ଫେରିବା ବାଟକୁ ସ୍ତ୍ରୀ ସମାରୀ ଅନାଇ ବସି ଆଖିରୁ ଲୁହ ଗଡ଼ାଉଛନ୍ତି। ତେଲୁଗୁ ଭାଷା ଜାଣି ନ ଥିବା ସରଳ ସମରା କେମିତି ରହୁଥିବେ କହି ପରିବାର ଲୋକେ ଦୁଃଖ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ପଦକ୍ଷେପ ନେବାକୁ ସେମାନେ ଗୁହାରି କରିଛନ୍ତି।



ସମାରୀ ନିଖୋଜ ସମରାଙ୍କ ଆଧାରକାର୍ଡ ଦେଖାଉଛନ୍ତି।

# ପୂଜାପାଠ, ନାଚଗୀତରେ ଦୁଲୁକିଲା ଗଡ଼ପଦର

**ଭଲ ବର୍ଷା ପାଇଁ ବିରିପାଣି ଯାତ୍ରା**

ଜୟପୁର, ୮।୬ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ୍ ଅଧୀନ ଗଡ଼ପଦର ଗ୍ରାମରେ ଶନିବାର ବିରିପାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଲ ବର୍ଷା ଓ ଚାଷ ପାଇଁ ମାଁ ବିରିପାଣିଙ୍କ ଆଦେଶରେ ଏହି ଯାତ୍ରା ପାଳନ କରାଯାଇଥାଏ। ଗ୍ରାମର ଦିଶାରୀଙ୍କ ଦିନ ଗଣନା ଅନୁଯାୟୀ ଜ୍ୟେଷ୍ଠ ମାସର କୌଣସି ଏକ ଶନିବାର ଏହି ଯାତ୍ରା କରିବାକୁ ସ୍ଥିର ହୋଇଥାଏ।

ଶନିବାର ସକାଳୁ ଆଖପାଖର ପ୍ରାୟ ୧୦୦ ଗ୍ରାମରୁ ଲୋକେ ଛେଳି , କୁକୁଡ଼ା, ମେଣ୍ଢା, ପାରା, ନଡ଼ିଆ, ଲିଆ, ମୁଆଁ, ଫୁଲ, କଦଳୀ ଧରି ଗଡ଼ପଦର ଗ୍ରାମରେ ରୁଣ୍ଡ ହୋଇଥିଲେ। ଦେବୀଙ୍କ ମୂଳପୀଠ କଣ୍ଡାମାଳି ପାହାଡ଼ର ପ୍ରାୟ ୧୨ଶହ ଫୁଟ ଉଚ୍ଚକୁ ହାତରେ ମାଁଙ୍କ ପ୍ରତୀକ ଲାଠି ବାଜା ଧରି ଭକ୍ତମାନେ ଯାଇଥିଲେ। ଲାଠିଧାରୀମାନେ ରାସ୍ତାରେ ଯିବା ସମୟରେ ପ୍ରତ୍ୟେକ ୧୦ ମିଟରରେ ଦୂରରେ ନଡ଼ିଆ, କଦଳୀ, ବୁଦା ପକାଯାଇ ପୂଜା କରାଯାଇଥିଲା। ଭକ୍ତମାନେ ରାସ୍ତାରେ ନିଜ ଛୋଟ ଛୋଟ ପିଲାଙ୍କୁ ଗଡ଼ାଇଥାନ୍ତି।



ମା'ଙ୍କ ପାଖରେ ପୂଜାର୍ଚ୍ଚନା ଚାଲିଛି।



ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ।

ମା'ଙ୍କ ପ୍ରତୀକ ଲାଠିଧାରୀମାନେ ଛୋଟ ଛୋଟ ପିଲାଙ୍କୁ ଆଶୀର୍ବାଦ ଦେଇଥାନ୍ତି। ଏହାଦ୍ୱାରା ପିଲମାନେ ନୀରୋଗ ରୁହନ୍ତି ବୋଲି ବିଶ୍ୱାସ ରହିଛି। ମା'ଙ୍କ ନିକଟରେ ମାନସିକଧାରୀ ଭକ୍ତମାନେ ଛେଳି, କୁକୁଡ଼ା ଆଦି ବଳି ଦେଇଥିଲେ।

ଏହି ଯାତ୍ରା ପାଇଁ ଶୁକ୍ରବାରରୁ ଗ୍ରାମରେ ଲିପାପୋଛା କରିବା ସହ ମାଁଙ୍କ ମନ୍ଦିରକୁ ସାଜସଜ୍ଜା କରାଯାଇଥିଲା। ପାହାଡ଼ ମଝିରେ ଥିବା ଦେବୀଙ୍କ ପୀଠରେ ୩ଟି ଗାତ ରହିଛି। ସେଠାରେ ବୁଦା ମରାଯିବା ସହ ପୂଜାପାଠ କରାଯାଇଥିଲା। ଉକ୍ତ ତିନୋଟି ଗାତରେ ଏକ ପାରା ଛଡ଼ାଯିବା ପରେ ଏଥିରୁ ପାଣି ବାହାରିଥାଏ। ପାଣି ବାହାରିବା ମାତ୍ରେ ଦିଶାରି ଭଲ ଫସଲ ହେବା ନେଇ ସଙ୍କେତ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଉକ୍ତ ପାଣି ଅଣାଯାଇ ମା' ବିରିପାଣିଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଏ। ଶ୍ରଦ୍ଧାଳୁମାନେ ସେହି ପାଣିକୁ ନେଇଥାନ୍ତି। ଏହି ପାଣି ସେବନ ଦ୍ୱାରା ରୋଗ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗ୍ରାମର ମଙ୍ଗଳ ପାଇଁ ଏହି ଯାତ୍ରା ବର୍ଷକୁ ଥରେ ପାଳନ କରାଯାଇଥାଏ। ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

ଯାତ୍ରାରେ ବିଭିନ୍ନ ଦୋକାନବଜାର ବସିଥାଏ। ଯୁବତୀ ଓ ମହିଳାମାନଙ୍କ ପାଇଁ ଚୁଡ଼ି, ପାଉଁଜି, କାନଫୁଲ ଭଳି ଅଳଙ୍କାର ପଡ଼ିଥାଏ। ଏଥିସହ ଲଡ୍ଡୁ, ବୁନ୍ଦି, କାକରା, ଆରିଷା ଭଳି ଖାଦ୍ୟ ସାମଗ୍ରୀ ଦୋକାନ ମଧ୍ୟ ପଡ଼ିଥାଏ। ବେଲୁନ, ଖେଳନା ଦୋକନ ଛୋଟ ଛୋଟ ପିଲାଙ୍କ ଆକର୍ଷଣ ପାଲଟିଥିଲା। ଗଡ଼ପଦରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଦର ପୋଲିସ ମୁତୟନ କରାଯାଇଥିବାବେଳେ ଭକ୍ତଙ୍କ ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ବିରିପାଣି ଯାତ୍ରାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗ ଦେଇ ପୂଜାପାଠକରି ମା'ଙ୍କ ଆଶୀର୍ବାଦ ନେଇଥିଲେ। ସେ ଜୟପୁର ନିର୍ବାଚନମଣ୍ଡଳୀ, କୋରାପୁଟ ଜିଲା ସହ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ।

# ଲୋକ ସମ୍ବଳ ବିନିଯୋଗରେ ଦାଦନ ସମସ୍ୟା ହଟିବ

- ଚାପ ସୃଷ୍ଟିରେ ଜିଲା ବିକାଶ ସମ୍ଭବ
- ଶିଳ୍ପ, କ୍ଷୁଦ୍ରଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ
- କୃଷି, ପର୍ଯ୍ୟଟନକୁ ଗୁରୁତ୍ୱ ଦେବାକୁ ଦାବି

କେନ୍ଦ୍ରାପଡ଼ା, ୮।୬(ଜଗନ୍ନାଥ ଧଳ)

ରାଜ୍ୟ ରାଜନୀତି ପରିବର୍ତ୍ତନ ହୋଇଛି। ବିଜେଡିରୁ ଭାଜପା ସରକାର ଗଠନ ପାଇଁ ରାଜ୍ୟବାସୀ ମତ ଦେଇଛନ୍ତି। ଏଥିରେ କେନ୍ଦ୍ରାପଡ଼ା ମଧ୍ୟ ସାମିଲ ହୋଇଛି। ଲୋକ ସଭା ସହ ମହାକାଳପଡ଼ା ବିଧାନସଭା ଆସନ ଭାଜପାକୁ ଯାଇଛି। ଅପରପକ୍ଷରେ ଜିଲା ବିକାଶରେ ଶାଣିତ ସ୍ୱର ଉଠାଇବା ପାଇଁ ବିଧାନସଭାର ୪ ବିରୋଧୀ ବିଧାୟକ ଏହି ଜିଲାରୁ ନିର୍ବାଚିତ ହୋଇଛନ୍ତି। ଅବିଭକ୍ତ କଟକ ଜିଲାରୁ କେନ୍ଦ୍ରାପଡ଼ାକୁ ୧୯୯୧ ଏପ୍ରିଲରେ ସ୍ୱତନ୍ତ୍ର ମାନ୍ୟତା ମିଳିଲା। ତେବେ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଜିଲାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାର ଲୋକ ସମ୍ବଳ ବିନିଯୋଗ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଲୋକ ସମ୍ବଳର ବିନିଯୋଗ କରାଗଲେ ଜିଲାରୁ ଦାଦନ ସମସ୍ୟା ହଟିବ। ଶିଳ୍ପ ଓ କ୍ଷୁଦ୍ରଶିଳ୍ପ ପାଇଁ ପ୍ରଶାସନିକ ବ୍ୟବସ୍ଥା ଯଥେଷ୍ଟ ନୁହେଁ। ସିଙ୍ଗଲ ୱିଣ୍ଡୋ ଏହାର ସମାଧାନ ହୋଇପାରିବ। ସେହିପରି ଜିଲାର ଭିତ୍ତିଭୂମି କୃଷି ଓ ପର୍ଯ୍ୟଟନ ହୋଇଥିଲେ ମଧ୍ୟ ଏହାକୁ ସର୍ବଦା ଅଣଦେଖା କରାଯାଇଛି। ରାଜନେତାଙ୍କ ଚାପ ସୃଷ୍ଟିରେ ଜିଲାର ବିକାଶ ସମ୍ଭବ ବୋଲି ଜିଲାବାସୀ ମତ ଦେଇଛନ୍ତି।

### କୃଷି ଓ କୃଷକଙ୍କୁ ଅବହେଳା

ପ୍ରାକୃତିକ ବିପର୍ଯ୍ୟୟପ୍ରବଣ କେନ୍ଦ୍ରାପଡ଼ା ଜିଲାର କୃଷି ଓ କୃଷକଙ୍କ ପ୍ରତି ସର୍ବଦା ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲାର ଅର୍ଥନୀତି କୃଷିଭିତ୍ତିକ। ମାତ୍ର ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇ ରହିଛି। ଆଳି, ରାଜନଗର,



ରାଜକନିକାରେ ଆଦୌ କେନାଲ ନାହିଁ। ମହାକାଳପଡ଼ାରେ ମାତ୍ର ୨୦ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି। ଜଳ ନିଷ୍କାସନ ଚାଷ ପାଇଁ ବଡ଼ ବିପଦ ହୋଇଥିବା ବେଳେ ଜିଲା ଗଠନର ୨୭ ବର୍ଷ ପରେ ମଧ୍ୟ ଏଥିପ୍ରତି ପ୍ରଶାସକ ଅବା ରାଜନେତା ସମ୍ବେଦନଶୀଳ ନୁହନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ ପାଇଁ କାଳିଆ, କିଷାନ ଯୋଜନାରେ ଚାଷୀଙ୍କ ଅଭିବୃଦ୍ଧି ପାଇଁ ସହାୟତା ରାଶି ଯୋଗାଉଥିଲେ ମଧ୍ୟ ତୃଣମୂଳ ସମସ୍ୟାକୁ ଏଡ଼ାଇ ଯାଉଛନ୍ତି। ଫଳରେ ଯୁବବର୍ଗ ଚାଷ ପରିବର୍ତ୍ତେ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି।

– ରାଧାକାନ୍ତ ମହାନ୍ତି, ଡେରାବିଶ, କେନ୍ଦ୍ରାପଡ଼ା

### ମୌଳିକ ସେବା ମିଳୁନି

ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ, ପାନୀୟ ଜଳ ପରି ମୌଳିକ ସମସ୍ୟାରେ ଜିଲାବାସୀ ପଡ଼ିଛନ୍ତି। ଜିଲାର ୧୭ ପଞ୍ଚାୟତକୁ ସିଧାସଳଖ ଯାତାୟାତ ପଥ ନାହିଁ। ଶିକ୍ଷାନୁଷ୍ଠାନ ଭିତ୍ତିଭୂମିରେ ଶିକ୍ଷକ ଅଭାବ ପ୍ରାଥମିକ ଅନ୍ତରାୟ ସୃଷ୍ଟି କରିଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀଙ୍କୁ ଚିକିତ୍ସା ବଦଳରେ ଅନ୍ୟତ୍ର ଚିକିତ୍ସା ପାଇଁ ରେଫର କାଗଜ ମିଳୁଛି। ଜିଲାର ବହୁଦିନର



ଦାବି ମେଡିକାଲ କଲେଜ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ, କୃଷି ବିଦ୍ୟାଳୟ, ସାମୁଦ୍ରିକ ଗବେଷଣାଗାର ଆଦିକୁ ଅଣଦେଖା କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଏକମାତ୍ର ପାନୀୟଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ ଚିହ୍ନଟ କରାଯାଇଛି। ଏହାସତ୍ତ୍ୱେ ଏହାର ନିରାକରଣ ହେଉନାହିଁ। ଜିଲାର ବିକାଶ ପାଇଁ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଅଭାବ ରହିଛି।

–ସାଗର ଜେନା, କଂସାର, କେନ୍ଦ୍ରାପଡ଼ା

### କୃଷି, ପର୍ଯ୍ୟଟନକୁ ଅବହେଳା



କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ କୃଷି ଅବହେଳାରେ ଅଛି। ସେହିପରି ପର୍ଯ୍ୟଟନ କ୍ଷେତ୍ର ଆମକୁ ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରିବ। ମାଛ, କୁକୁଡ଼ାଠାରୁ ଆରମ୍ଭକରି ଅର୍ଥକରୀ ଫସଲ ପାଇଁ ଉପଯୁକ୍ତ ଜଳବାୟୁ ଓ ଭିତ୍ତିଭୂମି ଅଛି। ତେବେ ଯୋଜନା ଅଭାବରୁ ସ୍ଥାନୀୟ କୃଷି ଅବହେଳା ହେଉଛି। ଏପରିକି ଝୋଟ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଝୋଟ ଗବେଷଣା କେନ୍ଦ୍ର ବନ୍ଦ ହୋଇଛି। ସେହିପରି ଏହି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱବିଦିତ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ନଗଣ୍ୟ ରହୁଛି। ଏହାବ୍ୟତୀତ ଧାର୍ମିକ ସ୍ଥଳକୁ ସୌନ୍ଦର୍ଯ୍ୟକରଣ କରାଯାଇ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ।

– ନୀହାର ରଞ୍ଜନ ପ୍ରଧାନ, ଛୋଟି, କେନ୍ଦ୍ରାପଡ଼ା

### ଜିଲାର ଉତ୍ପାଦ ବାହାରକୁ ପଠାଇବାକୁ ପଡ଼ିବ



ଏହି ଜିଲାରେ ଖଣି ନାହିଁ। ତେବେ ବୃହତ୍ ଓ କ୍ଷୁଦ୍ରଶିଳ୍ପ ଜିଲା ବିକାଶକୁ ଆଗେଇ ନେଇ ପାରିବ। ପ୍ରତି ନିର୍ବାଚନ ସମୟରେ ବନ୍ଦର, ଶିଳ୍ପ ଆଦି ନେଇ ପ୍ରତିଶ୍ରୁତି ମିଳୁଛି। ଏହି ପ୍ରତିଶ୍ରୁତି ପାଳନ ପାଇଁ ଜିଲାବାସୀଙ୍କ ପକ୍ଷରୁ ଚାପ ସୃଷ୍ଟି ହୋଇପାରୁନାହିଁ। କ୍ଷୁଦ୍ରଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ। ବହୁ ଯୁବ ଉଦ୍ୟୋଗୀ କ୍ଷୁଦ୍ରଶିଳ୍ପ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଆଇନର ବିଭିନ୍ନ କଟକଣା ବାଟବଣା କରୁଛି। ସ୍ଥାନୀୟ ଉତ୍ପାଦ ପ୍ରତି ବାହାର ଜିଲାବାସୀଙ୍କ ଅପେକ୍ଷା ନାହିଁ ବରଂ ଜିଲା ବାହାର ଉତ୍ପାଦ ଉପରେ ଆମେ ନିର୍ଭରଶୀଳ ହେଉଛୁ। କର୍ମନିଯୁକ୍ତି ସହ ଜିଲାର ଉତ୍ପାଦ ଜିଲା ବାହାରକୁ ଗଲେ ଜିଲାର ଅର୍ଥନୀତିରେ ଅଗ୍ରଗତି ହେବ।

– ଶୁଭାଶିଷ ଷଡ଼ଙ୍ଗୀ, ରାଜକନିକା, କେନ୍ଦ୍ରାପଡ଼ା





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମାନସ



@ ରୁବି



@ ଶୁଭଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଟ୍ରକ୍ ପଛରେ ପିଟି ହେଲା ବସ୍, ୨ ମୃତ





ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍।

### ପୁରୀ ଯାଉଥିବା ୧୩ ପର୍ଯ୍ୟଟକ ଗୁରୁତର

ଚଣ୍ଡିଖୋଲ/ବଡ଼ଚଣା,(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି),୮।୬ :

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଢ଼େଇ ଛକ ନିକଟରେ ଶନିବାର ଭୋର ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ପଛରେ ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୧୩ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି।

ପୋଲିସର ସୂଚନା ଅନୁଯାୟୀ, ଶନିବାର ଭୋର ୩ଟା ୪୫ ମିନିଟ୍ ସମୟରେ କୋଲକାତାରୁ ପୁରୀ ଅଭିମୁଖେ ପର୍ଯ୍ୟଟକମାନଙ୍କୁ ନେଇ ଆସୁଥିବା ଶ୍ୟାମୁଲେଇ ବସ୍(ନଂ.ଡବ୍ଲୁ ବି ୭୩ ଜି ୩୬୯୭) ଜାତୀୟ ରାଜପଥର କଢ଼େଇ ଛକ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍(ନଂ.ଓଆର ୦୯ସି ୯୭୭୭) ପଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବସ୍‌ର ଡ୍ରାଇଭର ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣା ଜିଲା ନୁମାସପାର୍କ ଗ୍ରାମର ସପନ କୁମାର ଯାନା (୩୭) ଓ ହେଲ୍‌ପର ପଶ୍ଚିମବଙ୍ଗ ଦିଆଙ୍ଗ ମାଣିକ ଗ୍ରାମର ସୁରଞ୍ଜନ ଗନି(୩୮)ଙ୍କ ମୃତ୍ୟୁ ହୋଇଥିଲା। ବସ୍‌ରେ ଥିବା ଅନ୍ୟ ୧୩ଜଣ ପର୍ଯ୍ୟଟକ ଗୁରୁତର ହୋଇଥିଲେ। ଖବର ପାଇ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ସହାୟତାରେ ମୃତ ଓ ଆହତମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ବସ୍‌କୁ ଇଲେକ୍ଟ୍ରି କଟରରେ କାଟି ଯାତ୍ରୀମାନଙ୍କୁ ବାହାର କରାଯାଇଥିଲା। ପରେ ଆହତମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆହତମାନେ ହେଲେ ଶୁଭ୍ରଜିତ୍ ପାଲ, ଅଭିରୁଦ୍ଧ ଅଧିକାରୀ, ସବିକୁଲ ମଣ୍ଡଳ, ରାଜା ପାଣ୍ଡେ, ଶିବ କୁମାର ମାହୁନ୍ତ, ଅବନୀ ମୋହନ ପୋଲେ, ପବିତ୍ର ପରିଡ଼ା, ପୂର୍ଣ୍ଣିମା ପୋଲେ, ରାନୁ ଦାଶ, ରାଜେଶ ଝା, ସୁବ୍ରତ ଚାଟାର୍ଜୀ ଓ ପ୍ରଣବ ହାଜାରା। ଉକ୍ତ ବସ୍‌ରେ ୬୦ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣ ଗୁରୁତର ହୋଇଥିବା ବେଳେ ୧୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବଡ଼ଚଣା ପୋଲିସ ଏକ ମାମଲା(ନଂ.୩୦୮/୨୪) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍‌କୁ ଜବତ କରିଛି। ବସ୍ ଡ୍ରାଇଭରଙ୍କୁ ନିଦ ଲାଗିବାରୁ ଏପରି ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

# ପୁରୁଣା ଇଟାକାନ୍ଥ ଭୁଶୁଡ଼ି ଶ୍ରମିକଙ୍କ ମୃତ୍ୟୁ

ମହାକାଳପଡ଼ା, ୮।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଉପକୂଳ ନଦୀ ନାଳଘେରା ବଟିଘର ପଞ୍ଚାୟତ କଜଳପାତିଆ ଗ୍ରାମରେ ଘରକାମ ଚାଲିଥିବା ବେଳେ ଶନିବାର ପୁରୁଣା ଇଟାକାନ୍ଥ ଭୁଶୁଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ସେହି ଗାଁର ଧନୁର୍ଜୟ ବିଶ୍ୱାସ(୪୦) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, କଜଳପାତିଆ ଗାଁର ବିକାଶ ବାନାର୍ଜୀଙ୍କ ପକ୍କା ଘର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଧନୁର୍ଜୟ ସକାଳେ ବିକାଶଙ୍କ ଘରକୁ କାମ କରିବାକୁ ଯାଇଥିଲେ। ପୁରୁଣା ଇଟାକାନ୍ଥ ଭାଙ୍ଗିବା ସମୟରେ ହଠାତ୍ କାନ୍ଥ ଶ୍ରମିକଙ୍କ ଉପରେ ଭୁଶୁଡ଼ି ପଡ଼ିବାରୁ ସେ ତଳେ ଚାପିହୋଇଯାଇଥିଲେ।



ଧନୁର୍ଜୟ ବିଶ୍ୱାସ

ଗ୍ରାମର ଲୋକେ ଘଟଣାସ୍ଥଳରୁ ଆହତ ଶ୍ରମିକ ଧନୁର୍ଜୟଙ୍କୁ ଉଦ୍ଧାରକରି ଏକ ବୋଟ୍ ଯୋଗେ ମହାନଦୀ ପାରକରି ପାରାଦୀପ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନିର୍ବାଚନ ପରେ ଖାଦ୍ୟ ସାମଗ୍ରୀ ଦର ବଢୁଛି

### ଟମାଟୋ ଦର ୬୦ ଟଙ୍କାକୁ ବୃଦ୍ଧି

ଯାଜପୁର,୮।୬(ହର୍ଷବର୍ଦ୍ଧନ ବେହେରା)

ସାଧାରଣ ନିର୍ବାଚନ ପରେ ପରେ ଖାଉଟି ସାମଗ୍ରୀ ମୂଲ୍ୟ କ୍ରମଶଃ ବଢ଼ିବାରେ ଲାଗିଛି। ବିଶେଷକରି ଚାଉଳ ସମେତ ତେଲ, ଡାଲି, ଆଳୁ, ପିଆଜ, ଟମାଟୋ ଇତ୍ୟାଦିର ଦର ବୃଦ୍ଧି ଯୋଗୁ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀ ପରିବାରଙ୍କ ମୁଣ୍ଡରେ ଚଡ଼କ ପଡିଛି। ରାଜ୍ୟ ସରକାର ଡାଲି ଜାତୀୟ, ଆଳୁ, ପିଆଜ ସମେତ ପନିପରିବା ଉତ୍ପାଦନରେ ବିଫଳ ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ମତପ୍ରକାଶ ପାଇଛି।

ଗତ କିଛି ବର୍ଷ ଧରି ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧିର ବୋଝ ଗ୍ରାହକମାନେ ମୁଣ୍ଡେଇ ଆସୁଛନ୍ତି। ଦରଦାମ ବୃଦ୍ଧି ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ମିଳୁ ନ ଥିବାରୁ ସାଧାରଣ ଲୋକେ ନାହିଁ ନଥିବାର ସମସ୍ୟା ଭୋଗୁଛନ୍ତି। ଏହାର ଫାଇଦା ବ୍ୟବସାୟୀମାନଙ୍କୁ ବେଶ୍ ସୁହାଉଛି। ପର୍ବପର୍ବାଣୀ ସମୟରେ ସାମଗ୍ରୀ ମୂଲ୍ୟକୁ ସେମାନେ ମନଇଚ୍ଛା ବୃଦ୍ଧି କରୁଥିବା ଦେଖିବାକୁ ମିଳୁଛି। ସାଧାରଣତଃ ରାଜ୍ୟର ବଜାରଗୁଡ଼ିକ ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ସାମଗ୍ରୀ ମୂଲ୍ୟରେ ହ୍ରାସର କଳ୍ପନା କରାଯାଇପାରୁନାହିଁ। ବିଶେଷକରି



ଆଳୁ ଓ ପିଆଜ ପାଇଁ ଯାଜପୁର ଜିଲାବାସୀ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ଉପରେ ନିର୍ଭର କରିଥାନ୍ତି। କେତେକାଂଶରେ କଟକ ଓ ଭୁବନେଶ୍ୱର ଉପରେ ମଧ୍ୟ ବେପାରୀ ନିର୍ଭରଶୀଳ ହେଉଥିବାରୁ ଦରଦାମ ବୃଦ୍ଧି ଚିନ୍ତାର କାରଣ ହୋଇଛି। ବଜାରରୁ ମିଳିଥିବା ତଥ୍ୟ ଅନୁସାରେ ମୁଗ, ହରଡ ଓ ବୁଟ ଡାଲି ୧୦ ଟଙ୍କା, ତେଲ ୧୦ ଟଙ୍କା, ଚାଉଳ କେଜି ପ୍ରତି ୪ ଟଙ୍କା, ଆଳୁ ଓ ପିଆଜ ୫ ଟଙ୍କା ବୃଦ୍ଧି ପାଇଛି। ଏହାବାଦ ଟମୋଟା ଦର ହଠାତ କିଲୋ ପ୍ରତି ୩୦ ଟଙ୍କାରୁ ୬୦ ଟଙ୍କାରେ ବୃଦ୍ଧି ପାଇଛି।

କୃଷି ସହିତ ଡାଲି, ଆଳୁ, ପିଆଜି ଆଦି ଜାତୀୟ ଫସଲ ଉତ୍ପାଦନରେ ସରକାର ସେତେଟା କାର୍ଯ୍ୟପନ୍ଥା ଗ୍ରହଣ କରି ପାରିନାହାନ୍ତି। ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଚାଷୀ ପୂର୍ବଭଳି ଆଉ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହିଁ ବୋଲି ମତପ୍ରକାଶ ପାଇଛି। ରାଜ୍ୟରେ ବାର୍ଷିକ ପ୍ରାୟ ୧୦.୨୧ ଲକ୍ଷ ମେଟ୍ରିକଟନ (ଏମ୍‌ଟି) ଆଳୁର ଆବଶ୍ୟକତା ରହିଛି। କିନ୍ତୁ ଏହାର ମାତ୍ର ୨୦ପ୍ରତିଶତ ଆଳୁ ରାଜ୍ୟରେ ଉତ୍ପାଦନ ହୋଇପାରୁଛି। ସାରା ରାଜ୍ୟରେ ପ୍ରାୟ ୧୫ ହଜାର ହେକ୍ଟର ଜମିରେ ବାର୍ଷିକ ୨ରୁ ୨.୫ ଲକ୍ଷ ଏମ୍‌ଟି ଆଳୁ ଉତ୍ପାଦନ ହୋଇଥାଏ। ଏଭଳିସ୍ଥିତିରେ ଓଡ଼ିଶା ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ। ଅନ୍ୟପକ୍ଷେ ଆବଶ୍ୟକ ଶୀତଳଭଣ୍ଡାରର ଅଭାବ ଯୋଗୁ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ସଂରକ୍ଷିତ ରଖାଯାଇପାରୁନାହିଁ। ଫଳରେ ଦର ବଢ଼ିଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ପଲିଥିନ୍‌ର ବହୁଳ ବ୍ୟବହାର

- ବିଶ୍ୱ ପରିବେଶ ଦିବସ ପ୍ରତି ଉପହାସ
- ସହରର ସ୍ଥାନେ ସ୍ଥାନେ ଗଦାହୋଇଛି ପଲିଥିନ୍ ଅଳିଆ

ପଟ୍ଟାମୁଣ୍ଡାଇ, ୮।୬(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳନ ହୋଇଥିଲା। ଏନେଇ ପୌର ପରିଷଦ ପକ୍ଷରୁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ଅଳିଆ ଓ ବିପୁଳ ପରିମାଣର ପଲିଥିନ ଗଦାହୋଇ ପଡ଼ିରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି, ଯାହା ବିଶ୍ୱ ପରିବେଶ ଦିବସକୁ ଉପହାସ କରୁଛି। ସମଗ୍ର ବିଶ୍ୱବାସୀ ପରିବେଶର ସୁରକ୍ଷା ନେଇ ଚିନ୍ତିତ ଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହାକୁ ଉପେକ୍ଷା କରାଯାଉଥିବା ନେଇ ବୁଦ୍ଧିଜୀବୀ ଓ ପରିବେଶବିତ୍ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ଆଜିର ମନୁଷ୍ୟ ସମାଜ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିଚାଲିଛି। କେବଳ ଜଙ୍ଗଲ କ୍ଷୟ ନୁହେଁ, ମୃତ୍ତିକା ଓ ବାଲି ଖନନଠାରୁ ଆରମ୍ଭକରି ପେଟ୍ରୋଲ ଓ ଡିଜେଲଚାଳିତ ଯାନବାହନ ସହ ଫ୍ରିଜ୍ ଓ ଏସି ଭଳି ଅତ୍ୟାଧୁନିକ ସାମଗ୍ରୀର ବହୁଳ ତଥା ପଲିଥିନର ମାତ୍ରାଧିକ ବ୍ୟବହାର ଆଜି ସମଗ୍ର ମାନବଜାତିକୁ ଧ୍ୱଂସମୁଖକୁ ଟାଣିନେଉଛି। ଆମେ ଆଜି ଆଧୁନିକତା ନାମରେ ପରିବେଶକୁ ଦୂଷିତ କରି ନିଜ ସୁରକ୍ଷାକୁ ଭୁଲିଯିବାକୁ ବସିଲେଣି। ତେବେ ରାଜ୍ୟଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ପଲିଥିନ୍‌ର ମାତ୍ରାଧିକ ବ୍ୟବହାର ପରିବେଶ



ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତାକଡ଼ରେ ପଲିଥିନ ଓ ଆବର୍ଜନା ପଡ଼ିରହିଛି।

ପ୍ରଦୂଷଣର ମୁଖ୍ୟ କାରଣ ବୋଲି ଜାଣିବା ପରେ ଏଥିରେ ରୋକ୍ ଲଗାଇଛନ୍ତି। ହେଲେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଏହାକୁ ଅଣଦେଖା କରାଯାଉଛି। ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, ସହର ଓ ଆଖପାଖ ଅଞ୍ଚଳରେ ପଲିଥିନ୍ ଏବଂ ଥର୍ମୋକୁଲ ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ସର୍ବସାଧାରଣ ସ୍ଥାନରେ ପଲିଥିନ ଜମି ରହିବାରୁ ଦୁର୍ଗନ୍ଧ ବାହାରୁଛି। ପୌର ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ପଲିଥିନ୍ ବେପାର ଜମୁଛି। ପରିବେଶ ସୁରକ୍ଷା ଆଇନ ଧାରା ୧୫ ଓ ୧୬/୧୯୮୬ ଅନୁଯାୟୀ, ୨୦ ମାଇକ୍ରୋନ୍‌ରୁ କମ୍ ପଲିଥିନ୍ ଆମଦାନୀ, ଗଚ୍ଛିତ ଓ ବିକ୍ରୟ ଅପରାଧ ହୋଇଥିବା ବେଳେ ପ୍ରଦୂଷଣମୁକ୍ତ କରିବାକୁ ପଲିଥିନ ବ୍ୟବହାର ନିଷେଧ ହୋଇଛି। ହେଲେ ପଟ୍ଟାମୁଣ୍ଡାଇ ସହରର ଗଳି କନ୍ଦିରେ ଗଦା ଗଦା ଅଳିଆ ପଡ଼ିରହିଛି। ଫଳରେ କାଉ, କୁକୁର ଆବର୍ଜନାକୁ ଘାଣ୍ଟିବାରେ ଲାଗୁଛନ୍ତି। ପ୍ରତିବର୍ଷ ଜୁନ୍ ୫କୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରିଆସୁଥିଲେ ମଧ୍ୟ ପଲିଥିନର ବହୁଳ ବ୍ୟବହାର ଏହି ଦିବସ ପାଳନର ମୂଲ୍ୟବୋଧକୁ ଭୁଲିଯାଉଛନ୍ତି। ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ୨୦୦୨ରେ ପଲିଥିନର ବ୍ୟବହାରକୁ ବିରୋଧ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ୨୨ ବର୍ଷ ବିତିଯାଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ୫୦ ମାଇକ୍ରୋନରୁ କମ୍ ପଲିଥିନ ବ୍ୟବହାର କରିବା ଆଇନବିରୋଧୀ ହୋଇଥିବାବେଳେ ପାନ ଦୋକାନରୁ ଆରମ୍ଭକରି ତେଜରାତି ଦୋକାନ, ପନିପରିବା, ମିଠା, ମାଛ, ମାଂସ ଭଳି ବିଭିନ୍ନ ସାମଗ୍ରୀ ଗ୍ରାହକମାନଙ୍କୁ ଏହି ପଲିଥିନରେ ଦିଆଯାଉଛି, ଯାହାକୁ ଲୋକେ ବିଭିନ୍ନ ସ୍ଥାନରେ ଫିଙ୍ଗିଦେବା ଫଳରେ ପରିବେଶ ଦୂଷିତ ହେବା ସହ ଗାଇଗୋରୁ ଭଳି ପ୍ରାଣୀମାନେ ତାହା ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଅଳିଆ ଜମାହୋଇ ପରିବେଶକୁ ଦୁର୍ଗନ୍ଧମୟ କରିବା ସହ ମୃତ୍ତିକା ଅବକ୍ଷୟ କରୁଛି। ସେହିଭଳି ଚଳିତ ନିର୍ବାଚନୀ ପ୍ରଚାର ଓ ସଭା ସମିତିର ବ୍ୟାନରଗୁଡ଼ିକ ରାସ୍ତାଘାଟରେ ପଡ଼ିରହିଛି। ଏହି ବ୍ୟାନର ପଲିଥିନ୍‌ରେ ତିଆରି ହୋଇଥିବାରୁ ଏହା ବିପଦ ସୃଷ୍ଟି କରୁଛି। ପୂର୍ବରୁ କାଗଜତିଆରି ଠୁଙ୍ଗା ବ୍ୟବହାର ହେଉଥିବାବେଳେ ଏବେ ତାହା ହଜିଯିବାକୁ ବସିଲାଣି। ଏଣୁ ପରିବେଶର ସୁରକ୍ଷା ସହ ମାନବ ଜାତିର ରକ୍ଷା ଦିଗରେ କେବଳ ସରକାର ନୁହନ୍ତି, ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ପଟ୍ଟମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରେ ସହରର ସ୍ୱଚ୍ଛତା ଦିଗରେ ସର୍ବଦା ପଦକ୍ଷେପ ନିଆଯାଉଛି। ଯଦି ସହରରେ ସ୍ୱଚ୍ଛତା ଦିଗରେ ଅବହେଳା ହେଉଛି ସେନେଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ରେଳ ଓଭରବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ଦୁର୍ଘଟଣା ବଢୁଛି





ବରପଲ୍ଲୀ ଛକ ନିକଟରେ ଥିବା ରେଲୱେ ଓଭରବ୍ରିଜ୍ । ଓଭର ବ୍ରିଜ୍‌ର ଦୁଇ ପାର୍ଶ୍ୱରେ ଯାଇଥିବା ରାସ୍ତାର କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ବିଦ୍ୟୁତ୍ ଖୁଣ୍ଟ ଓ ଘର ରହିଛି ।

- ନୟାଗଡ଼-ଖଣ୍ଡପଡ଼ା ରାସ୍ତା ଠିକ୍‌ରେ ଲେଭଲ ହୋଇନି
- ସାଇଟ୍ ୱାଲ୍ ପୂରା ବଙ୍କା ହୋଇ ନିର୍ମାଣ ହୋଇଥିବା ଅଭିଯୋଗ
- ବାଇପାସ୍ ରାସ୍ତା ସଙ୍କୁଚିତ ହୋଇ ରହିଥିଲେ ମଧ ପ୍ରତିକାର ନାହିଁ

ନୟାଗଡ଼,୮।୬(ଲୋକନାଥ ମିଶ୍ର)

ନୟାଗଡ଼ରୁ ଖଣ୍ଡପଡ଼ା ରାସ୍ତାର ବରପଲ୍ଲୀ ଛକ ନିକଟରେ ନିର୍ମାଣାଧୀନ ରେଳ ଓଭରବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ଦୁର୍ଘଟଣା ବଢ଼ାଇ ଚାଲିଲାଣି । ଓଭରବ୍ରିଜ୍ ଓ ବାଇପାସ୍ ରାସ୍ତା କାର୍ଯ୍ୟକ୍ଷମ ପରେ ବିପଦସଙ୍କୁଳ ପାଲଟିବ ବୋଲି ଅଭିଯୋଗ ଉଠିଲାଣି । ସେହିପରି ନୟାଗଡ଼ରୁ ଖଣ୍ଡପଡ଼ା ଯିବା ରାସ୍ତା ଠିକ୍‌ରେ ଲେଭଲ ହୋଇ ନ ଥିବା ଅଭିଯୋଗ ଉଠିଛି । ଓଭରବ୍ରିଜ୍‌ର ସାଇଟ୍ ୱାଲ୍ ବଙ୍କାହୋଇ ନିର୍ମାଣ ହୋଇଥିବାବେଳେ ବାଇପାସ୍ ରାସ୍ତା ସଙ୍କୁଚିତ ହୋଇ ରହିଥିଲେ ହେଁ ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ନ ଦେବା ସହରବାସୀଙ୍କ ଚିନ୍ତାର କାରଣ ହୋଇଛି । ଉଦ୍‌ଘାଟନ ପୂର୍ବରୁ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଧମକ ମିଳିଲାଣି ।

ଏ ନେଇ ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ କହିଛନ୍ତି, ନୟାଗଡ଼ ସହର ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଅତିକ୍ରମ କରିଥିବାରୁ ନୟାଗଡ଼ରୁ ଖଣ୍ଡପଡ଼ା ରାସ୍ତାର ବଲାଙ୍ଗୀବନ୍ଧ ପାଖରେ ରେଳ ବିଭାଗ ପକ୍ଷରୁ ଓଭରବ୍ରିଜ୍ ନିର୍ମାଣ ଚାଲିଛି । ଓଭରବ୍ରିଜ୍ କାମ ପୂରା ଧିମେଇ ଧିମେଇ ଚାଲିଛି । ଏବେ ଓଭରବ୍ରିଜ୍‌ର ରାସ୍ତା କାମ ପିଚୁ କରାଯାଉଛି । ତେବେ ନୟାଗଡ଼ରୁ ଖଣ୍ଡପଡ଼ା ଯିବା ରାସ୍ତାର ଗୋଟିଏ ପାଖ ଲେଭଲ ଠିକ୍‌ରେ ହୋଇନାହିଁ । ସମ୍ପୃକ୍ତ ରାସ୍ତା ହଠାତ୍ ଗାଡ଼ି ଯାଇଥିବାରୁ ଯାନବାହନ ଚାଳକ ରାସ୍ତା ନେଇ ଜାଣିବା ପୂର୍ବରୁ ଦୁର୍ଘଟଣା ହୋଇସାରିଥିବ ବୋଲି ସନ୍ଦେହ ପ୍ରକାଶ ପାଇଲାଣି । ସେହିପରି ନୟାଗଡ଼ରୁ ଖଣ୍ଡପଡ଼ା ପାର୍ଶ୍ୱକୁ ପଡ଼ିଥିବା ବାଇପାସ୍ ରାସ୍ତା ପୂରା ସଙ୍କୁଚିତ ହୋଇ ରହିଛି । ବାଇପାସ୍ ରାସ୍ତାରେ ଘର, ବିଦ୍ୟୁତ୍ ଖୁଣ୍ଟ ଥିବାରୁ ଯାନବାହନ କିପରି ଯାତାୟାତ କରିବ ପ୍ରଶ୍ନ ଉଠିଛି । ବାଇପାସ୍ ରାସ୍ତାକୁ ଜବରଦଖଲ କରାଯାଇଛି ନା କ'ଣ ତାହା ତଦନ୍ତସାପେକ୍ଷ । ରାସ୍ତା ଓ ବାଇପାସ୍ ରାସ୍ତା ନିର୍ମାଣ ସମୟରେ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଲାଣି । ବାଇପାସ୍ ରାସ୍ତା ଓ ଓଭରବ୍ରିଜ୍ ଉଦ୍‌ଘାଟନ ହେବା ପୂର୍ବରୁ କାମଚଳା ରାସ୍ତାରେ ୨ ମାସରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିସାରିଲାଣି । ଏଣୁ ରେଳ ବିଭାଗ ଦୁର୍ଘଟଣାକୁ ଗୁରୁତର ସହ ନେଇ ନିରାକରଣ କରିବା ଦରକାର ବୋଲି ସେ କହିଛନ୍ତି । ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ କହିଛନ୍ତି, ରେଳ ଓଭରବ୍ରିଜ୍‌ର ରାସ୍ତା ଓ ବାଇପାସ୍ ରାସ୍ତା କାମ୍ ଠିକ୍‌ରେ କରାଯାଉନି । ଫଳରେ ଓଭରବ୍ରିଜ୍ ଦୁର୍ଘଟଣାକୁ ଆମନ୍ତ୍ରଣ କରିବ ବୋଲି ଏବେଠାରୁ ଜଣାପଡ଼ିସାରିଲାଣି । ଓଭରବ୍ରିଜ ରାସ୍ତା ଓ ବାଇପାସ୍ ରାସ୍ତାକୁ ଲକ୍ଷ୍ୟ କଲେ କାମ ଠିକ୍ ଭାବେ ହୋଇ ନ ଥିବା ସ୍ପଷ୍ଟ ବାରିହୋଇ ପଡୁଛି । ବରପଲ୍ଲୀର ଜଳନ୍ଧର ପ୍ରଧାନ କହିଛନ୍ତି, ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ଓଭରବ୍ରିଜ୍ ନିର୍ମାଣ କରୁଛନ୍ତି । ଓଭରବ୍ରିଜ୍ ରାସ୍ତା ଓ ବାଇପାସ୍ ରାସ୍ତାକୁ ଅନୁଧ୍ୟାନ କଲେ କାମ ଠିକ୍‌ରେ ହେଉ ନ ଥିବା ଜଣାପଡୁଛି । ଓଭରବ୍ରିଜ୍ କାର୍ଯ୍ୟକ୍ଷମ ପୂର୍ବରୁ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରିବ ବୋଲି କୁହାଗଲାଣି । ଏଣୁ ରେଳ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ନିରାକରଣ କରିବା ଦରକାର ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମାନସ



@ ରୁବି



@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ଗୋକୁଳାନନ୍ଦ ଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଣ୍ଡପଡ଼ା,୮।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ମଣିକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରର ୩୦ତମ ପ୍ରତିଷ୍ଠା ଉତ୍ସବ ଶନିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଭୁ ଶ୍ରୀଗୋକୁଳାନନ୍ଦ, ମହାବୀର, ପତିତପାବନ, ଆଖଣ୍ଡଳମଣିଙ୍କୁ ନବବସ୍ତ୍ର ପରିଧାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିବା ବେଳେ ନାମ ସଂକୀର୍ତ୍ତନ, ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠାତା ରାମ ଲକ୍ଷ୍ମଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସମ୍ପାଦକ ଚନ୍ଦ୍ରଶେଖର ସ୍ୱାଇଁ ଓ ପୂଜକ ଅଖିଳ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସିଧାମୂଳା ଓ ଏହା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଏହି ଗୋକୁଳାନନ୍ଦ ପୀଠରେ ବର୍ଷର ପ୍ରାୟ ସବୁ ସମୟରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା ମହାନଦୀ ତଟଦେଶ ସବୁଜବନାନୀ ମଧ୍ୟରେ ଅବସ୍ଥିତ ଏହି ପୀଠରେ ସବୁ ସମୟରେ ପର୍ଯ୍ୟଟକଙ୍କ ସହ ବଣଭୋଜି ନିମନ୍ତେ ଗହଳଚହଳ ଲାଗିରହୁଛି । ହେଲେ ଏଠାରେ ପର୍ଯ୍ୟଟକଙ୍କ ରହଣି ନିମନ୍ତେ ପାନ୍ଥଶାଳା, ଶୌଚାଳୟ, ପାନୀୟ ଜଳଯୋଗାଣର ବ୍ୟବସ୍ଥା ନ ଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଫାଣ୍ଡିର ଆବଶ୍ୟକତା ରହିଥିବା ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି ।



ମନ୍ଦିରର ବାର୍ଷିକୋତ୍ସବ ଲାଗି ହୋମ ଚାଲିଛି ।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



କାର୍ଯ୍ୟଶାଳାରେ ଯୋଗଦେଇଥିବା ଆଚାର୍ଯ୍ୟା ଆଚାର୍ଯ୍ୟ ଓ ପିଲାମାନେ ।

ନୟାଗଡ଼,୮।୬ (ଲୋକନାଥ ମିଶ୍ର)

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩ ଦିନ ଧରି ହେବାକୁଥିବା ସଙ୍କୁଳସ୍ତରୀୟ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ପୁରୀ ବିଭାଗ କାର୍ଯ୍ୟବାହ ପ୍ରସନ୍ନ କୁମାର ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲା ପ୍ରମୁଖ ହରେକୃଷ୍ଣ ମୁଦୁଲି, ସଙ୍କୁଳ ପ୍ରମୁଖ ଦିଲୀପ କୁମାର ମିଶ୍ର, ବିଦ୍ୟାମନ୍ଦିରର ସଭାପତି କେଶବ ଚନ୍ଦ୍ର ରାଉତରାୟ, ସମ୍ପାଦକ ଭାସ୍କର ଚନ୍ଦ୍ର ସାହୁ ଓ ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଜିଲା ପ୍ରମୁଖ ଓ ସଙ୍କୁଳ ପ୍ରମୁଖ ଉକ୍ତ କାର୍ଯ୍ୟଶାଳାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶେଷରେ କେଶବ ଚନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇଥିଲେ ।

## ଘଟଣାର ମାସେ ପରେ ପୋଲିସ ହାତ ଖାଲି

ବଉଳସାହି ଗୁଳିମାଡ଼ ଘଟଣାରେ ୪ ଆହତ ପ୍ରସଙ୍ଗ

ନୟାଗଡ଼, ୮।୬ (ଲୋକନାଥ ମିଶ୍ର)

ନୟାଗଡ଼ ନିର୍ବାଚନମଣ୍ଡଳୀ ଇଟାମାଟି ଥାନା ନୋତର ପଞ୍ଚାୟତ ବଉଳସାହି ଗାଁରେ ମେ' ୧ ତାରିଖରେ ମରଣାନ୍ତକ ଆକ୍ରମଣ, ଗୁଳିମାଡ଼ରେ ୪ ଯୁବକ ଗୁରୁତର ହେବା ଘଟଣାର ଉତ୍ତେଜନା ଥମିନାହିଁ । ଏହି ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ଥାନାରେ ମାମଲା ହୋଇଛି । ତେବେ କେହି ଗିରଫ ହୋଇନାହାନ୍ତି । ମାରପିଟ୍ ପରେ ଶାନ୍ତି ପ୍ରତିଷ୍ଠା ହୋଇଥିବା କୁହାଯାଉଥିଲେ ମଧ୍ୟ ବିବାଦ କୁହୁଳୁଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘ ସଭା

ଦଶପଲ୍ଲା, ୮।୬(ପ୍ରକାଶ କୁମାର ପାଣି)

ଦଶପଲ୍ଲାର ମେଲିଆ ତୋଟାଠାରେ ସିଆଇଟିୟୁ ସହବନ୍ଧିତ ପାଚିକା ଓ ସହାୟିକା ସଂଘର ଏକ ସାଧାରଣ ବୈଠକ ଶନିବାର ସଭାପତି ଆଇନଜୀବୀ ଶରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସିଆଇଟିୟୁ ନେତା ରାଧାରମଣ ଷଡ଼ଙ୍ଗୀଙ୍କ ପରଲୋକ ଯୋଗୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ସଙ୍ଗଠନ ଓ ପାଚିକାମାନେ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ତା'ର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହିତ ସଂଘ ଆଲୋଚନା କରିବାକୁ ସ୍ଥିର ହୋଇଥିଲା । ସଂଘର ଦାବିଗୁଡ଼ିକ ଉପରେ ଅନେକ ଦିନରୁ ଚାଲିଥିବା ଆନ୍ଦୋଳନକୁ ଆଗାମୀ ଦିନରେ ଚଳାଇବାକୁ ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମୁଖ୍ୟ ଦାବିଗୁଡ଼ିକ ଭିତରେ ପାଚିକା ଓ ସହାୟିକାମାନଙ୍କୁ ସରକାରୀ ଚାକିରିର ମାନ୍ୟତା, ମାସିକ ୨୬ ହଜାର ଟଙ୍କା ପ୍ରାପ୍ୟ ପ୍ରଦାନ, ବର୍ଷକୁ ୧୦ ମାସ ବଦଳରେ ୧୨ ମାସର ପ୍ରାପ୍ୟ ପ୍ରଦାନ, ବର୍ଷକୁ ୨ ଖଣ୍ଡ ଶାଢ଼ି, ୬୦ ବଦଳରେ ଅବସର ବୟସ ୬୨ ବର୍ଷ, ରୋଷେଇଶାଳରେ ଫାଷ୍ଟ ଏଡ୍ ବ୍ୟବସ୍ଥା, ସମସ୍ତଙ୍କ ପାଇଁ ବୀମା ପ୍ରଭୃତି ଦାବି ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ ପାଇଁ ସଙ୍ଗଠନର ଜିଲା ସମ୍ପାଦିକା ଜୟନ୍ତୀ ଦାସ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସଙ୍ଗଠନର ନେତା ସୁଶାନ୍ତ ନାୟକ ଓ ବିପିନ ବିହାରୀ ବକ୍ସୁ, କ୍ଷେତ ମଜଦୁର ନେତା ବିରଞ୍ଚି ନାୟକ ଓ ଶ୍ୟାମସୁନ୍ଦର ମୁଦୁଲି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ବ୍ଲକ ଏବଂ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ପାଚିକା ଓ ସହାୟିକାମାନେ ଯୋଗଦେଇଥିଲେ ।



ପାଚିକା ସଂଘ ସାଧାରଣ ସଭା ।

## ସମସ୍ତେ ଥରୁଟିଏ ଉଦୟପୁର ଲାଇବ୍ରେରି ବୁଲି ଦେଖିବା କଥା

### ଦାଶିଆ ଅଜାଙ୍କ ସଂଗ୍ରହାଳୟ ବୁଲିଲେ ନୟାଗଡ଼ ଏସ୍‌ପି

ନୂଆଗାଁ, ୮।୬ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଥିବା ଦାଶିଆ ଅଜାଙ୍କ ପାଠାଗାର, ସଂଗ୍ରହାଳୟ ତଥା ଲାଇବ୍ରେରିକୁ ପରିଦର୍ଶନ କରିବା ପାଇଁ ଶନିବାର ନୟାଗଡ଼ ଏସ୍‌ପି ରାହୁଲ ଜୈନ ଉଦୟପୁରଠାରେ ପହଞ୍ଚିଥିଲେ । ପ୍ରତିଟି ମଣିଷ ଅନ୍ତତଃ ଗୋଟିଏଥର ଉଦୟପୁରରେ ଥିବା ଦାଶିଆ ଅଜାଙ୍କ ଲାଇବ୍ରେରି ବୁଲି ଦେଖିବା କଥା ବୋଲି ଏସ୍‌ପି ଜୈନ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ଦାଶରଥି ପଟ୍ଟନାୟକ(ଦାଶିଆ ଅଜା)ଙ୍କ ଅକ୍ଲାନ୍ତ ପରିଶ୍ରମ, ନିରନ୍ତର ଚେଷ୍ଟାରେ ପ୍ରତିଷ୍ଠିତ ଓଡ଼ିଶାର ଅଦ୍ୱିତୀୟ ସଂଗ୍ରହାଳୟ ଦେଶ ବିଦେଶର ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି । ସେହି ସଂଗ୍ରହାଳୟ, ପାଠାଗାରରେ ପୂରିରହିଛି ବହୁ ପୁରାତନ ପତ୍ରପତ୍ରିକା, ତାଳପତ୍ର ପୋଥି, ବିଭିନ୍ନ ରାଜରାଜୁଡ଼ାଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଅସ୍ତ୍ରଶସ୍ତ୍ର, ଦେଶ ବିଦେଶର ମୁଦ୍ରା, ଅନେକ ମହାପୁରୁଷଙ୍କ ବ୍ୟବହୃତ ସାମଗ୍ରୀ, ପୂର୍ବ କାଳରେ ଲୋକମାନେ ବ୍ୟବହାର କରୁଥିବା ଜିନିଷ, ଭାସମାନ ପଥର, ତିମିମାଛର କଙ୍କାଳ, ବିଭିନ୍ନ ବନ୍ୟଜନ୍ତୁଙ୍କ ଦାନ୍ତ, ଚମଡ଼ା ଏପରିକି ଚନ୍ଦ୍ରପୃଷ୍ଠରୁ ଆସିଥିବା ବିରଳ ପଥର ମଧ ଏଠାରେ ଦେଖିବାକୁ ମିଳେ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଏଭଳି ଅନେକ ସାମଗ୍ରୀ ବଣପାହାଡ଼ଘେରା ଉଦୟପୁରକୁ ଟାଣିଆଣୁଛି । ନୟାଗଡ଼ ଏସ୍‌ପି ଜୈନ ଦୀର୍ଘଦିନ ହେଲା ଜିଲାକୁ ଆସିଥିଲେ ମଧ କାର୍ଯ୍ୟବ୍ୟସ୍ତତା ହେତୁ ଉଦୟପୁର ଆସିପାରି ନ ଥିଲେ । ତେବେ ନିର୍ବାଚନ କାର୍ଯ୍ୟ ସରିବା ପରେ ଶନିବାର ଉଦୟପୁରଠାରେ ପହଞ୍ଚି ପ୍ରଥମେ ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଦାଶିଆ ଅଜାଙ୍କ ନାତି ତଥା ସଂଗ୍ରହାଳୟର ସମ୍ପାଦକ ଦୀପକ କୁମାର ପଟ୍ଟନାୟକ ଲାଇବ୍ରେରି ଦେଖାଇବା ସହ ସାମଗ୍ରୀଗୁଡ଼ିକ ବିଷୟରେ ବୁଝାଇ କହିଥିଲେ । ସରକାର ବର୍ତ୍ତମାନ ସର୍ବଶିକ୍ଷା ଅଭିଯାନର ବ୍ୟବସ୍ଥା କରୁଥିବା ବେଳେ ଶହେବର୍ଷ ପୂର୍ବରୁ ଜଣେ ବ୍ୟକ୍ତି (ଦାଶିଆ ଅଜା) ଏହାକୁ ଆରମ୍ଭ କରିଥିଲେ । ତାହାକୁ ଆମକୁ ଆଗକୁ ନେବାକୁ ପଡ଼ିବ । ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ଅଞ୍ଚଳରେ ଏପରି ଗୋଟିଏ କାର୍ଯ୍ୟ କରିବେ ତେବେ ଭାରତବର୍ଷ ସବୁବେଳେ ପ୍ରଶଂସାର ପାତ୍ର ହୋଇପାରିବ । ତେଣୁ ପ୍ରଥମେ ପ୍ରତ୍ୟେକ ଲୋକ ଅନ୍ତତଃ ଗୋଟିଏ ଥର ଲାଇବ୍ରେରି ବୁଲି ଦେଖିବାର ଆବଶ୍ୟକତା ରହିଛି ବୋଲି ଏସ୍‌ପି କହିଥିଲେ । ଏସ୍‌ପି ଜୈନଙ୍କ ସହ ନୂଆଗାଁ ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ଓ ମହୀପୁର ଫାଣ୍ଡି ଅଧିକାରୀ ବିରଞ୍ଚି କୁମାର ଅମାତ ଲାଇବ୍ରେରି ବୁଲି ଦେଖିବା ପରେ ଖୁସିବ୍ୟକ୍ତ କରିଥିଲେ ।



ପ୍ରତିମୂର୍ତ୍ତିରେ ଏସ୍‌ପି ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।



ଏସ୍‌ପି ସଂଗୃହୀତ ସାମଗ୍ରୀ ବୁଲି ଦେଖୁଛନ୍ତି ।

# ପ୍ରାର୍ଥୀ ଚୟନରେ ବଦଳିଗଲା ବିଜେଡି ଅଙ୍କ

## ରାୟଗଡ଼ା ୩ ଆସନ ଦଖଲା କଲା କଂଗ୍ରେସ

ରାୟଗଡ଼ା, ୮।୬(ଆଶିଷ ରଞ୍ଜନ ପଣ୍ଡା)


ଆପଲସ୍ୱାମୀ କାଡ୍ରାକା


ନୀଳମାଧବ ହିକ୍କା


ସତ୍ୟଜିତ୍ ଗମାଙ୍ଗ

ଚଳିତ ନିର୍ବାଚନ ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୫ ବର୍ଷ ଧରି ଶାସନ କରୁଥିବା ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶାବାସୀ ଭାଜପାକୁ ସମର୍ଥନ କରିଛନ୍ତି। ହେଲେ କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅଧୀନ ୬ଟି ବିଧାନସଭା ଆସନର ଫଳାଫଳ ଗୋଟେ ବଡ଼ ଟ୍ୱିଷ୍ଟ ଆଣିଛି। କଂଗ୍ରେସ ଶାସକ ବିଜେଡିକୁ ଧରାଶାୟୀ କରିବା ସହ ଭାଜପାକୁ ପୂର୍ବଭଳି ଖାତା ଖୋଲିବାକୁ ଦେଇନାହିଁ। ରାୟଗଡ଼ା ଜିଲାର ୩ଟି ଯାକ ବିଧାନସଭା ଆସନକୁ କଂଗ୍ରେସ ଦଖଲ କରିଛି। ରାୟଗଡ଼ାରେ କଂଗ୍ରେସ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକା, ବିଷମ କଟକରେ ନୀଳମାଧବ ହିକ୍କା ଏବଂ ଗୁଣପୁରରେ ସତ୍ୟଜିତ୍ ଗମାଙ୍ଗ ବିଜୟ ଲାଭ କରିଛନ୍ତି। ତେବେ ୨୪ ବର୍ଷ ଅପରାଜେୟ ରହିଥିବା ବିଜେଡି ଚଳିତ ନିର୍ବାଚନରେ ଜିଲାରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଦଳୀୟ ନେତା ସମୀକ୍ଷା କରୁଛନ୍ତି। ଅନ୍ୟପଟେ ଦଳର ପ୍ରାର୍ଥୀ ଚୟନକୁ ନେଇ ବିଜେଡିର ଏଭଳି ପରିସ୍ଥିତି ହୋଇଥିବା ଦଳୀୟ କର୍ମୀ ଓ ଲୋକେ ଆଲୋଚନା କରୁଛନ୍ତି।

ରାୟଗଡ଼ା ବିଧାନସଭା ଆସନରେ ବିଜେଡି ପ୍ରଥମଥର ପାଇଁ ମହିଳା ପ୍ରାର୍ଥୀ ଦେଇଥିଲା। ହେଲେ ପ୍ରାର୍ଥୀଙ୍କ ନିଜସ୍ୱ ସଂଗଠନ ଏବଂ ଭୋଟବ୍ୟାଙ୍କ ନ ଥିବା ଯୋଗୁ ଦଳ ଏଠାରେ ପରାଜୟ ବରଣ କରିଥିବା ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ରାୟଗଡ଼ା ବିଧାନସଭା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, କାଶୀପୁର ବ୍ଲକରେ ପୂର୍ବତନ ବିଧାୟକ ବିଭୀଷଣ ମାଝି, ନବାଗତା ରୀନା ସାଉଁତା ପ୍ରମୁଖ ରହିଥିଲେ ମଧ୍ୟ ଦଳର ଶୀର୍ଷନେତୃତ୍ୱ ସେମାନଙ୍କୁ ଅଣଦେଖା କରି ଅନସୂୟାଙ୍କୁ ଟିକେଟ ଦେଇଥିଲା। ଏପରିକି ରାୟଗଡ଼ାର ନିର୍ବାଚିତ ପ୍ରତିନିଧିଙ୍କ କୌଣସି ମତାମତ ସଂଗ୍ରହ ନ କରି ରାଜ୍ୟ ଶୀର୍ଷ ନେତୃତ୍ୱ ଏକପାଖିଆ ଅନସୂୟାଙ୍କୁ ଟିକେଟ ପ୍ରଦାନ କରିଥିବାରୁ ସେତେବେଳେ ଦଳରେ ଏକପ୍ରକାର ବିରୋଧର ସ୍ୱର ଉଠିଥିଲା। ତେବେ ଦଳର ବରିଷ୍ଠ ନେତାଙ୍କ ବୁଝାଶୁଝା ପରେ ସେମାନେ ଅନସୂୟାଙ୍କୁ ସମର୍ଥନ କରିଥିଲେ ହେଁ ପରୋକ୍ଷରେ କର୍ମୀମାନେ ଚୁପ୍ ରହିଥିଲେ। ତୃଣମୂଳସ୍ତରର କର୍ମୀଙ୍କୁ ଅଣଦେଖା କରିବା ବିଜେଡି ପାଇଁ କାଳ ସାଜିଲା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ଅନ୍ୟପକ୍ଷରେ ରାୟଗଡ଼ା ଜିଲାରେ ବିଜେଡିର ପତିଆରା ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓଙ୍କୁ ଜିଲାର ସମସ୍ତ ଦାୟିତ୍ୱ ନ ଦେଇ ଏକପ୍ରକାର ସଂକୁଚିତ କରି ରଖିବା ମଧ୍ୟ ଦଳର ସଙ୍ଗଠନ ଉପରେ ବିପରୀତ ପ୍ରଭାବ ପକାଇଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ସେହିଭଳି କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରିଙ୍କଠାରୁ ୩୬୧୩ ଭୋଟରେ ପରାଜିତ ହୋଇଥିଲେ। ତେଣୁ ବିଜେଡି ଏଥର ପୁଣି କୌଶଲ୍ୟାଙ୍କ ଉପରେ ଭରସା କରି ଟିକେଟ ପ୍ରଦାନ କରିଥିଲା। ତେବେ ସପ୍ତଗିରିଙ୍କ ରଣନୀତି ଆଗରେ କୌଶଲ୍ୟା ଫେଲ୍ ମାରିଥିଲେ। ସେହିଭଳି ବିଷମକଟକ ଏବଂ ଗୁଣପୁର ଆସନରେ ମଧ୍ୟ ବିଜେଡି ପ୍ରାର୍ଥୀଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବିଷମକଟକ ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକା ଗତ ୨ଥର ନିର୍ବାଚନ ଜିତିବା ସହିତ ମନ୍ତ୍ରୀ ମଧ୍ୟ ଥିଲେ। ହେଲେ ଅଞ୍ଚଳର ପ୍ରକୃତ ବିକାଶରେ ସମୟ ନ ଦେବା ପରାଜୟର କାରଣ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଚଳିତ ନିର୍ବାଚନରେ ରାଜ୍ୟ ଶୀର୍ଷନେତୃତ୍ୱଙ୍କ ବହୁ ଭୁଲ୍ ନିଷ୍ପତ୍ତି ଯୋଗୁ ଦଳ କେବଳ ରାୟଗଡ଼ାରେ ନୁହେଁ, ବରଂ ଓଡ଼ିଶାରେ ଶାସନ ଗାଦିରୁ ହଟିଯିବାର ମୁଖ୍ୟ କାରଣ ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ଅପରପକ୍ଷରେ ଜିଲାର ସମସ୍ତ ଆସନରେ କାହିଁକି ପରାଜୟ ଘଟିଲା ତାହାର ସମୀକ୍ଷା ଆମେ କରୁଛୁ ବୋଲି ଜିଲା ବିଜେଡି ସଭାପତି ଭାସ୍କର ରାଓ କହିଛନ୍ତି। କେଉଁ ବୁଥ୍‌ରେ ଆମର ଭୋଟ କମିଛି ତାହା ଅନୁଧ୍ୟାନ ଚାଲିଛି। ସେ ଦଳର ସମସ୍ତ ନେତାଙ୍କ ସହ ଆଲୋଚନା ପରେ ଏକ ରିପୋର୍ଟ ପ୍ରସ୍ତୁତକରି ଦଳର ସଭାପତିଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ତେବେ ଗତ ୨ ଦିନ ଧରି କେତେଜଣ ନେତା ଦଳଡିଆଁ କରିବା ନେଇ ଆଲୋଚନା ଚାଲିଥିବା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ସେ ପ୍ରଥମେ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ ରହିଛନ୍ତି। ମୋର ରାଜନୀତି ବିଜୁ ପରିବାରକୁ ନେଇ। ହାର୍‌ଜିତ ରାଜନୀତିରେ ରହିଛି। ସେ କୁଆଡ଼େ ଯିବାର ନାହିଁ, କିଏ କୁଆଡ଼େ ଯିବେ ସେ ସୂଚନା ମଧ୍ୟ ତାଙ୍କ ନିକଟରେ ନାହିଁ ବୋଲି କହିଛନ୍ତି।


ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକାର କନ୍‌ଭେନଶନ୍ ହଲ୍‌ଠାରେ ଶନିବାର ଅନୁଷ୍ଠିତ ପରିବର୍ଦ୍ଧିତ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ପରେ ଦଳୀୟ ନେତା ରାହୁଲ ଗାନ୍ଧୀ, ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଦଳୀୟ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରମୁଖ ଆଲୋଚନା କରୁଛନ୍ତି। (ଫଟୋ– ଚମନ ଗୌତମ)।

# ଗଞ୍ଜାମ: ନୋଟାକୁ ଯାଇଛି ୨୫,୨୩୪ ଭୋଟ

ବ୍ରହ୍ମପୁର,୮।୬
(ଅଶୋକ କୁମାର ସାହୁ)

## ଖଲ୍ଲିକୋଟରେ ସର୍ବାଧିକ, ବ୍ରହ୍ମପୁରରେ ସର୍ବନିମ୍ନ

ଗଞ୍ଜାମ ଜିଲାରେ ଦୁଇଟି ପର୍ଯ୍ୟାୟରେ ମତଦାନ ହୋଇଥିଲା। ଏହି ୨ ପର୍ଯ୍ୟାୟରେ ଜିଲାର ୧୩ ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିଲା। ଗତ ୪ ତାରିଖ ଭୋଟ ଗଣତି ପରେ ଜିଲାରେ ୨୫,୨୩୪ ଭୋଟ ନୋଟାକୁ ଯାଇଥିବା ଜଣାପଡିଛି। ଅର୍ଥାତ ଉପରୋକ୍ତ ସଂଖ୍ୟକ ଭୋଟର କୌଣସି ପ୍ରାର୍ଥୀଙ୍କୁ ପସନ୍ଦ କରିନାହାନ୍ତି। ସେଥିମଧ୍ୟରୁ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଭୋଟର ନୋଟାକୁ ବାଛିଥିବା ବେଳେ ବ୍ରହ୍ମପୁରରେ ସର୍ବନିମ୍ନ ଭୋଟ ନୋଟାକୁ ଯାଇଛି।

ମେ ୧୩ ତାରିଖରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଓ ମେ ୨୦ ତାରିଖରେ ଆସିକା ଲୋକ ସଭା କ୍ଷେତ୍ରରେ ଭୋଟ ଗ୍ରହଣ ହୋଇଥିଲା। ଭାରତ ନିର୍ବାଚନ କମଶନଙ୍କ ୱେବସାଇଟ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ସର୍ବନିମ୍ନ ୬୩୮ଟି ଭୋଟ ନୋଟାରେ ପଡିଥିବାବେଳେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୩୭୯୮ ଭୋଟ ପଡ଼ିଛି। ତେବେ ଏହି ଦୁଇ କ୍ଷେତ୍ରରେ ଭାଜପା ପ୍ରାର୍ଥୀଙ୍କ ବିଜୟ ହୋଇଛି। ସେହିପରି ଆସିକା ବିଧାନସଭା କ୍ଷେତ୍ରରେ ୧୯୨୨ ଖଣ୍ଡ ଭୋଟ, ଛତ୍ରପୁରରେ ୧୯୫୮, ଭଞ୍ଜନଗରରେ ୧୯୪୧, ଚିକିଟିରେ ୧୪୭୭, ଦିଗପହଣ୍ଡିରେ ୧୩୩୮, ଗୋପାଳପୁରରେ ୧୨୦୦, ହିଞ୍ଜିଳିରେ ୧୯୨୧, କବିସୂର୍ଯ୍ୟନଗରରେ ୨୦୩୮, ସାନଖେମୁଣ୍ଡିରେ ୨୭୨୪, ସୋରଡାରେ ୨୪୮୮ ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭୯୧ ଖଣ୍ଡ ଭୋଟ ନୋଟାରେ ପଡିଛି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଅଧିକ ଅର୍ଥାତ ୧୭ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ନିର୍ବାଚନ ପୂର୍ବରୁ ସେଭଳି ବଡ ଧରଣର ହିଂସା ଦେଖା ଦେଇ ନ ଥିବାରୁ ଅଧିକ ଭୋଟର ସେମାନଙ୍କ ପସନ୍ଦ ମୁତାବକ ପ୍ରାର୍ଥୀଙ୍କୁ ମତଦାନ କରିବାକୁ ଆଗେଇ ଆସିଥିଲେ। ଏଠାରେ ବିଜେଡିର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଭାଜପାର କେ.ଅନିଲ କୁମାର ଓ ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାସଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିଲା। ତେଣୁ କମ ଭୋଟ ନୋଟାକୁ ଯାଇଥିବା ଅନୁମାନ କରାଯାଉଛି। ଏଠାରେ ଭାଜପା ପ୍ରାର୍ଥୀ କେ. ଅନିଲ ଜିତିଛନ୍ତି। ସେହିପରି ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ କେବଳ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେଠାରେ ନିର୍ବାଚନ ପୂର୍ବରୁ ହିଂସା ଦେଖାଦେଇଥିଲା। ଏପରି କି ହିଂସାରେ ଜଣକ ଜୀବନ ବି ଯାଇଥିଲା। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ହିଂସାକୁ ଏଠାକାର ଅଧିକାଂଶ ଭୋଟର ପସନ୍ଦ କରି ନ ଥିଲେ। ତେଣୁ ଅଧିକ ଭୋଟ ନୋଟାରେ ପଡିଥିବା ଅନୁମାନ କରାଯାଉଛି। ଖଲ୍ଲିକୋଟରେ ବିଜେଡି ପୁରୁଣା ମୁହଁ ସୂର୍ଯ୍ୟମଣି ବୈଦ୍ୟଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡିରୁ ଯାଇ ଭାଜପାରେ ମିଶିଥିବା ପୂର୍ଣ୍ଣଚନ୍ଦ୍ର ସେଠୀ ଭାଜପାରୁ ଲଢୁଥିଲେ। ଦୁଇଜଣଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିବାବେଳେ ଭାଜପାର ପୂର୍ଣ୍ଣଚନ୍ଦ୍ର ବିଜୟୀ ହୋଇଥିଲେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭୋଟ ଗ୍ରହଣ ହେଉଥିଲେ ବି ଛୋଟବଡ ହିଂସାତ୍ମକ କାର୍ଯ୍ୟ ଯୋଗୁଁ ଅନେକ ଭୋଟର ମତଦାନ କରିବାକୁ ଯାଉଥିଲେ ବି କୌଣସି ପ୍ରାର୍ଥୀଙ୍କୁ ପସନ୍ଦ ନ କରି ନୋଟାରେ ଭୋଟ ଦେଇଥିବା ମତ ପ୍ରକାଶ ପାଉଛି।

# ବଡ଼ଚଣାରେ ଚର୍ଚ୍ଚା: ଅମରଙ୍କୁ ମିଳିପାରେ ମନ୍ତ୍ରୀପଦ

ବଡ଼ଚଣା, ୮।୬
(ଦିଲୀପ କୁମାର ମହାନ୍ତି)


ଅମର ନାୟକ

ଓଡ଼ିଶାରେ ଦଳର ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଜୁନ ୧୦ ତାରିଖରେ ରାଜ୍ୟରେ ଭାଜପା ସରକାର ଶପଥ ନେବ। ଜଣେ ଓଡ଼ିଆ ପୁଅ କିମ୍ବା ଝିଅ ମୁଖ୍ୟମନ୍ତ୍ରୀ ହେବେ। ଶପଥ ଗ୍ରହଣକୁ ଦିନଟିଏ ବାକି ରହିଥିବାବେଳେ କିଏ ମୁଖ୍ୟମନ୍ତ୍ରୀ ହେବେ ସେନେଇ ସସ୍‌ପେନ୍ସ ଜାରି ରହିଛି। ରବିବାର ସନ୍ଧ୍ୟାରେ ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ତେଣୁ ସୋମବାର ପୂର୍ବାହ୍ନରେ ଏନେଇ ଚିତ୍ର ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ତେବେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବଡ଼ଚଣାରୁ ନିର୍ବାଚିତ ଭାଜପା ନେତା ଅମର ନାୟକଙ୍କୁ ସ୍ଥାନ ମିଳିପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ନିର୍ମଳ ଭାବମୂର୍ତ୍ତି, ଆପରାଧିକ ପୃଷ୍ଠଭୂମି ନ ଥିବା, ଲୋକ ସମ୍ପର୍କ ଏବଂ ପ୍ରଶାସନିକ କାର୍ଯ୍ୟରେ ଅନୁଭୂତି ଆଦି ମାପକାଠି ଆଧାରରେ ମନ୍ତ୍ରୀପଦ ମିଳିପାରେ ବୋଲି ଆଲୋଚନା ହେଉଛି। ଅମର ୨୦୧୪ରେ ସ୍ୱାଧୀନ ଏବଂ ୨୦୧୯ରେ ଭାଜପା ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିଥିଲେ। ୨୦୧୯ରେ ଅଳ୍ପ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ଦଳର ଜାତୀୟ ଏବଂ ରାଜ୍ୟ ସ୍ତରୀୟ ପ୍ରମୁଖ ନେତାମାନଙ୍କ ସହ ତାଙ୍କର ସୁସମ୍ପର୍କ ଥିବାରୁ ସେ ମନ୍ତ୍ରୀପଦ ପାଇବା ସମ୍ଭାବନା ଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ଏପରି କି ବଡ଼ଚଣାରେ ଭାଜପା କର୍ମୀ ମହଲ ଉତ୍ସାହିତ ଥିବାବେଳେ ଛକବଜାରରେ ଏନେଇ ବେଶ୍ ଚର୍ଚ୍ଚା ହେଉଛି।

# ଅନ୍ତର୍ଘାତୀ କାର୍ଯ୍ୟ କାଳ ହେଲା

ନିଶ୍ଚିନ୍ତକୋଇଲି,୮।୬(ଅଶୋକ କୁମାର ମହାପାତ୍ର)

## ହାରିଲେ ଦୁଇ ବିଜେଡି ବିଧାୟକ ପ୍ରାର୍ଥୀ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ଓ ମାହାଙ୍ଗା ବିଧାସଭା ନିର୍ବାଚନମଣ୍ଡଳୀରେ ରହିଛି। ପୂର୍ବରୁ ବିଜେଡିକୁ ବିଜୟ କରାଇବାରେ ଏହି ବ୍ଲକର ଭୋଟର ନିର୍ଣ୍ଣାୟକ ଭୂମିକା ନେଇଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଏଠାକାର ଭୋଟର ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ନେତାଙ୍କୁ ଧୂଳି ଚଟାଇଛନ୍ତି।

କଟକ ସଦର ୧୪ ପଞ୍ଚାୟତର ଜନାଦେଶ ଭାଜପା ସପକ୍ଷରେ ଯାଇଥିବାବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତର ଜନାଦେଶ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି। ନିର୍ବାଚନରେ ନୀରବ ଭୋଟରଙ୍କ ଭୂମିକା ହିଁ ନିର୍ଣ୍ଣାୟକ ହୋଇଛି। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ବିଜେଡିର ଅଙ୍କିତ ପ୍ରତାପ ଜେନାଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ଲଢ଼େଇ ହୋଇଥିଲା। କଟକ ସଦରରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରାଙ୍କ ସହ ଭାଜପାର ପ୍ରକାଶ ସେଠୀଙ୍କ ଲଢ଼େଇ ହୋଇଥିଲା। ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଜନାଦେଶକୁ ଦେଖିଲେ ଜଣାପଡେ ବିଜେଡିର ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି ୮୭ ହଜାର ୫୯୬ଖଣ୍ଡ ଭୋଟ ପାଇଥିବା ବେଳେ ବିଧାୟକ ପ୍ରାର୍ଥୀ ଅଙ୍କିତ ୮୧ ହଜାର ୨୦୯ଖଣ୍ଡ ଭୋଟ ପାଇଛନ୍ତି। ତେବେ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ବିଧାୟକ ପ୍ରାର୍ଥୀ ଏମ୍‌ପି ପ୍ରାର୍ଥୀଙ୍କ ଠାରୁ ୬ହଜାର ୩୮୭ ଖଣ୍ଡ ଭୋଟ କମ୍ ପାଇଛନ୍ତି। ଅପରପକ୍ଷେ ବିଧାୟକ ପ୍ରାର୍ଥୀ ଜେନା ୭,୪୨୩ଖଣ୍ଡ ଭୋଟ୍‌ରେ ସାରଦାଙ୍କ ଠାରୁ ପରାଜୟ ହୋଇଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ବିଜେଡିରେ କ୍ରସ ଭୋଟିଂ ହୋଇଛି। ଅପରପକ୍ଷରେ ଭାଜପା କଥାକୁ ଅନୁଶୀଳନ କରାଯାଏ, ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ୯୩ହଜାର ୪୭୪ଖଣ୍ଡ ଭୋଟ ପାଇଥିବାବେଳେ ଭାଜପା ବିଧାନସଭା ପ୍ରାର୍ଥୀ ସୁମନ୍ତ ମାତ୍ର ୧୯ହଜାର୪୮୧ଖଣ୍ଡ ଭୋଟ ପାଇଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଏମ୍‌ପିଙ୍କ ପ୍ରତି ଥିବା ଜନାଦେଶ ବିଧାୟକ ପ୍ରାର୍ଥୀଙ୍କ ପ୍ରତି ନ ଥିଲା। ତେଣୁ ବିଧାୟକ ପ୍ରାର୍ଥୀ ୩ ନମ୍ବର ସ୍ଥାନରେ ରହିଛନ୍ତି। ଏଠାରେ ସାରଦା ୮୮ ହଜାର ୬୩୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏଥିରୁ ଜଣାପଡୁଛି, ସ୍ୱାଧୀନ ପ୍ରାର୍ଥୀ ବିଜେଡି, ଭାଜପା ଓ କଂଗ୍ରେସର ଅସନ୍ତୁଷ୍ଟଙ୍କ ଭୋଟଗୁଡ଼ିକ ହାତେଇବାରେ ସକ୍ଷମ ହୋଇଛନ୍ତି। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ୨୦ଟି ପଞ୍ଚାୟତରେ ଜନାଦେଶ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବାବେଳେ ୭ଟି ପଞ୍ଚାୟତ ଯଥା ଫଗୋଲ, ଜୟରାମପୁର, ନଗସପୁର, କେରିଲୋ,ଝାଡେଶ୍ୱରପୁର, ଓରତି ପଞ୍ଚାୟତର ଫଳାଫଳ ବିଜେଡି ସପକ୍ଷରେ ଯାଇଛି। ଏହି ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁ ଦଳ ହାରିଥିବା ଚର୍ଚ୍ଚା ହେଉଛି। ଏହି ଗୋଷ୍ଠୀଟି ବିଜେଡିର ସମସ୍ତ ରଣକୌଶଳକୁ ଜାଣି ବିଜେଡି ବିରୋଧରେ ଗୋଟି ଚଳାଇ ସଫଳ ହୋଇଛି। ଯେଉଁ ପଞ୍ଚାୟତରେ ବିଜେଡିର ଦବଦବା ଥିଲା, ସେଠାରେ ହିଁ ସ୍ୱାଧୀନ ପ୍ରାର୍ଥୀଙ୍କୁ ଅହେତୁକ ଅନୁକମ୍ପା ମିଳିବା ନେଇ ଚର୍ଚ୍ଚା ହେଉଛି।

# ଭାଜପାରେ ପ୍ରସନ୍ନ ପାଟଶାଣୀ

ଭୁବନେଶ୍ୱର,୮।୬
(ଅନିଲଦାସ)



ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଭାଜପାରେ ଯୋଗ ଦେଇଥିବା ଜଣାପଡିଛି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଶନିବାର ସେ ପଦ୍ମ ଧରିଥିବା ସୂଚନା ମିଳିଛି। ପ୍ରସନ୍ନ ଭୁବନେଶ୍ୱରରୁ ୫ ଥର ଏମ୍‌ପି ଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କ ଟିକେଟ କାଟିଥିଲା। ପାଟଶାଣୀଙ୍କ ପରିବର୍ତ୍ତେ ଦଳରେ ନୂଆ କରି ଯୋଗ ଦେଇଥିବା ଅରୂପ ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ତେବେ ୨୦୨୪ ନିର୍ବାଚନ ପାଇଁ ସେ ଟିକେଟ ଆଶାରେ ଥିଲେ। କିନ୍ତୁ ଚଳିତ ଥର ମଧ୍ୟ ବିଜେଡି ତାଙ୍କୁ ଟିକେଟ୍ ଦେଇ ନ ଥିଲା।

# ପିସିସି ସଭାପତି, ପ୍ରଭାରୀଙ୍କ କୁଶପୁତ୍ତଳିକା ପୋଡ଼ିଲେ

କଟକ,୮।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କୁ ଶୁକ୍ରବାର ଦଳରୁ ନିଲମ୍ବନ କରାଯାଇଛି। ଏହାକୁ କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ଶତାଧିକ ଯୁବ-ଛାତ୍ର କର୍ମୀ କଟକ ଲିଙ୍କ୍‌ରୋଡ୍‌ଠାରେ ଏକତ୍ରିତ ହୋଇ ନିଲମ୍ବନର ପ୍ରତିବାଦ କରିବା ସହ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମାନସ ବିଭିନ୍ନ ସମୟରେ କଂଗ୍ରେସର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ସହ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଦସ୍ୟ ଓ କଟକ ଜିଲା କଂଗ୍ରେସ ସଭାପତି ଥିଲେ। ଦଳ ପ୍ରତି ତାଙ୍କର ବହୁ ଅବଦାନ


କଟକ ଲିଙ୍କ୍‌ରୋଡ୍‌ଠାରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଉଛି।

ରହିଛି। ହେଲେ ହଠାତ୍ କିଛି କାରଣ ନ ଥାଇ କେବଳ ଅସହିଷ୍ଣୁତା ହୋଇ ତାଙ୍କୁ ନିଲମ୍ବନ କରାଯାଇଛି। ଏପରି କି ନିଲମ୍ବନ ଅଗଣତାନ୍ତ୍ରିକ ଓ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଆଶୁତୋଷ କହିଛନ୍ତି, ମାନସ ଚୌଧୁରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିଲମ୍ବନ କରାଯାଇଛି। ତାଙ୍କ ଉପରୁ ତୁରନ୍ତ ନିଲମ୍ବନ ପ୍ରତ୍ୟାହୃତ କରାଯିବା ସହ ନୈତିକତା ଦୃଷ୍ଟିରୁ ପିସିସି ସଭାପତି ଓ କଂଗ୍ରେସ ପ୍ରଭାରୀ ଇସ୍ତଫା ଦେବାକୁ ଦାବି କରୁଛୁ। ତୁରନ୍ତ ନିଲମ୍ବନ ନ ହଟାଇଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବା ସହ କଂଗ୍ରେସରୁ ବହୁ କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫା ଦେବେ ବୋଲି ରାଉତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଦାଶିବ ବାରିକ, ସୌମ୍ୟରଞ୍ଜନ ପ୍ରଧାନ, ଶରତ ଜେନା, ଇମ୍ରାନ୍ ଖାନ୍, ଶୁଭାଶିଷ ରାଉତ, ନିର୍ମଳ ସାମଲ, ନିତ୍ୟାନନ୍ଦ ମଲ୍ଲିକ, ରାକେଶ ବାରିକ, ରାକେଶ କୁମାର ପତି, ପ୍ରଦୀପ ରାଉତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦଳବିରୋଧୀ କାର୍ଯ୍ୟ ପାଇଁ ଏଆଇସିସି ଅନୁମୋଦନକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ଦଳରୁ ମାନସଙ୍କୁ ନିଲମ୍ବନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ ସପ୍ତାହରେ ୩,୦୦୦ ଟଙ୍କା କମିଲା

## ସୁନା-ରୁପା ଦରରେ ସୁଧାର

ଭୁବନେଶ୍ୱର, ୮।୬ (ଅଭୟ ଦାଶ)

ଘରୋଇ ବଜାରରେ କ୍ରମାଗତ ଭାବେ ଉଭୟ ସୁନା ଓ ରୁପା ଦର ହ୍ରାସ ପାଉଛି। ଏପରିକି ଗତ ୩ ସପ୍ତାହ ମଧ୍ୟରେ ଉଭୟ ସୁନା ଓ ରୁପା ଦର ପ୍ରାୟ ୩୦୦୦ ଟଙ୍କା କମିଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି।



ଉଲ୍ଲେଖଯୋଗ୍ୟ, ୨୦୨୪ ମେ ଶେଷ ସପ୍ତାହରେ ଭୁବନେଶ୍ୱର ବଜାରର ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୭୪,୫୧୦ ଟଙ୍କା ଥିଲାବେଳେ ୨୦୨୪ ଜୁନ ୨ୟ ସପ୍ତାହ ଶେଷ ସୁଦ୍ଧା ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୭୧,୬୭୩ ଟଙ୍କାରେ କାରବାର ହେଉଛି। ସେହିଭଳି ୨୦୨୪ ମେ ଶେଷ ସପ୍ତାହରେ ଭୁବନେଶ୍ୱର ବଜାରର ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୨ କ୍ୟାରେଟ ସୁନାର ଦର ୬୮,୩୦୦ ଟଙ୍କା ଥିଲାବେଳେ ୨୦୨୪ ଜୁନ ୨ୟ ସପ୍ତାହ ଶେଷ ସୁଦ୍ଧା ପ୍ରତି ୧୦ ଗ୍ରାମ ପିଛା ୨୨ କ୍ୟାରେଟ ସୁନାର ଦର ୬୫,୭୦୦ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ୨୦୨୪ ମେ ଶେଷ ସପ୍ତାହରେ ଭୁବନେଶ୍ୱର ବଜାରର ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୯୫,୦୦୦ ଟଙ୍କା ଥିଲାବେଳେ ୨୦୨୪ ଜୁନ ୨ୟ ସପ୍ତାହ ଶେଷ ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୯୨,୦୦୦ଟଙ୍କାରେ କାରବାର ହେଉଛି ବୋଲି ଭୁବନେଶ୍ୱର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡ ଏବଂ ସ୍ୱାଇଲ ଗୋଲଡ ଜୁଏଲର୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ନୂଆଦିଲ୍ଲୀରେ ମଧ୍ୟ ଶୁକ୍ରବାର ଉଭୟ ସୁନା ଓ ରୁପା ଦରରେ ପରିବର୍ତ୍ତନ ହୋଇଛି। ଏପରିକି ନୂଆଦିଲ୍ଲୀରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୭୯୯ ଟଙ୍କା କମି ୭୪,୨୮୬ ଟଙ୍କାରେ କାରବାର କରୁଥିଲାବେଳେ ପ୍ରତି ୧୦ ଗ୍ରାମ ପିଛା ୨୨କ୍ୟାରେଟ ସୁନାର ଦର ୭୩୨ ଟଙ୍କା ହ୍ରାସ ପାଇ ୬୮,୦୪୬ ଟଙ୍କାରେ ପହଞ୍ଚିଛି। ଏପରିକି ରୁପା ଦର ୪୦୦ ଟଙ୍କା ହ୍ରାସ ପାଇ କିଲୋ ପିଛା ୯୦,୭୨୦ ଟଙ୍କାରେ କାରବାର ହେଉଛି। ସୂଚନାଯୋଗ୍ୟ, ମୁମ୍ବାଇ ବଜାରରେ ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ଦର ୭୩,୫୬୭ ଟଙ୍କା ଥିଲାବେଳେ ରୁପା ଦର କିଲୋପିଛା ୯୦,୭୨୦ ଟଙ୍କାରେ ପହଞ୍ଚିଛି। ସେହିପରି ଚେନ୍ନାଇ ବଜାରରେ ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ଦର ୭୩,୯୯୮ ଟଙ୍କା ଥିଲାବେଳେ ରୁପା ଦର କିଲୋପିଛା ୯୦,୭୨୦ ଟଙ୍କା ଏବଂ କୋଲକାତା ବଜାରରେ ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ଦର ୭୩,୮୫୫ ଟଙ୍କା ଥିଲାବେଳେ ରୁପା ଦର କିଲୋପିଛା ୯୦,୭୨୦ ଟଙ୍କାରେ କାରବାର ହେଉଛି।

# ୟୁବିଆଇର ଖୁଚୁରା ଋଣମେଳା



ଭୁବନେଶ୍ୱର,୮।୬

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଖୁଚୁରା ଋଣମେଳା କଟକର ମହାନଦୀ ବିହାରସ୍ଥିତ ସେଲିବ୍ରେଶନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ସର୍ଭେ ଅର୍ଗାନାଇଜେଶନ କଟକର ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରିଟେଲ୍ ଲୋନ୍ ଏକ୍ସପୋକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ରିଟେଲ ଲୋନ୍ ପ୍ରୋସେସିଂ ମୁଖ୍ୟ ଅମ୍ରିତା ଲାଲା ଏବଂ ସ୍ଥାନୀୟ ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ ଗ୍ରାହକମାନଙ୍କୁ ଉଦ୍‌ବୋଧନ ଦେଇ ବ୍ୟାଙ୍କର ବିଭିନ୍ନ ଋଣ ଉତ୍ପାଦ ଏବଂ ସମାଜ ଓ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ବ୍ୟାଙ୍କ ପକ୍ଷରୁ କଟକର ମାଲଗୋଦାମଠାରେ ଏକ ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ମୁମ୍ବାଇ କେନ୍ଦ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଜିତେନ୍ଦ୍ର ଶର୍ମା ଏବଂ ଉପଅଞ୍ଚଳ ମୁଖ୍ୟ ଏଚ୍.ଏସ୍. ସନ୍ଧୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତଙ୍କ ସମେତ ଏମ୍‌ଏସ୍‌ଏମ୍‌ଇ ଲୋନ୍‌ପ୍ରୋସେସିଂ ମୁଖ୍ୟ ସୁମିତ ଜଇସ୍ୱାଲ, କ୍ରେଡିଟ୍ ମୁଖ୍ୟ ହରେକୃଷ୍ଣ ସାହୁ ଓ ସ୍ଥାନୀୟ ଶାଖା ମୁଖ୍ୟମାନେ ଯୋଗଦେଇଥିଲେ।

# ବଜାରରେ ହିରୋର ଅଲ୍ ନ୍ୟୁ ଜୁମ୍୧୦୦

## କମ୍‌ବାଟ୍ ଏଡିଶନ

ଭୁବନେଶ୍ୱର,୮।୬




ହିରୋ ମୋଟକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଜୁମ୍୧୦୦ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଲୋକପ୍ରିୟ କମ୍‌ବାଟ୍ ଏଡିଶନ ଜରିଆରେ ନିର୍ମାଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ହିରୋ ଜୁମ୍୧୦୦ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ଫିଚର ଓ ଟେକ୍ନୋଲୋଜି ସଂଯୋଗ କରାଯାଇଛି। ଏପରିକି ୪ଟି ଆକର୍ଷଣୀୟ କଲର ସହ ୪ଟି ଭାରିଆଣ୍ଟରେ ଏହା ଉପଲବ୍ଧ ହେଉଛି। ବିଶେଷକରି ଏହାର ସିଲ୍‌ଭର ଓ ବ୍ଲାକ୍ ପେଣ୍ଟ ବେଶ୍ ଚମତ୍କାର ଓ ଆକର୍ଷଣୀୟ ହୋଇଥିଲାବେଳେ ଏହାର ଡିଜାଇନ ଓ ଫିଚର ସହ ଲୁକ୍ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ୧୧୦.୯ ସିସି ଇଞ୍ଜିନ ସହ ୮.୦୫ବିଏଚ୍‌ପି କ୍ଷମତା ବହନ କରୁଥିବାବେଳେ ମଡେଲର ଡିଜାଇନ ଓ କଭର ବେଶ୍ ଆକର୍ଷଣୀୟ ହୋଇଛି। ଏହାର ବଜାର ମୂଲ୍ୟ (ଏକ୍ସଶୋରୁମ୍ ନୂଆଦିଲ୍ଲୀ) ୮୦, ୯୬୭ ଟଙ୍କା ରହିଛି।

# ବର୍ଷକରେ ୬.୬ ଲକ୍ଷ ଡିଏଲ୍‌ସି ଦାଖଲ

## ଇପିଏଫ୍‌ଓ ପେନ୍‌ସନ ସେବା

ଭୁବନେଶ୍ୱର,୮।୬ (ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟତ ନିଧି ସଙ୍ଗଠନ(ଇପିଏଫ୍‌ଓ) ପକ୍ଷରୁ ପେନ୍‌ସନ ସମ୍ବନ୍ଧୀୟ ନିୟମକୁ ସରଳୀକୃତ କରାଯାଇଛି। ଘରେ ବସି ବୟସ୍କ ବ୍ୟକ୍ତିମାନେ ଡିଏଲ୍‌ସି ଦାଖଲ ପାଇଁ ଏମ୍‌ଇଆଇଟିୱାଇ ଏବଂ ୟୁଡିଏଆଇ ଫେସ୍ ପ୍ରମାଣୀକରଣ ଟେକ୍ନୋଲୋଜି ବିକଶିତ କରାଯାଇଛି। ଇପିଏଫ୍‌ଓ ପକ୍ଷରୁ ଏହି ସୁବିଧା ଉପଲବ୍ଧ ହେବା ପରଠାରୁ ୨୦୨୨-୨୩ରେ ୨.୧ ଲକ୍ଷ ପେନ୍‌ସନଭୋଗୀ ଏହି ପଦ୍ଧତିରେ ଡିଏଲ୍‌ସି ଦାଖଲ କରିଛନ୍ତି। ୨୦୨୩-୨୪ରେ ୬.୬ ଲକ୍ଷକୁ ବୃଦ୍ଧି ପାଇଛି। ଏହି ଟେକ୍ନୋଲୋଜିର ବ୍ୟବହାରରେ ବର୍ଷକୁ ୨୦୦% ବୃଦ୍ଧି ଘଟିଛି। ୨୦୨୩-୨୪ ମସିହାରେ ୬.୬ ଲକ୍ଷ ଏଫ୍‌ଏଟି ଆଧାରିତ ଡିଏଲ୍‌ସିର ସଂଖ୍ୟା ସମୁଦାୟ ଡିଏଲ୍‌ସିର ୧୦%। ଇପିଏଫ୍‌ଓ ଅଧୀନରେ ୭୮ ଲକ୍ଷରୁ ଅଧିକ ପେନ୍‌ସନଭୋଗୀ ଥିବାବେଳେ ପେନ୍‌ସନ ଗ୍ରହଣ ଜାରି ରଖିବା ପାଇଁ ପ୍ରତିବର୍ଷ ଜୀବନ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ। ପୂର୍ବରୁ ଏହି ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ବ୍ୟାଙ୍କ ଯିବାକୁ ପଡୁଥିଲା। ଏହି କାରଣରୁ ବୟସ୍କମାନେ ସମସ୍ୟାରେ ପଡୁଥିଲେ। ଏହାକୁ ଦୃଷ୍ଟିରେ ରଖି ଇପିଏଫ୍‌ଓ ୨୦୧୫ରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ (ଡିଏଲ୍‌ସି) ଗ୍ରହଣ କରିବା ଆରମ୍ଭ କରିଥିଲା। ବାୟୋମେଟ୍ରିକ୍ ପ୍ରମାଣୀକରଣ ଆଧାରରେ ଇପିଏଫ୍‌ପେନ୍‌ସନଭୋଗୀଙ୍କଠାରୁ ଡିଏଲ୍‌ସି ଗ୍ରହଣ କରାଯାଉଛି। ଫିଙ୍ଗରପ୍ରିଣ୍ଟ ମେଶିନ ବ୍ୟାଙ୍କ, ଡାକଘର, ସାଧାରଣ ସେବା କେନ୍ଦ୍ର କିମ୍ବା ଇପିଏଫ୍ ଅଫିସ ଶାଖାରେ ଉପଲବ୍ଧ ହେଉଥିବାରୁ ବାୟୋମେଟ୍ରିକ୍ ଆଧାରିତ ଡିଏଲ୍‌ସି ଜମା କରିବାକୁ ପେନ୍‌ସନଭୋଗୀଙ୍କୁ ପରିଦର୍ଶନ କରିବାକୁ ପଡୁଛି। ଜୁଲାଇ ୨୦୨୨ରେ ଇପିଏଫ୍‌ଓ ଏହି ଟେକ୍ନୋଲୋଜିକୁ ଗ୍ରହଣ କରିଥିବାବେଳେ ପେନ୍‌ସନଭୋଗୀମାନେ କମ୍ ଖର୍ଚ୍ଚରେ ଓ ସହଜରେ ଡିଏଲ୍‌ସି ଦାଖଲ କରିପାରୁଛନ୍ତି। ଏହା ସ୍ମାର୍ଟଫୋନ୍‌ରେ ପେନ୍‌ସନଭୋଗୀ ତାଙ୍କ ଘରେ ବସି ସ୍ମାର୍ଟଫୋନ କ୍ୟାମେରା ବ୍ୟବହାରକରି ଫେସ୍ ସ୍କାନ୍ ଦ୍ୱାରା ଚିହ୍ନଟ ହୋଇପାରିବ।

# ରିଲାଏନ୍ସ ଜିଓକୁ ନୂଆ ସଫଳତା

ଭୁବନେଶ୍ୱର,୮।୬

Jio AIRFIBER

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ତଥା ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓର ଷ୍ଟାଣ୍ଡାଲୋନ୍ ୫ଜି ନେଟ୍‌ୱାର୍କ ବଳରେ ଜିଓ ଏୟାରଫାଇବର ଗ୍ରାହକଙ୍କୁ ଉଚ୍ଚମାନର ହାଇସ୍ପିଡ୍ ଡାଟା ଯୋଗାଇବାରେ ସକ୍ଷମ ହେଉଥିବା ବିଶ୍ୱର ପ୍ରସିଦ୍ଧ ମୋବାଇଲ ନେଟ୍‌ୱର୍କ ଆନାଲିଟିକ୍ସ କମ୍ପାନୀ ଓପନ୍ ସିଗ୍‌ନାଲ ତା'ର ଏକ ରିପୋର୍ଟରେ ପ୍ରକାଶ କରିଛି। ଓପନ୍ ସିଗ୍‌ନାଲ କହିବା ଅନୁଯାୟୀ ଜିଓର ଫିକ୍ସଡ୍ ୱେରଲେସ ସେବା ଜିଓ ଏୟାରଫାଇବର ଜରିଆରେ ଗ୍ରାହକମାନେ ମାସକୁ ହାରାହାରି ୪୦୦ଜିବି ଡାଟା ବ୍ୟବହାର କରୁଛନ୍ତି। ମୋବାଇଲ ଗ୍ରାହକଙ୍କ ତୁଳନାରେ ଏହି ପରିମାଣର ଡାଟା ବ୍ୟବହାର ବେଶ୍ ଅଧିକ ରହିଛି। ଏହା ସତ୍ତ୍ୱେ ଜିଓ ଏୟାରଫାଇବରର ବେଗ ଏବଂ ଗୁଣାତ୍ମକ ସ୍କୋର ୫ଜି ମୋବାଇଲ ନେଟ୍‌ୱର୍କ ଭଳି ସମାନ ରହିଛି। ଉଲ୍ଲେଖଯୋଗ୍ୟ , ଜିଓର ୫ଜି ନେଟ୍‌ୱର୍କର ବେଗ ଦେଶରେ ସର୍ବାଧିକ ରହିଥିଲାବେଳେ ବର୍ତ୍ତମାନ ଭାରତରେ ଫିକ୍ସଡ୍ ୱେରଲେସ ସେବା ମଧ୍ୟ କେବଳ ରିଲାଏନ୍ସ ଜିଓ ଷ୍ଟାଣ୍ଡାଲୋନ୍ ୫ଜି ନେଟ୍‌ୱର୍କ ବ୍ୟବହାର କରୁଛି। ଓପନ୍ ସିଗ୍‌ନାଲ ଅନୁଯାୟୀ ଷ୍ଟାଣ୍ଡାଲୋନ୍ ୫ଜି ସହ ନେଟ୍‌ୱର୍କ ସ୍ଲାଇସିଂ ଟେକ୍ନୋଲୋଜି ମଧ୍ୟ ଜିଓ ଏୟାରଫାଇବରକୁ ଡାଟା ବ୍ୟବହାର ପରିଚାଳନା କରିବାରେ ସାହାଯ୍ୟ କରୁଛି। ଏହି ରିପୋର୍ଟରେ କୁହାଯାଇଛି ଏହି ଟେକ୍ନୋଲୋଜିର ଲାଭକୁ ବିଚାରକରି ଏୟାରଟେଲ ମଧ୍ୟ ଷ୍ଟାଣ୍ଡାଲୋନ ୫ଜି ନେଟ୍‌ୱର୍କରେ ଫିକ୍ସଡ୍ ୱେରଲେସ ସେବା ଆଣିବାକୁ ପ୍ରସ୍ତୁତ ହେଉଛି। ଯେଉଁ ଅଞ୍ଚଳଗୁଡ଼ିକରେ ବ୍ରଡ୍‌ବ୍ୟାଣ୍ଡ କଭରେଜ୍ କମ୍ ରହିଛି, ସେସବୁ ଅଞ୍ଚଳକୁ ହାଇ-ସ୍ପିଡ୍ ନେଟ୍‌ୱର୍କ କଭରେଜ ମଧ୍ୟକୁ ଆଣିବା ପାଇଁ ରିଲାଏନ୍ସ ଜିଓ ଗତ ବର୍ଷ ଜିଓ ଏୟାରଫାଇବର ସେବା ଶୁଭାରମ୍ଭ କରିଥିଲା। ଜିଓ ଏୟାରଫାଇବରର ଅଧିକ ଚାହିଦା ଛୋଟ ସହରଗୁଡ଼ିକରୁ ଆସୁଛି। ଏପରିକି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଜିଓ ୫୯୯ ଟଙ୍କାରୁ ଆରମ୍ଭ ହେଉଥିବା ଅନେକ ସୁଲଭ ପ୍ଲାନ୍ ମଧ୍ୟ ଆରମ୍ଭ କରିଛି। ଏହି ସେବା ସହ ୧୦କୋଟି ପରିସରକୁ ସଂଯୋଗ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।

# ଟାଟା ଷ୍ଟିଲ୍‌କୁ କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ

ଭୁବନେଶ୍ୱର,୮।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ଶନିବାର ଆଉ ଏକ ସମ୍ମାନ 'କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଏପରିକି ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ଶନିବାର ଦୀର୍ଘସ୍ଥାୟୀ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆୟୋଜିତ ନବମ ଜାତୀୟ ଆଲୋଚନାଚକ୍ର ସମାରୋହ ଉତ୍ସବରେ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର' ଦିଆଯାଇଛି। ସେହିଭଳି ପରିବେଶ ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣିକୁ ୨୦୨୩ ବର୍ଷର ପ୍ରଦର୍ଶନ ପାଇଁ ପଞ୍ଚତାରକା ବର୍ଗରେ ଏହି ପୁରସ୍କାର ହାସଲ କରିଛି।

ସେହିପରି ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆୟୋଜିତ ନବମ ଜାତୀୟ ସମ୍ମିଳନୀରେ ଯୋଗଦେଇ ଏଫ୍‌ଏଏମ୍‌ଡିର ମୁଖ୍ୟ (ଖଣି) ଶମ୍ଭୁନାଥ ଝା, ସହକାରୀ ପ୍ରବନ୍ଧକ (ପରିବେଶ) ବିଶ୍ୱରଞ୍ଜନ ଧଳ ଅତିଥି ଲିଶୁଥୁ ସାମ୍ରାଜ୍ୟର ହାଇ କମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ ମୋସାବାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅପରପକ୍ଷରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍‌ଏସ୍) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜ (ଆଇପିଇ) ହାଇଦ୍ରାବାଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ୍, ଦୀର୍ଘସ୍ଥାୟୀ ଚାମ୍ପିୟନ ଏବଂ ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିମାନେ ପରିବେଶ, ଶକ୍ତି ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଆମେ ସମସ୍ତେ ଜଳ, ଶକ୍ତି, ଖାଦ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ପରସ୍ପର ସହ ଜଡ଼ିତ ଥିବା ସମ୍ପର୍କ ବିଷୟରେ ଅବଗତ ଅଛୁ। ଏପରିକି ଅନ୍ୟ କ୍ଷେତ୍ର ପାଇଁ ଜଳ ଉପଲବ୍ଧ କରାଇବା ଲାଗି ଜଳ ବ୍ୟବହାର ଦକ୍ଷତା ବୃଦ୍ଧି ପାଇଁ ଆମେ ସ୍ମାର୍ଟ ଜଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛୁ ଏବଂ ବର୍ଜ୍ୟବସ୍ତୁର ସଦୁପଯୋଗ ଦିଗରେ ମଧ୍ୟ କାର୍ଯ୍ୟ କରୁଛୁ।


# Classified Everyday
0674-2580101, 2549949


MATRIMONIAL

**GROOM WANTED**

ବୟସ 29, Private ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75336

Brahmin girl (Divorcee) 1984/5'4", M.Com settled Bhubaneswar-9871849482, 7008967858 (Caste no bar). D-71075

47 ବର୍ଷର ମହିଳା, Agriculture Departmentରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 7656973285. D-471


REAL ESTATE

**SALE**

Private residential plot for sale (litigation free) near Sadabrata Matha Badabazar, Jajpur Town. Price negotiable Contact No. 7978834810, 7008316378. D-476

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-470

Ready to move 4BHK flat (2050sqft.), Saubhagya Nagar, Near OUAT, Double parking, 6500 per sqft. 9439716901. D-75544

**Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact-7008513309.** D-472

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

ଭୁବନେଶ୍ୱର ହଂସପାଳ ନିକଟ ଭାରତଭିଲ୍ଲା କଲୋନୀରେ **2000sqft.** ଘରବାଡ଼ି **yellowzone plot** ପାଚେରି ସହ **70** ଲକ୍ଷ ଓ ଟଙ୍କପାଣିରୋଡ୍ **BJEM-2 back site** ଚିଙ୍ଗୁଡ଼ିଆ ଛକ ପାଖରେ ଘରବାଡ଼ି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ **1500/-. Bank Finance** ହୋଇପାରିବ। **8144658008, 9438220432.** D-466

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Duplex sale at Bhubaneswar @ 57,00,000/-. Only contact- 9777433701, 9090545126.** D-75964


CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418




Newly open health benefits SPA special offer @ 999 Bapujinagar. 8018429809. D-76126

**Relax, Refresh your body, mind at Saikrupa Spa with best therapies. 8984068077.** D-416

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

**AFFIDAVIT**

By virtue of affidavit sworn before Notary Public, Titilagarh on 07.06.2024, I, Wife of Pramod Kumar Pal, resident of Old Bank Chowk, Titilagarh, Dist.-Balangir have changed my name from Laxmi Dei to Laxmi Pal. Henceforth, I will be known as Laxmi Pal for all purposes. D-477

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ନନ୍ଦିନୀ ଦାସ**
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରେଲୱେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଟଣୀ
ସ୍ୱାମୀ: ଅରୁଣ କୁମାର ଦାସମହାପାତ୍ର
ଅରୁନନ୍ଦା, ହାଟବଜାର, ଜଟଣୀ
ଧରାବତରଣ- ତା୦୧।୧୧।୧୯୫୪
ତିରୋଧାନ- ତା୨୨।୦୫।୨୦୨୩ (ରମ୍ଭା ତୃତୀୟା)
ବିଗତ ବର୍ଷାଧିକ କାଳ ଆମ୍ଭେମାନେ ତୁମର ସ୍ମୃତିକୁ ପାଥେୟ କରି ଅତିକ୍ରାନ୍ତ କରିଅଛୁ। ପ୍ରତ୍ୟେକଟି ମୁହୂର୍ତ୍ତ ତୁମର ଶାନ୍ତି, ସ୍ନିଗ୍ଧା, କମନୀୟ କାନ୍ତିକୁ ମାନସପଟରେ ଅବଲୋକନ କରି ତୁମର ଆଦର୍ଶରେ ଅନୁପ୍ରାଣିତ ହେବାର ପୂର୍ଣ୍ଣପ୍ରୟାସ କରିଅଛୁ। ସେଇ ବିଶ୍ୱନିୟନ୍ତା ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ- ସ୍ୱାମୀ: ଅରୁଣ, ପୁତ୍ର: ଅଂଶୁମାନ, ଅମିତାଭ, ପୁତ୍ରବଧୂ: ଅନିନ୍ଦିତା, ଲିପ୍ସା, ନାତି: ଆହାନ, ଆୟଂଶ, ଭାଇ: ସିଲୁ, ଭଉଣୀ: ଚିନୁ ଏବଂ ଦାସମହାପାତ୍ର ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୪୭୫

**ଦ୍ୱାଦଶାହ ଉପଲକ୍ଷେ**



**ୡଶରତ ଚନ୍ଦ୍ର ଦାଶ**
ଆବିର୍ଭାବ: ୦୬।୦୭।୧୯୬୨
ତିରୋଧାନ: ୨୯।୦୫।୨୦୨୪
ନନା, ତମେ ଏତେ ଶୀଘ୍ର ଆମକୁ ଛାଡ଼ି ଚାଲିଯିବ ବୋଲି ଆମେ ଭାବିନଥିଲୁ। ତୁମ ଭଳି ଦେବତୁଲ୍ୟ ମଣିଷଙ୍କର ଉପଦେଶ ଏବଂ ଦିଗ୍‌ଦର୍ଶନକୁ ଆମେ ଝୁରି ହେଉଥିବୁ। ତମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରୁଛୁ।
ଇତି ତମର: ସାନ୍ଟୁ, ପିଙ୍କୁନ୍, ବିଶ୍ୱ, ବିଟୁ, ସୁମିତ୍ରା ଏବଂ ସମସ୍ତ ପରିବାରବର୍ଗ।
ଧ-୪୫୩

# ସୋସିଆଲ ମିଡିଆ ସ୍ଲାଙ୍ଗ୍‌କୁ ନା



ଆଜିର ବ୍ୟସ୍ତବହୁଳ ଜୀବନରେ ସମସ୍ତଙ୍କ ପାଖେ ସମୟର ଅଭାବ। ଦେଶ ବିଦେଶର ଖବର ଜାଣିବା ହେଉ କିମ୍ବା ମନୋରଞ୍ଜନ ସବୁ କିଛି ତତ୍‌କ୍ଷଣାତ୍ ଦରକାର ହାତପାହାନ୍ତାରେ। ଆଉ ଏଥିପାଇଁ ସବୁଠୁ ବେଷ୍ଟ ମାଧ୍ୟମ ପାଲଟିଛି ସୋସିଆଲ ମିଡିଆ। ହେଲେ ବର୍ତ୍ତମାନ କେତେକଙ୍କ ପାଇଁ ଏଥିରେ ରୋଷ୍ଟ ଉଦ୍ଦେଶ୍ୟରେ ଏଣ୍ଡୁତେଣ୍ଡୁ ଖରାପ ଲେଖା କିମ୍ବା ଅସଭ୍ୟ ଭାଷାରେ ଗାଳି କରୁଥିବା ଭିଡିଓ ପୋଷ୍ଟ କରିବା ଯେମିତି ଏକ ଟ୍ରେଣ୍ଡ ପାଲଟିଗଲାଣି, ଯାହାର ସମାଜ ଉପରେ ପଡୁଛି ଖରାପ ପ୍ରଭାବ...





ବର୍ତ୍ତମାନ ଇଣ୍ଟରନେଟ୍‌ରେ ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କ ସଂଖ୍ୟା ସର୍ବାଧିକ। ପିଲାଠୁ ବୃଦ୍ଧ ସମସ୍ତଙ୍କଠାରେ ଏହାର କ୍ରେଜ୍ କହିଲେ ନ ସରେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ଭଳି ସାଇଟ୍‌କୁ ବ୍ୟବହାର କରି ଅନେକେ କଣ୍ଟେଣ୍ଟ କ୍ରିଏଟର ଭାବେ ବେଶ୍ ଭଲ ରୋଜଗାର ମଧ୍ୟ କରୁଛନ୍ତି। ତେବେ ଏମିତିରେ ଅନ୍ୟକୁ ରୋଷ୍ଟ କରିବା ବା ଅନ୍ୟର ଚରିତ୍ର ସଂହାର କରିବା ଯେମିତି ଏକ ଟ୍ରେଣ୍ଡ ପାଲଟି ଗଲାଣି। ଖାଲି ଏତିକି ନୁହେଁ, ପରସ୍ପର ପ୍ରତି ଥିବା ରାଗ ଶୁଝେଇବା ଲାଗି ଏହା ସାଜିଛି ଏକ ରଣକ୍ଷେତ୍ର। ଆଉ ଏଥିପାଇଁ ଅନେକେ ଅସଭ୍ୟ ଭାଷା ପ୍ରୟୋଗ କରିବାକୁ ବି ପଛାଉନାହାନ୍ତି। ସୋସିଆଲ୍ ମିଡିଆ ଯେ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଶିଷ୍ଟାଚାର ରକ୍ଷା କରିବା ଆବଶ୍ୟକ ସେ କଥା ସେମାନେ ଭୁଲି ଯାଉଛନ୍ତି, ଯାହାର ସମାଜ ଉପରେ ନକାରାତ୍ମକ ପ୍ରଭାବ ପଡୁଛି...

### କ’ଣ କୁହନ୍ତି ଏମାନେ...

**କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ**

**ରାଜେନ୍ଦ୍ର କୁମାର ଦାସ**(ପୁରୀ)– ସୋସିଆଲ ମିଡିଆ ବ୍ୟବହାର ଦ୍ୱାରା ସମସ୍ତେ ଉପକୃତ ହେଉଛନ୍ତି। ଏହି ପ୍ଲାଟ୍‌ଫର୍ମରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଖବର ଓ ବହୁ ଅନାଲୋଚିତ ବିଷୟ ମଧ୍ୟ ଜାଣିହେଉଛି। ଏମିତିକି ଏହା କେତେକଙ୍କ ପାଇଁ ରୋଜଗାରର ମାଧ୍ୟମ ବି ପାଲଟିଛି। ହେଲେ ଅପରପକ୍ଷେ ଏହା କେତେକଙ୍କ ପାଇଁ ଯେମିତି ଏକ ରଣକ୍ଷେତ୍ର ପାଲଟିଛି। ଅନ୍ୟ ଉପରେ ଆକ୍ରୋଶ, ବ୍ୟକ୍ତିଗତ ଆକ୍ଷେପ ପାଇଁ ସେମାନେ ଏହାକୁ ବ୍ୟବହାର କରୁଛନ୍ତି। ସୋସିଆଲ ମିଡିଆରେ ଭଲ କାମର ପ୍ରଶଂସା ପରିବର୍ତ୍ତେ ଅନ୍ୟର ଚରିତ୍ର ସଂହାର ପ୍ରତି ଯୁବସମାଜ ଅଧିକ ଗୁରୁତ୍ୱ ଦେଉଥିବା ମନହେଉଛି। ସେମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଅଶ୍ଳୀଳ ଭାଷା ବ୍ୟବହାର କରାଯାଉଛି, ଯାହାକି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ପହଞ୍ଚୁଛି। ଫଳରେ ଏହା ସମାଜ ଉପରେ ନକାରାତ୍ମକ ପ୍ରଭାବ ସୃଷ୍ଟି କରୁଛି। ଏମିତିକି ଲୋକଲୋଚନ ଆଢୁଆଳରେ ରହି AI ବ୍ୟବହାର ଏଭଳି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ଯେମିତି ଏକ ଟ୍ରେଣ୍ଡ ପାଲଟିଲାଣି, ଯାହାକି ଏହା ଆଦୌ ଗ୍ରହଣୀୟ ନୁହଁ। ଏଥିପାଇଁ ସଚେତନତା, ମାନସିକ ସ୍ତରରେ ପରିବର୍ତ୍ତନ ଆବଶ୍ୟକ। ସର୍ବୋପରି ଗାଇଡ୍‌ଲାଇନ୍ ରହିବା ସହ ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

**ଭାଷାଗତ ସଂଯମ ଜରୁରୀ**

**ପ୍ରଭାତ ବଳିୟାରସିଂହ** (ଯୁବ ସାମାଜିକ କର୍ମୀ, ଗୁରୁଜଙ୍ଗ, ଖୋର୍ଦ୍ଧା)– ଦୈନନ୍ଦିନ ଜୀବନରେ ସୋସିଆଲ ମିଡିଆ ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି। ସକାଳୁ ଉଠିବାଠାରୁ ଶୋଇବା ପର୍ଯ୍ୟନ୍ତ ସବୁବର୍ଗ ବିଶେଷକରି ଯୁବପିଢ଼ି ଏଥିରେ ସକ୍ରିୟ ରହୁଛନ୍ତି। ଭଲମନ୍ଦ ସବୁ ଏବେ ସୋସିଆଲ ମିଡିଆରେ ଆଲୋଚନା ଚାଲିଛି। ଯୁବପିଢ଼ି ଏବେ ସୋସିଆଲ ମିଡିଆରେ ନିଜ ମତ ରଖିବାକୁ ପସନ୍ଦ କରୁଛନ୍ତି। ତେବେ କେହି କେହି ସୋସିଆଲ ମିଡିଆକୁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସେମାନେ ନିଜ ହିତାହିତଜ୍ଞାନ ଭୁଲି ସୋସିଆଲ ମିଡିଆରେ ଅନ୍ୟ ସହ କଥା କଟାକଟି, ଶେଷକୁ ବ୍ୟକ୍ତିଗତ ଆକ୍ଷେପ, ଅସଭ୍ୟ ଭାଷା ପ୍ରୟୋଗ କରି ଅନ୍ୟ ପ୍ରତି କଟୁ ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି। ଅତି ଲେମ୍ବୁ ଚିପୁଡ଼ିଲେ ପିତା ଭଳି ଏହାଦ୍ୱାରା ସମାଜରେ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି ସେକଥା ସେମାନେ ଭୁଲି ଯାଉଛନ୍ତି। ତେଣୁ ସୋସିଆଲ୍ ମିଡିଆରେ ଯୁବପିଢ଼ି ଏଥିରୁ ଦୂରେଇ ରହି ଭାଷାଗତ ସଞ୍ଜମତା ରଖିବା ଜରୁରୀ।

**ବ୍ୟକ୍ତିଗତ ରାଗ ଶୁଝାଇବାର ମାଧ୍ୟମ ନ ହେଉ:**

**ଆଶିଷ ମହାନ୍ତି**(ଇଞ୍ଜିନିୟରିଂ ଛାତ୍ର, ବଡ଼ଗଡ଼, ଭୁବନେଶ୍ୱର)– ସୋସିଆଲ୍ ମିଡିଆରେ ଏଣ୍ଡୁତେଣ୍ଡୁ ଲେଖିବା କିମ୍ବା ଅଶ୍ଳୀଳ ଭାଷା ଓ ଗାଳି ଆଦି ଥିବା ଭିଡିଓ ପୋଷ୍ଟ କରିବା ଆଦୌ ଠିକ୍ ନୁହେଁ। ଅନେକେ ଅନେକେ ନିଜର ବ୍ୟକ୍ତିଗତ ରାଗ ସୁଝାଇବା ପାଇଁ ହେଉ ଅବା ଅନ୍ୟକୁ ଟ୍ରୋଲ ପାଇଁ ଏଭଳି ଖରାପ ଭିଡିଓ ପୋଷ୍ଟ କରୁଛନ୍ତି। ସୋସିଆଲ୍ ମିଡିଆ ପିଲାଠୁ ବୃଦ୍ଧ ସମସ୍ତେ ଏହାକୁ ଦେଖୁଛନ୍ତି ଏବଂ ଏହାର ସମାଜ ଉପରେ ଖରାପ ପ୍ରଭାବ ପଡୁଛି। ବିଶେଷକରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ମୋବାଇଲ୍ ଫୋନ୍ ପାଠ ପଢ଼ିବା ପାଇଁ ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ତେଣୁ ପାଠ କଣ୍ଟେଣ୍ଟ ସର୍ଚ୍ଚ କରିବା ବେଳେ ଏଭଳି ଅଶ୍ଳୀଳ ଭାଇରାଲ୍ ଭିଡିଓ ସବୁ ଆସିଯାଏ, ଯାହାକି ଆଦୌ ସ୍ୱାଗତଯୋଗ୍ୟ ନୁହେଁ। ତେଣୁ କାହା ସହ କୌଣସି କାରଣରୁ ମତଭେଦ ବା ଝଗଡ଼ା ହୋଇଥିଲେ ବ୍ୟକ୍ତିଗତ ରାଗ ଶୁଝାଇବା ପାଇଁ ସୋସିଆଲ୍ ମିଡିଆ ବ୍ୟବହାର ପ୍ରତି ଲଗାମ ରହିବା ଏବଂ ଏଭଳି ଭିଡିଓଗୁଡ଼ିକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅନୁମତି ନ ଦିଆଯିବା ଦରକାର। ଯଦି କେହି ଏଭଳି କରନ୍ତି, ତେବେ ସେମାନଙ୍କୁ ଦଣ୍ଡିତ କରିବା ଆବଶ୍ୟକ।

**ଜରୁରୀ ସରକାରୀ ଅଙ୍କୁଶ**

**ସୁଶ୍ରୀ ସିଲୋନା ପ୍ରଧାନ**( ଯୁକ୍ତ ୩ ଛାତ୍ରୀ, ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ଅଡଶପୁର, କଟକ)– କିଏ ଭୁଲ କଲେ ଅବା ମିଥ୍ୟା ପ୍ରଚାର କଲେ ତାଙ୍କୁ ଲୋକଲୋଚନକୁ ଆଣିବା ଏକ ସାମାଜିକ ଦାୟିତ୍ୱ। ଏଥିପାଇଁ ସୋସିଆଲ୍ ମିଡିଆ ନିଶ୍ଚିତ ଭାବେ ଏକ ବଳିଷ୍ଠ ପ୍ଲାଟଫର୍ମ। ହେଲେ ଏବେର କେତେକ ତଥାକଥିତ ୟୁଟ୍ୟୁବର ବା କଣ୍ଟେଣ୍ଟ କ୍ରିଏଟର ଟଙ୍କା ରୋଜଗାର ଉଦ୍ଦେଶ୍ୟରେ ଅନ୍ୟକୁ ଟ୍ରୋଲ କରିବା ପାଇଁ ରୋଷ୍ଟିଂ ଭିଡିଓ ପ୍ରସ୍ତୁତ କରୁଛନ୍ତି। ସେଥିରେ ସେମାନେ ଏଭଳି ଅସଭ୍ୟ ଭାଷା ବ୍ୟବହାର କରୁଛନ୍ତି ଯାହାକୁ ଶୁଣିହେବ ନାହିଁ। କେବଳ ଏତିକି ନୁହେଁ କେହି କେହି ବଡ ବଡ ନେତା ମନ୍ତ୍ରୀ କିମ୍ବା ଅଭିନେତାଙ୍କ ଭିଡିଓରେ ଅସଭ୍ୟ ଭାଷା ଅଡିଓ ଏଡିଟ୍ କରି ଭିଡିଓ ଭାଇରାଲ ବି କରୁଛନ୍ତି। ପୂର୍ବରୁ କୌଣସି ଖରାପ ଭାଷା ଥିଲେ ସାଉଣ୍ଡ ମ୍ୟୁଟ୍ କିମ୍ବା ବିପ୍ କରାଯାଉଥିଲା, ଯାହାକି ଏବେ ଆଉ ନାହିଁ। ଯେହେତୁ ପିଲାଠୁ ବୃଦ୍ଧ ସମସ୍ତେ ସୋସିଆଲ୍ ମିଡିଆ ବ୍ୟବହାର କରୁଛନ୍ତି ତେଣୁ ସମାଜରେ ନକରାତ୍ମକ ପ୍ରଭାବ ପକାଉଥିବା ଏଭଳି କଣ୍ଟେଣ୍ଟ ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ। ଏଥିପାଇଁ ସରକାରୀ ଅଙ୍କୁଶ ଲାଗୁହେବା ନିହାତି ଜରୁରୀ।


ପ୍ରଭାତ


ରାଜେନ୍ଦ୍ର


ଆଶିଷ


ସୁଶ୍ରୀ ସିଲୋନା



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ କ୍ଲାଉଡିଆ ଶେନ୍‌ବମ୍ ............... ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇଛନ୍ତି ?

୨– ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ............ ଅନୁଷ୍ଠାନକୁ ୨୦୨୪ ନେଲ୍‌ସନ୍ ମଣ୍ଡେଲା ଆୱାର୍ଡ ଅଫ୍ ହେଲ୍‌ଥ ପ୍ରମୋଶନ୍ ମିଳିଛି ?

୩– ଏଫ୍‌ଆଇସିସିଆଇ ପକ୍ଷରୁ ..............ଠାରେ କୋଲ୍ଡ ଚେନ୍ ଆଣ୍ଡ ଲଜିଷ୍ଟିକ୍ସ ସମିତି ଆୟୋଜିତ ହୋଇଯାଇଛି ?

୪– ଇଣ୍ଡିଆନ୍ ସ୍ପେସ୍ ଷ୍ଟାର୍ଟଅପ୍ .............. ପକ୍ଷରୁ ଅଗ୍ନିବାଣର ସବ୍‌ଅର୍ବିଟାଲ୍ ରକେଟ୍ ଲଞ୍ଚ କରାଯାଇଛି ?

୫– ନ୍ୟାଶନାଲ୍ ବାଲ୍ ଭବନରେ ......... ମନ୍ତ୍ରଣାଳୟ ପକ୍ଷରୁ ସମର ଫିଷ୍ଟା ୨୦୨୪ ଆୟୋଜନ କରାଯାଇଛି ?

## ଗତ ଥରର ଉତ୍ତର

୧ ଇଟାଲୀ
୨ ଦୀପା କର୍ମକାର
୩ ୧୯୩୦ ମସିହା
୪ ବାଲ୍ ଗଙ୍ଗାଧର ତିଳକ
୫ ହସ୍ତୁରାସ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସଫଳ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଆପ୍

zomato

୧........................ ଜୋମାଟୋ
୨........................ ଉବର୍ ଇଟ୍ସ
୩........................ ଫୁଡ୍ ପାଣ୍ଡା
୪........................ ସ୍ୱିଗୀ
୫........................ ଗ୍ରୁଭ୍
୬........................ ଡେଲିଭେରୁ
୭........................ ଡୋମିନୋସ୍ ପିଜ୍‌ଜା
୮........................ ଜଷ୍ଟ ଇଟ୍ ଟେକ୍‌ଆୱେ
୯........................ ଡୋର୍‌ଡାଶ୍
୧୦........................ ପୋଷ୍ଟମେଟ୍ସ

## ଜାଣନ୍ତୁ ଦୁନିଆ

# ୬୦ ହଜାର ପାହାଚ ଉପରେ ହୋଟେଲ



ଚାଇନାର ହୁଆଙ୍ଗସାନ୍ ମାଉଣ୍ଟେନ୍ ବା ୟେଲୋ ମାଉଣ୍ଟେନ୍‌ରେ ରହିଛି ଜାଡେ ସ୍କ୍ରିନ୍ ଟାୱାର ହୋଟେଲ। ଯାହାକୁ ଚାଇନାର ଏକ ପର୍ଯ୍ୟଟନ ସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହି ହୋଟେଲକୁ ଯିବାକୁ ହେଲେ ଚଢ଼ିବାକୁ ହୋଇଥାଏ ୬୦ ହଜାର ପାହାଚ। ଜାଣନ୍ତୁ ଏହି ହୋଟେଲ ବିଷୟରେ ଆଉ କିଛି ନୂଆ ତଥ୍ୟ...

– ଏହି ହୋଟେଲ ଭୂପୃଷ୍ଠରୁ ପ୍ରାୟ ୧୮୩୦ ମିଟର ଉଚ୍ଚରେ ଅବସ୍ଥିତ। ଯେଉଁଠାକୁ ଯିବା ଲାଗି ୬୦ ହଜାରଟି ଶିଡ଼ି ରହିଛି। ଶିଡ଼ି ଚଢ଼ି ନ ପାରୁଥିବା ବ୍ୟକ୍ତିଙ୍କ ଲାଗି ଚଉକିରେ ବୋହି ନେବା ଲାଗି ସ୍ୱତନ୍ତ୍ର କୁଲି ଏବଂ କେବଲ୍ କାର୍‌ର ମଧ୍ୟ ବ୍ୟବସ୍ଥା ରହିଛି। ଏଠାରେ ଥାଇ ଆପଣ ହୁଆଙ୍ଗ୍‌ସାଙ୍ଗ୍ ପର୍ବତର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ।

– ଚାରି ତାରକା ବିଶିଷ୍ଟ ଏହି ହୋଟେଲରେ ୬୫ଟି କୋଠରି ରହିଛି। ଯେଉଁଠାରେ ୨୪ ଘଣ୍ଟା ୱାଇ-ଫାଇ ବ୍ୟବସ୍ଥା ସହ ବାଥରୁମ୍ ଏବଂ ସୁଇମିଂ ପୁଲ୍ ଉଭୟର ସୁବିଧା ରହିଛି। କେବଳ ଏତିକି ନୁହେଁ ଗ୍ରାହକଙ୍କ ପାଇଁ ସ୍ପା, ହେୟାର ଡ୍ରାଏ ଓ ମସାଜ୍ ସେଣ୍ଟର ବି ଏଠାରେ ରହିଛି।

– ଏହି ହୋଟେଲରେ ଚାଇନିଜ୍ ରେଷ୍ଟୁରାଣ୍ଟ, ବଫେଟ୍ ରେଷ୍ଟୁରାଣ୍ଟ, ବାନ୍‌ୱେଟ୍ ଲଜ୍, ସାଇଟ୍ ସିଙ୍ଗ୍ ପ୍ଲାଟ୍‌ଫର୍ମ ଆଦିର ସୁବିଧା ଉପଲବ୍ଧ। ପ୍ରତିଦିନ ପ୍ରାୟ ସକାଳ ୬.୩୦ ପର୍ଯ୍ୟନ୍ତ ବଫେଟ୍ ରେଷ୍ଟୁରାଣ୍ଟରେ ବ୍ରେକ୍‌ଫାଷ୍ଟରେ ଚାଇନିଜ୍ ଡିସ୍ ଫ୍ରିରେ ମିଳିଥାଏ, ସେଥିପାଇଁ ଅଧିକାଂଶ ସମୟ ଏଠାରେ ଗହଳି ଦେଖାଯାଏ।

– ହୋଟେଲ୍ ମଧ୍ୟରେ ଥିବା ସୁନ୍ଦର ବଗିଚାରେ ରହିଛି ଏକ ୧୫୦୦ ବର୍ଷ ପୁରୁଣା ପାଇନ୍ ଗଛ, ଯାହାର ଦୁଇଟି ବଡ଼ ଶାଖା ଏଭଳି ଆକୃତିର ଯାହାକୁ ଦେଖିଲେ ତାହା ହାତ ଠାରି ଡାକିବାର ଭ୍ରମ ସୃଷ୍ଟି କରିଥାଏ। ଏହି ଗଛଟି ଉକ୍ତ ହୋଟେଲ୍‌ର ଅନ୍ୟତମ ମୁଖ୍ୟ ଆକର୍ଷଣ। ତେଣୁ ହୋଟେଲ୍‌କୁ ଅସୁଥିବା ଲୋକେ ଏହା ମୂଳରେ ଖାଇବା ଶେଷ କରି କିଛି ସମୟ ବିଶ୍ରାମ ନେଇ ଫେରିଥା’ନ୍ତି।



## ୟୁଥ୍ ଆଲର୍ଟ

# ଏସିଡ୍ ରିଫ୍ଲକ୍ସ ହେଉଥିଲେ...

କେବେକେବେ ଖାଇ ସାରିବା ପରେ ଏସିଡ୍ ହେବା, ଛାତି ଜଳିବା, ହଠାତ୍ ଆମ୍ବିଳା ହାକୁଟି ହେବା ସହ ଅମ୍ଳ ଖାଦ୍ୟ ବାନ୍ତି ଆକାରରେ ବାହାରକୁ ଆସିଯାଏ, ଯାହାକୁ ଏସିଡ୍ ରିଫ୍ଲକ୍ସ କୁହାଯାଏ। ଏଭଳି ସମସ୍ୟାକୁ ରୋକିବା ଲାଗି କେଉଁସବୁ ଖାଦ୍ୟ ଉପକାରୀ ଜାଣିରଖନ୍ତୁ ସେ ସମ୍ପର୍କରେ...





⏭ଏହା ଏକ ହାଇଫାଇବରଯୁକ୍ତ ଖାଦ୍ୟ, ଯାହା ପେଟରେ ଏସିଡ୍ କ୍ଷରଣକୁ କମାଇଥାଏ। ସକାଳ ଜଳଖିଆରେ ଏହାକୁ ସାମିଲ କଲେ ଏହା ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ହେବାକୁ ଦେଇ ନ ଥାଏ। ଫଳରେ ଏସିଡ୍ ରିଫ୍ଲକ୍ସ ଦେଖାଦେଇ ନ ଥାଏ।

⏭ଖଟାଜାତୀୟ ଫଳ ବଦଳରେ ସେଓ, କଦଳୀ, ତରଭୁଜ ଆଦି ଖାଇଲେ ଉପକୃତ ହେବେ। କାରଣ ଏହା ଫଳରେ ଫାଇବର ମାତ୍ରା ବେଶି ଥିବାରୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ଭର୍ତ୍ତି ରହିଥାଏ ଏବଂ ଏସିଡିଟି ସମସ୍ୟା ଦୂର ହୋଇଥାଏ।

⏭ରେଡ୍ ମିଟ୍ ଯଥା ମଟନ୍ ଖାଇଲେ ଏହି ସମସ୍ୟା ଅଧିକ ବଢ଼ିଥାଏ। ତେଣୁ ଏହା ବଦଳରେ ଚିକେନ୍, ମାଛ, ସି ଫୁଡ ଖାଇଲେ ଏହି ସମସ୍ୟା ଦେଖା ଦେଇ ନ ଥାଏ।

⏭ଅଣ୍ଡାର ଧଳା ଭାଗରେ ଫ୍ୟାଟ୍ କମ୍ ଏବଂ ପ୍ରୋଟିନ୍ ପରିମାଣ ଅଧିକ ଥାଏ। ସିଝା କିମ୍ବା ପୋଚ୍ ଅଣ୍ଡା ଖାଇଲେ ଉପକୃତ ହୋଇପାରିବେ। ହେଲେ ମନେରଖନ୍ତୁ ଅଣ୍ଡା କେଶର କିମ୍ବା ତେଲରେ ପ୍ରସ୍ତୁତ ଅଣ୍ଡା ଆଇଟମ୍‌ରେ ଫ୍ୟାଟ୍ ଅଧିକ। ତେଣୁ ଏହାକୁ ଖାଇଲେ ଏସିଡିଟି ସମସ୍ୟା ବଢ଼ିବାର ଆଶଙ୍କା ବେଶି।

**କ’ଣ ଖାଇବା ଠିକ୍ ନୁହେଁ:**

■ କମଳା, ଅଙ୍ଗୁର, ଲେମ୍ବୁ, ଟମାଟୋ, ସପୁରି ଭଳି ଖଟାଜାତୀୟ ଫଳରେ ଏସିଡ୍ ପରିମାଣ ଅଧିକ ଥିବାରୁ ଏସିଡ୍ ରିଫ୍ଲକ୍ସ ସମସ୍ୟା ଥିବା ବ୍ୟକ୍ତି ଏଭଳି ଫଳ ନ ଖାଇବା ଭଲ।

■ ଚକୋଲେଟ୍‌ରେ ଥିବା ଉପାଦାନ ମଧ୍ୟ ଏସିଡିଟି ବଢ଼ାଇବା ପାଇଁ କେତେକାଂଶରେ ଦାୟୀ। ତେଣୁ ଏହାକୁ ଯେତେ କମ୍ ଖାଇବେ ଭଲ।

■ କଫି କିମ୍ବା କ୍ୟାଫେନ୍ ଥିବା ଖାଦ୍ୟ ମଧ୍ୟ ଏସିଡିଟି ସମସ୍ୟା ସୃଷ୍ଟି କରାଇଥାଏ।

■ ଅଧିକ ପିଆଜ, ରସୁଣ କିମ୍ବା ତେଲ ମସଲାଯୁକ୍ତ ଖାଦ୍ୟ ବି ଏସିଡିଟି, ହାର୍ଟବର୍ନ କରାଇଥାଏ। ବିଶେଷ କରି ଛଣାଛଣି ଏବଂ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଠିକ୍ ନୁହେଁ।

■ କୋଲ୍ଡଡ୍ରିଙ୍କ୍ସ ଓ ସୋଡା ପାଣି ପିଇବା ଅନେକଙ୍କୁ ପସନ୍ଦ। ହେଲେ ଏହାକୁ ଅଧିକ ପିଇଲେ ମଧ୍ୟ ଏଭଳି ସମସ୍ୟା ଉପୁଜିଥାଏ।

■ ଆଲ୍‌କହଲ୍ ଏହି ସମସ୍ୟା ବୃଦ୍ଧି କରିବା ପାଇଁ ଏକ ବଡ଼ କାରଣ। ତେଣୁ ସୁସ୍ଥ ରହିବା ଲାଗି ଯଥାସମ୍ଭବ ଆଲ୍‌କହଲ୍‌ଠାରୁ ଦୂରେଇ ରହିବା ଆବଶ୍ୟକ।




# ନ୍ୟୁୟର୍କରେ ଭାରତ-ପାକିସ୍ତାନ ହାଇଭୋଲ୍‌ଟେଜ ମ୍ୟାଚ୍

ନ୍ୟୁୟର୍କ,୮।୬(ପି.ଟି.)

ଟି୨୦ ବିଶ୍ୱକପ୍‌ରେ ରବିବାର ବହୁପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଉ ନ ଥିବା ବେଳେ ବିଶ୍ୱକପ୍ ପରି ଆଇସିସି ଇଭେଣ୍ଟ ଉପରେ ଫ୍ୟାନମାନଙ୍କ ନଜରରେ ରହିଥାଏ। ନ୍ୟୁୟର୍କର ନାସାଉ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ୩୪ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଚଳିତ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ଦର୍ଶକ ଦେଖା ଦେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ଟି୨୦ ବିଶ୍ୱକପ୍‌ରେ ୭ ଥର ସାମ୍ନାସାମ୍ନି ହୋଇଛନ୍ତି। ଭାରତ ଏଥିମଧ୍ୟରୁ ୬ଥର ଜିତିଥିବା ବେଳେ ପାକିସ୍ତାନ ଥରେମାତ୍ର ଜିତିଛି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ମ୍ୟାଚ୍ ଟାଇ ରହିଥିବା ବେଳେ ଭାରତ ଏହାକୁ ବୋଲ ଆଉଟରେ ଜିତିଥିଲା। ସେହିପରି ଶେଷ ଥର ପାଇଁ ଅଷ୍ଟ୍ରେଲିଆରେ ଉଭୟ ଦଳ ସାମ୍ନାସାମ୍ନି ହୋଇଥିବା ବେଳେ ବିରାଟ କୋହଲିଙ୍କ ଇନିଂସରେ ଭାରତ ବିଜୟ ହାସଲ କରିଥିଲା। ଉଭୟ ଭାରତ ଓ ପାକିସ୍ତାନ ଚଳିତ ଟୁର୍ନାମେଣ୍ଟରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳି ସାରିଛନ୍ତି। ଭାରତ ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିବା ବେଳେ ବିଶ୍ୱକପର ବଡ଼ ବିପର୍ଯ୍ୟୟରେ ଆମେରିକାଠାରୁ ପରାଜିତ ହୋଇଥିଲା ପାକିସ୍ତାନ। ନ୍ୟୁୟର୍କର ପିଚ୍ ସମାଲୋଚନାର ଶିକାର ହୋଇଛି। ଡ୍ରପ୍ ଇନ୍ ପିଚ୍‌କୁ ତରବରିଆ ଭାବରେ ପ୍ରସ୍ତୁତ କରାଯାଇଥିବା ବେଳେ ଏଠାରେ ମାତ୍ର ଦୁଇଟି ଇନିଂସରେ ୧୦୦ରୁ ଅଧିକ ରନ୍ ସ୍କୋର ହୋଇଛି। ଏପ୍ରିଲ୍ ମାସରେ ପ୍ରସ୍ତୁତ କରାଯାଇଥିବା ଏହି ଡ୍ରପ୍ ଇନ୍ ପିଚ୍ ବର୍ତ୍ତମାନ ସୁଦ୍ଧା ମଧ୍ୟ ଠିକ୍ ଭାବରେ ସେଟଲ ହୋଇ ନାହିଁ। ଏହି ପିଚ୍‌ରେ ଅସମାନ ବାଉନ୍ସ ଦେଖିବାକୁ ମିଳୁଥିବା ବେଳେ ବ୍ୟାଟରଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ପିଚ୍‌କୁ ନେଇ ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ଆଶଙ୍କା ବ୍ୟକ୍ତ କରିଛନ୍ତି। ଭାରତୀୟ ଦଳ ନ୍ୟୁୟର୍କରେ ଏହାର ପ୍ରଥମ ମ୍ୟାଚ୍ ଖେଳି ସାରିଥିବା ବେଳେ ପାକିସ୍ତାନ ଦଳ ଗୁରୁବାର ପହଞ୍ଚିଛି। ଭାରତ ଏଠାରେ ଏକ ସପ୍ତାହ ହେବ ରହିଥିବା ବେଳେ ପାକିସ୍ତାନ ପାଇଁ ନୂଆ ପରିସ୍ଥିତି ଓ ପିଚ୍‌ର ଚ୍ୟାଲେଞ୍ଜ ରହିବ। ବାବର ଆଜମ୍‌ଙ୍କ ଦଳ କିଭଳି ଏହାର ମୁକାବିଲା କରିବ ତାହା ଦେଖିବାକୁ ମିଳିବ।

ଭାରତର ପ୍ରଥମ ମ୍ୟାଚ୍‌ରେ କୁଲଦୀପ ଯାଦବଙ୍କୁ ବିଶ୍ରାମ ଦିଆଯାଇ ଜଣେ ଅତିରିକ୍ତ ପେସ୍ ବୋଲରଙ୍କୁ ସାମିଲ କରାଯାଇଥିଲା। ପାକିସ୍ତାନ ବିପକ୍ଷରେ ମଧ୍ୟ ସମାନ ରଣନୀତି ସହ ଭାରତ ଓହ୍ଲାଇବ ବୋଲି ଅନୁମାନ କରାଯାଉଛି। ତେବେ ପାକିସ୍ତାନ ବିପକ୍ଷରେ କୁଲ୍‌ଦୀପଙ୍କ ରେକର୍ଡକୁ ନଜରରେ ରଖିଲେ ତାଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ଖେଳାଇପାରେ ଭାରତ। ରୋହିତ ଶର୍ମା ଓ ବିରାଟ କୋହଲି ପୁଣି ଥରେ ଓପନିଂ କରିବାକୁ ଥିବାବେଳେ ରିଷଭ ପନ୍ତ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ସୂର୍ଯ୍ୟକୁମାର ଯାଦବ ୪ ଓ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ୫ନମ୍ବରରେ ବ୍ୟାଟିଂ କରିବାର ନଜର ଆସିବେ। ହାର୍ଡ ହିଟର ଶିବମ ଦୁବେ ୬ ନମ୍ବରରେ ଖେଳିବାକୁ ଥିବା ବେଳେ ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରୁ ଜଣେ ୭ ନମ୍ବର ସ୍ଥାନରେ ଖେଳିବେ। ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କାନ୍ଧରେ ଭାରତୀୟ ପେସ୍ ବୋଲିଂର ଭାର ରହିବ। ଅନ୍ୟପକ୍ଷରେ ଆମେରିକାଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ପାକିସ୍ତାନ ମଧ୍ୟ ବିଜୟ ପାଇଁ ବ୍ୟଗ୍ର ରହିବ। ପ୍ରଥମେ ମ୍ୟାଚ୍ ଟାଇ ହେବା ପରେ ପାକିସ୍ତାନ ସୁପର ଓଭରରେ ପରାଜିତ ହୋଇଥିଲା। ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ବ୍ୟାଟିଂ ବେଶ୍ ସମାଲୋଚିତ ହୋଇଥିଲା। ବାବର ୪୩ ବଲ୍ ଖେଳି ୪୪ ରନ୍‌ର ଇନିଂସ ଖେଳିଥିଲେ। ସେହିପରି ମହମ୍ମଦ ଆମିର ଓ ଶାହିନ୍ ଆଫ୍ରିଦିଙ୍କ ବୋଲିଂ ଉପରେ ସମସ୍ତଙ୍କ ନଜର ରହିବ।


ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ହାଲୁକା ମୁହୂର୍ତ୍ତରେ ଭାରତୀୟ ଖେଳାଳି।

### ଟି୨୦ ବିଶ୍ୱକପ୍

### ଟି୨୦ ବିଶ୍ୱକପ
(ଆଜିର ମ୍ୟାଚ)

**ୱେଷ୍ଟଇଣ୍ଡିଜ୍ ବନାମ ଉଗାଣ୍ଡା**
ସ୍ଥାନ: ଗୁଏନା
ସମୟ: ସକାଳ ୬ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: ନ୍ୟୁୟର୍କ
ସମୟ: ରାତି ୮ଟା

**ଓମାନ ବନାମ ସ୍କଟଲାଣ୍ଡ**
ସ୍ଥାନ: ଆଣ୍ଟିଗୁଆ
ସମୟ: ରାତି ୧୦ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ବଢ଼ିଲା ସୁରକ୍ଷା ବ୍ୟବସ୍ଥା

ଟି୨୦ ବିଶ୍ୱକପ୍‌ରେ ଆତଙ୍କବାଦୀ ଆକ୍ରମଣର ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ହାଇ ପ୍ରୋଫାଇଲ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ ବୋଲି କହିଛନ୍ତି ନାସାଉ ପୋଲିସ୍ କମିଶନର ପ୍ୟାଟ୍ରିକ ରାଇଡର। କିଛି ବର୍ଷ ତଳେ ରାଷ୍ଟ୍ରପତି ବାରାକ୍ ଓବାମା ନାସାଉ ଆସିଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଯେଉଁଭଳି ରହିଥିଲା ଏହି ମ୍ୟାଚ୍ ପାଇଁ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଥିବା ରାଇଡର ସୂଚନା ଦେଇଛନ୍ତି। ସେହିପରି ନାସାଉ କାଉଣ୍ଟି ପୋଲିସ, ସଫୋଲ୍କ କାଉଣ୍ଟି, ନ୍ୟୁୟର୍କ ଷ୍ଟେଟ୍, ଏଫ୍‌ବିଆଇ ଓ ହୋମଲାଣ୍ଡ ସିକ୍ୟୁରିଟି ଏହି ମ୍ୟାଚ୍‌ର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

# ସ୍ୱିଟେକଙ୍କୁ ହ୍ୟାଟ୍ରିକ ଟାଇଟଲ


ଫ୍ରେଞ୍ଚ ଓପନ ଟ୍ରଫି ସହ ଇଗା ସ୍ୱିଟେକ୍।

### ଫ୍ରେଞ୍ଚ ଓପନ

ପ୍ୟାରିସ, ୮।୬ (ଏପି)

ଇଗା ସ୍ୱିଟେକ କ୍ରମାଗତ ତୃତୀୟ ଥର ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ଜସ୍ମିନ ପାଓଲିନିଙ୍କୁ ୬-୨, ୬-୧ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। କୋର୍ଟ ଫିଲିପ୍ ଚାର୍ଟରଠାରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ୨-୧ରେ ପଛୁଆ ରହିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ବିଜୟ ଲାଭ କରିଥିଲେ। ଏହି ବିଜୟ ଦ୍ୱାରା ରୋଲାଣ୍ଡ ଗାରୋସଠାରେ ଏହା ହେଉଛି ତାଙ୍କର କ୍ରମାଗତ ୨୧ ମ୍ୟାଚ। ଏଠାରେ ତାଙ୍କର ବିଜୟ ପରାଜୟ କ୍ୟାରିୟର ରେକର୍ଡ ୩୫-୨କୁ ବୃଦ୍ଧି ପାଇଛି। ୨୦୦୫ରୁ ୨୦୦୭ ପର୍ଯ୍ୟନ୍ତ ଜଷ୍ଟିନ ହେନିନଙ୍କ ପରେ ପ୍ୟାରିସରେ କ୍ରମାଗତ ୩ଥର ଟାଇଟଲ ଜିତିବାରେ ପୋଲାଣ୍ଡର ଏହି ୨୩ ବର୍ଷୀୟା ପ୍ରଥମ ମହିଳା ଖେଳାଳି। ସ୍ୱିଟେକ ଆହୁରି ମଧ୍ୟ ୨୦୨୦ରେ ଫ୍ରେଞ୍ଚ ଓପନ ଏବଂ ୨୦୨୨ରେ ୟୁଏସ୍ ଓପନ ଜିତିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୫ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ବେଳେ ସମସ୍ତ ମ୍ୟାଚରେ ସେ ବିଜୟ ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ଅନ୍ୟପକ୍ଷରେ ଇଟାଲୀର ୨୮ ବର୍ଷୀୟା ଦ୍ୱାଦଶ ସିଡ୍ ପାଓଲିନି ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଥିଲେ। ପାଓଲିନ୍ ଗତ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ପୂର୍ବରୁ ସେ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ପାଓଲିନ ଆହୁରି ମଧ୍ୟ ରବିବାର ତାଙ୍କ ପାର୍ଟନର ସାରା ଇରାନୀଙ୍କ ସହ ଫ୍ରେଞ୍ଚ ଓପନ ମହିଳା ଡବଲ୍ସ ଫାଇନାଲରେ ୨୦୨୩ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିୟନ କୋକୋ ଗଫ୍ ଓ ତାଙ୍କ ପାର୍ଟନର କାଟରିନା ସିନିଆକୋଭାଙ୍କ ସହ ମୁକାବିଲା କରିବେ।

# କାର୍ଲସେନ ନରୱେ ଚେସ୍ ଚାମ୍ପିୟନ

ଷ୍ଟାଭେଞ୍ଜର ୮।୬ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ନରୱେ ଚେସ୍ ଟୁର୍ନାମେଣ୍ଟରେ ବିଜୟ ସହ ତାଙ୍କର ଅଭିଯାନ ଶେଷ କରିଛନ୍ତି। ଅନ୍ତିମ ରାଉଣ୍ଡରେ ସେ ଆମେରିକାର ହିକାରୁ ନାକାମୁରାଙ୍କୁ ହରାଇ ଦେଇଛନ୍ତି। ତେବେ ମାଗ୍ନସ କାର୍ଲସେନ ନରୱେ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ସେ ସର୍ବାଧିକ ୧୭.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଜ୍ଞାନନ୍ଦଙ୍କଠାରୁ ପରାଜିତ ହୋଇଥିଲେ ମଧ୍ୟ ନାକାମୁରା ୧୫.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ରଜ୍ଞାନନ୍ଦ ୧୪.୫ ପଏଣ୍ଟ ଅର୍ଜନ କରି ତୃତୀୟ ହୋଇଛନ୍ତି।

ଅନ୍ୟପକ୍ଷରେ ମହିଳା ବର୍ଗ ଅନ୍ତିମ ରାଉଣ୍ଡରେ ଚାଇନାର ୱେନଜୁନ୍ ଜୁ ନିଜ ଦେଶର ତିଙ୍ଗଜି ଲେଇଙ୍କୁ କ୍ଲାସିକାଲ ଟାଇମ କଣ୍ଟ୍ରୋଲରେ ହରାଇ ୧୯ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଆନ୍ନା ମୁଜିଚୁକ୍ ୧୬ ପଏଣ୍ଟ ସହ ଲେଇଙ୍କଠାରୁ ୧.୫ ପଏଣ୍ଟ ଆଗରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆର୍. ବୈଶାଳୀ ଚତୁର୍ଥ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଥିଲେ।

# ଅଂଶୁ ମଲିକଙ୍କୁ ରୌପ୍ୟ

ବୁଦାପେଷ୍ଟ, ୮।୬ (ପି.ଟି.)

ଭାରତୀୟ ମହିଳା କୁସ୍ତିଯୋଦ୍ଧା ଅଂଶୁ ମଲିକ ଏଠାରେ ଚାଲିଥିବା ବୁଦାପେଷ୍ଟ ର୍ୟାଙ୍କିଙ୍ଗ ସିରିଜ ୫୭ କାଟେଗୋରିରେ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ଚାଇନାର ୨୧ ବର୍ଷୀୟା ପ୍ରତିଦ୍ୱନ୍ଦ୍ୱୀ କେକ୍ସିନ ହଙ୍ଗଙ୍କଠାରୁ ୧-୧୨ ଟେକ୍‌ନିକାଲ ସୁପରିଅରିଟିରେ ହାରିଯାଇଛନ୍ତି। ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ସେ ୫୩କେଜି କାଟେଗୋରିରେ ବ୍ରୋଞ୍ଜ ପଦକ ବିଜେତା। ପୂର୍ବରୁ ଭାରତର ଅନ୍ତିମ ପଙ୍ଘାଲ ୫୩ କେଜି କାଟେଗୋରିରେ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ।

# ମହିଳା ହକି ଦଳର ସପ୍ତମ ପରାଜୟ

ଲଣ୍ଡନ,୮।୬(ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଭାରତୀୟ ମହିଳା ହକି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଶନିବାର ଜର୍ମାନୀ ନିକଟରୁ ୪-୨ ଗୋଲରେ ପରାଜିତ ହୋଇଛି ଦଳ। ଏହା ସହିତ କ୍ରମାଗତ ସପ୍ତମ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଭାରତ ପକ୍ଷରୁ ସୁନେଲିତା ଟପ୍ପୋ(୯) ଓ ଦୀପିକା(୧୫) ମିନିଟରେ ଗୋଲ ଦେଇଥିଲେ। ଜର୍ମାନୀ ପକ୍ଷରୁ ଭିକ୍ଟୋରିଆ ହୁସ୍(୨୩ ଓ ୩୨, ଷ୍ଟିନେ କୁର୍ଜ(୫୧) ଓ ଜୁଲ୍ ବ୍ଲେଉଲ୍(୫୫) ମିନିଟରେ ଗୋଲ୍ ଦେଇଥିଲେ।

ଭାରତ ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭିକ୍ଟୋରିଆ ହୁସ ଦୁଇଟି ଗୋଲ ଦେଇଥିଲେ। ତେବେ ଅନ୍ତିମ କ୍ୱାର୍ଟରରେ ଷ୍ଟିନେ କୁର୍ଜ ଓ ଜୁଲ୍ ବ୍ଲେଉଲ ଗୋଲ ଦେଇ ଜର୍ମାନୀକୁ ୪-୨ରେ ବିଜୟୀ କରିଥିଲେ।

### ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ

# ଗଞ୍ଜାମର ବୃହତ୍ ବିଜୟ

କେନ୍ଦୁଝର, ୮।୬
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡ଼ିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପର ଦିତୀୟ ଦିନ ଖେଳ ଶେଷ ହୋଇଥିବା ବେଳେ ଗଞ୍ଜାମ ବୃହତ ବିଜୟ ହାସଲ କରିଛି। ଶୁକ୍ରବାର ପ୍ରବଳ ବର୍ଷା କାରଣରୁ ଅଧା ରହିଥିବା ମ୍ୟାଚ୍ ଶନିବାର ଖେଳାଯାଇଛି। ଉଦଘାଟନୀ ମ୍ୟାଚରେ ଭୁବନେଶରକୁ ୨୩-୧୨ ଗୋଲରେ ପରାସ୍ତ କରିଥିଲା କେନ୍ଦୁଝର। ଗଞ୍ଜାମ୨୩-୨ ଗୋଲରେ ଭଦ୍ରକକୁ, ପୁରୀ ୨୦-୧୮ ଗୋଲରେ ଜଗତସିଂପୁରକୁ, ଯାଜପୁର ୨୦-୬ ଗୋଲରେ ଖୋର୍ଦ୍ଧାକୁ, ନୟାଗଡ଼ ୧୦-୪ ଗୋଲରେ ଢେଙ୍କାନାଳକୁ, ବଲାଙ୍ଗିର ୮-୭ ଗୋଲରେ ଦେବଗଡ଼କୁ, ଭୁବନେଶର ୧୭ - ୬ ଗୋଲରେ ବୌଦ୍ଧକୁ, ଭଦ୍ରକ ୬-୦ ଗୋଲରେ ନୟାଗଡ଼କୁ, ଗଞ୍ଜାମ ୧୫-୨ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ସେଞ୍ଚୁରିଅନ ୟୁନିଭରସିଟି ଓ କଟକ ମଧ୍ୟରେ ମ୍ୟାଚ୍ ୧୭ - ୧୭ ଗୋଲରେ ଟାଇ ହୋଇଥିଲା। ସେହିପରି ମହିଳା ବର୍ଗରେ ଯାଜପୁର ୮-୦ ଗୋଲରେ ଭଦ୍ରକକୁ, କେନ୍ଦୁଝର ୧୩ - ୪ ଗୋଲରେ ପୁରୀକୁ, ଜଗତସିଂପୁର ୯- ୫ ଗୋଲରେ କଟକକୁ, ଦେବଗଡ଼ ୪-୦ ଗୋଲରେ ଭଦ୍ରକକୁ, ଯାଜପୁର ୭ - ୨ ଗୋଲରେ ଦେବଗଡ଼କୁ ଓ କେନ୍ଦୁଝର ୧୮- ୬ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ଆଜିର ଏହି ମ୍ୟାଚକୁ ସନ୍ଦୀପ ପାତ୍ର, ଦୀପକ ମହାନ୍ତି, ରାହିଲ ଖାନ, ରଶ୍ମୀ ରଞ୍ଜନ ଓଝା, ମନୋଜ କୁମାର ସାହୁ, ମନୋଜ କୁମାର ଜେନା, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରମୋଦ ପଟ୍ଟନାଏକ, ଆକାଶ ପଟ୍ଟନାଏକ ଆଦି ଖେଳକୁ ପରିଚାଳନା କରିଥିଲେ ।


ଜଗତସିଂହପୁର ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଗ୍ରୁପ୍-ସି ଶୀର୍ଷରେ ଆଫଗାନିସ୍ତାନ

ଗୁଏନା,୮।୬(ପି.ଟି.)

ଟି୨୦ ବିଶ୍ୱକପ୍‌ରେ ଶନିବାର ଆଉ ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୮୪ ରନରେ ପରାସ୍ତ କରିଛି ଆଫଗାନିସ୍ତାନ। ଏହି ବିଜୟ ସହିତ ଗ୍ରୁପ୍-ସିରେ ଶୀର୍ଷସ୍ଥାନ ବଜାୟ ରଖିଛି ଆଫଗାନିସ୍ତାନ। ରେହମାନଉଲ୍ଲା ଗୁରବାଜ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଫଜଲ୍ଲକ ଫାରୁକି ଓ ରଶିଦ୍ ଖାନ୍ ୪ଟି ଲେଖାଏ ଉଇକେଟ ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ୭୫ ରନ୍‌ରେ ଅଲଆଉଟ ହୋଇଥିଲା।

ଆଫଗାନିସ୍ତାନ ପକ୍ଷରୁ ରେହମାନୁଲ୍ଲା ଗୁରବାଜ(୮୫) ଓ ଇବ୍ରାହିମ୍ ଜଦ୍ରାନ୍(୪୪) ଓପନିଙ୍ଗ କରି ୧୦୩ ରନ୍ ଯୋଡିଥିଲେ। ବଲ୍ ତଳୁଆ ରହୁଥିବା ବେଳେ ଉଭୟ ସତର୍କତାର ସହ ବ୍ୟାଟିଂ କରିଥିଲେ। ୧୫ ତମ ଓଭରରେ ଇବ୍ରାହିମ୍ ଆଉଟ ହୋଇଥିଲେ। ୪୧ ବଲ୍ ଖେଳି ସେ ୩ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବ ଅଜମତଉଲ୍ଲା ଓମାରଜାଇ ୧୩ ବଲ୍ ଖେଳି ୨୨ ରନ୍ ସ୍କୋର କରିଥିଲେ। ପରବର୍ତ୍ତୀ ୪ ବ୍ୟାଟର ମହମ୍ମଦ ନବି(୦), ରଶିଦ୍ ଖାନ୍(୬), କରିମ୍ ଜନାତ୍(୧) ଓ ଗୁଲବଦିନ ନାଇବ(୦) ରନ୍ କରିଥିଲେ ମଧ୍ୟ ଗୁରବାଜ୍ କମାଣ ସମ୍ଭାଳିଥିଲେ। ଗୁରବାଜ ଅନ୍ତିମ ଓଭରରେ ଆଉଟ ହେବା ପୂର୍ବରୁ ୫୬ ବଲ୍ ଖେଳି ୫ଟି ଲେଖାଏ ଛକା ଓ ଚୌକା ମାରି ୮୫ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ୍ ହେନରୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକି ଫର୍ଗୁସନ୍ ଗୋଟିଏ ଉଇକେଟ ନେଇଥିଲେ।

୧୬୦ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ଫଜଲ୍ଲକ ଫାରୁକି ଓ ରଶିଦ୍ ଖାନ୍‌ଙ୍କ ବୋଲିଂର ମୁକାବିଲା କରିପାରି ନ ଥିଲା। ଉଭୟ ଖେଳାଳି ୪ଟି ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ୧୮ ଓ ମ୍ୟାଟ୍ ହେନରୀ ୧୨ ଦୁଇଅଙ୍କ ସ୍କୋରରେ ପହଞ୍ଚି ପାରିଥିଲେ। ଫାରୁକି ଓ ରଶିଦଙ୍କ ବ୍ୟତୀତ ମହମ୍ମଦ ନବି ୨ ଉଇକେଟ ନେଇଥିଲେ। ଗୁରବାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଆଉଟ୍ ପାଇଁ ଅପିଲ୍ କରୁଛନ୍ତି ରଶିଦ୍ ଖାନ୍।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ:** ୨୦ ଓଭରରେ ୧୫୯/୬ (ରେହମାନଉଲ୍ଲା ଗୁରବାଜ-୮୫, ଇବ୍ରାହିମ୍ ଜଦ୍ରାନ-୪୪, ଅଜମତଉଲ୍ଲା ଓମାରଜାଇ-୨୩, ଟ୍ରେଣ୍ଟ ବୋଲ୍ଟ-୨/୨୨, ମ୍ୟାଟ୍ ହେନରୀ-୨/୩୭, ଲୋକି ଫର୍ଗୁସନ୍-୧/୨୮)।

**ନ୍ୟୁଜିଲାଣ୍ଡ:** ୧୫.୨ ଓଭରରେ ୭୫/୧୦(ଗ୍ଲେନ୍ ଫିଲିପ୍ସ-୧୮, ମ୍ୟାଟ୍ ହେନରୀ-୧୨, ଫଜଲ୍ଲକ ଫାରୁକି-୪/୧୭, ରଶିଦ୍ ଖାନ୍-୪/୧୭, ମହମ୍ମଦ ନବି-୨/୧୬)।

### ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

ଡଲାସ, ୮।୬ (ପି.ଟି.)

ଲେଗ୍ ସ୍ପିନର ରିସାଦ ହୋସେନ (୩/୨୨)ଙ୍କ ମ୍ୟାଚ୍‌ବିଜୟୀ ବୋଲିଂ ବଳରେ ବାଂଲାଦେଶ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ 'ଡି'ରେ ପୂର୍ବତନ ଚାମ୍ପିୟନ ଶ୍ରୀଲଙ୍କା ବିପକ୍ଷରେ ୨ଉଇକେଟରେ ରୋମାଞ୍ଚ ବିଜୟ ହାସଲ କରିଛି। ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ଯାଇ ବାଂଲାଦେଶ ୧୨୪/୯ ସ୍କୋରରେ ଶ୍ରୀଲଙ୍କାକୁ ସୀମିତ କରିଦେଇଥିଲା। ରିସାଦଙ୍କ ବ୍ୟତୀତ ଶ୍ରୀଲଙ୍କା ଇନିଂସରେ ବିପର୍ଯ୍ୟୟ ଘଟାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିବା ଅନ୍ୟ ବୋଲରମାନେ ହେଲେ ପେସ୍ ବୋଲର ମୁସ୍ତାଫିଜୁର ରହମନ (୩/୧୭) ଓ ତସ୍କିନ ଅହମଦ (୨/୨୫)। ଶ୍ରୀଲଙ୍କା ଦଳର ଟପ୍ ସ୍କୋରର ଥିଲେ ଓପନର ପାଥୁମ ନିଶାଙ୍କା। ସେ ୨୮ ବଲ୍‌ରୁ ୪୭ ରନ କରିଥିଲେ। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଫଳରେ ସୁପର-୮ ପାଇଁ ଯୋଗ୍ୟତା ହାସଲ ଦଳ ଲାଗି ବର୍ତ୍ତମାନ କଷ୍ଟସାଧ୍ୟ ହୋଇପଡ଼ିଛି। ବିଜୟ ଲକ୍ଷ୍ୟ ପିଛା ବେଳେ ତୋହିଦ ହ୍ରିଦୟଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ସେ ୪ ଛକା ଓ ଗୋଟି ଚୌକା ସହ ୨୦ ବଲ୍‌ରେ ଗୁରୁତ୍ୱପୂର୍ଣ୍ଣ ୪୦ ରନ ସଂଗ୍ରହ କରିଥିବା ବେଳେ ମହମୁଦୁଲ୍ଲା ୧୩ ବଲ୍‌ରେ ୧୬ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ଗୋଟିଏ ଓଭର ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଗ୍ରୁପ୍ 'ଡି'ରେ ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡ୍ସ ଓ ବାଂଲାଦେଶ ପ୍ରତ୍ୟେକ ୨ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ନେପାଳ ଓ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ସେମାନଙ୍କ ଖାତା ଖୋଲିନାହାନ୍ତି।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୨୦ ଓଭରରେ ୧୨୪/୯ (ପାଥୁମ ନିଶାଙ୍କା-୪୭; ମୁସ୍ତାଫିଜୁର ରହମନ-୩/୧୭, ରିସାଦ ହୋସେନ-୩/୨୨, ତସ୍କିନ ଅହମଦ-୨/୨୫)।

**ବାଂଲାଦେଶ:** ୧୯ ଓଭରରେ ୧୨୫/୮ (ତୋହିଦ ହ୍ରିଦୟ-୪୦, ଲିଟନ ଦାସ-୩୬; ନୁୱାନ ଥୁସାରା-୪/୧୮)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ